

ସାବାଲେଙ୍କାଙ୍କ ବିଜୟ ଅଭିଯାନ

▶ପୃଷ୍ଠା ୧୨ ଦେଖନ୍ତୁ...


RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-204 ◆MONDAY ◆19 JANUARY 2026 ◆PAGE-12 ◆₹ 7.00 | BHUBANESWAR | ◆ବର୍ଷ-୪୩ ◆ସଂଖ୍ୟା-୨୦୪ ◆ସୋମବାର ◆୧୯ ଜାନୁଆରୀ ୨୦୨୬ ◆ପୃଷ୍ଠା-୧୨ ◆ଟ.୭.୦୦


# ନଥିରେ 'ପରିଷଦ'; ବ୍ୟାଙ୍କରେ ପାଣ୍ଠି

■ ଭୁବନେଶ୍ୱର, ୧୮ ।୧ (ସମିସ): ସରକାରକୁ ୧୯ ମାସ ପୂରି ୨୦ ମାସ ଚାଲିଲାଣି। ତେଣୁ ସରକାରଙ୍କୁ ଆଉ ନୂଆ ବୋଲି କହି ହେଉ ନାହିଁ। ବିଭାଗୀୟ ସଚିବଙ୍କ ପରାମର୍ଶ ଓ ମାର୍ଗଦର୍ଶନରେ ମନ୍ତ୍ରୀମାନେ ଏବେ ପୁରୁଖା ହୋଇ ସାରିଲେଣି। ମାତ୍ର ସରକାରଙ୍କ ଦ୍ୱାରା ଘୋଷିତ ଉତ୍ତର ଓଡ଼ିଶା ବିକାଶ ପରିଷଦ ଓ ଦକ୍ଷିଣ ଓଡ଼ିଶା ବିକାଶ ପରିଷଦ ଏଯାଏ ଗଠନ ହୋଇ ପାରିଲା ନାହିଁ। ବିଡ଼ମ୍ବନା ହେଉଛି ଯେଉଁ ପଶ୍ଚିମ ଓଡ଼ିଶାରୁ ବିଜେପିକୁ ସର୍ବଦା ସର୍ବାଧିକ ସମର୍ଥନ ମିଳି ଆସିଛି, ସେହି ପଶ୍ଚିମ ଓଡ଼ିଶାର ବିକାଶ ପାଇଁ ଗଠନ ହୋଇଥିବା ପଶ୍ଚିମ ଓଡ଼ିଶା ବିକାଶ ପରିଷଦର ଅଧ୍ୟକ୍ଷ ଏଯାଏ ନିଯୁକ୍ତି ପାଇ ପାରିଲେ ନାହିଁ। ବର୍ଷବର୍ଷ ଧରି ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ପାଣ୍ଠିରେ ହଜାର ହଜାର କୋଟି ଟଙ୍କା ପଡ଼ି ରହିଛି, ମାତ୍ର ଗାଁରେ ବିକାଶକାମ ହେଉ ନାହିଁ। ଉତ୍ତର ଓ ଦକ୍ଷିଣ ଓଡ଼ିଶା ବିକାଶ ପରିଷଦ ପାଇଁ ବରାଦ ୪୦୦ କୋଟି ଟଙ୍କା ବଜେଟ୍ ବରାଦ ଖର୍ଚ୍ଚ ହୋଇ ପାରୁନାହିଁ; ଏପରିକି ରାଷ୍ଟ୍ରାୟତ୍ତ ବ୍ୟାଙ୍କରେ ସରକାରୀ ଅର୍ଥ ରଖିବାକୁ ସରକାରଙ୍କ ନିର୍ଦ୍ଦେଶ ଏଠି କାମ କରୁନାହିଁ।

୨୦୧୯ରେ ରାଜ୍ୟରୁ ୮ ଜଣ ସାଂସଦ ନିର୍ବାଚିତ ହୋଇଥିବାବେଳେ କେବଳ ପଶ୍ଚିମ ଓଡ଼ିଶାରୁ ଏମାନଙ୍କ ସଂଖ୍ୟା ଥିଲା ୫। ୨୦୨୪ ନିର୍ବାଚନରେ ଆନୁପାତିକ ସଫଳତା ଦୃଷ୍ଟିରୁ ବିଜେପି ଲୋକସଭା କ୍ଷେତ୍ରଗୁଡ଼ିକରେ ପଶ୍ଚିମ ଓଡ଼ିଶାରୁ ସର୍ବାଧିକ ଭୋଟ ପାଇଛି। ମାତ୍ର ଯେଉଁ ପଶ୍ଚିମ ଓଡ଼ିଶାବାସୀ ବିଜେପିକୁ ଭୋଟ ଅଜାଡ଼ି ଦେଇଛନ୍ତି; ସେହି ପଶ୍ଚିମ ଓଡ଼ିଶାକୁ ରାଜ୍ୟ ବିଜେପି ସରକାର ପ୍ରତ୍ୟେକ କ୍ଷେତ୍ରରେ ଉପେକ୍ଷା କରି ଚାଲିଥିବା ଅଭିଯୋଗ ହୋଇଛି। ଧାନ କ୍ରୟ କ୍ଷେତ୍ରରେ ପଶ୍ଚିମ ଓଡ଼ିଶାର ଚାଷୀ ସବୁଠାରୁ ଅଧିକ ଶୋଷଣର ଶିକାର ହୋଇଛନ୍ତି। ପଶ୍ଚିମ ଓଡ଼ିଶାର ନେତା ତଥା ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂହଦେଓ ଚାଷୀଙ୍କୁ 'ଦଲାଲ' ଓ'ନୌଟଙ୍କି' କରୁଥିବା ଆକ୍ଷେପ କରିଛନ୍ତି। ସବୁଠାରୁ ବିଡ଼ମ୍ବନା ହେଉଛି ପଶ୍ଚିମ ଓଡ଼ିଶା ବିକାଶ ପରିଷଦରେ ବିଜେଡି ସରକାର ସମୟର ବକେୟା ୨୦୦ କୋଟିକୁ ମିଶାଇ ଗତ ଦୁଇଟି ବଜେଟ୍‌ରେ ବରାଦ ପ୍ରାୟ ୧ ହଜାର କୋଟି ଟଙ୍କା ପଡ଼ିଥିଲେ ହେଁ ଏଥିରେ ହାତ ବାଜିନାହିଁ। ଆର୍ଥିକ ବର୍ଷ ଶେଷ ହେବାକୁ ଆଉ ମାତ୍ର ୧୦ ସପ୍ତାହ ବାକିଥିବାବେଳେ ଏହି ଅର୍ଥ କେବେ ବ୍ୟୟ ହେବ ତାହାକୁ ନେଇ ପ୍ରଶ୍ନ ଉଠିଛି।

ପଶ୍ଚିମ ଓଡିଶାର ସାମଗ୍ରିକ ବିକାଶ ପାଇଁ ପଶ୍ଚିମ ଓଡିଶା ବିକାଶ ପରିଷଦ ଗଠନ ହୋଇଥିଲା। ଏଥିରେ ବରଗଡ଼, ବଲାଙ୍ଗିର, ବୌଦ୍ଧ, ଦେବଗଡ଼, ଝାରସୁଗୁଡ଼ା, କଳାହାଣ୍ଡି, ନୂଆପଡ଼ା, ସମ୍ବଲପୁର, ସୁବର୍ଣ୍ଣପୁର ଓ ସୁନ୍ଦରଗଡ଼ ଜିଲ୍ଲା ସହ ଅନୁଗୋଳ ଜିଲ୍ଲାର ଦୁଇଟି ଉପଖଣ୍ଡକୁ ସାମିଲ କରାଯାଇଥିଲା। ବିଜେଡି ସରକାର ପ୍ରତିବର୍ଷ ବିକାଶ ପରିଷଦ ପାଇଁ ବଜେଟରେ ୫୦୦ କୋଟି ଟଙ୍କା ବରାଦ କରୁଥିଲେ ଓ ବିଜେପି କ୍ଷମତାକୁ ଆସିବା ପରେ ଅନୁରୂପ ଭାବରେ ୫୦୦ କୋଟିଟଙ୍କା ମଞ୍ଜୁର କରିଛନ୍ତି। ମାତ୍ର ବର୍ଷ ସରିବାକୁ ବସିଥିଲେ ବି ଏହି ଅନୁଦାନ ଅର୍ଥରେ ହାତ ବାଜିନାହିଁ। ସେହିପରି ପଶ୍ଚିମ ▶ପୃଷ୍ଠା-୭


### ଦୁଇ ବର୍ଷ ହେଲା ପଶ୍ଚିମ ଓଡ଼ିଶା ବିକାଶ ପରିଷଦରେ ପଡ଼ିଛି ହଜାରେ କୋଟି ଟଙ୍କା

### ଉତ୍ତର ଓ ଦକ୍ଷିଣ ଓଡ଼ିଶା ଉନ୍ନୟନ ପରିଷଦ ପାଇଁ ହୋଇଥିଲା ୪୦୦ କୋଟି ବରାଦ

## ଖୋଲିଲା ଅଲ୍-ଫଲାହର ଗୁମର

# ଡାକ୍ତର ନକଲି; ରୋଗୀ ବି ନକଲି

■ ଫରିଦାବାଦ, ୧୮।୧ (ଏଜେନ୍ସି): ଆତଙ୍କବାଦୀ କାରଖାନା ଭାବେ ପରିଚିତ ଫରିଦାବାଦ ସ୍ଥିତ ଅଲ୍-ଫଲାହ ବିଶ୍ୱବିଦ୍ୟାଳୟର ଗୋଟିଏ ପରେ ଗୋଟିଏ ଗୁମର ଖୋଲିବାରେ ଲାଗିଛି। ଆତଙ୍କବାଦୀଙ୍କ ପେଣ୍ଠ ସ୍ଥଳ ପାଲଟିଥିବା ଏହି ୟୁନିଭର୍ସିଟି ଅନେକ କେଳେଙ୍କାରୀ କରିଛି। ଜାଲ୍ ରୋଗୀ, ଡାକ୍ତର ମାଧ୍ୟମରେ ନ୍ୟାସନାଲ ଆସେସମେଣ୍ଟ ଆଣ୍ଡ ଆକ୍ରିଡିସେନ କାଉନସିଲ (ନାକ) ଏବଂ ୟୁଜିସିକୁ ଭୁଆଁ ବୁଲାଇ ଥିଲା। ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ତଦନ୍ତରୁ ଏଭଳି ଭୟଙ୍କର ତଥ୍ୟ ସାମ୍ନାକୁ ଆସିଛି। ଏହି ମାମଲାରେ ୟୁନିଭର୍ସିଟିର ଅଧ୍ୟକ୍ଷ ଜବାଦ ଅହମ୍ମଦ ସିଦିକିଙ୍କୁ ଗିରଫ କରାଯାଇଛି। ଇଡି ଆରୋପପତ୍ରରେ କୁହାଯାଇଛି ଯେ ଆତଙ୍କବାଦୀ ଡାକ୍ତର ଏହି କ୍ୟାମ୍ପସ୍‌କୁ ଏକ ଆଧାର ଭାବରେ ବ୍ୟବହାର କରିଥିଲେ। ସେମାନେ ବେଆଇନ କାର୍ଯ୍ୟକଳାପକୁ ଲୁଚାଇବା ପାଇଁ ଏଠାରେ ରହୁଥିଲେ। ଏହି କାର୍ଯ୍ୟରେ ବିଶ୍ୱବିଦ୍ୟାଳୟର ଅନ୍ୟ କର୍ମଚାରୀ ଏବଂ ଅଧିକାରୀଙ୍କ ହାତ ଥିବା ମଧ୍ୟ ସନ୍ଦେହ କରାଯାଉଛି। ଦିଲ୍ଲୀ ବିସ୍ଫୋରଣରେ ସାମିଲ ତିନି ଡାକ୍ତରଙ୍କୁ ବିନା ଯାଞ୍ଚରେ ଅଲ-ଫଲାହରେ ନିଯୁକ୍ତି କରାଯାଇଥିଲା। ଏମାନଙ୍କ ମଧ୍ୟରୁ ଦୁଇ ଜଣଙ୍କୁ ଡ. ମୁଜାମିଲ ଗନି ଓ ଡ. ସାହିନ ସୈଦଙ୍କୁ ଏନଆଇଏ ପୂର୍ବରୁ ଗିରଫ କରିଥିଲା।




ଜାତୀୟ ଚିକିତ୍ସା କମିସନ (ଏନ୍‌ଏମ୍‌ସି)ରୁ ଅନୁମୋଦନ ପାଇବା ପାଇଁ କେବଳ କାଗଜପତ୍ରରେ ଡାକ୍ତର ଥିବା ଅଲ-ଫଲାହ ଦର୍ଶାଇ ଥିଲା। ଡାକ୍ତରଙ୍କୁ ନିୟମିତ ଅଧ୍ୟାପକ ଭାବରେ ପ୍ରଦର୍ଶିତ କରିବା ପାଇଁ ୨୨ ଦିନ ଉପସ୍ଥିତି ନିୟମ ଅନୁଯାୟୀ କେବଳ କାଗଜପତ୍ରରେ ନିଯୁକ୍ତି ଦିଆଯାଇଥିଲା। ଏମାନେ ନିୟମିତ ଭାବେ କଲେଜକୁ ଯାଉ ▶ପୃଷ୍ଠା-୭

## ପରିବହନ ବିଭାଗର 'ଅନ୍ଧ ନୀତି'

# ଅପାରଗତା ଲୁଚାଇବାକୁ ମାଷ୍ଟର୍‌ପ୍ଲାନ୍

■ ଭୁବନେଶ୍ୱର, ୧୮ ।୧ (ସମିସ): ଲୋକଙ୍କଠାରୁ ଯେନତେନ ପ୍ରକାରେ ଜୋରିମାନା ଆଦାୟ ହେବା ଆବଶ୍ୟକ। କାର୍ ଚଳାଉଥିଲେ ବି ହେଲ୍‌ମେଟ୍ ପିନ୍ଧି ନ ଥିବା ଯୋଗୁଁ ଫାଇନ୍ କରାଯିବ। ସହର ଭିତରେ ସର୍ବାଧିକ ୪୦ କିଲୋମିଟର ବେଗରେ ଯାଉଥିବା ସ୍କୁଟିକୁ ୭୦ କିମି ଚଳାଉଥିବା ଦର୍ଶାଇ ଚାଲାଣ ପଠାଯିବ। ରାଜପଥରେ ସ୍ପିଡ଼ୋମିଟର କଣ୍ଟା ୫୦ ଟପିଲେ ଜୋରିମାନା ହେବ। ଟୋଲଗେଟ୍ କଥା ନ କହିବା ଭଲ, ଇନ୍ସ୍ୟୁରାନ୍ସ ଥିଲେ ବି ଟୋଲ୍‌ଗେଟ୍‌ରେ ଜରିମାନା ଲାଗିବ। ପରିବହନ ବିଭାଗର ଏଭଳି ଅନ୍ଧ ନୀତି ଯୋଗୁଁ ରାଜ୍ୟବାସୀ ଅତିଷ୍ଠ। ସବୁଆଡ଼େ ଅସନ୍ତୋଷ ତୀବ୍ର ହେବାରେ ଲାଗିଛି। ମାତ୍ର ବିଭାଗର ଏହି 'ଅନ୍ଧ ନୀତି' ପଛର ରହସ୍ୟ ଏବେ ପଦାରେ ପଡ଼ିଛି। କାହିଁକି ବିଭାଗୀୟ ଅଧିକାରୀମାନେ ଏଭଳି ଜରିମାନା ଖୋର ମନୋଭାବ ଛାଡ଼ିପାରୁ ନାହାନ୍ତି, ତାହା ଏବେ ସ୍ପଷ୍ଟ ହୋଇଛି। ଜରିମାନା ଆଦାୟର ଟାର୍ଗେଟ୍ ନିଶା ବିଭାଗକୁ ଅନ୍ଧ କରି ଦେଇଛି। ପରିବହନ ବଭାଗ ପକ୍ଷରୁ ବର୍ଷ ଆରମ୍ଭରୁ ରାଜ୍ୟର ସମସ୍ତ ଆର୍‌ଟିଓ, ଅତିରିକ୍ତ ଆର୍‌ଟିଓ ଟ୍ରାଫିକ୍ ଡିସିପିମାନଙ୍କୁ ଚିଠି ଲେଖି ଏକ ବାର୍ଷିକିଆ ଟାର୍ଗେଟ୍ ଧରାଯାଇଥିଲା। ଏହି ବିଭାଗଗୁଡ଼ିକ ଯେମିତି ବିଭିନ୍ନ ନିୟମ ଉଲ୍ଲଂଘନକାରୀଙ୍କୁ ୨୦୨୫-୨୬ରେ ମାସକୁ ଅତି କମ୍‌ରେ ୧୧୦୩୨୦ ଇ-ଚାଲାଣ କରିବେ। ଏ ବାବଦରେ ମାସକୁ ୧୫ କୋଟି ୮୮ ଲକ୍ଷ ଟଙ୍କାର ଜରିମାନା ହିସାବରେ ଲୋକଙ୍କ ଉପରେ ଜୁଲୁମ। ଆଦାୟର ଟାର୍ଗେଟ୍ ବାବଦରେ ମନେ ପକାଇ ଦିଆଯାଇଛି।

ଏହି ଚିଠିରେ ଜରିମାନା ଆଦାୟରେ ଖରାପ ପ୍ରଦର୍ଶନ କରିଥିବା ଆର୍‌ଟିଓଗୁଡ଼ିକୁ ତାଗିଦ୍ କରାଯାଇ ଲକ୍ଷ୍ୟ ପୂରଣ ପାଇଁ ନିର୍ଦ୍ଦେଶ ଦିଆଯାଇଛି। ବିଭାଗର ଏଭଳି ବାର୍ଷିକ ୨୦୦ କୋଟି ଟଙ୍କାର ଟାର୍ଗେଟ୍ ସେଟ୍ କରାଯାଇଛି। ହେଲେ ଚଳିତ ଆର୍ଠଥକ ବର୍ଷ ଶେଷ ହେବାକୁ ହାତରେ ମାତ୍ର ୨ ମାସ ସମୟ ବାକି ଥିବା ବେଳେ ଏବେ ସୁଦ୍ଧା ଧାର୍ଯ୍ୟ ଲକ୍ଷ୍ୟର ୨୦ ପ୍ରତିଶତ ଜରିମାନା ଆଦାୟ ହୋଇ ପାରିଛି । ତେଣୁ ପରିବହନ ପ୍ରାଧିକରଣ କର୍ତ୍ତୃପକ୍ଷ ଆଉଥରେ ଚିଠି ଲେଖି ଯେବେଠାରୁ ଟାର୍ଗେଟ କଥା ମନେ ପକାଇ ଦେଇଛନ୍ତି; ସେବେଠାରୁ ବିଭାଗ ଆରମ୍ଭ କରିଛି ନିର୍ଦ୍ଦେଶନାମା ପରେ ଆର୍‌ଟିଓମାନଙ୍କୁ ଘାରିଛି ଇ-ଚାଲାଣ ଭୂତ। ଏହାର ପରିଣାମ ସ୍ୱରୂପ ରାଜ୍ୟରେ ଜରିମାନା ବ୍ୟବସ୍ଥାକୁ ନେଇ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଥିଲେ ମଧ୍ୟ ଏହି ପ୍ରସଙ୍ଗରେ ପରିବହନ ବିଭାଗ ଆଦୌ ପଛକୁ ହଟୁ ନାହିଁ। ବଡ଼ କଥା ହେଉଛି ସରକାରଙ୍କ ଟାର୍ଗେଟ୍ ଆଗରେ ନିୟମ ଉଲ୍ଲଂଘନକାରୀଙ୍କ ସମେତ କିଛି ସାଧାରଣ ଲୋକମାନେ ମଧ୍ୟ ଫସୁଛନ୍ତି। କାର୍ ଚାଳକଙ୍କୁ ହେଲମେଟ୍ ▶ପୃଷ୍ଠା-୭

### ୨୦୦ କୋଟି ରାଜସ୍ୱ ଲକ୍ଷ୍ୟ; ପୂରଣ ହୋଇଛି ୨୦%

### କାର୍ ଚାଳକଙ୍କ ପାଖକୁ ଯାଉଛି ହେଲ୍‌ମେଟ୍ ଫାଇନ୍

### ୭୦ କିମି ବେଗରେ ସ୍କୁଟି ଚାଳନା ପାଇଁ ଜରିମାନା

# ୪ ଦିନରେ ୪ ଡିଗ୍ରୀ ବଢ଼ିବ ତାପମାତ୍ରା

■ ଭୁବନେଶ୍ୱର, ୧୮ ।୧ (ସମିସ): ରାଜ୍ୟର ବିଭିନ୍ନ ସ୍ଥାନରେ ତାପମାତ୍ରାରେ ବୃଦ୍ଧି ଘଟିଛି। ଫଳରେ ପୂର୍ବାପେକ୍ଷା ଶୀତର ପ୍ରଭାବ ହ୍ରାସ ହୋଇଛି। ଆଗାମୀ ଦିନରେ ତାପମାତ୍ରା ଆହୁରି ବଢ଼ିବାକୁ ଥିବାରୁ ଶୀତର ପ୍ରଭାବ କମିବା ସମ୍ଭାବନା ରହିଛି। ପାଣିପାଗ କେନ୍ଦ୍ରର ସୂଚନା ଅନୁଯାୟୀ ଆସନ୍ତା ୪ ଦିନ ମଧ୍ୟରେ ତାପମାତ୍ରାରେ ୪ ଡିଗ୍ରୀ ବୃଦ୍ଧି ପାଇବ। ଫଳରେ ଆଗକୁ ଥଣ୍ଡାର ପ୍ରଭାବ ହ୍ରାସ ହେବ।

ଶୀତର ପ୍ରଭାବ କମିବାର ମୁଖ୍ୟ କାରଣ ଭାବେ ପଶ୍ଚିମାଝଡ଼କୁ ବିବେଚନା କରାଯାଉଛି। ରାଜ୍ୟ ଉପରେ କ୍ରମାଗତ ଭାବେ ଦୁଇଟି ପଶ୍ଚିମା ଝଡ଼ର ପ୍ରଭାବ ପଡ଼ିବ। ୧୯ ତାରିଖ ଓ ୨୧ ତାରିଖରେ ଉତ୍ତରପଶ୍ଚିମ ଭାରତକୁ ପଶ୍ଚିମାଝଡ଼ ଅତିକ୍ରମ କରି ଓଡ଼ିଶା ଉପରେ ପ୍ରଭାବ ପକାଇବ। ପଶ୍ଚିମାଝଡ଼ ଯୋଗୁଁ ରାଜ୍ୟକୁ ପ୍ରଚୁର ମାତ୍ରାରେ ଜଳୀୟବାଷ୍ପପୂର୍ଣ୍ଣ ବାୟୁ ପ୍ରବାହିତ ହେବ। ଏହା ତାପମାତ୍ରା ବୃଦ୍ଧିରେ ସହାୟକ ହେବ। ଆଗାମୀ ୨୪ଘଣ୍ଟା ପରେ ଦେଶର ପୂର୍ବ ଭାଗରେରେ ରାତିର ତାପମାତ୍ରା ୩ ରୁ ୫ ଡିଗ୍ରୀ ଯାଏଁ ବୃଦ୍ଧି ହେବା ନେଇ ଆକଳନ କରାଯାଉଥିବା ବେଳେ ଓଡ଼ିଶାରେ ମଧ୍ୟ ସମାନ ସ୍ଥିତି ସୃଷ୍ଟି ହେବ ବୋଲି ଆକଳନ କରାଯାଉଛି। ଗତ ୨୪ ଘଣ୍ଟାରେ ରାଉରକେଲାରେ ତାପମାତ୍ରା ୬ ଡିଗ୍ରୀ ରେକର୍ଡ ହୋଇଥିବା ବେଳେ ଝାରସୁଗୁଡ଼ାରେ ୬.୮, କେନ୍ଦୁଝର ୯.୨, ଭୁବନେଶ୍ୱର ୧୦.୯, ସମ୍ବଲପୁର ୧୧.୨, ହୀରାକୁଦ ୧୧.୬, ପାରାଦ୍ୱୀପ ୧୩ ଓ ଚାନ୍ଦବାଲିରେ ତାପମାତ୍ରା ୧୩.୫ ଡିଗ୍ରୀ ରେକର୍ଡ ହୋଇଛି। ଅନ୍ୟପଟେ ଶୀତର ପ୍ରଭାବ କମିବା ନେଇ ସମ୍ଭାବନା ସୃଷ୍ଟି ହେବା ▶ପୃଷ୍ଠା-୭






# ଟ୍ରମ୍ପଙ୍କୁ ଗ୍ରୀନଲାଣ୍ଡରେ ବିରୋଧ

■ ନୁକ, ୧୮ ।୧ (ଏଜେନ୍ସି): ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ବଳ ଏବଂ ଅର୍ଥ ପ୍ରୟୋଗ କରି ଗ୍ରୀନଲାଣ୍ଡକୁ କବ୍‌ଜା କରିବାକୁ ଚାହୁଁଛନ୍ତି। ଏଥିପାଇଁ ସେ ବାରମ୍ବାର ଗ୍ରୀନଲାଣ୍ଡ ଏବଂ ଡେନମାର୍କକୁ ଧମକ ଦେଇ ଆସୁଛନ୍ତି। ଏହି ଯୋଜନାକୁ ବିରୋଧ କରୁଥିବା ଦେଶ ଉପରେ ୧୦ ପ୍ରତିଶତ ଲେଖାଏଁ ଶୁଳ୍କ ଲଗାଇଛନ୍ତି। ଟ୍ରମ୍ପଙ୍କ ଏଭଳି ଏକଛତ୍ରନୀତିକୁ ବିରୋଧ କରି ଗ୍ରୀନଲାଣ୍ଡରେ ବଡ଼ଧରଣର ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ହଜାର ହଜାର ଲୋକ ରାସ୍ତାକୁ ଓହ୍ଲାଇଛନ୍ତି। ସେମାନେ ଟ୍ରମ୍ପଙ୍କ ବୟାନକୁ ତୀବ୍ର ସମାଲୋଚନା କରିଛନ୍ତି। ଗ୍ରୀନଲାଣ୍ଡ ବିକ୍ରି ପାଇଁ ଉପଲବ୍ଧ ନାହିଁ ବୋଲି କହିଛନ୍ତି। ଏହାକୁ ଦେଶର ବଡ଼ ବିକ୍ଷୋଭ ପ୍ରଦର୍ଶନ କୁହାଯାଉଛି। ବରଫ ଆଚ୍ଛାଦିତ ରାସ୍ତାରେ ଗ୍ରୀନଲାଣ୍ଡବାସୀ ବିକ୍ଷୋଭ କରିଛନ୍ତି। ଆମେରିକା ରାଷ୍ଟ୍ରପତିଙ୍କ ଚାପକୁ ପ୍ରତ୍ୟାଖାନ କରିଛନ୍ତି। ଆମେରିକା ଗ୍ରୀନଲାଣ୍ଡରୁ ପଳାଉ ବୋଲି କହିଛନ୍ତି। ଏହା ସହିତ ଲୋକେ ସହର କେନ୍ଦ୍ରରୁ ଆମେରିକାର ବାଣିଜ୍ୟିକ ଦୂତାବାସ ପର୍ଯ୍ୟନ୍ତ ପଦଯାତ୍ରା ବାହାର କରିଥିଲେ। ଲୋକମାନେ ଗ୍ରିନଲାଣ୍ଡିକ୍ ଭାଷାରେ ସ୍ଲୋଗାନ ଦେଇଥିଲେ। ଏହି ପଦଯାତ୍ରା ନୁକ୍ ଜନସଂଖ୍ୟାର ପ୍ରାୟ ଏକ ଚତୁର୍ଥାଂଶ ଲୋକ ସାମିଲ ହୋଇଥିଲେ। ଗ୍ରିନଲାଣ୍ଡର ▶ପୃଷ୍ଠା-୭

### ଅଟକିବ ଇୟୁ-ଆମେରିକା ବାଣିଜ୍ୟ ଚୁକ୍ତି

ୟୁରୋପୀୟ ଦେଶଗୁଡ଼ିକ ଗ୍ରୀନଲ୍ୟାଣ୍ଡ ଉପରେ ଆମେରିକାର ଦଖଲକୁ ନିରନ୍ତର ବିରୋଧ କରୁଛନ୍ତି। ଏହି ବିରୋଧକୁ ପ୍ରଶମିତ କରିବା ପାଇଁ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଚାପ ପ୍ରୟୋଗ କରିବାରେ ଲାଗିପଡିଛନ୍ତି। ଏହାର ପ୍ରଭାବ ଇୟୁ-ଆମେରିକା ବାଣିଜ୍ୟ ଚୁକ୍ତି ଉପରେ ପଡିବାକୁ ଯାଉଛି। କୁହାଯାଉଛି ଯେ ୟୁରୋପୀୟ ସଂଘ(ଇୟୁ)ର ଆଇନ ପ୍ରଣୟନକାରୀମାନେ ଆମେରିକା ସହିତ ସ୍ୱାକ୍ଷରିତ ବାଣିଜ୍ୟ ଚୁକ୍ତିକୁ ଅବରୋଧ କରିବାକୁ ପ୍ରସ୍ତୁତ ହେଉଛନ୍ତି। ଏହା ମଧ୍ୟ ଗ୍ରୀନଲ୍ୟାଣ୍ଡ ଉପରେ ଆମେରିକାର ନିୟନ୍ତ୍ରଣକୁ ବିରୋଧ କରି କରାଯାଉଛି।




ଇରାନ ବିକ୍ଷୋଭକାରୀଙ୍କ ଟିପ୍ପଣୀ

# ଧୋକା ଦେଲେ ମିଛୁଆ ଟ୍ରମ୍ପ



## ଆବଶ୍ୟକତା ବେଳେ ହାତ ଛାଡ଼ିଦେଲେ

## ଆନ୍ଦୋଳନ ପାଇଁ ଉସୁକାଇ ସହାୟତା ଦେବାକୁ ମନା କରିଦେଲେ

ତେହରାନ, ୧୮।୧ (ଏଜେନ୍ସି):

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଇରାନ୍ ବିକ୍ଷୋଭକାରୀଙ୍କୁ ବଡ଼ ଧୋକା ଦେଇଛନ୍ତି। ସର୍ବାଧିକ ଆବଶ୍ୟକତା ଥିବା ସମୟରେ ହାତ ଛାଡ଼ି ଦେଇଛନ୍ତି। ସହାୟତା କରିବା ବଦଳରେ ମୃତ୍ୟୁର କାରଣ ପାଲଟି ବିଶ୍ୱାସଘାତ କରିଛନ୍ତି। ଆନ୍ଦୋଳନକୁ ଉସୁକାଇ ସହାୟତା ଦେବାରେ ପଛଘୁଞ୍ଚା ଦେଇଛନ୍ତି। ଟ୍ରମ୍ପ ପୁଣି ନିଜ ପ୍ରତିଶ୍ରୁତି ପୂରଣ କରିନାହାନ୍ତି। ସେ ନିଜ ଆଭିମୁଖ୍ୟ ବଦଳାଇ ଆମକୁ ବୋକା ବନାଇ ଦେଇଛନ୍ତି। ଏଥିପାଇଁ ଠକାମିର ଶିକାର ହୋଇଥିବା ଭଳି ଅନୁଭବ କରୁଛୁ। ଇରାନରେ ସରକାର ବିରୋଧୀ ଆନ୍ଦୋଳନର ନେତୃତ୍ୱ ନେଇଥିବା ବ୍ୟକ୍ତି କ୍ଷୋଭର ସହ ଏହି ଟିପ୍ପଣୀ ଦେଇଛନ୍ତି। ଇରାନ ଛାଡ଼ି ପଳାଇ ଥିବା ଅନ୍ୟ ଜଣେ ବ୍ୟକ୍ତି କହିଛନ୍ତି ଯେ ଟ୍ରମ୍ପ ଯାହା କହିଥିଲେ ଏବଂ ଯାହା କରିଥିଲେ ତାହା ମଧ୍ୟରେ ବହୁତ ବଡ଼ ପାର୍ଥକ୍ୟ ରହିଛି। ଜଣେ ଇରାନ ଅଧିକାରୀ ଅଧିକ ହତ୍ୟା ନ କରିବାକୁ ପ୍ରତିଶ୍ରୁତି ଦେଇଥିବା ଟ୍ରମ୍ପ ଆମକୁ କହିଥିଲେ। ଏହା ଶୁଣି ସମସ୍ତେ ଆଶ୍ଚର୍ଯ୍ୟ ହୋଇ ଯାଇଥିଲେ। ଟ୍ରମ୍ପଙ୍କ ଟିପ୍ପଣୀ ପାଇଁ ଲୋକଙ୍କ ମଧ୍ୟରେ ନୂଆ ଆଶା ସଞ୍ଚାର ହୋଇଥିଲା। ସେମାନେ ଜୀବନ ବିପଦରେ ପକାଇ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ମାତ୍ର ସର୍ବାଧିକ ଆବଶ୍ୟକତା ଥିବା ସମୟରେ ଆମେରିକା ସମର୍ଥନ ଦେଇ ନ ଥିଲା। ଟ୍ରମ୍ପଙ୍କ କଥା ଓ କାମରେ ବହୁ ଫରକ୍ ରହିଛି ବୋଲି ସେମାନେ ଅଭିଯୋଗ କରିଛନ୍ତି।

ଇରାନରେ ଦରଦାମ ବୃଦ୍ଧିକୁ ନେଇ ବିକ୍ଷୋଭ ଆରମ୍ଭ ହେବା ପରେ ଟ୍ରମ୍ପ ଆନ୍ଦୋଳନକାରୀଙ୍କୁ ଉତ୍ସାହିତ କରିବା ସହିତ ସର୍ବୋଚ୍ଚ ନେତା ଅୟତୁଲ୍ଲା ଅଲ ଖାମନେଇଙ୍କୁ ଚେତାବନୀ ଦେଇଥିଲେ। ସହାୟତା ଆସୁଛି, ମାଡ଼ି ଚାଲ ବୋଲି ଟ୍ରମ୍ପ ଘୋଷଣା କରିଥିଲେ। ଶାନ୍ତିପୂର୍ଣ୍ଣ ଭାବେ ବିକ୍ଷୋଭ କରୁଥିବା ଲୋକଙ୍କ କ୍ଷତି କଲେ ଆମେରିକା କଡ଼ା କାର୍ଯ୍ୟାନୁଷ୍ଠାନ ନେବ ବୋଲି ଇରାନ ସରକାରଙ୍କୁ ଚେତାବନୀ ଦେଇଥିଲେ। ଇରାନବାସୀ ଏହାକୁ ସତ ଭାବି ପୁଣି ରାସ୍ତାକୁ ଓହ୍ଲାଇଲେ। ମାତ୍ର ଇରାନ ସରକାର ଏହାକୁ ଦମନ ପାଇଁ କଠୋର ରଣନୀତି ଆପଣାଇ ଗୁଳି ମାଡ଼ କରିଥିଲେ। ଇଣ୍ଟରନେଟ ବନ୍ଦ କରି ଭଡ଼ାଟିଆ ସେନା ଆଣି ନରସଂହାର କରିଥିଲେ। ଏହା ପରେ ପେଣ୍ଟାଗନ କିଛି ଅଣ-ଅତ୍ୟାବଶ୍ୟକ କର୍ମଚାରୀଙ୍କୁ ମଧ୍ୟପ୍ରାଚ୍ୟରେ ଥିବା ଏକ ପ୍ରମୁଖ ଆମେରିକୀୟ ଘାଟି ଛାଡିବା ପାଇଁ ନିର୍ଦ୍ଦେଶ ଦେଇଥିଲା। ଆମେରିକା ଯୁଦ୍ଧ ଜାହାଜ ଇରାନ ଅଭିମୁଖେ ବଢୁଥିବା କୁହାଯାଇଥିଲା। ଏହି ଖବରକୁ ଆମେରିକାର ଯୁଦ୍ଧ ପ୍ରସ୍ତୁତି କୁହାଯାଉଥିଲା। ମାତ୍ର କିଛି ସମୟ ମଧ୍ୟରେ ସ୍ଥିତି ଓଲଟି ଯାଇଥିଲା। ଇରାନର ସରକାର ତାଙ୍କୁ ହତ୍ୟା ଓ ମୃତ୍ୟୁଦଣ୍ଡ ବନ୍ଦ କରିବାକୁ ପ୍ରତିଶ୍ରୁତି ଦେଇଥିବା ଟ୍ରମ୍ପ ଘୋଷଣା କରିଥିଲେ। ଆମେରିକୀୟ ସାମରିକ କାର୍ଯ୍ୟାନୁଷ୍ଠାନ ଆଉ ଆଗକୁ ବଢ଼ିବ ନାହିଁ ବୋଲି ସଙ୍କେତ ଦେଇଥିଲେ। ଏହା ଆନ୍ଦୋଳନକାରୀଙ୍କ ପାଇଁ କାଳ ପାଲଟି ଯାଇଥିଲା। ଇରାନ ସେନା ଗୁଳିରେ ଜୀବନକୁ ବାଜି ଲଗାଇ ଆନ୍ଦୋଳନ କରୁଥିବା ୧୫,୦୦୦ ଲୋକଙ୍କ ମୃତ୍ୟୁ ହୋଇଥିଲା। ଏଥିପାଇଁ ଟ୍ରମ୍ପ ଦାୟୀ ବୋଲି ପ୍ରଦଶନକାରୀ ଅଭିଯୋଗ କରିଛନ୍ତି। ଏହାକୁ ନେଇ ବିକ୍ଷୋଭକାରୀ ଆମେରିକା ବିରୋଧରେ ଗମ୍ଭୀର ଅଭିଯୋଗ ଲଗାଇଛନ୍ତି। ଇରାନ ସହ ଆମେରିକା ଚୁକ୍ତି କରି ନେଇଥିବା ସେମାନେ ଅଭିଯୋଗ କରିଛନ୍ତି। ଅନ୍ୟ ଜଣେ ଆନ୍ଦୋଳନକାରୀ କହିଛନ୍ତି ଯେ ଟ୍ରମ୍ପ ଆମକୁ ବଳିବୋଦା ଭଳି ବ୍ୟବହାର କରିଛନ୍ତି। ସେ ପାଦତଳୁ ମାଟି ଖସାଇ ଦେଇଛନ୍ତି। ବିକ୍ଷୋଭକାରୀଙ୍କ ବିଷୟରେ ଚିନ୍ତା କରୁଥିବା ନେଇ ଟ୍ରମ୍ପ ମିଛ କହିଥିଲେ ବୋଲି ପ୍ରଦର୍ଶନକାରୀ ଅଭିଯୋଗ ଆଣିଛନ୍ତି। ଏବେ ଟ୍ରମ୍ପ ଇରାନ ବାସୀଙ୍କୁ ବିଶ୍ୱାସ ହରାଇ ଦେଇଛନ୍ତି।

## ଆଇଆର୍‌ଜିସି ସମ୍ପର୍କରେ ସୂଚନା ଦେଲେ ପୁରସ୍କାର: ଟ୍ରମ୍ପ




ୱାସିଂଟନ, ୧୮।୧ (ଏଜେନ୍ସି): ଇରାନ ଆନ୍ଦୋଳନକାରୀଙ୍କ ବିଶ୍ୱାସ ହରାଇବା ପରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ନୂଆ ପଇଁତରା ମାରିଛନ୍ତି। ଇରାନର ଇସଲାମିକ୍ ରିଭୋଲ୍ୟୁସନାରୀ ଗାର୍ଡ କର୍ପସ (ଆଇଆର୍‌ଜିସି)କୁ ଦୁର୍ବଳ କରିବା ପାଇଁ କୂଟନୈତିକ ପଦକ୍ଷେପ ନେଇଛନ୍ତି। ଆଇଆରଜିସି ବିଷୟରେ ସୂଚନା ଦେଲେ ବିପୁଳ ପୁରସ୍କାର ଦିଆଯିବ ବୋଲି ଘୋଷଣା କରିଛନ୍ତି। ଇରାନ ନାଗରିକଙ୍କୁ ଆଇଆର୍‌ଜିସିର ଅର୍ଥନୈତିକ ନେଟୱର୍କ ଓ ଗୁପ୍ତ କାର୍ଯ୍ୟକଳାପ ସମ୍ପର୍କରେ ସଠିକ୍ ସୂଚନା ପ୍ରଦାନକରିବାକୁ ଆମେରିକା ଅନୁରୋଧ କରିଛି। ଇରାନ ସରକାର ନିଜର ସାମରିକ ଶକ୍ତି ଓ ଦମନମୂଳକ ନୀତି ପାଇଁ ଲୋକଙ୍କ କୋଟି କୋଟି ଡଲାରର ଅର୍ଥ ଖର୍ଚ୍ଚ କରୁଛନ୍ତି। ଆମେରିକା ପକ୍ଷରୁ କୁହାଯାଇଛି ଯେ ଆଇଆର୍‌ଜିସିର ଆର୍ଥିକ ଉତ୍ସ ଓ ଏହାର କାର୍ଯ୍ୟକଳାପ ସୂଚନା ଦେଲେ ଆର୍ଥିକ ପୁରସ୍କାର ପ୍ରଦାନ କରାଯିବ। ଆଇଆର୍‌ଜିସିର ଆର୍ଥିକ ସମ୍ବଳକୁ ରୋକିବା ଏହାର ଉଦ୍ଦେଶ୍ୟ। ହିଂସାକୁ ଜାରି ରଖିବା ଓ କ୍ଷମତା ବଜାୟ ରଖିବାକୁ ଏହି ଅର୍ଥ ବ୍ୟବହାର କରାଯାଉଛି। ଏହି ସୂଚନା ଦେଉଥିବା ଲୋକଙ୍କ ସୁରକ୍ଷା ସୁନିଶ୍ଚିତ କରିବା ପାଇଁ ସୁରକ୍ଷିତ ସ୍ଥାନକୁ ନିଆଯିବ ବୋଲି ଆମେରିକା ପ୍ରତିଶ୍ରୁତି ଦେଇଛି।

# ଇରାନ ସରକାର କିଛି ସମୟର ଅତିଥି: ଟ୍ରମ୍ପ

ତେହରାନ, ୧୮।୧ (ଏଜେନ୍ସି): ସରକାର ବିରୋଧୀ ବିକ୍ଷୋଭରେ ହଜାର ହଜାର ଲୋକଙ୍କ ଜୀବନ ଯାଇଛି ବୋଲି ଇରାନର ସର୍ବୋଚ୍ଚ ନେତା ଅୟତୁଲ୍ଲା ଅଲ ଖାମନେଇ ପ୍ରଥମ ଥର ପାଇଁ ସ୍ୱୀକାର କରିଥିଲେ । ସେ ଏହି ମୃତ୍ୟୁ ପାଇଁ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କୁ ଦାୟୀ କରିଥିଲେ। ଇରାନୀ ନାଗରିକଙ୍କ ମୃତ୍ୟୁରେ ଟ୍ରମ୍ପଙ୍କ ହାତ ରକ୍ତରଞ୍ଜିତ ବୋଲି କହିଥିଲେ। ଏବେ ଟ୍ରମ୍ପ ଏହାର ଜବାବ ଦେଇଛନ୍ତି। ଇରାନୀ ସରକାର କିଛି ଦିନର ଅତିଥି ବୋଲି କହିଛନ୍ତି। ନୂତନ ନେତୃତ୍ୱ ଖୋଜିବାର ସମୟ ଆସି ଯାଇଥିବା ଉଲ୍ଲେଖ କରିଛନ୍ତି।

## ମୃତଦେହ ମଧ୍ୟରୁ ଝିଅକୁ ଖୋଜିଲେ ପରିବାର

ଅନ୍ୟପଟେ ଇରାନରୁ ହୃଦୟ ବିଦାରକ ଦୃଶ୍ୟ ସାମ୍ନାକୁ ଆସିଛି। ଦେଶରେ ବିଭିନ୍ନ ସ୍ଥାନରେ ସରକାରଙ୍କ ଗୁଳିରେ ପ୍ରାଣ ହରାଇଥିବା ଆନ୍ଦୋଳନକାରୀଙ୍କ ମୃତଦେହ ପଡ଼ି ରହିଛି। ସରକାରଙ୍କ କାର୍ଯ୍ୟାନୁଷ୍ଠାନରୁ ବର୍ତ୍ତିବା ଲାଗି ପରିବାର ସଦସ୍ୟ ଲୁଚି ଲୁଚି ନିଜ ସମ୍ପର୍କୀୟଙ୍କ ମୃତଦେହ ନେଇ ଯାଉଛନ୍ତି। ଗତ ୮ ତାରିଖରେ ଇରାନ ସେନା ଗୁଳିରେ ଫ୍ୟାସନ ଡିଜାଇନ ପଢୁଥିବା ରୁବିନା ଅମିନିୟମ (୨୩) ଙ୍କୁ ଗୁଳି ମାରି ହତ୍ୟା କରିଥିଲା। ଏବେ ତାଙ୍କ ମାଆ ମୃତଦେହ ମଧ୍ୟରୁ ଝିଅକୁ ଖୋଜି ନେଇଛନ୍ତି। ରିପୋର୍ଟ ଅନୁଯାୟୀ, ଛାତ୍ରୀ ରୁବିନାଙ୍କ ମୁଣ୍ଡ ପଛରେ ଗୁଳି ବାଜି ଥିଲା। ମୃତ୍ୟୁର ଗୋଟିଏ ସପ୍ତାହ ପରେ ମଧ ତାଙ୍କ ପରିବାର ରୀତିନୀତି ଅନୁଯାୟୀ ଅନ୍ତିମ ସଂସ୍କାର କରିନାହାନ୍ତି।



ସୁରକ୍ଷାବାହିନୀ ଠାରୁ ରକ୍ଷା ପାଇବା ପାଇଁ ତାଙ୍କ ଶରୀରକୁ ଗୁପ୍ତ ଭାବରେ ରାସ୍ତା କଡ଼ରେ ପୋତି ଦିଆଯାଇଥିଲା। ଘଟଣା ସମୟରେ ରୁବିନାଙ୍କ ମାଆ ତେହେରାନରୁ ପ୍ରାୟ ୪୬୦ କିମି ଦୂର କେରମାନଶାହ ସହରରେ ଥିଲେ। ବନ୍ଧୁମାନେ ରୁବିନାଙ୍କ ମାଆଙ୍କୁ ଫୋନ୍ କରି ଏହି ଖବର ଦେଇଥିଲେ। ଗତ ୮ ତାରିଖରେ କଲେଜରୁ ଘରକୁ ଫେରୁଥିବା ସମୟରେ ଏକ ପ୍ରତିବାଦ ଦେଖି ରୁବିନା ସେଥିରେ ଯୋଗ ଦେଇଥିଲେ। ଇରାନୀ ଏଜେଣ୍ଟମାନେ ପ୍ରତିବାଦକାରୀଙ୍କୁ ଘଉଡ଼ାଇବା ପାଇଁ ରାଇଫଲ୍ ଏବଂ ବନ୍ଧୁକ ବ୍ୟବହାର କରୁଥିଲେ। ଏହି ସମୟରେ ସୁରକ୍ଷା ବାହିନୀର ଏକ ଗୁଳି ରୁବିନାଙ୍କ ମୁଣ୍ଡରେ ବାଜିଥିଲା।

କାଳ ପାଲଟିଲା କୁହୁଡ଼ି

## କାର୍ ସହିତ ଡ୍ରେନ୍‌କୁ ଖସି ସଫ୍ଟୱେୟାର ଇଞ୍ଜିନିୟର ମୃତ

ନୋଏଡ଼ା, ୧୮।୧ (ଏଜେନ୍ସି): ଉତ୍ତର ପ୍ରଦେଶ ନୋଏଡ଼ାରେ ଘନ କୁହୁଡ଼ି ଜଣେ ସଫ୍ଟୱେୟାର ଇଞ୍ଜିନିୟରଙ୍କ ଜୀବନ ନେଇଛି। କାର୍ ସମେତ ଡ୍ରେନକୁ ଖସି ସେ ପ୍ରାଣ ହରାଇଛନ୍ତି। ଗାଡ଼ି ଦଳକୁ ଖସି ପଡ଼ିବା ପରେ ସେ ୮୦ ମିନିଟ ପର୍ଯ୍ୟନ୍ତ ବାପାଙ୍କ ସହ ଫୋନ୍ କରି କଥା ହୋଇଥିଲେ। ବାପା ମୋତେ ବଞ୍ଚାଇ ଦିଅ, ମୁଁ ମରିବାକୁ ଚାହେଁନି ବୋଲି କହିଥିଲେ। କିନ୍ତୁ ଘଟଣାସ୍ଥଳରେ ଆସି ବାପା ପହଞ୍ଚି ଥିଲେ ବି ପୁଅର ଜୀବନ ବଞ୍ଚାଇବାରେ ଅସମର୍ଥ ହୋଇଥିଲେ। ସମସ୍ତ ପ୍ରୟାସ କରି ସେ ବିଫଳ ହୋଇଥିଲେ। ଶେଷରେ କାର୍ ସମେତ ୩୦ ଫୁଟ ଦଳ ଭିତରେ ବୁଡ଼ି ପୁଅ ପ୍ରାଣ ହରାଇଥିଲେ।

ସୂଚନା ଅନୁଯାୟୀ, ସଫ୍ଟୱାର ଇଞ୍ଜିନିୟର ଯୁବରାଜ ମେହେଟା ତାଙ୍କ ଗ୍ରାଣ୍ଡ ଭିଟାରା କାରରେ ଶୁକ୍ରବାର ବିଳମ୍ବିତ ରାତିରେ ଏଟିଏସ ଲେ ଗ୍ରାଣ୍ଡ ନିକଟରେ ଡ୍ରେନ୍ କାନ୍ଥ ଭାଙ୍ଗି ପାଣିରେ ଭର୍ତ୍ତି ୩୦ ଫୁଟ ଗଭୀର ଜଳଖାଇକୁ ଖସି ପଡ଼ିଥିଲା। କାର ଖାତରେ ପଡ଼ିବା ମାତ୍ରେ ଏହା ବୁଡ଼ିବାକୁ ଲାଗିଲା। ଯୁବରାଜ କୌଣସି ପ୍ରକାରରେ ବାହାରି ଆସି କାର୍ ଉପରକୁ ଉଠିଗଲେ। ସେ ଫୋନ୍ କରିବା ପରେ ତାଙ୍କ ବାପା ଘଟଣାସ୍ଥଳରେ ପହଞ୍ଚିଲେ। ଇନ୍ସପେକ୍ଟର ସର୍ବେଶ ସିଂହ, ଅଗ୍ନିଶମ ବାହିନୀ କ୍ରେନ୍ ସହିତ ପହଞ୍ଚି ଥିଲା। ଯୁବରାଜଙ୍କ ବାପା ଏବଂ ଅନ୍ୟ ଫୋର୍ସ ତାଙ୍କଠାରୁ କିଛି ମିଟର ଦୂରରେ ଥିଲେ ବି କୁହୁଡ଼ି ଯୋଗୁଁ ପରସ୍ପରକୁ ଦେଖିପାରି ନ ଥିଲେ। ସେ ତାଙ୍କ ମୋବାଇଲ୍ ଟର୍ଚ୍ଚଲାଇଟ୍ ଚାଲୁ କରି ଚିତ୍କାର କଲେ, 'ବାପା ମୋତେ ବଞ୍ଚାଅ, କାର ବୁଡ଼ି ଯାଉଛି!' ମାତ୍ର କିଛି ସମୟ ପରେ ତାଙ୍କ ସ୍ୱର ଆସିବା ବନ୍ଦ ହୋଇଗଲା।

ପୌର ନିର୍ବାଚନକୁ ନେଇ ମହାରାଷ୍ଟ୍ର ମହିଳାଙ୍କ ଦାବି

## ଭୋଟ ଦେବାକୁ ଅନ୍ୟ ଜିଲ୍ଲାକୁ ନିଆଯାଇଥିଲା

ମୁମ୍ବଇ, ୧୮।୧ (ଏଜେନ୍ସି): ବିରୋଧୀଙ୍କ ଭୋଟ ଚୋରି ଅଭିଯୋଗ ମଧ୍ୟରେ ମହାରାଷ୍ଟ୍ର ବିଡ୍ ଜିଲ୍ଲାର ଜଣେ ମହିଳା ବଡ଼ ଦାବି କରିଛନ୍ତି। ନିକଟରେ ଶେଷ ହୋଇଥିବା ନିର୍ବାଚନରେ ଭୋଟ ଦେବା ପାଇଁ ତାଙ୍କ ସମେତ ଅନ୍ୟ ମହିଳାଙ୍କୁ ଅନ୍ୟ ଜିଲ୍ଲାକୁ ନିଆଯାଇଥିଲା ବୋଲି ସେ କହିଛନ୍ତି। ଗତ ୧୫ ତାରିଖରେ ନିର୍ବାଚନ ଦିନ ୪ଟି ବସ୍‌ରେ ମହିଳାଙ୍କୁ ପିମ୍ପରି-ଚିଞ୍ଚୱାଡ ନିଆଯାଇଥିଲା। ସେଠାରେ ସେମାନେ ଭୋଟ ଦେଇଥିଲେ। ମହିଳା କହିଛନ୍ତି ଯେ ସେ ବିଡ୍‌ର ଗେଭରାଇ ବ୍ଲକର ବାସିନ୍ଦା। ସେ ଭୋଟ୍ ପ୍ରକ୍ରିୟା ବିଷୟରେ ଅଜ୍ଞ ଥିଲେ। ପୁନେ ଜିଲ୍ଲାର ଜେଜୁରିର ଖଣ୍ଡୋବା ମନ୍ଦିରରେ ଏକ ସ୍ୱୟଂ ସହାୟକ ଗୋଷ୍ଠୀ ବୈଠକ ହେବାକୁ ଯାଉଛି ବୋଲି ତାଙ୍କୁ କୁହାଯାଇଥିଲା। ତେଣୁ ମହିଳାମାନେ ଏକ ବସ୍ ଚଢ଼ି ସେଠାକୁ ଯାଇଥିଲେ। ଶନିବାର ମହିଳା ଏ ନେଇ ବିଡ୍ ଏସ୍ପିଙ୍କ ନିକଟରେ ଅଭିଯୋଗ କରିଛନ୍ତି। ଏହା ଉପରେ କାର୍ଯ୍ୟାନୁଷ୍ଠାନ ନିଆଯାଉଛି ବୋଲି ଏସ୍ପି କହିଛନ୍ତି। ମହିଳା କହିଥିଲେ ଯେ ଏହି ଘଟଣା ପଛରେ ଆଉ ଜଣେ ମହିଳା ଅଛନ୍ତି। ସେ ଅଭିଯୁକ୍ତ ମହିଳାଙ୍କ ବିରୋଧରେ ଠକେଇ ପାଇଁ ଏତଲା ରୁଜୁ କରିବାକୁ ଦାବି କରିଛନ୍ତି। ଅଭିଯୁକ୍ତ ମହିଳା ତାଙ୍କୁ ଏକ ନିର୍ଦ୍ଦିଷ୍ଟ ଦଳକୁ ଭୋଟ୍ ଦେବାକୁ କହିଥିଲେ। ପିମ୍ପରି-ଚିଞ୍ଚୱାଡରେ ଭୋଟ ଦେବା ପରେ ପୁଲିସ ତାଙ୍କୁ ଗିରଫ କରିଥିଲା। ମାତ୍ର ସନ୍ଧ୍ୟା ୬ଟା ପରେ ଛାଡି ଦେଇଥିଲା।

ମହାଯୁତିରେ ମହା ଫାଟ

# ଅଢ଼େଇ ବର୍ଷ ପାଇଁ ମେୟର ପଦ ଚାହୁଁଛନ୍ତି ସିନ୍ଦେ

## ମୁମ୍ବଇ ମହାନଗର ନିଗମର ୨୯ ନବନିର୍ବାଚିତ କାଉନ୍‌ସିଲରଙ୍କ ଗୋପନବାସ

ମୁମ୍ବଇ, ୧୮।୧ (ଏଜେନ୍ସି): ମହାରାଷ୍ଟ୍ର ପୌର ନିର୍ବାଚନ ପରେ ପୁଣି ମହାନାଟକ ଆରମ୍ଭ ହୋଇଯାଇଛି। ବିଧାନସଭା ନିର୍ବାଚନରେ ବିଜୟୀ ହେବା ପରେ ଏନଡିଏ ମେଣ୍ଟରେ ଆରମ୍ଭ ହୋଇଥିବା କ୍ଷମତା ଟଣାଓଟରା ଅଧ୍ୟାୟର ପୁନରାବୃତ୍ତି ଘଟିଛି। ସରକାରୀ ମେଣ୍ଟ ମହାଯୁତିରେ ଭାଗବଣ୍ଟାକୁ ନେଇ ଅଡୁଆ ଲାଗି ରହିଛି। ଏପରି ସମୟରେ ମହାରାଷ୍ଟ୍ର ଉପମୁଖ୍ୟମନ୍ତ୍ରୀ ତଥା ଶିବସେନା ନେତା ଏକନାଥ ସିନ୍ଦେ ନିଜ ଦଳର ୨୯ କାଉନସିଲରଙ୍କୁ ବାନ୍ଦ୍ରା ସ୍ଥିତ ହୋଟେଲ ହୋଟେଲ ତାଜ୍ ଲ୍ୟାଣ୍ଡସ ଏଣ୍ଡରେ ନେଇ ରଖିଛନ୍ତି। ଏଠାରେ କଡ଼ା ସୁରକ୍ଷା ବ୍ୟବସ୍ଥା ମଧ ଗ୍ରହଣ କରାଯାଇଛି। ମୁମ୍ବଇର ବିଏମସି ମେୟର ପଦକୁ ନେଇ ଏଭଳି ସ୍ଥିତି ସୃଷ୍ଟି ହୋଇଛି। ବିଜେପି ମୁମ୍ବଇରେ ସବୁଠାରୁ ବଡ଼ ଦଳ ଭାବେ ଉଭା ହୋଇଛି। ପ୍ରଥମ ଥର ପାଇଁ ଏହି ଦଳ ମୁମ୍ବଇ ମେୟର ପାଇବାକୁ ଯାଉଛି। କିନ୍ତୁ ନିଜ ମେଣ୍ଟରେ ସାମିଲ ଏକନାଥ ସିନ୍ଦେଙ୍କ ଶିବସେନା ଏଥିରେ କଣ୍ଟା ସୃଷ୍ଟି କରିଛି। ଏହି ଦଳ ଅଢେଇ ବର୍ଷ ପାଇଁ ବିଏମସି ମେୟର ପଦ ଚାହୁଁଛି। ଶିବସେନା ଏଥିପାଇଁ ବାଲ୍ ଠାକରେଙ୍କ ଜନ୍ମ ଶତବାର୍ଷିକକୁ ଦୁହାଇ ଦେଉଛି। ଚଳିତ ବର୍ଷ ଠାକରେଙ୍କ ଏହି ଜୟନ୍ତୀକୁ କ୍ଷମତାର ପ୍ରତୀକ ଭାବେ ପାଳନ କରିବାକୁ ଚାହୁଁଛି। ତେଣୁ ବିଜେପିକୁ ମେୟର ପଦ ମାଗୁଛି। ବିଜେପି କୁନ୍ଥୁ କୁନ୍ଥୁ ହେଉଥିବାରୁ ମାମଲା ଫସି ରହିଛି।

ଅନ୍ୟପଟେ ଉଦ୍ଧବ ଗୋଷ୍ଠୀର ଶିବସେନା ବଡ଼ ଦାବି କରିଛି। ଭଗବାନ ଚାହିଁଲେ ଦଳର ପ୍ରାର୍ଥୀ ମେୟର ହୋଇପାରନ୍ତି ବୋଲି କୁହାଯାଇଛି। ଶିବସେନା ଏପରି କହି ସଂଶୟକୁ ବଢ଼ାଇ ଦେଇଛି। ବିରୋଧୀ ଏକାଠି ହୋଇଗଲେ ବିଜେପି ମେଣ୍ଟ ପାଇଁ ସମସ୍ୟା ସୃଷ୍ଟି ହୋଇପାରେ ବୋଲି କୁହାଯାଉଛି। ଶିବସେନା ସାଂସଦ ସଞ୍ଜୟ ରାଉତ କହିଛନ୍ତି ଯେ ଏକନାଥ ସିନ୍ଦେ ତାଜ ହୋଟେଲକୁ ୟରୱାଡ ଜେଲ୍ କରିଦେଇଛନ୍ତି। ନବନିର୍ବାଚିତ କାଉନସିଲରଙ୍କୁ ଏଠାରେ ବନ୍ଦୀ କରି ରଖାଯାଇଛି। ହୋଟେଲ ତାଲା ଭାଙ୍ଗି କାଉନସିଲରଙ୍କୁ ମୁକ୍ତ କରିବା ପାଇଁ ମୁଖ୍ୟମନ୍ତ୍ରୀ ପୁଲିସକୁ ନିର୍ଦ୍ଦେଶ ଦେବା ଉଚିତ।



### ବିଜେପିରୁ ମେୟର ହୁଅନ୍ତୁ ବୋଲି ଚାହୁଁନାହାନ୍ତି ଉପ-ମୁଖ୍ୟମନ୍ତ୍ରୀ: ସଞ୍ଜୟ

### ଉଦ୍ଧବ ଗୋଷ୍ଠୀରୁ ବି ମେୟର ହୋଇପାରନ୍ତି

ମୁମ୍ବଇର ୨୨୭ଟି ୱାର୍ଡ ମଧ୍ୟରୁ ବିଜେପି ୮୯ଟି ଏବଂ ସିନ୍ଦେ ଗୋଷ୍ଠୀ ୨୯ଟିରେ ବିଜୟୀ ହୋଇଥିଲା। ୧୧୪ଟି ସଂଖ୍ୟାଗରିଷ୍ଠତା ହାସଲ କରିବା ପାଇଁ ବିଜେପିକୁ ସିନ୍ଦେ ଗୋଷ୍ଠୀର ୨୯ ଜଣ କାଉନସିଲର ଆବଶ୍ୟକ। ଉଦ୍ଧବଙ୍କ ମରାଠୀ କାର୍ଡ ସିନ୍ଦେ ଗୋଷ୍ଠୀର କାଉନସିଲରଙ୍କ ସଂଖ୍ୟାକୁ ସୀମିତ କରି ଦେଇଥିଲା। ଏଭଳି ସ୍ଥିତିରେ ସିନ୍ଦେ ଗୋଷ୍ଠୀ ମେୟର ପଦବୀ ପାଇଁ ଦାବି ଉପସ୍ଥାପନ କରିଛି। ଯଦି ବିଜେପି ଏହି ଦାବି ଗ୍ରହଣ ନ କରେ ତେବେ କ୍ଷମତା ସମୀକରଣ ବଦଳିପାରେ। ଏଥିପାଇଁ ହୋଟେଲରେ ବୈଠକ କରି ଦଳୀୟ ନେତାଙ୍କୁ ଚୟନ କରିବାକୁ ନିଷ୍ପତ୍ତି ନିଆଯାଇଛି। ସୂତ୍ର ଅନୁଯାୟୀ, ଘୋଡା ବେପାରକୁ ରୋକିବା ପାଇଁ ହୋଟେଲରେ କାଉନସିଲରଙ୍କୁ ରୋକା ଯାଇଛି। ସମସ୍ତ ୨୯ ଜଣ କାଉନସିଲରଙ୍କୁ ବୁଧବାର ଅପରାହ୍ନ ୩ଟା ପର୍ଯ୍ୟନ୍ତ ହୋଟେଲରେ ରହିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏହି ଘଟଣା ୨୦୨୨ରେ ସିନ୍ଦେ ଗୋଷ୍ଠୀ କରିଥିବା ବିଦ୍ରୋହର ସ୍ମୃତିକୁ ତାଜା କରିଦେଇଛି। ଏଥିପାଇଁ ଶିବସେନା ଭାଗ ଭାଗ ହୋଇଯାଇଥିଲା। ଏକନାଥ ସିନ୍ଦେ ୩୯ ଜଣ ବିଧାୟକଙ୍କୁ ଧରି ବିଦ୍ରୋହ କରିଥିଲେ।

ସୋନମ୍ ୱାଙ୍ଗଚୁକ୍‌ଙ୍କ ପତ୍ନୀଙ୍କ ଟିପ୍ପଣୀ

## ଏନ୍‌ଏସ୍‌ଏ ମାମଲାରେ କୌଣସି ଆଧାର ନ ଥିବାରୁ ତାରିଖ ଗଡ଼ାଉଛନ୍ତି ସରକାର

ନୂଆଦିଲ୍ଲୀ, ୧୮।୧ (ଏଜେନ୍ସି): ଲଦାଖ ହିଂସାକୁ ନେଇ ସାମାଜିକ କର୍ମୀ ତଥା ମାଗ୍‌ସେସେ ପୁରସ୍କାର ବିଜେତା ସୋନମ୍ ୱାଙ୍ଗଚୁକ୍ ଜାତୀୟ ସୁରକ୍ଷା ଆଇନ (ଏନ୍‌ଏସ୍‌ଏ) ବଳରେ ଗିରଫ କରାଯାଇଥିଲା। ଏହାକୁ ନେଇ ସୋନମଙ୍କ ପତ୍ନୀ ଗୀତାଞ୍ଜଳି ଅଙ୍ଗମୋ କେନ୍ଦ୍ର ସରକାରଙ୍କୁ ତୀବ୍ର ସମାଲୋଚନା କରିଛନ୍ତି। ଏହି ମାମଲାରେ କୌଣସି ଆଧାର ନ ଥିବାରୁ ସରକାର ତାରିଖ ଗଡ଼ାଇ ଚାଲିଥିବା ସେ ଅଭିଯୋଗ କରିଛନ୍ତି। ଏହା ସହିତ ସ୍ୱାମୀଙ୍କୁ ଜେଲ୍‌ରେ ନିର୍ଯାତନା ଦିଆଯାଉଥିବା ଅଭିଯୋଗ କରିଛନ୍ତି। ସୋନମଙ୍କୁ ଜେଲ୍‌ରେ ତଳେ ଶୋଇବାକୁ ପଡ଼ିଛି। ତାଙ୍କ ପାଖରେ କୌଣସି ଆସବାବପତ୍ର ନାହିଁ। ବାରାକ ଜଣେ ବୁଲିବା ପରି ବି ସ୍ଥାନ ନାହିଁ। ସଲିସିଟର ଜେନେରାଲ ତାରିଖ ପରେ ତାରିଖ ମାଗି ଚାଲିଛନ୍ତି। କାରଣ ଏହି ମାମଲାରେ କୌଣସି ଦମ୍ ନ ଥିବା ସେ ଜାଣିଛନ୍ତି।

## କଶ୍ମୀରରେ ସଂଘର୍ଷ; ୮ ଯବାନ ଆହତ

ଶ୍ରୀନଗର, ୧୮।୧ (ଏଜେନ୍ସି): ଜମ୍ମୁ-କଶ୍ମୀର କିସ୍ତୱାରର ସୋନାର ଅଞ୍ଚଳରେ ଭାରତୀୟ ସେନା ଆତଙ୍କବାଦୀଙ୍କ ବିରୋଧରେ 'ତ୍ରିଶା-୧' ଅଭିଯାନ ଚଲାଇଛି। ସୁରକ୍ଷାକର୍ମୀ ଏଠାରେ ତଲାସୀ ଅଭିଯାନ ଚଲାଇ ଲସ୍କର-ଇ-ତୋଏବାର ତିନି ବିଦେଶୀ ଆତଙ୍କବାଦୀ ଘେରି ନେଇଥିଲେ। ଏହି ସମୟରେ ଆତଙ୍କୀ ଗ୍ରେନେଡ୍ ମାଡ଼ କରିବାରୁ ୮ ଯବାନ ଆହତ ହୋଇଛନ୍ତି। ସ୍ୱାସ୍ଥ୍ୟାବସ୍ଥା ଗୁରୁତର ଥିବା ୩ ଜଣ ଯବାନଙ୍କୁ ଏୟାରଲିଫ୍ଟ କରି ହସ୍ପିଟାଲକୁ ନିଆଯାଇଛି। ଏବେ ବି ଉକ୍ତ ଅଞ୍ଚଳକୁ କର୍ଡନ କରି ଅଭିଯାନ ଜାରି ରହିଛି। ଉକ୍ତ ଅଞ୍ଚଳରେ ପ୍ରତିକୂଳ ପରିସ୍ଥିତି ଥିବାରୁ ସେନାକୁ ସମସ୍ୟାର ସମ୍ମୁଖୀନ ହେବାକୁ ପଡୁଛି। ଏଠାରେ ସିଆରପିଏଫ, ପୁଲିସ ଏବଂ ସେନା ଟିମ୍ ମୁତୟନ କରାଯାଇଛି। ଡ୍ରୋନ ମାଧ୍ୟମରେ ନଜର ରଖାଯାଉଛି।

# ସାନ୍ତ୍ରାଗାଛି-ତାମ୍ବରମ୍ ଅମୃତ ଭାରତ ଏକ୍ସପ୍ରେସର ଶୁଭାରମ୍ଭ କଲେ ପ୍ରଧାନମନ୍ତ୍ରୀ

କୋଲକାତା, ୧୮।୧ (ଏଜେନ୍ସି):




ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ରବିବାର ପଶ୍ଚିମବଙ୍ଗରେ ସାନ୍ତ୍ରାଗାଛି (କୋଲକାତା)-ତାମ୍ବରମ୍ (ଚେନ୍ନଇ) ଅମୃତ ଭାରତ ଏକ୍ସପ୍ରେସ୍ ସେବାର ଶୁଭାରମ୍ଭ କରିଛନ୍ତି। ଆଧୁନିକ, ସୁଲଭ ଏବଂ ଅନ୍ତର୍ଭୁକ୍ତ ରେଳ ସଂଯୋଗୀକରଣ ଦିଗରେ ଏହା ଆଉ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ହାସଲ କରିଛି। ଏହି ଟ୍ରେନ ପୂର୍ବ ଭାରତକୁ ଦକ୍ଷିଣ ଭାରତ ସହିତ ସଂଯୋଗ କରୁଥିବା ଏକ ଗୁରୁତ୍ୱପୂର୍ଣ୍ଣ ଦୂରଗାମୀ ସେବାର ଶୁଭାରମ୍ଭକୁ ସୂଚିତ କରୁଛି। ଏହା ଦ୍ୱାରା ପଶ୍ଚିମବଙ୍ଗ, ଓଡ଼ିଶା, ଆନ୍ଧ୍ରପ୍ରଦେଶ ଏବଂ ତାମିଲନାଡୁକୁ ସଂଯୋଗ କରୁଥିବା ଏକ ଦୃଢ଼ ନୂତନ ରେଳ କରିଡର ପ୍ରତିଷ୍ଠା ହେବ। ଆନ୍ତଃ ଆଞ୍ଚଳିକ ରେଳ ସଂଯୋଗୀକରଣରେ ଉଲ୍ଲେଖନୀୟ ବୃଦ୍ଧି ଘଟିବ। ଏହି ସେବା ଓଡ଼ିଶା ପାଇଁ ବିଶେଷ ଲାଭଦାୟକ ହେବ, କାରଣ ଏହା ଉନ୍ନତ ରେଳ ସମନ୍ୱୟ ମାଧ୍ୟମରେ ଦେଶର ବିଭିନ୍ନ ଅଂଶକୁ ଦ୍ରୁତ ଏବଂ ଅଧିକ ଆରାମଦାୟକ ସେବା ପ୍ରଦାନ କରୁଛି। ଓଡ଼ିଶାର ଲୋକଙ୍କ ପାଇଁ ଏହି ଟ୍ରେନ୍ ପୂର୍ବ ଏବଂ ଦକ୍ଷିଣ ଭାରତର ପ୍ରମୁଖ ସହରାଞ୍ଚଳ, ବାଣିଜ୍ୟିକ, ଶିକ୍ଷାଗତ ଏବଂ ସ୍ୱାସ୍ଥ୍ୟସେବା କେନ୍ଦ୍ରଗୁଡ଼ିକୁ ସଂଯୋଗ ଭାବରେ କାର୍ଯ୍ୟ କରିବ। ଏହି ସେବା ଚିକିତ୍ସା, ଶିକ୍ଷା, ନିଯୁକ୍ତି, ପର୍ଯ୍ୟଟନ ଏବଂ ତୀର୍ଥଯାତ୍ରା ପାଇଁ ଯାତ୍ରା କରୁଥିବା ଯାତ୍ରୀମାନଙ୍କ ପାଇଁ ବହୁ ଉପଯୋଗୀ ସାବ୍ୟସ୍ତ ହେବ। ବିଶେଷ କରି ଚେନ୍ନଇ ଏବଂ କୋଲକାତା ଭଳି ସହରଗୁଡ଼ିକୁ ଯୋଗାଯୋଗ ଅଧିକ ମଜବୁତ ହେବ।

ଅମୃତ ଭାରତ ଏକ୍ସପ୍ରେସ ହେଉଛି ଏକ ଆଧୁନିକ ଏଲଏଚବି ରେକ୍ ଟ୍ରେନ। ଏଥିରେ ଉନ୍ନତ ପୁସ୍-ପୁଲ୍ ପ୍ରଯୁକ୍ତିବିଦ୍ୟା ରହିଛି। ଅଧିକ ବେଗ, ସୁଗମ କାର୍ଯ୍ୟ ଏବଂ ବର୍ଦ୍ଧିତ ଯାତ୍ରୀ ଆରାମ ପ୍ରଦାନ କରେ। ଏହି ଟ୍ରେନରେ ଏରଗୋନୋମିକାଲି ଡିଜାଇନ୍ ହୋଇଥିବା ବର୍ଥ, ମଡ୍ୟୁଲାର୍ ଶୌଚାଳୟ, ଏଲଇଡି ଆଲୋକୀକରଣ, ସିସିଟିଭି ନିରୀକ୍ଷଣ ଏବଂ ମୋବାଇଲ୍ ଚାର୍ଜିଂ ଭଳି ସୁବିଧା ରହିଛି। ସାନ୍ତ୍ରାଗାଛି-ତାମ୍ବରମ୍ ଅମୃତ ଭାରତ ଏକ୍ସପ୍ରେସ (୦୬୧୦୮) ଆଜି ୨ଟା୪୫ରେ ସାନ୍ତ୍ରାଗାଛି ଛାଡିଛି। ଏହା ପରଦିନ ୬ଟା ୪୫ରେ ତାମ୍ବରମରେ ପହଞ୍ଚିବ। ଏହି ଟ୍ରେନ୍ ଭଦ୍ରକ, ଯାଜପୁର କେନ୍ଦୁଝର ରୋଡ , କଟକ, ଭୁବନେଶ୍ୱର, ଖୋର୍ଦ୍ଧା ରୋଡ୍, ବାଲୁଗାଁ , ବ୍ରହ୍ମପୁର, ପାଲାସା, ବିଜୟନଗରମ୍ ଏବଂ ଦୁଭଭଡା ସମେତ ପୂର୍ବ ତଟ ରେଳ ଅଧୀନରେ ଥିବା ପ୍ରମୁଖ ଷ୍ଟେସନ ଦେଇ ଯିବ। ଟ୍ରେନରେ ୨୨ଟି ଆଧୁନିକ ଶ୍ରେଣୀ କୋଚ୍ ରହିବ। ଏଥିରେ ୧୧ ଟି ଜେନେରାଲ୍ ଶ୍ରେଣୀ ସିଟିଂକୋଚ, ୮ ଟି ସ୍ଲିପର୍ ବଗି, ୨ଟି ଲଗେଜ୍ କମ ଡିଭିଆଙ୍ଗଜାନ୍ କୋଚ୍ ଏବଂ ଗୋଟିଏ ପ୍ୟାଣ୍ଟ୍ରି କାର୍ ରହିଛି।

୧୩ ଶ୍ରମିକଙ୍କୁ ଚାପିଦେଲା କାର୍

## ଖାଉଥିବା ସମୟରେ ୩ ଜଣଙ୍କ ଜୀବନ ଗଲା

ଭୋପାଳ, ୧୮।୧ (ଏଜେନ୍ସି): ମଧ୍ୟପ୍ରଦେଶ ଜବଲପୁରର ଏକତା ଛକ ନିକଟରେ ରବିବାର ଦ୍ୱିପହରେ ଭୟଙ୍କର ଦୁର୍ଘଟଣା ଘଟିଛି। ଏଠାରେ ଏକ ଦ୍ରୁତଗାମୀ କାର ୧୩ ଜଣ ଶ୍ରମିକଙ୍କୁ ଚାପି ଦେଇଛି। ଘଟଣାସ୍ଥଳେ ଦୁଇ ମହିଳା ଶ୍ରମିକଙ୍କ ମୃତ୍ୟୁ ଘଟିଥିବା ବେଳେ ୧୧ ଜଣ ଆହତ ହୋଇଥିଲେ। ଆଉ ଜଣେ ଚିକିତ୍ସାଧୀନ ଅବସ୍ଥାରେ ପ୍ରାଣ ହରାଇ ଥିଲେ। ଆହତଙ୍କ ମଧ୍ୟରୁ ୭ ଜଣଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ରହିଛି। ସମସ୍ତଙ୍କୁ ମେଡିକାଲ କଲେଜ ହସ୍ପିଟାଲକୁ ପଠାଯାଇଛି। ସୂଚନା ଅନୁଯାୟୀ, ସମସ୍ତ ମୃତାହତ ମଣ୍ଡଲା ଜିଲ୍ଲା ବିଜାଦଣ୍ଡି ଥାନା ଅଞ୍ଚଳର ବିହାରିଆ ଗ୍ରାମର ବାସିନ୍ଦା। ସମସ୍ତେ ସେଠାରେ ଦେଢ଼ ମାସ ଧରି କାମ କରୁଥିଲେ। ରାସ୍ତା ଡିଭାଇଡରରେ ଲୁହା ଜାଲି ସଫା କରିବା ପରେ ଶ୍ରମିକମାନେ ବସି ମଧ୍ୟାହ୍ନ ଭୋଜନ ଖାଉଥିଲେ। ଏହି ସମୟରେ ବରେଲାରୁ ଜବଲପୁର ଅଭିମୁଖେ ଆସୁଥିବା ଏକ ଧଳା କାର ସେମାନଙ୍କ ଉପରେ ମାଡ଼ି ଯାଇଥିଲା। ସାହାଯ୍ୟ କରିବା ପରିବର୍ତ୍ତେ ଡ୍ରାଇଭର ଗାଡ଼ି ନେଇ ଫେରାର ହୋଇ ଯାଇଥିଲା।

# ଅନାହାରରେ ପ୍ରାଣ ହରାଇଲେ ମାନସିକ ଭିନ୍ନକ୍ଷମ

ମାଥିଲି,୧୮।୧(ସମିସ): ଅନାହାରରେ ପ୍ରାଣ ହରାଇଲେ ମାନସିକ ଭିନ୍ନକ୍ଷମ। ମାଲକାନଗିରି ଜିଲ୍ଲା ମାଥିଲି ବ୍ଲକ ଉଦୁଲିବେଡ଼ା ପଞ୍ଚାୟତରୁ ଏଭଳି ଏକ ଖବର ସାମ୍ନାକୁ ଆସିଛି। ମୃତକ ହେଲେ, ଚେଡେଙ୍ଗା ପଞ୍ଚାୟତ ଅନ୍ତର୍ଗତ ସିନ୍ଧାବେଡ଼ା ଗ୍ରାମର ଦିଗାମ ପେର୍ମା (୬୦)। ଦିନ ଦିନ ଧରି ଖାଇବାକୁ ନ ପାଇ ଦିଗାମ ପ୍ରାଣ ହରାଇଥିବା ଅଭିଯୋଗ ହୋଇଛି। ଖାଦ୍ୟ ସୁରକ୍ଷା ଯୋଜନା ମାଧ୍ୟମରେ ରାଜ୍ୟ ଓ କେନ୍ଦ୍ର ସରକାର ମିଳିତ ଭାବେ ମୁଣ୍ଡପିଛା ଚାଉଳ ଯୋଗାଣ କରୁଛନ୍ତି। ଏହାସହ ବୃଦ୍ଧବୃଦ୍ଧା, ବିଧବା, ଭିନ୍ନକ୍ଷମ ଓ ମାନସିକ ଭିନ୍ନକ୍ଷମ ବ୍ୟକ୍ତିଙ୍କ ପାଇଁ ଭତ୍ତାର ମଧ୍ୟ ବ୍ୟବସ୍ଥା କରିଛନ୍ତି। ଏସବୁର ଉଦ୍ଦେଶ୍ୟ ହେଉଛି, କେହି ଯେପରି ଅନାହାରରେ ପ୍ରାଣ ନ ହରାଇବେ। କିନ୍ତୁ, ଖାଇବାକୁ ନ ପାଇ ଦିଗାମଙ୍କ ମୃତ୍ୟୁ ଘଟିବା, ଏସବୁ ସରକାରୀ ଯୋଜନାକୁ ସତେଯେପରି ଉପହାସ କରୁଛି। ଏହାକୁ ନେଇ ବୁଦ୍ଧିଜୀବୀମହଲରେ ଉଦ୍‌ବେଗ ପ୍ରକାଶ ପାଇଛି।

ସୂଚନାନୁଯାୟୀ, ଉଦୁଲିବେଡ଼ା ପଞ୍ଚାୟତ ଅନ୍ତର୍ଗତ ଚାଲାଣଗୁଡ଼ା ଗ୍ରାମ ନିକଟରେ ଦିଗାମଙ୍କ ଶବ ପଡ଼ିଥିବା କିଛି ସ୍ଥାନୀୟ ଲୋକ ଦେଖିବାକୁ ପାଇଥିଲେ। ଖବର ପାଇ ଗୋବିନ୍ଦପାଲ୍ଲୀ ଫାଣ୍ଡି ଅଧିକାରୀ ଏଏସ୍‌ଆଇ ପଦମନ ପୂଜାରୀ ଶବକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲେ। ଦିଗାମ ଜଣେ ମାନସିକ ଭିନ୍ନକ୍ଷମ। କିଛି ଦିନ ତଳୁ ସେ ଘରୁ ଚାଲିଆସିଥିଲେ। ରାସ୍ତାକଡ଼ରେ ବସି ରହି ଯାହା ମିଳୁଥିଲା, ତାହା ଖାଇ ବଞ୍ଚୁଥିଲେ। ତେବେ କିଛି ଦିନ ହେଲା ଖାଇବାକୁ ନ ମିଳିବାରୁ ତାଙ୍କର ମୃତ୍ୟୁ ଘଟିଥିବା ପରିବାରଲୋକେ କହିଛନ୍ତି।

# ଦୁର୍ଘଟଣାରେ ଗଲା ଦୁଇ ସାଙ୍ଗଙ୍କ ଜୀବନ




ଜଳେଶ୍ୱର,୧୮।୧(ସମିସ): ଦୁର୍ଘଟଣାରେ ଗଲା ଦୁଇ ସାଙ୍ଗଙ୍କ ଜୀବନ। ବାଲେଶ୍ୱର ଜିଲ୍ଲା ଜଳେଶ୍ୱର ଦେଇ ଯାଇଥିବା ୫୭ ନମ୍ବର ରାଜ୍ୟ ରାଜପଥର ନାମ୍ପୋ ନିକଟ ଷଡ଼ଙ୍ଗୀ ପୋଲ ନିକଟରେ ଆଜି ଭୋର୍‌ରେ ଏହି ଅଘଟଣ ଘଟିଛି। ମୃତକଦ୍ୱୟ ହେଲେ, କର୍ମର୍ଦା ଥାନା ବାଗ ଗ୍ରାମର ଗୌତମ ସାହୁ ଓ ନିମାଇଁ ମହାପାତ୍ର। ଉଭୟ ଜଳେଶ୍ୱରରୁ ଏକ ବାଇକ୍‌ରେ ଘରକୁ ଫେରୁଥିବା ବେଳେ କୌଣସି ଏକ ଗାଡ଼ି ସେମାନଙ୍କୁ ଧକ୍କା ଦେଇ ଫେରାର୍ ହୋଇଯାଇଥିଲା। ନାମ୍ପୋ ଓ ଜଳେଶ୍ୱର ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିଲା। ପୁଲିସ ଶବଦ୍ୱୟକୁ ଜବତ କରି ବ୍ୟବଚ୍ଛେଦ ଲାଗି ଜିକେଭଙ୍ଗର୍ ହସ୍ପିଟାଲକୁ ପଠାଇଛି। ଏହି ଖବର ପ୍ରଚାରିତ ହେବା ପରେ ଗ୍ରାମରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି।

# ଦଳକୁ ଦୁର୍ବଳ କରିବାକୁ ଷଡ଼ଯନ୍ତ୍ର କରିଥିଲେ ସନାତନ ଓ ଅରବିନ୍ଦ: ବିଜେଡି

ଭୁବନେଶ୍ୱର,୧୮।୧(ସମିସ): ଦଳକୁ ଦୁର୍ବଳ କରିବା ପାଇଁ ଷଡ଼ଯନ୍ତ୍ର ଓ ଦଳୀୟ କର୍ମୀଙ୍କ ସହ ବିଶ୍ୱାସଘାତକତା ନିମନ୍ତେ ଚମ୍ପୁଆ ବିଧାୟକ ସନାତନ ମହାକୁଡ଼ ଓ ପାଟକୁରା ବିଧାୟକ ଅରବିନ୍ଦ ମହାପାତ୍ରଙ୍କୁ ବିଜେଡିରୁ ନିଲମ୍ବିତ କରାଯାଇଛି ବୋଲି କହିଛନ୍ତି ବିଜେଡି ସାଧାରଣ ସମ୍ପାଦକ ଅମରେଶ ପତ୍ରୀ। ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କ



ଦ୍ୱାରା ସୁଯୋଗ ପାଇ ବିଧାୟକ ହେବା ପରଠାରୁ ପାଟକୁରାର ଦଳୀୟ କର୍ମୀଙ୍କୁ ଅଣଦେଖା କରି ନିଜସ୍ୱ ସଂଗଠନ ଜରିଆରେ ଅରବିନ୍ଦ କାର୍ଯ୍ୟ କରିଆସୁଥିଲେ। ନିର୍ବାଚନମଣ୍ଡଳୀର ଅରବିନ୍ଦ ପୁରୁଖା ଦଳୀୟ କର୍ମୀଙ୍କୁ ସଂପୂର୍ଣ୍ଣ ଅଣଦେଖା କରୁଥିବା ବେଳେ ସେଠାରେ ବାପା-ପୁଅଙ୍କ ଶାସନ ଚାଲିଥିଲା । ସେହିପରି ଚମ୍ପୁଆରେ ସନାତନ ମଧ୍ୟ ଦଳବିରୋଧୀ କାର୍ଯ୍ୟରେ ଲିପ୍ତ ଥିଲେ ଓ ସମାନ୍ତରାଳ ସଙ୍ଗଠନ ଚଳାଇଥିଲେ ବୋଲି ସାଂଘାତିକ ଅଭିଯୋଗ କରିଛନ୍ତି ବିଜେଡି ସାଧାରଣ ସମ୍ପାଦକ ତଥା ପାଟକୁରାର ଯୁବ ନେତା ଅମରେଶ ପତ୍ରୀ।

ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ପତ୍ରି କହିଛନ୍ତି ଯେ ଅରବିନ୍ଦଙ୍କୁ ନବୀନ ପାଟକୁରାରେ ଦଳୀୟ ଟିକଟ ଦେଇଥିଲେ। ୨୫ ବର୍ଷ ଧରି ଯେଉଁ ଦଳୀୟ କର୍ମୀମାନେ ପାଟକୁରାରେ ବିଜେଡି ସଂଗଠନକୁ ସଶକ୍ତ କରି ରଖିଥିଲେ, ସେହି ପୁରୁଖା ନେତା ଓ କର୍ମୀଙ୍କୁ ଜାଣିଶୁଣି ଉପେକ୍ଷା କରି ନିଜର ଚାଟୁକାରମାନଙ୍କୁ ପଞ୍ଚାୟତ ଦାୟିତ୍ୱ ଦେଇ ସେମାନଙ୍କ ଜରିଆରେ ବିଧାୟକ ପାଣ୍ଠି ବିନିଯୋଗ କରୁଥିଲେ । ଗତ ସାଧାରଣ ନିର୍ବାଚନରେ ଟିକେଟ ପାଇଲା ପରେ ଦଳର ସାଂସଦ ପ୍ରାର୍ଥୀଙ୍କୁ ଅସହଯୋଗ ସହ ବାପାଙ୍କ ଇସାରାରେ ସବୁ କାମ କରୁଥିଲେ ଅରବିନ୍ଦ । ଅତୀତରେ ସ୍ୱର୍ଗତ ବିଜୁ ବାବୁଙ୍କ ବିରୋଧରେ ଅରବିନ୍ଦ ମହାପାତ୍ରଙ୍କ ପିତା ଯେଭଳି ଷଡଯନ୍ତ୍ର କରିଥିଲେ, ଆଜି ନବୀନ ପଟ୍ଟନାୟକଙ୍କ ବିରୋଧରେ

- ପାଟକୁରାରେ ଚାଲିଥିଲା ବାପା-ପୁଅ ଶାସନ
- ଚମ୍ପୁଆରେ ଚାଲିଥିଲା ସମାନ୍ତରାଳ ସଙ୍ଗଠନ
- ଉପେକ୍ଷିତ ହୋଇଥିଲେ ପୁରୁଖା ଦଳୀୟ କର୍ମୀ

ସେହିଭଳି ବିଶ୍ୱାସଘାତକତା ଯୋଜନାରେ ସେ ନିଜକୁ ସାମିଲ କରିଥିଲେ। କିଛି ମାସ ଧରି ଏହି ଷଡ଼ଯନ୍ତ୍ରର ସୁରାକ ବିଜେଡି ସଭାପତି ପାଇଥିଲେ ମଧ୍ୟ, ତ୍ରୁଟି ସୁଧାରିବା ପାଇଁ ଉଭୟ ସନାତନ ଓ ଅରବିନ୍ଦଙ୍କୁ ସୁଯୋଗ ଦେଇଥିଲେ; ମାତ୍ର ଉଭୟଙ୍କ ଆଭିମୁଖ୍ୟରେ କୌଣସି ପରିବର୍ତ୍ତନ ନ ହେବାରୁ ସେମାନଙ୍କୁ ଦଳରୁ ନିଲମ୍ବିତ କରାଯାଇଛି ବୋଲି ଶ୍ରୀ ପତ୍ରୀ କହିଛନ୍ତି।

ସେହିପରି ବିଜେଡି ମୁଖପାତ୍ର ତୁମ୍ବନାଥ ପଣ୍ଡା କହିଛନ୍ତି ଯେ ଗତ ତିନି ଦଶନ୍ଧି ମଧ୍ୟରେ ନବୀନ ପଟ୍ଟନାୟକ ଅନେକ ଯୁବ ପ୍ରତିଭାଙ୍କୁ ସମାଜସେବା ପାଇଁ ସୁଯୋଗ ଦେଇଛନ୍ତି, ରାଜନୀତିକୁ ଆଣିଛନ୍ତି । ସେହି କ୍ରମରେ ଅରବିନ୍ଦଙ୍କୁ ପାଟକୁରାରୁ ବିଧାନସଭାର ପ୍ରତିନିଧିତ୍ୱ କରିବାକୁ ସୁଯୋଗ ଦେଇଥିଲେ। ଏହି ସୁଯୋଗର ସଦବ୍ୟବହାର କରି ଲୋକଙ୍କ ସେବା କରିବା ପରିବର୍ତ୍ତେ ଏଭଳି ବିଶୃଙ୍ଖଳିତ ଆଚରଣ ପ୍ରଦର୍ଶନ କରିବା ଦୁର୍ଭାଗ୍ୟଜନକ। ଶୃଙ୍ଖଳିତ ଆଚରଣ ପାଇଁ ସାରା ଦେଶରେ ବିଜେଡି ଓ ନବୀନ ବାବୁଙ୍କ ନେତୃତ୍ୱ ବେଶ୍ ପରିଚିତ। ବିଜୁ ଜନତା ଦଳରେ ବିଶୃଙ୍ଖଳାର ସ୍ଥାନ ନାହିଁ ବୋଲି ଶ୍ରୀ ପଣ୍ଡା କହିଛନ୍ତି।

## ବିସ୍ଫୋରଣରେ ଉଡ଼ିଗଲା ଘର

# ଖଣ୍ଡଖଣ୍ଡ ହୋଇଗଲା ବାଣ ଭିଡ଼ାଳିଙ୍କ ଶବ

ଫୁଲନଖରା, ୧୮।୧(ସମିସ): କଟକ ସଦର ଥାନା ଅନ୍ତର୍ଗତ ଖଲର୍ଦ୍ଦାଠାରେ ଆଜି ଏକ ବଡ଼ଧରଣର ଅଘଟଣ ଘଟିଛି। ବାଣ ଭିଡ଼ିବା ବେଳେ ପ୍ରଚଣ୍ଡ ବିସ୍ଫୋରଣ ଘଟି ଜଣଙ୍କର ମୃତ୍ୟୁ ହୋଇଛି। ମୃତକ ହେଲେ, ଖଲର୍ଦ୍ଦା ବାଡ଼ାସାହିର ସୁରେଶ ଭୋଇ ଓରଫ୍ କୁନ୍ଥା(୪୪)। ବିସ୍ଫୋରଣ ଏତେ ଶକ୍ତିଶାଳୀ ଥିଲା ଯେ ଘରଟି ସଂପୂର୍ଣ୍ଣ ଭାଙ୍ଗିରୁଜି ଯାଇଥିବା ବେଳେ କୁନ୍ଥାଙ୍କ ଶବ ଖଣ୍ଡବିଖଣ୍ଡିତ ହୋଇଯାଇଥିଲା। ସଦର ଥାନା ପୁଲିସ ଶବକୁ ଜବତ କରି ବ୍ୟବଚ୍ଛେଦ ପାଇଁ ବଡ଼ ମେଡିକାଲକୁ ପଠାଇ ଘଟଣାର ତଦନ୍ତ କରୁଛି। ଏହା ଏକ ସମ୍ବେଦନଶୀଳ ମାମଲା ହୋଇଥିବାରୁ ଅତିରିକ୍ତ ଡିସିପି ରଣଜିତ୍ ପୃଷ୍ଟି ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ପ୍ରକ୍ରିୟାକୁ ଜୋରଦାର କରିବା ସହ ମୁଖ୍ୟ ଆସାମୀ ବୈକୁଣ୍ଠ ସାମଲ ଓରଫ୍ ବଇନ(୫୦)କୁ ଧରିବାକୁ ୩ଟି ଟିମ୍ ଗଠନ କରିଛନ୍ତି।

ସୂଚନାନୁଯାୟୀ, ଖଲର୍ଦ୍ଦା କେନାଲ ରୋଡ୍ ପାର୍ଶ୍ୱରେ ବୈକୁଣ୍ଠ ସାମଲଙ୍କ ଘର। ସେ ସେଠାରେ ଦୀର୍ଘ ବର୍ଷ ହେବ ବେଆଇନ୍ ବାଣ ତିଆରି କରି ବିକ୍ରୟ କରୁଥିଲେ। ବାଡ଼ାସାହିର ସୁରେଶ ଦିନମଜୁରିଆ ଭାବେ ବଇନଙ୍କ ପାଖରେ ବେଆଇନ ବାଣ ଭିଡ଼ିବାରେ କାର୍ଯ୍ୟ କରି ନିଜର ପରିବାର ପ୍ରତିପୋଷଣ କରିଥାଏ। ପ୍ରତିଦିନ ଭଳି ରବିବାର ଦିନ ମଧ୍ୟ କୁନ୍ଥା ବାଣ ଭିଡ଼ିବା କାର୍ଯ୍ୟରେ ନିୟୋଜିତ ଥିଲେ। ରବିବାର ମଧ୍ୟାହ୍ନରେ ହଠାତ୍ ଘର ଭିତରେ ବିସ୍ଫୋରଣ ଘଟିଥିଲା। ବିସ୍ଫୋରଣ ଏତେ ଭୟଙ୍କର ଥିଲା ଯେ ୧ କିଲୋମିଟର ପର୍ଯ୍ୟନ୍ତ ଘର ଭିତରେ ଥିବା ଜନସାଧାରଣ ଭୟଭୀତ ହୋଇପଡ଼ିଥିଲେ। ଦୀର୍ଘ ସମୟ ଧରି ଆକାଶ ଧୂଆଁଳିଆ ହୋଇ ଯାଇଥିଲା। ବାଣ ଭିଡ଼ାଯାଉଥିବା ଆଜବେଷ୍ଟସ୍ ଘରଟି ସଂପୂର୍ଣ୍ଣ ଧ୍ୱଂସ ହୋଇଯାଇଥିଲା। ବିସ୍ଫୋରଣର କାରଣ ଅସ୍ପଷ୍ଟ ଥିଲେ ସୁଦ୍ଧା ପ୍ରଚୁର ବିସ୍ଫୋରକ ଦ୍ରବ୍ୟ ଗଚ୍ଛିତ ଥିଲା ବୋଲି ସନ୍ଦେହ କରାଯାଉଛି। ପ୍ରଚଣ୍ଡ ଶବ୍ଦ ଶୁଣି ନିକଟସ୍ଥ ଲୋକମାନେ



ଘଟଣାସ୍ଥଳରେ ପହଞ୍ଚିବା ବେଳକୁ କୁନ୍ଥାର ମୃତଦେହ ଘର ଦୁଆରମୁହଁ ବାହାରେ ପଡିଥିବାର ଦେଖିବାକୁ ପାଇଥିଲେ।

ଘଟଣାସ୍ଥଳରୁ ଧୂଆଁ ବାହାରୁଥିବାରୁ ଲୋକମାନେ ଦୂରରେ ଥାଇ ସଦର ପୁଲିସକୁ ଖବର ଦେଇଥିଲେ। ସଦର ଆଇଆଇସି ତୁଷାରକାନ୍ତ ସେଠୀ ସଦଳବଳେ ଘଟଣାସ୍ଥଳରେ ପହଞ୍ଚି ସଙ୍ଗେସଙ୍ଗେ ଅଗ୍ନିଶମ ବାହିନୀକୁ ଖବର ଦେଇଥିଲେ। ଘଟଣା ଘଟିବାର ୧ ଘଣ୍ଟା ବିଳମ୍ବରେ ବାରଙ୍ଗସ୍ଥିତ ଅଗ୍ନିଶମ ବାହିନୀର କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚି ଧୂଆଁ ବାହାରୁଥିବା ସ୍ଥାନକୁ ଲିଭାଇବା ସହ କୁନ୍ଥାର ମୃତ ଶରୀରକୁ ଉଦ୍ଧାର କରିଥିଲେ। ଅପରପକ୍ଷେ ଏହି ଘଟଣା ପରେ ମୁଖ୍ୟ ଆସାମୀ ବୈକୁଣ୍ଠ ସାମଲ ଫେରାର୍ ହୋଇଯାଇଥିବା ଜଣାପଡ଼ିଛି।

ଉଲ୍ଲେଖଯୋଗ୍ୟ, କଟକ ସଦର ପୁଲିସ ଅପରେସନ୍ ଅଗ୍ନି ମାଧ୍ୟମରେ ଅନେକ ବେଆଇନ୍ ବାଣ କାରଖାନା ସିଲ୍ ଏବଂ ବିପୁଳ ପରିମାଣରେ ବିସ୍ଫୋରକ ଦ୍ରବ୍ୟ ଜବତ କରିଥିବା ବେଳେ ଖଲର୍ଦ୍ଦା ମୁଖ୍ୟ ରାସ୍ତା କଡରେ ଥିବା ଉକ୍ତ ବେଆଇନ୍ ବାଣ କାରଖାନାଟିକୁ କିଭଳି ଅଣଦେଖା କରିଥିଲେ ତାହା ଏବେ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି।

# ଦାରିଦ୍ର୍ୟର ତାଡ଼ନା | ୪ ଦିନର ଛୁଆକୁ ପ୍ରଶାସନ ହାତକୁ ଟେକିଦେଲେ ଦମ୍ପତି

ନୟାଗଡ଼, ୧୮।୧ (ସମିସ): ଦାରିଦ୍ର୍ୟର ତାଡ଼ନା କେତେ ଭୟଙ୍କର, ତାହାର ଏକ ନଗ୍ନଚିତ୍ର ରବିବାର ନୟାଗଡ଼ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଦେଖିବାକୁ ମିଳିଛି। ଛାତିରେ ପଥର ରଖି ମାତ୍ର ୪ ଦିନର ଛୁଆକୁ ପ୍ରଶାସନ ହାତକୁ ଟେକିଦେଇଛନ୍ତି ଦମ୍ପତି। ସମୟ ପୂର୍ବରୁ ଜନ୍ମ ଯୋଗୁଁ ଶରୀର ଜଟିଳତା ଏବଂ ଜନ୍ମଜାତ ରୋଗର ନିରାକରଣ କରିବାରେ ଅସମର୍ଥ ପ୍ରକାଶ କରି ବାପା-ମା' ନିଜର ମାଂସପିଣ୍ଡୁଳାକୁ ସାତପର କରିଦେଇଛନ୍ତି।

ସୂଚନାନୁଯାୟୀ, ନୟାଗଡ଼ ଜିଲ୍ଲା ଖଣ୍ଡପଡ଼ା ବ୍ଲକ ଗଡଡ଼ ବୋଦସା ଗ୍ରାମର ପପୁ ପରିଡ଼ାଙ୍କ ସ୍ତ୍ରୀ ଶୈଳ ବେହେରା ଗର୍ଭବତୀ ଥିଲେ। ଦେହ ଅସୁସ୍ଥ ହେବାରୁ କିଛି ଦିନ ତଳେ ପପୁ ତାଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଇଥିଲେ। ଗତ ୧୫ତାରିଖ ତାଙ୍କର ଏକ ଶିଶୁକନ୍ୟା ଜନ୍ମ ନେଇଥିଲା। କିନ୍ତୁ ଶିଶୁକନ୍ୟାଟି ସମୟ ପୂର୍ବରୁ ଜନ୍ମ ହୋଇଥିବାରୁ ତା'ର ଓଜନ ମାତ୍ର ୧୬ ଶହ ଗ୍ରାମ ଥିଲା। ଜନ୍ମରୁ ଆଜି ପର୍ଯ୍ୟନ୍ତ ୪ଦିନ ହେବ ସେ ଆଖି ଖୋଲୁ ନଥିଲା। ତା' ସାଙ୍ଗକୁ ଶିଶୁକନ୍ୟାର ମୁଣ୍ଡରେ ଏକ ବଡ଼ ଆବୁ ମଧ୍ୟ ରହିଥିଲା। ଶିଶୁଟିକୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଏସ୍‌ଏନ୍‌ସିୟୁରେ ରଖାଯାଇ ଚିକିତ୍ସା ଜାରି ରହିଥିଲା। କିନ୍ତୁ ଶିଶୁଟିର ଅଧିକ ଚିକିତ୍ସା ଆବଶ୍ୟକ ଥିବା ଡାକ୍ତର ପରାମର୍ଶ ଦେଇଥିଲେ। ଏପରି ସ୍ଥିତିରେ ଶିଶୁକନ୍ୟାର ଅବସ୍ଥା ଦେଖିବା ପରେ ମାଆ ମୁହଁରୁ ହସ ଲିଭି ଯାଇଥିଲା। ପରିବାର ଚଳାଇବାକୁ ଅସମର୍ଥ ଥିବା ବେଳେ ରୋଗିଣା ଶିଶୁକୁ ଅନ୍ୟତ୍ର ନେଇ ଚିକିତ୍ସା କରିବା ସେମାନଙ୍କ ପକ୍ଷେ ସମ୍ଭବ ନ ଥିଲା। ଚିକିତ୍ସା ପାଇଁ ଅର୍ଥ ନଥିବା କହି ପରିବାରଲୋକେ ଛୁଆକୁ ନେବାକୁ ମନା କରି ଦେଇଥିଲେ। ଉଭୟ ବାପା ଓ ମାଆ ରବିବାର ୪ଦିନର ଶିଶୁକନ୍ୟାକୁ ପ୍ରଶାସନ ହାତକୁ ଟେକିଦେବାକୁ ନିଷ୍ପତ୍ତି ନେଇଥିଲେ। ଏନେଇ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପକ୍ଷରୁ ଶିଶୁ ସୁରକ୍ଷା ବିଭାଗକୁ ଯୋଗାଯୋଗ କରାଯାଇଥିଲା।

ଶିଶୁ ସୁରକ୍ଷା ଅଧିକାରୀଙ୍କ ନିର୍ଦ୍ଦେଶରେ ଚାଇଲ୍ଡଲାଇନ କର୍ମଚାରୀ ଶିଶୁକୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରୁ ଗ୍ରହଣ କରି ଜିଲ୍ଲା



ଶିଶୁ ମଙ୍ଗଳ ସମିତିକୁ ଅବଗତ କରାଇଥିଲେ। ଶିଶୁ ମଙ୍ଗଳ ସମିତି ନିର୍ଦ୍ଦେଶରେ ଶିଶୁକନ୍ୟାକୁ କଟକ ଶିଶୁଭବନ ପଠାଯିବାକୁ ବ୍ୟବସ୍ଥା ହୋଇଥିବା ସୂଚନା ମିଳିଛି।

ଶିଶୁକନ୍ୟାର ବାପା ପପୁ ଏବଂ ମାଆ ଶୈଳ ଉଭୟ ମାନସିକ ଓ ଶାରୀରିକ ଭାବେ ଅସୁସ୍ଥ ବୋଲି ଶିଶୁକନ୍ୟାର ଜେଜେମାଆ କହିଛନ୍ତି। ପରିବାର ବୋଝ ଜେଜେ ମାଆଙ୍କ ଉପରେ ରହିଛି। ପୁଅ-ବୋହୂଙ୍କୁ ପାଳିବା ତାଙ୍କ ପକ୍ଷେ କଷ୍ଟକର ହେଉଥିବା ବେଳେ ରୋଗିଣା ଶିଶୁକନ୍ୟାକୁ କିଭଳି ଭାବେ ଚିକିତ୍ସା କରିବେ ବୋଲି ପ୍ରଶ୍ନ କରିବା ସହ ଅସହାୟତା ପ୍ରକାଶ କରିଛନ୍ତି।

# ଚଳନ୍ତା ବସ୍‌ରୁ ଖସି ଯୁବକଙ୍କ ମୃତ୍ୟୁ

ଝାରସୁଗୁଡ଼ା,୧୮।୧(ସମିସ): ଚଳନ୍ତା ବସ୍‌ରୁ ଖସି ଯୁବକଙ୍କ ମୃତ୍ୟୁ। ଝାରସୁଗୁଡ଼ା ଜିଲ୍ଲା ବେଲପାହାଡ଼ ଯୋରାବଗା ବସଷ୍ଟାଣ୍ଡ ନିକଟରେ ଏହି ଦୁର୍ଘଟଣା ଘଟିଛି। ମୃତ ଯୁବକ ହେଲେ, ଝାରଖଣ୍ଡର ଜିତେନ୍ଦ୍ର ଯାଦବ ଓରଫ ରବି(୨୭)। ରବି ବେଲପାହାଡ଼ ଅଞ୍ଚଳରେ ଏକ ଟ୍ରକ୍‌ରେ ହେଲପର୍ ଭାବେ କାମ କରୁଥିଲେ। ସେ ଆଜି ସକାଳେ ବନ୍ଧବାହାଲ ପଟୁ ଝାରସୁଗୁଡ଼ା ଯାଉଥିବା ଶେଖର ବସ୍‌ରେ ଯାଉଥିଲେ। ସେ ବସ୍ ଗେଟ୍ ପାଖରେ ଛିଡ଼ା ହୋଇଥିବା ବେଳେ ଅସାବଧାନତାବଶତଃ ଖସି ପଡ଼ିଥିଲେ। ଘଟଣାସ୍ଥଳରେ ହିଁ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ଏହାକୁ ନେଇ ଘଟଣାସ୍ଥଳରେ ଉତ୍ତେଜନା ଦେଖାଦେଇଥିଲା। ମୃତକଙ୍କ ପରିବାରକୁ କ୍ଷତିପୂରଣ ଦାବିରେ ଉତ୍ତ୍ୟକ୍ତ ଲୋକେ ହୋହଲ୍ଲା କରିଥିଲେ। ପୁଲିସ ଲୋକଙ୍କୁ ବୁଝାସୁଝା କରି ସ୍ଥିତି ନିୟନ୍ତ୍ରଣ କରିଥିଲା। ଏହି ଘଟଣାରେ ପୁଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି। ଜିତେନ୍ଦ୍ର କାହିଁକି ଗେଟ୍ ପାଖରେ ଛିଡା ହୋଇଥିଲେ ଏବଂ ବସ୍ ଡ୍ରାଇଭର କିମ୍ବା କଣ୍ଡକ୍ଟର୍ ତାଙ୍କୁ ଭିତରକୁ କାହିଁକି ନେଇ ନଥିଲେ ବୋଲି ପ୍ରଶ୍ନ ଉଠିଛି। ପୁଣି ବସ୍‌ଟି କ୍ଷମତାଠାରୁ ଅଧିକ ଯାତ୍ରୀ ନେଇଯାଉଥିବାରୁ ଏପରି ଦୁର୍ଘଟଣା ଘଟିଥିବା ମଧ୍ୟ ତଦନ୍ତ ସାପେକ୍ଷ ହୋଇଛି।

## ୨୪ ଘଣ୍ଟା ନ ପୂରୁଣୁ ବିଜେଡିକୁ ଫେରିଲେ

# ବିଜେପିକୁ ଚକ୍‌ମା ଦେଲେ ଆଦିବାସୀ ନେତ୍ରୀ ଟିନା ହାଇବ୍ରୁ

ଦାନଗଦି,୧୮।୧(ସମିସ): ଯାଜପୁର ଜିଲ୍ଲାରେ ବିଜେଡିର ହେଭିୱେଟ୍ ନେତାଙ୍କ ସଂଗଠନକୁ ଦୁର୍ବଳ କରିବା ଓ ସେମାନଙ୍କ ପତିଆରା ହ୍ରାସ ପାଇଁ ବିଭିନ୍ନ ଚାଲ କରି ବିଜେପିର ବିଧାୟକ, ସାଂସଦ, ମନ୍ତ୍ରୀ ଯେଉଁ ଷଡ଼ଯନ୍ତ୍ର ଆରମ୍ଭ କରିଛନ୍ତି, ତାହା ଫସର ଫାଟିବାରେ ଲାଗିଛି। ବିଜେଡି ଦୁର୍ଗକୁ ଭାଙ୍ଗି ଯାଜପୁରକୁ ଗେରୁଆମୟ କରିବା ପାଇଁ ବିଭିନ୍ନ ପ୍ରଲୋଭନ ଦେଖାଇ ଜନପ୍ରତିନିଧିମାନଙ୍କୁ କରାୟତ୍ତ କରିବାକୁ ଉଦ୍ୟମ କରୁଛି ବିଜେପି। ତେବେ ଯେଉଁ ନେତାମାନେ ବିଜେପିରେ ଯୋଗ ଦେଉଛନ୍ତି; ମିଶିବାର ୨୪ ଘଣ୍ଟା ନ ପୂରୁଣୁ ପୁଣି ନିଜ ଦଳ ବିଜେଡିକୁ ଫେରି ଆସୁଛନ୍ତି। ଏଭଳି ଏକ ଘଟଣା ଘଟିଛି ସୁକିନ୍ଦା ନିର୍ବାଚନ ମଣ୍ଡଳୀର ଦାନଗଦି ବ୍ଲକର ୯ ନମ୍ବର ଜୋନ୍‌ରେ। ଏହି ଜୋନ୍‌ର ଜିଲ୍ଲା ପରିଷଦ ସଭ୍ୟା ଆଦିବାସୀ ନେତ୍ରୀ ଟିନା ହାଇବ୍ରୁଙ୍କୁ ପୁଣିଥରେ ବିଜେଡିରେ ସାମିଲ କରି ବିଜେପିକୁ ଶକ୍ତ ଧକ୍କା ଦେଇଛନ୍ତି ବିଜେଡି ନେତା ପ୍ରୀତିରଞ୍ଜନ ଘଡ଼ାଇ (ଡାନି)।



ବିଜେପିରେ ସାମିଲ ହୋଇଥିବା ଦାନଗଦି ବ୍ଲକ୍ ୯ ନମ୍ବର ଜୋନ ଜିଲ୍ଲା ପରିଷଦ ସଭ୍ୟା ଟିନା ହାଇବ୍ରୁ ଦଳ ଛାଡ଼ି ବିଜେପିରେ ସାମିଲ ହେବାର ମାତ୍ର କେଇ ଘଣ୍ଟା ପରେ ତାଙ୍କର ମୋହଭଙ୍ଗ ହୋଇଛି। ତାଙ୍କୁ ମିଛ ପ୍ରଲୋଭନ ଦେଖାଇ ବିଜେପିରେ ସାମିଲ କରାଯାଇଥିଲା ବୋଲି ସେ କହିଛନ୍ତି। ଘରବାହୁଡ଼ା ହେବା ପରେ ପ୍ରୀତିରଞ୍ଜନ ତାଙ୍କୁ ଦଳୀୟ ଉତ୍ତରୀୟ ଦେଇ ସ୍ୱାଗତ କରିଛନ୍ତି।

ରାଜ୍ୟରେ ଡବଲ ଇଞ୍ଜିନ୍ ସରକାରଙ୍କ ଉପରେ ଜନ ଅସନ୍ତୋଷ ବୃଦ୍ଧି ପାଉଛି। ତେଣୁ ଦଳ ଛାଡ଼ି ବିଜେପିରେ ସାମିଲ ହୋଇଥିବା କିଛି ନେତା ଆଗକୁ ବିଜେଡିରେ ସାମିଲ ହେବାକୁ ବିଜେଡି ନେତାଙ୍କ ଯୋଗାଯୋଗରେ ଥିବା ଚର୍ଚ୍ଚା ହେଉଛି। ଖାଲି ସେତିକି ନୁହେଁ, ଅନେକ ବିଜେପି ନେତା ଡବଲ ଇଞ୍ଜିନି ସରକାରଙ୍କ ଜନମାରଣ ନୀତିକୁ ବିରୋଧ କରି ବିଜେଡିମୁହାଁ ହେବାର ବିଭିନ୍ନ ଚା' ଖଟିରେ ଆଲୋଚନା ଜୋର ଧରିବାର ଦେଖିବାକୁ ମିଳୁଛି।

## ଆଜି 'ମନରେଗା' ପାଇଁ କଂଗ୍ରେସର ସତ୍ୟାଗ୍ରହ

# ବି ଭି ଜି ରାମ୍ ଜି ଗରିବଙ୍କ ପାଇଁ ଏକ ଅଭିଶାପ

ଭୁବନେଶ୍ୱର, ୧୮।୧(ସମିସ): ଗତ ସଂସଦୀୟ ଅଧିବେଶନରେ କେନ୍ଦ୍ର ସରକାର ଐତିହାସିକ ମନରେଗା ଆଇନକୁ ବିକୃତ କରି ବିଜିଜିରାମଜି ନାମରେ ନୂଆ ଯୋଜନା ଆଣିଛନ୍ତି। ନୂଆ ଯୋଜନାରେ କେବଳ ମହାତ୍ମା ଗାନ୍ଧୀଙ୍କ ନାମକୁ ବାଦ୍ ଦିଆଯାଇନାହିଁ, ବରଂ ଆଇନରେ ଥିବା ବିଭିନ୍ନ ନିୟମଗୁଡ଼ିକୁ ନଷ୍ଟ କରି ଦିଆଯାଇଛି। ଏହା ସମଗ୍ର ଭାରତବର୍ଷ ପାଇଁ ଏକ ନିନ୍ଦନୀୟ ଘଟଣା ବୋଲି କହିଛି ରାଜ୍ୟ କଂଗ୍ରେସ। ରବିବାର ଦଳର ରାଜୀବ ଗାନ୍ଧୀ ପଞ୍ଚାୟତିରାଜ ସଂଗଠନ ତରଫରୁ ଏକ ସାମ୍ବାଦିକ ସମ୍ମିଳନୀରେ ସଙ୍ଗଠନର ରାଜ୍ୟ ଅଧ୍ୟକ୍ଷ ସୁଦର୍ଶନ ଦାସ କହିଛନ୍ତି, କେନ୍ଦ୍ର ସରକାରଙ୍କ ଏହି ନୂତନ ଯୋଜନା ଗରିବଙ୍କ ପାଇଁ ଏକ ଅଭିଶାପ। ତେଣୁ, ସୋମବାର ଲୋୟର୍ ପିଏମଜିଠାରେ ମନରେଗା ବଞ୍ଚାଅ ସତ୍ୟାଗ୍ରହ ଅନୁଷ୍ଠିତ ହେବ।

ସେ ଆହୁରି କହିଛନ୍ତି, ମନରେଗା ଆଇନ ୧୨କୋଟି ପରିବାରଙ୍କୁ କର୍ମସଂସ୍ଥାନ ଯୋଗାଇବା ସହ ସେମାନଙ୍କ କ୍ରୟଶକ୍ତି ବୃଦ୍ଧି କରିବାରେ ସହାୟକ ହୋଇଥିଲା। ଭାରତର ବିକାଶରେ ମନରେଗା ଆଇନ ଏକ ପ୍ରମୁଖ ଭୂମିକା ଗ୍ରହଣ କରିଥିଲା। ଏହି ଆଇନରେ କେନ୍ଦ୍ର ସରକାର ୯୦ ପ୍ରତିଶତ




ଏବଂ ରାଜ୍ୟ ସରକାର ୧୦ ପ୍ରତିଶତ ବିନିଯୋଗ କରୁଥିଲା। କିନ୍ତୁ, ବିଜିଜିରାମଜି ଆଇନ ଅନୁସାରେ କେନ୍ଦ୍ର ୬୦ ଓ ରାଜ୍ୟ ୪୦ ପ୍ରତିଶତ ଭାଗୀଦାରି ରହିବ, ଯାହା ଏକ ଅସମ୍ଭବ ବ୍ୟାପାର। ମନରେଗାରେ ସ୍ଥାନୀୟ ସ୍ୱାୟତ୍ତ ଶାସନ ବ୍ୟବସ୍ଥା ଏବଂ ପଞ୍ଚାୟତିରାଜ ବ୍ୟବସ୍ଥା ଦ୍ୱାରା କାର୍ଯ୍ୟକାରୀ ହେଉଥିଲା। ତଳସ୍ତରରେ ଥିବା ଗରିବ ଲୋକମାନଙ୍କ ଦାବୀ ମୁତାବକ କର୍ମ ଯୋଗାଇ ଦେବାରେ ଏହି ଆଇନ ସମର୍ଥ ହେଉଥିଲା। ହେଲେ ବିଜିଜିରାମଜି ଆଇନରେ ଏହି ଅଧିକାରକୁ ହଟାଇ ଦିଆଯାଇଛି। କାମ କରିବାର ସ୍ଥାନ, ସମୟ ଏବଂ ଅଟକଳ ବର୍ତ୍ତମାନ କେନ୍ଦ୍ର ସରକାରଙ୍କ ଇଚ୍ଛା ଉପରେ ନିର୍ଭର କରୁଛି। ଏବେ ସାଧାରଣଲୋକଟି ଗ୍ରାମ ପାଖରେ କାମ ପାଇବା ଦୁଃସ୍ୱପ୍ନ ହେବ।

ଏହି ପରିପେକ୍ଷୀରେ ଜାତୀୟ କଂଗ୍ରେସ ପକ୍ଷରୁ ଦେଶସାରା ମନରେଗା ବଞ୍ଚାଅ ସଂଗ୍ରାମ ଜାରି ରହିଛି। ତୁରନ୍ତ ବିଜିଜିରାମଜି ଆଇନ ପ୍ରତ୍ୟାହାର ଓ ମନରେଗା ଆଇନର ପୁନଃ ପ୍ରଣୟନ ଦାବି ନେଇ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ଓ ରାଜୀବଗାନ୍ଧୀ ପଞ୍ଚାୟତିରାଜ ସଂଗଠନ ସୋମବାର ଲୋୟର ପିଏମଜିରେ ଏକ ରାଜ୍ୟସ୍ତରୀୟ ଦିନବ୍ୟାପୀ ସତ୍ୟାଗ୍ରହ କାର୍ଯ୍ୟକ୍ରମ କରିବ। ଏହାସହ ରାଜ୍ୟପାଳଙ୍କୁ ଏକ ଦସ୍ତଖତ ସମ୍ବଳିତ ସ୍ମାରକପତ୍ର ପ୍ରଦାନ କରାଯିବ। କାର୍ଯ୍ୟକ୍ରମରେ ରାଜୀବ ଗାନ୍ଧୀ ପଞ୍ଚାୟତିରାଜ ସଙ୍ଗଠନର ଜାତୀୟ ଅଧ୍ୟକ୍ଷ ଡଃ ସୁନୀଲ ପନୱାର ଓ ଉପାଧ୍ୟକ୍ଷ କୁନାଲ ବାନାର୍ଜୀଙ୍କ ସହ ହଜାର ହଜାର ସଙ୍ଗଠନର କର୍ମକର୍ତ୍ତା ଯୋଗଦେବେ ବୋଲି ସଙ୍ଗଠନର ରାଜ୍ୟ ଅଧ୍ୟକ୍ଷ ଶ୍ରୀ ଦାସ ସୂଚନା ଦେଇଛନ୍ତି।

## ଲଘୁ ଖଣିଜ ବେଆଇନ କାରବାରରେ ତଦନ୍ତ ପରିସରଭୁକ୍ତ ଦାବି

# ଖଣିମନ୍ତ୍ରୀଙ୍କ ବିରୋଧରେ ପ୍ରଧାନମନ୍ତ୍ରୀ, ଗୃହମନ୍ତ୍ରୀଙ୍କୁ ଚିଠି

ବ୍ରହ୍ମପୁର,୧୮।୧(ସମିସ): ଖଣିମନ୍ତ୍ରୀ ବିଭୂତି ଜେନାଙ୍କ ବଢ଼ିଲା ଅଡୁଆ। କେହି ବାହାରିଆ ନୁହେଁ, ବରଂ ତାଙ୍କରି ଦଳର ବରିଷ୍ଠ ନେତା ତଥା ପୂର୍ବତନ ବିଜେପି ଜିଲ୍ଲା ପରିଷଦ ସଦସ୍ୟ ଏନ୍. ଡମ୍ବୁରୁ ରେଡ୍ଡୀ ତାଙ୍କ ପାଇଁ ଅଡୁଆ ସୃଷ୍ଟି କରିଛନ୍ତି। ଲଘୁ ଖଣିଜ ସଂପଦ ବେଆଇନ କାରବାରରେ ବିଭୂତିଙ୍କୁ ଇଡି ତଦନ୍ତ ପରିସରଭୁକ୍ତ କରିବାକୁ ସେ ଦାବି କରିଛନ୍ତି। ଖାଲି ସେତିକି ନୁହେଁ, ଏହି ମର୍ମରେ ସେ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟଠାରୁ ଆରମ୍ଭ କରି ବିଜେପି ରାଷ୍ଟ୍ରୀୟ ଅଧ୍ୟକ୍ଷ, କେନ୍ଦ୍ର ଗୃହ ମନ୍ତ୍ରୀ, ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ, କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ରାଜ୍ୟ ବିଜେପି ସଭାପତି ମନମୋହନ ସାମଲ, ଇଡି ଓ କେନ୍ଦ୍ରୀୟ ଗୁଇନ୍ଦା ବିଭାଗକୁ ଚିଠି ଲେଖିଛନ୍ତି। ଏହି ଚିଠିରେ ସେ ବିଭୂତିଙ୍କ ବିରୋଧରେ ତଥ୍ୟ ସମ୍ବଳିତ ଦୁଇ ପୃଷ୍ଠାର ଅଭିଯୋଗ ଫର୍ଦ୍ଦ ଦାଖଲ କରିଛନ୍ତି।

ସୂଚନାଯୋଗ୍ୟ, ଗଞ୍ଜାମ ଜିଲ୍ଲାରେ ଲଘୁ ଖଣିଜ ସମ୍ପଦର ବ୍ୟାପକ ଚୋରା କାରବାର ହେଉଛି। ଦୀର୍ଘ ଦିନ ଧରି ଏହି କାରବାର ଚାଲି ଆସିଥିବା ବେଳେ ଏଥିରୁ ଆଦାୟ ଅର୍ଥକୁ ଅପରାଧ ଦୁନିଆ ସହ ମଦ କାରବାରରେ ବିନିଯୋଗ କରାଯାଉଛି। ଏଭଳି ଏକାଧିକ ଅଭିଯୋଗ ଓ ସିଏଜି ରିପୋର୍ଟର ତଥ୍ୟ ଆଧାରରେ କିଛି ଦିନ ତଳେ ଇଡି ପକ୍ଷରୁ ଗଞ୍ଜାମ ଜିଲ୍ଲାର ପ୍ରାୟ ୨୫ରୁ ଊର୍ଦ୍ଧ୍ୱ ସ୍ଥାନରେ ଚଢ଼ଉ କରାଯାଇଥିଲା। ଚଢ଼ଉ ବେଳେ ଇଡିକୁ ବହୁ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ସହ ନଗଦ ଅଢ଼େଇ କୋଟିରୁ ଊର୍ଦ୍ଧ୍ୱ ଟଙ୍କା, ବହୁ ଦାମୀ ଓ ବେନାମୀ ଗାଡ଼ିର ସନ୍ଧାନ ମିଳିଥିଲା। ବଡ଼ କଥା ହେଲା, ଇଡି ଚଢ଼ଉରୁ ଖଣି ଓ ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନାଙ୍କ ଅତ୍ୟନ୍ତ ଘନିଷ୍ଠ ସହଯୋଗୀ ସୁନୀଲ ପାତ୍ର ବାଦ୍ ପଡିନଥିଲେ। ଦୀର୍ଘ ୧୦ ଘଣ୍ଟାରୁ ଅଧିକ କାଳ ଇଡି ଟିମ୍ ସୁନୀଲଙ୍କ କନିଷ୍ଠିସ୍ଥିତ ବାସଭବନରେ ଚଢ଼ଉ କରିଥିଲା।

ଡମ୍ବୁରୁଙ୍କ କହିବା କଥା, ସୁନୀଲ ମନ୍ତ୍ରୀ ବିଭୂତି ଜେନାଙ୍କ ଅତ୍ୟନ୍ତ ନିକଟତମ ତଥା ତାଙ୍କ ପତ୍ନୀ କାଜଲ ପାତ୍ର ଗତ ପଞ୍ଚାୟତ ନିର୍ବାଚନରେ ୫୩ ନମ୍ବର ଜୋନରୁ ବିଜେପିର ଦଳୀୟ ଟିକେଟରେ ନିର୍ବାଚନ ଲଢ଼ି ପରାସ୍ତ ହୋଇଥିଲେ। ଏପରିକି, ଖଣି ଓ ପରିବହନ ବିଭାଗ ମନ୍ତ୍ରୀ ଦାୟିତ୍ୱ ଗ୍ରହଣ ପରେ ନିଜ ନିର୍ବାଚନ ମଣ୍ଡଳୀ ଗୋପାଳପୁରର ବିଭିନ୍ନ ବିଭାଗର ଦାୟିତ୍ୱ ବୁଝିବା ପାଇଁ ଗଠନ କରିଥିବା ୧୯ଜଣିଆ ଟିମରେ ସୁନୀଲଙ୍କୁ ଖଣି, ପୁଲିସ ଓ କୋର୍ଟ ଆଦି ବିଭାଗର ଦାୟିତ୍ୱ ପ୍ରଦାନ କରି ଗଞ୍ଜାମ ଜିଲ୍ଲାପାଳଙ୍କୁ ଚିଠି ଲେଖିଥିଲେ। ସୁନୀଲ ଜଣେ ରିଅଲ-ଇଷ୍ଟେଟ୍ ବ୍ୟବସାୟୀ ମଧ୍ୟ। ବିଭୂତି ମନ୍ତ୍ରୀ ଦାୟିତ୍ୱ ଗ୍ରହଣ ପରେ ସୁନୀଲ ବାଲି କାରବାରରେ ସମ୍ପୃକ୍ତ ରହି ଆଇଜର ବ୍ରହ୍ମପୁରକୁ ବାଲି ଓ ଅନ୍ୟାନ୍ୟ ଗୃହ ନିର୍ମାଣ ସାମଗ୍ରୀ ଯୋଗାଣ କରୁଥିଲେ। ତେଣୁ ଏସବୁର ତଦନ୍ତ ପାଇଁ ମନ୍ତ୍ରୀ ବିଭୂତି ଜେନାଙ୍କୁ ମଧ୍ୟ ତଦନ୍ତ ପରିସରଭୁକ୍ତ କରିବାକୁ ସେ ଦାବି କରିଛନ୍ତି। ଏହାସହ, ଖଣିମନ୍ତ୍ରୀଙ୍କ ନିଜ ଜିଲ୍ଲାରେ ଅବାଧ ଲଘୁ ଖଣିଜ ସମ୍ପଦର ଚୋରା ଚାଲାଣକୁ ରୋକିବାରେ ବିଫଳ ହେବା ଓ ନିଜ ସହଯୋଗୀଙ୍କ ଘରେ ଇଡିର ଚଢ଼ଉ ପରେ ମନ୍ତ୍ରୀ ନୈତିକତା ଦୃଷ୍ଟିରୁ ଇସ୍ତଫା ଦେବାକୁ ଡମ୍ବୁରୁ ଦାବି କରିଛନ୍ତି।

ସକାଳ
THE SAKALA



## ଜିଲ୍ଲାର ବିପର୍ଯ୍ୟସ୍ତ ସ୍ୱାସ୍ଥ୍ୟସେବା, ବିଦ୍ୟୁତ୍, ପ୍ରଦୂଷଣ ସମସ୍ୟା ସମାଧାନ ଦାବି

# ଫେବୃଆରୀ ୨୩ରେ ଜିଲ୍ଲାପାଳ ଅଫିସ୍ ସମ୍ମୁଖରେ ଆନ୍ଦୋଳନ

ଅନୁଗୋଳ,୧୮ ।୧(ସମିସ):




ଶିଳ୍ପସମୃଦ୍ଧ ଅନୁଗୋଳ ଜିଲ୍ଲାର ବିପର୍ଯ୍ୟସ୍ତ ସ୍ୱାସ୍ଥ୍ୟସେବା, ବିଦ୍ୟୁତ୍, ପ୍ରଦୂଷଣ, ରେଳସେବା, ବିସ୍ଥାପନ ଭଳି ମୌଳିକ ସମସ୍ୟା ସମାଧାନ ଦାବିରେ ଆସନ୍ତା ଫେବୃଆରୀ ୨୩ ତାରିଖ ଜିଲ୍ଲାପାଳଙ୍କ ଅଫିସ ସମ୍ମୁଖରେ ଆନ୍ଦୋଳନ କରାଯିବ। ସ୍ଥାନୀୟ ଶିକ୍ଷକପଡ଼ାସ୍ଥିତ ନବକୃଷ୍ଣ ଚୌଧୁରୀ ସ୍ମୃତି ପାଠାଗାର ପ୍ରାଙ୍ଗଣରେ ରବିବାର ଅନୁଗୋଳ ଜିଲ୍ଲା ଜନଜୀବନ ସୁରକ୍ଷା କମିଟିର ବାର୍ଷିକ ବୈଠକରେ ନିଷ୍ପତ୍ତି ନିଆଯାଇଛି। କମିଟି ଆବାହକ ବରିଷ୍ଠ ଆଇନଜୀବୀ ପ୍ରମୋଦ କୁମାର ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଅନ୍ୟତମ ଆବାହକ ଆଇନଜୀବୀ ରବୀନ୍ଦ୍ର ପ୍ରସାଦ ପଟ୍ଟନାୟକ, ଶିକ୍ଷାବିତ୍ ଅଭିମନ୍ୟୁ ସ୍ୱାଇଁ, ବ୍ରଜବନ୍ଧୁ ସାହୁ, ପଠାଣୀ ବାରିହା, ତୀର୍ଥବାସୀ ଭୋଇ, ଦାମୋଦର ଦାସ, ମାନସ ପାଳ, ତ୍ରେତାନନ୍ଦ ସାମନ୍ତ, ରମେଶ ସାହୁ, ନିରୋଦ ପାଳ, ତ୍ରିଲୋଚନ ଜେନା, ଜିଲ୍ଲା ଓକିଲ ସଂଘର ପୂର୍ବତନ ସଭାପତି ଦିଲୀପ ଦାସ, ଆଇନଜୀବୀ ବସନ୍ତ କୁମାର ଦାସ, ସୁବାସ ସାହୁ, ଶିକ୍ଷାବିତ୍ ପ୍ରଦୀପ କୁମାର ପ୍ରଧାନ, ବୁଦ୍ଧିଜୀବୀ ହେମନ୍ତ କୁମାର ଦାସ, ତାଳଚେର ପରିବେଶ ସୁରକ୍ଷା ସମିତି ସଭାପତି ପଦ୍ମନାଭ ସାମଲ, ବିନୋଦ ଲାଲ, ଶିକ୍ଷାବିତ୍ ତରୁଣ ଦେହୁରୀ, ଚିତ୍ତରଞ୍ଜନ ମେଣ୍ଡୁଲୀ, ନବକିଶୋର ପ୍ରଧାନ, ଅଶୋକ କୁମାର ପ୍ରଧାନ, ରବୀନ୍ଦ୍ର ବେହେରା, ସଦାଶିବ ଦଳବେହେରା, ଭିକାରୀ ପ୍ରଧାନ, ମୋହନ ଦେହୁରୀ, ବସନ୍ତ ଦାସ, ନିରୁପମା ପ୍ରଧାନ, ବବିତା ସାହୁ, ସତ୍ୟରଞ୍ଜନ ସାହୁ ପ୍ରମୁଖ ବକ୍ତବ୍ୟ ଦେଇ ଜିଲ୍ଲାର ବିପର୍ଯ୍ୟସ୍ତ ସ୍ୱାସ୍ଥ୍ୟସେବା, ବିଦ୍ୟୁତ୍ ସେବା, ପ୍ରଦୂଷଣ ସମସ୍ୟା ସମାଧାନ କ୍ଷେତ୍ରରେ ଜିଲ୍ଲା ପ୍ରଶାସନ ରାଜ୍ୟ ସରକାରଙ୍କ ଉଦାସୀନତା ନେଇ କ୍ଷୋଭ ପ୍ରକାଶ କରିଥିଲେ। ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଟ୍ରମା କେୟାର ସେଣ୍ଟର, ଆଇସିୟୁ, ବର୍ଣ୍ଣ ୟୁନିଟ୍ ଓ ଇକୋ ମେସିନ୍ କାର୍ଯ୍ୟକ୍ଷମ କରିବା, ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସପ୍ତାହରେ ଥରେ କିମ୍ବା ଦୁଇଥର ଆସୁଥିବା ସୁପର ସ୍ପେଶିଆଲିଟି ଡାକ୍ତରମାନଙ୍କୁ ସ୍ଥାୟୀ ନିଯୁକ୍ତି ଦେଇ ନିୟମିତ ରୋଗୀସେବା ଯୋଗାଇଦେବା, ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ନିକଟରେ ଥିବା ପୋଲଟ୍ରି ଫାର୍ମକୁ ଅନ୍ୟତ୍ର ସ୍ଥାନାନ୍ତର କରି ଏହାର ସମସ୍ତ ଜାଗାକୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ହସ୍ତାନ୍ତର, ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ସମ୍ମୁଖରେ ଥିବା ଆମିଷ ବଜାରକୁ ଅନ୍ୟତ୍ର ସ୍ଥାନାନ୍ତର, ଜିଲ୍ଲାର ସମସ୍ତ ଉପଖଣ୍ଡ ଡାକ୍ତରଖାନା, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଖାଲି ପଡ଼ିଥିବା ଡାକ୍ତର, ନର୍ସ, କର୍ମଚାରୀ ପଦ ପୂରଣ କରି ୨୪ ଘଣ୍ଟିଆ ଚିକିତ୍ସା ଯୋଗାଇଦେବା, ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଏକ ନର୍ସିଂ କଲେଜ ପ୍ରତିଷ୍ଠା କରିବାକୁ ଦୃଢ଼ ଦାବି କରିଥିଲେ।

ଏଥିସହ ସାରା ରାଜ୍ୟକୁ ବିଦ୍ୟୁତ୍ ଯୋଗାଣ କରି ପ୍ରଦୂଷଣର ବିଷ ବଳୟରେ ହନ୍ତସନ୍ତ ହେଉଥିବା ଜିଲ୍ଲାର ସମସ୍ତ ଘରୋଇ ଉପଭୋକ୍ତାଙ୍କୁ ୩୦୦ୟୁନିଟ୍ ଦେୟମୁକ୍ତ ବିଦ୍ୟୁତ୍ ଯୋଗାଇଦେବା, ସ୍ମାର୍ଟ ମିଟର ପ୍ରଚଳନ ବନ୍ଦ, ଅତିରିକ୍ତ ସୁରକ୍ଷା ଜମା ଆଦାୟ ନାଁରେ ଜିଜିଆ କର ଆଦାୟ ସମ୍ପୂର୍ଣ୍ଣ ବନ୍ଦ କରିବା ପାଇଁ ମଧ୍ୟ ଦାବି ଉପସ୍ଥାପନ ହୋଇଥିଲା। ଜିଲ୍ଲାରୁ ରାଜସ୍ୱ ଆଦାୟ ପାଇଁ କେନ୍ଦ୍ର ଓ ରାଜ୍ୟ ସରକାର ଯେତିକି ତତ୍ପର ଜିଲ୍ଲାର ବିସ୍ଥାପନ ଓ ପ୍ରଦୂଷଣ ଭଳି ମୌଳିକ ସମସ୍ୟାର ସମାଧାନ ପାଇଁ ବିଶେଷ ଦାୟିତ୍ୱ ବହନ କରୁ ନ ଥିବାରୁ ସଭାରେ ଘୋର ଉଦବେଗ ପ୍ରକାଶ ପାଇଥିଲା। ଜିଲ୍ଲାର ଏହି ମୌଳିକ ସମସ୍ୟା ସମାଧାନ ଦାବିରେ ଫେବୃଆରୀ ୨୩ରେ ଅନୁଗୋଳ ଜିଲ୍ଲାପାଳଙ୍କ ଅଫିସ ସମ୍ମୁଖରେ ଆନ୍ଦୋଳନ କରିବା ପାଇଁ ସର୍ବସମ୍ମତ ପ୍ରସ୍ତାବ ଗୃହୀତ ହୋଇଥିବା କମିଟି ପକ୍ଷରୁ ପ୍ରେସ୍ ଇସ୍ତାହାରର ସୂଚନା ଦିଆଯାଇଛି।

## ନାଲକୋ ଟ୍ରେନଲାଇନ ଜମିହରା କ୍ଷତିଗ୍ରସ୍ତଙ୍କ ଧର୍ମଘଟ

ନାଲକୋନଗର,୧୮ ।୧(ସମିସ): ବଁଅରପାଳ ବ୍ଲକ ପିଙ୍ଗୁଆ ଗ୍ରାମର ସଙ୍ଗୀତା ଭୂତିଆଙ୍କ ଦ୍ୱାରା ଶାନ୍ତିପୂର୍ଣ୍ଣ ଭାବେ ରେଳରୋକ ଧର୍ମଘଟ ଅନୁଷ୍ଠିତ ହୋଇଛି। ନାଲକୋ ନିଜସ୍ୱ ରେଳଧାରଣା ପାଇଁ ୧୯୮୨ରେ ଜମି ଅଧିଗ୍ରହଣ କରିଥିଲା। ମାତ୍ର ସଙ୍ଗୀତାଙ୍କ ପରିବାର କ୍ଷତିପୂରଣ ପାଇପାରି ନ ଥିଲେ। ବିଭିନ୍ନ ସମୟରେ ନାଲକୋ ପ୍ରଶାସନ ନିକଟରେ ଦାବି କରିଥିଲେ ମଧ୍ୟ କେବଳ ପ୍ରତିଶ୍ରୁତି ଦେଇ ଭୁଲିଯାଉଥିଲେ। ନାଲକୋ ପ୍ରଶାସନ କ୍ଷତିପୂରଣ ବାବଦ ୩୦ଲକ୍ଷ ଟଙ୍କା ଓ କମ୍ପାନୀରେ ସ୍ଥାୟୀ ଚାକିରି ପ୍ରଦାନ କରିବାକୁ ସଙ୍ଗୀତା ଦାବି କରିଛନ୍ତି।



କ୍ଷତିପୂରଣକୁ ଅପେକ୍ଷା କରି କରି ମା'ଙ୍କ ମୃତ୍ୟୁ ପରେ ସଙ୍ଗୀତାଙ୍କୁ ଅଧରୁ ପାଠପଢ଼ା ଛାଡ଼ିବାକୁ ପଡ଼ିଥିଲା। ପରିବାର ଚଳାଇବା ପାଇଁ ଆଉ ସାମର୍ଥ୍ୟ ନ ଥିବା ସେ କହିଛନ୍ତି। ଧାରଣାସ୍ଥଳରେ ଓଡ଼ିଶା ହାଇକୋର୍ଟର ବରିଷ୍ଠ ଆଇନଜୀବୀ, ଏନଚଆରସି ନୂଆଦିଲ୍ଲୀ ଏବଂ ଓଏଚଆରସି ଓଡ଼ିଶାର ବରିଷ୍ଠ ମାନବିକ ଅଧିକାର କର୍ମୀ ଡ. ରାଜୀବ ପଟ୍ଟନାୟକଙ୍କ ସମେତ ଓ ଆଇନଜୀବୀ ଅମନ ମହାନ୍ତି, ରାମେଶ୍ୱର ସୋରେନ ପ୍ରମୁଖ ପହଞ୍ଚି ସଙ୍ଗୀତାଙ୍କ ଦାବିକୁ ସମର୍ଥନ କରିଥିଲେ। ନାଲକୋ ପ୍ରଶାସନର ଏକ ଟିମ ୧୫ ଦିନ ପରେ ବୈଠକ ବସି ନାଲକୋ, ସିଆଇଏସଏଫ, କ୍ଷତିଗ୍ରସ୍ତ ପରିବାର ଏବଂ ଗ୍ରାମବାସୀଙ୍କ ଉପସ୍ଥିତିରେ ଉପଯୁକ୍ତ ସୁବିଧା ସୁନିଶ୍ଚିତ କରାଯିବ ବୋଲି ପ୍ରତିଶ୍ରୁତି ମିଳିବା ପରେ ଧାରଣା ପ୍ରତ୍ୟାହୃତ ହୋଇଛି।

**● ଜାତୀୟ ବାଳିକା ଖୋଖୋ ପ୍ରତିଯୋଗିତା**

## ଡିଏଭି ଏନ୍‌ଟିପିସି କଣିହାଁକୁ ସ୍ୱର୍ଣ୍ଣ ପଦକ




ଅନୁଗୋଳ,୧୮ ।୧(ସମିସ): ଜାନୁଆରୀ ୧୦ରୁ ୧୨ ତାରିଖ ପର୍ଯ୍ୟନ୍ତ ନୂଆଦିଲ୍ଲୀ ଚିଲା ସ୍ପୋର୍ଟ୍ସ ଷ୍ଟାଡିୟମରେ ଅନୁଷ୍ଠିତ ଡିଏଭି ଜାତୀୟ କ୍ରୀଡ଼ା ସମାରୋହରେ ୧୭ ବର୍ଷରୁ କମ୍ ଓଡ଼ିଶା ଖୋଖୋ (ବାଳିକା) ଦଳ ବିଜୟୀ ଚାମ୍ପିଅନ ହୋଇ ସ୍ୱର୍ଣ୍ଣ ପଦକ ହାସଲ କରିଛି। ଓଡ଼ିଶା ଦଳ କ୍ୱାର୍ଟର ଫାଇନାଲରେ ଉତ୍ତରାଖଣ୍ଡକୁ ୧ ପଏଣ୍ଟରେ ହରାଇବା ପରେ ହରିଆଣା ଦଳକୁ ୮ ପଏଣ୍ଟରେ ପରାଜିତ କରି ସେମିଫାଇନାଲକୁ ଉନ୍ନୀତ ହୋଇଥିଲା। ସେମିଫାଇନାଲରେ ଦିଲ୍ଲୀକୁ ପରାସ୍ତ କରି ଫାଇନାଲରେ ପ୍ରବେଶ କରିଥିଲା। ଫାଇନାଲରେ ଝାଡ଼ଖଣ୍ଡକୁ ପରାସ୍ତ କରି ଚାମ୍ପିଅନ ହୋଇଛି। ଓଡ଼ିଶା ଦଳରେ ଡିଏଭି ପବ୍ଲିକ ସ୍କୁଲ, ଏନଟିପିସି, ଦୀପଶିଖା, କଣିହାଁର ଏଲିନା କୁଜୁର (କ୍ୟାପଟେନ), ଅମ୍ରିତା ନାଏକ, ଆନ୍ୟା ପାଣ୍ଡେ, ଇପ୍ସିତା ବେହେରା, ଚୈତାଳୀ ହେମ୍ବ୍ରମ, ଉଦିତା ଶୁକ୍ଳା ଏବଂ ଡିଏଭି ପବ୍ଲିକ ସ୍କୁଲ, ଆଇଟିପିଏସ୍, ବନହରପାଲ୍ଲୀର ଭାଗ୍ୟଶ୍ରୀ ବେହେଲ୍, ଶୁଭଶ୍ରୀ ସାହୁ, ଦେବସ୍ମିତା ନାଥ, ଅଶ୍ଳେଷା ବିଶି, ବିଦୁସ୍ମିତା ସୌନ୍ତା ଏବଂ ଅଙ୍କିତା ତିର୍କୀ ପ୍ରମୁଖ ସାମିଲ ଥିଲେ। ଏହାସହ ନୂଆଦିଲ୍ଲୀ ବିନୋଦ କମ୍ପ୍ଲେକ୍ସରେ ଅନୁଷ୍ଠିତ ଆଥଲେଟିକ୍ ମିଟ୍‌ରେ ଜୟଶ୍ରୀ ସାହୁ ଉଚ୍ଚଡିଆଁରେ ରୌପ୍ୟ ପଦକ ହାସଲ କରି ଡିଏଭି ଏନଟିପିସି ବିଦ୍ୟାଳୟ ପାଇଁ ଗୌରବ ଅର୍ଜନ କରିଛନ୍ତି। ଜାନୁଆରୀ ୧୫ ତାରିଖ ଏହି ଖେଳାଳିମାନେ ପହଞ୍ଚିବା ପରେ ତାଳଚେର ରୋଡ୍ ରେଳଷ୍ଟେସନରୁ ଡିଏଭି ଏନଟିପିସି ଟିଟିପିଏସ୍‌ର ଅଧ୍ୟକ୍ଷ ଡ. ସମୀର କୁମାର କାନୁନଗୋ ଓ ସହକର୍ମୀ ସେମାନଙ୍କୁ ଭବ୍ୟ ସ୍ୱାଗତ କରିଥିଲେ। ପରେ ଡିଏଭି ପବ୍ଲିକ ସ୍କୁଲ, ଏନଟିପିସି, ଦୀପଶିଖା, କଣିହାଁ ଦ୍ୱାରା କଣିହାଁ ଏମ୍‌ଜିଆର୍ ଛକରୁ ଅଭିଭାବକ, ଶିକ୍ଷକ ଏବଂ ଶୁଭେଚ୍ଛୁମାନଙ୍କ ଗହଣରେ ଖେଳାଳିମାନଙ୍କୁ ବିଦ୍ୟାଳୟର ପ୍ରାଙ୍ଗଣ ପର୍ଯ୍ୟନ୍ତ ବିଶାଳ ଶୋଭାଯାତ୍ରାରେ ପାଛୋଟି ନେଇଥିଲେ। ଡିଏଭି ଏନ୍‌ଟିପିସିର ଅଧ୍ୟକ୍ଷ ସଦାନନ୍ଦ ହୋତା କ୍ରୀଡ଼ା ଶିକ୍ଷକ ଡିସିଏଚଏସ ରେଡ୍ଡୀ ଏବଂ ଉଦିତ୍ ଗଡ଼ନାୟକଙ୍କୁ ଅଭିନନ୍ଦନ ଜଣାଇଥିଲେ। ଏନ୍‌ଟିପିସି ପ୍ରକଳ୍ପ ଅଧିକାରୀ କେ. ନରସିଂହ ରେଡ୍ଡୀ, ଡିଏଭି ଆଞ୍ଚଳିକ ନିର୍ଦ୍ଦେଶକ ଡ. କେସି ଶତପଥୀ, ଡିଏଭି ଜୋନ-ଡିର ଏଆର୍‌ଓ ପ୍ରଶାନ୍ତ କୁମାର ପଣ୍ଡା, ରାଜ୍ୟ କ୍ରୀଡ଼ା ସଂଯୋଜିକା ଇପସିତା ଦାସ ପ୍ରମୁଖ ଏହି ସଫଳତା ନିମନ୍ତେ ଶୁଭେଚ୍ଛା ବାର୍ତ୍ତା ପଠାଇଥିଲେ।

## ବାଲ୍ୟବିବାହମୁକ୍ତ ଭାରତ ସଚେତନତା

ଅନୁଗୋଳ,୧୮ ।୧(ସମିସ): ଜିଲ୍ଲା ସମାଜ ମଙ୍ଗଳ ବିଭାଗ ତରଫରୁ ମହିଳା ମହାବିଦ୍ୟାଳୟରେ ୧୦୦ ଦିନିଆ ବାଲ୍ୟବିବାହମୁକ୍ତ ଭାରତ ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଜିଲ୍ଲା ସମାଜ ମଙ୍ଗଳ ଅଧିକାରିଣୀ ନିରୁପମା ପାଣି କାର୍ଯ୍ୟକ୍ରମର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ କହିଥିଲେ। ଜିଲ୍ଲା କାର୍ଯ୍ୟକ୍ରମ ତଥା ସୁରକ୍ଷା ଅଧିକାରୀ ରୁନୁ ପ୍ରଧାନ ଯୋଗଦେଇ ଛାତ୍ରୀମାନଙ୍କୁ ଉତ୍ସାହିତ କରିବା ସହ ନିଜ ମତାମତ ଦେଇଥିଲେ। ଡିଏଚ୍‌ଇଡବ୍ଲ୍ୟୁର ସଭ୍ୟ ଶ୍ରୀ ସିଦ୍ଧାର୍ଥ ଶଙ୍କର ଦାସ ଓ ଭାରତ ଚନ୍ଦ୍ର ନାୟକ ନିଜ ଅଭିଭାଷଣରେ ୱାନ ଷ୍ଟପ୍ ସେଣ୍ଟର, ଶକ୍ତି ସଦନ, ଘରୋଇ ହିଂସା ଓ ଏଥିରେ ଶିକାର ହୋଇଥିବା ମହିଳାଙ୍କ



ନିମନ୍ତେ ଥିବା ସରକାରୀ ସୁବିଧା ଓ ସୁଯୋଗ ସମ୍ପର୍କରେ ବୁଝାଇବା ସହ ବିଭିନ୍ନ ଶିଶୁ ସହାୟତା ନମ୍ବରଗୁଡ଼ିକ ଜଣାଇଥିଲେ। ମହାବିଦ୍ୟାଳୟ ଅଧ୍ୟକ୍ଷ ହୃଷୀକେଶ ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ ବାଲ୍ୟ ବିବାହ ସମ୍ପର୍କରେ ଛାତ୍ରୀମାନଙ୍କୁ ସଚେତନ କରାଇଥିଲେ। ୟୁନିସେଫ୍‌ର ଜିଲ୍ଲା ସଂଯୋଜିକା ସନ୍ଧ୍ୟାରାଣୀ ନାୟକ ପାୱାର ପଏଣ୍ଟ ମାଧ୍ୟମରେ ବାଲ୍ୟବିବାହରେ ଓଡ଼ିଶାର ସ୍ଥିତି ସହ ଜିଲ୍ଲାର ତୁଳନାତ୍ମକ ତଥ୍ୟ ଉପସ୍ଥାପନ କରିଥିଲେ। ଶେଷରେ ବାଲ୍ୟ ବିବାହମୁକ୍ତ ଭାରତ ଅଭିଯାନରେ ଛାତ୍ରୀଙ୍କ ଭୂମିକା ଉପରେ ଏକ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ କରାଯାଇଥିଲା।

## ବେଆଇନ ମୋରମ ଚାଲାଣ ଅଭିଯୋଗ



କିଶୋରନଗର,୧୮ ।୧(ସମିସ): କିଶୋରନଗର ଥାନା ହିମିତିରା ବ୍ରିଜ ନିକଟ ମୋରମ ଖାଦାନରୁ ବେଆଇନ ଭାବେ ରାଜସ୍ୱ ଫାଙ୍କି ଶହଶହ ଟ୍ରିପ ମୋରମ ଚାଲାଣ ହେଉଥିବା ଅଭିଯୋଗ ହୋଇଛି। ରାଜସ୍ୱ ନିରୀକ୍ଷକ ସବୁ ଜାଣି ଚୁପ୍ ବସିଥିବାରୁ ଅସନ୍ତୋଷ ପ୍ରକାଶ ପାଇଛି। ସେହିପରି ବ୍ରିଜ ତଳେ ନଈ ପଠାରୁ ମଧ୍ୟ ବେଧଡ଼କ ଭାବେ ଟ୍ରିପ ଟ୍ରିପ ବାଲି ଚୋରାଚାଲାଣ ହେଉଛି। ଏଥିପ୍ରତି ଜିଲ୍ଲା ପ୍ରଶାସନ ଦୃଷ୍ଟି ଦେଇ ବେଆଇନ ବାଲି ଓ ମୋରମ ଚାଲାଣକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି ହେଉଛି।

## ଆର୍ଯ୍ୟଲକ୍ଷ୍ମୀ ଡାନ୍ସ ସ୍କୁଲ ଉଦଘାଟିତ

କିଶୋରନଗର,୧୮ ।୧(ସମିସ): କିଶୋରନଗର ତହସିଲ ଅଫିସ ସମ୍ମୁଖରେ ଆର୍ଯ୍ୟଲକ୍ଷ୍ମୀ ଡାନ୍ସ ସ୍କୁଲ ଉଦଘାଟିତ ହୋଇଛି। ମୁଖ୍ୟଅତିଥି ଭାବେ କେନ୍ଦ୍ର ଶିକ୍ଷାମନ୍ତ୍ରୀଙ୍କ ପ୍ରତିନିଧି ସରୋଜ କୁମାର ସାହୁ, ଏବିଇଓ ରମଣୀରଞ୍ଜନ ସାହୁ, ସାମ୍ବାଦିକ ସଞ୍ଜୟ ଦାଶ, ସମାଜସେବୀ ସଞ୍ଜୟ ପ୍ରଧାନ, କୁମୁଦ ଚନ୍ଦ୍ର ପ୍ରଧାନ, ପରକ୍ଷିତ ଦେହୁରୀ ଯୋଗଦେଇ ଏହାକୁ ଉଦଘାଟନ କରିଥିଲେ। ଝରାବେରଣୀ ପ୍ରଧାନଶିକ୍ଷକ ରଞ୍ଜିତ କୁମାର ସାହୁ ସଭା ସଂଯୋଜନ। ନୃତ୍ୟ ଶିକ୍ଷକ କ୍ରିଷ୍ଣା ପଟ୍ଟନାୟକ ଓ ସିମ୍ରନ ପଟ୍ଟନାୟକ ନୃତ୍ୟ ଶିକ୍ଷା ଉପରେ କୁନି ପ୍ରତିଭାମାନଙ୍କୁ ବୁଝାଇଥିଲେ। ରୂପେଶ ସାହୁ ଓ ସୁରେଶ ସହଯୋଗ କରିଥିଲେ।



## କଣିହାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଅଭିଜ୍ଞ ଡାକ୍ତର ନିଯୁକ୍ତି ଦାବି



କଣିହାଁ,୧୮ ।୧(ସମିସ): କଣିହାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ମୁଖ୍ୟ ଡାକ୍ତର ସୁମନ୍ତ କୁମାର ପଟେଲ ଭିଜିଲାନ୍ସ ଦ୍ୱାରା ଧରାପଡ଼ିବା ପରେ ୨ଦିନ ହେଲା ରୋଗୀ ସେବା ବିପର୍ଯ୍ୟସ୍ତ ହୋଇଛି। କଣିହାଁ ମେଡିକାଲରେ ଶନିବାର ସକାଳେ ଲୋକେ ଡାକ୍ତରଙ୍କୁ ନ ପାଇ ନିରାଶ ହୋଇ ଫେରୁଥିବା ଦେଖିବାକୁ ମିଳିଥିଲା।

ଏହାକୁ ଦୃଷ୍ଟିରେ ରଖି ତୁରନ୍ତ ମେଡିକାଲରେ ୨ଜଣ ଅଭିଜ୍ଞ ଭେଷଜ ବିଶେଷଜ୍ଞ ଓ ସ୍ତ୍ରୀ ପ୍ରସୂତି ବିଶେଷଜ୍ଞ ନିଯୁକ୍ତି ସହ ଆଲଟ୍ରାସାଉଣ୍ଡ ମେସିନ ଓ ଟେକ୍ନିସିଆନ ଯୋଗାଇଦେବା ପାଇଁ ଜିଲ୍ଲା ପରିଷଦ ସଦସ୍ୟ ରଞ୍ଜନ ସାହୁ ଓ ସ୍ୱେଚ୍ଛାସେବୀ ହରମୋହନ ସାହୁଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ଜିଲ୍ଲାପାଳଙ୍କ ଉଦ୍ଦେଶ୍ୟରେ କଣିହାଁ ତହସିଲଦାରଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ୭ ଦିନ ମଧ୍ୟରେ ସମସ୍ୟା ସମାଧାନ ନ ହେଲେ ରାଜରାସ୍ତାକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି କଣିହାଁବାସୀ।

କଣିହାଁ ଏକ ଶିଳ୍ପାଞ୍ଚଳ ହୋଇଥିବା ବେଳେ ବିଭିନ୍ନ ଶିଳ୍ପ ଓ କଳକାରଖାନା ଯୋଗୁଁ ଏ ଅଞ୍ଚଳର ଜଳ ଓ ବାୟୁ ପ୍ରଦୂଷିତ ହୋଇ ଲୋକେ ବିଭିନ୍ନ ରୋଗରେ ପୀଡ଼ିତ ହୋଇ ମୃତ୍ୟୁମୁଖରେ ପଡୁଛନ୍ତି। କଣିହାଁରେ ଡାକ୍ତର ସୁମନ୍ତ କୁମାର ପଟେଲ ରୋଗୀସେବା ବୁଝୁଥିଲେ। ମାତ୍ର ସେ ଗତ ୧୬ ତାରିଖ ଭିଜିଲାନ୍ସ ଦ୍ୱାରା ଧରାପଡ଼ିବା ପରେ ୨ଦିନ ହେଲା ରୋଗୀସେବା ବିପର୍ଯ୍ୟସ୍ତ ହେଲାଣି।

## ଯୋଗାଣ ମନ୍ତ୍ରୀଙ୍କ ଅନୁଗୋଳ ଗସ୍ତ

# ସରକାରୀ ଜମି ଜବରଦଖଲମୁକ୍ତ କରିବାକୁ ନିର୍ଦ୍ଦେଶ



ଅନୁଗୋଳ,୧୮ ।୧(ସମିସ): ଖାଦ୍ୟ ଯୋଗାଣ ଏବଂ ଖାଉଟି କଲ୍ୟାଣ ବିଭାଗ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ରବିବାର ଅନୁଗୋଳ ଗସ୍ତରେ ଆସି ସ୍ଥାନୀୟ ସର୍କିଟ ହାଉସ୍ ସମ୍ମିଳନୀ କକ୍ଷରେ ବିଭିନ୍ନ ବିଭାଗର ଉନ୍ନୟନ କାର୍ଯ୍ୟ ସମୀକ୍ଷା କରିଛନ୍ତି। ଜିଲ୍ଲାପାଳ ଅବଦାଲ୍ ମୁହମ୍ମଦ୍ ଅଖତର ମନ୍ତ୍ରୀଙ୍କୁ ଜିଲ୍ଲା ପ୍ରଶାସନ ପକ୍ଷରୁ ସ୍ୱାଗତ କରିଥିଲେ। ସମୀକ୍ଷା ବୈଠକରେ ଢେଙ୍କାନାଳ ସାଂସଦ ରୁଦ୍ରନାରାୟଣ ପାଣି, ଅନୁଗୋଳ ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନ, ପାଲଲହଡ଼ା ବିଧାୟକ ଅଶୋକ ମହାନ୍ତି, ଛେଣ୍ଡିପଦା ବିଧାୟକ ଅଗସ୍ତି ବେହେରା, କେନ୍ଦ୍ର ଶିକ୍ଷାମନ୍ତ୍ରୀ ତଥା ସମ୍ବଲପୁର ସାଂସଦଙ୍କ ପ୍ରତିନିଧି ସୁଦୀପ ଗଡ଼ନାୟକ, ଅତିରିକ୍ତ ଜିଲ୍ଲାପାଳ ଉଦୟ କୁମାର ମହାପାତ୍ର ଯୋଗଦେଇଥିଲେ। ବୈଠକରେ ମନ୍ତ୍ରୀ ପାତ୍ର ଯୋଗାଣ ବିଭାଗ, ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ, ପୂର୍ତ୍ତ, ଉଠା ଜଳସେଚନ, କ୍ଷୁଦ୍ର ଜଳସେଚନ, ପ୍ରାଣୀସମ୍ପଦ, କୃଷି, ଉଦ୍ୟାନ କୃଷି, ଗ୍ରାମ୍ୟ ଗୃହ ନିର୍ମାଣ, ବିଦ୍ୟାଳୟ ଓ ଗଣଶିକ୍ଷା, ମହିଳା ଓ ଶିଶୁ ବିକାଶ, ସାମାଜିକ ସୁରକ୍ଷା ଆଦି ବିଭାଗ ସମ୍ପର୍କରେ ସମୀକ୍ଷା କରିଥିଲେ। ଜିଲ୍ଲାର ସମସ୍ୟା ସମାଧାନ ନିମନ୍ତେ ମୁଖ୍ୟମନ୍ତ୍ରୀଙ୍କୁ ଅବଗତ କରାଇବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଏଥିସହ ସରକାରୀ ଜମି ଜବରଦଖଲମୁକ୍ତ କରିବା ଦିଗରେ ପଦକ୍ଷେପ ନେବାକୁ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେବା ସହ ଜିଲ୍ଲାର ବିଭିନ୍ନ ଉନ୍ନୟନ ପ୍ରକଳ୍ପ ବିଷୟରେ ଆଲୋଚନା କରିଥିଲେ। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ଦେବଦତ୍ତ ମହନ୍ତ, ତାଳଚେର ଉପଜିଲ୍ଲାପାଳ ସମୀର କୁମାର ଜେନା, ଅନୁଗୋଳ ଉପଜିଲ୍ଲାପାଳ ମାୟାଧର ବେହେରା, ପାଲଲହଡ଼ା ଉପଜିଲ୍ଲାପାଳ ରବୀନ୍ଦ୍ର କୁମାର ପଟେଲଙ୍କ ସମେତ ସମସ୍ତ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀ ଓ ଗଣମାଧ୍ୟମ ପ୍ରତିନିଧି ଉପସ୍ଥିତ ଥିଲେ।

# ମସୁଣୀହତା କ୍ଷତିଗ୍ରସ୍ତ ପ୍ରଜାଙ୍କ ଆନ୍ଦୋଳନ ଜାରି



କଣିହାଁ,୧୮ ।୧(ସମିସ): ନିଯୁକ୍ତି, ଥଇଥାନ ଦାବିରେ କଣିହାଁ ବ୍ଲକ ଡେରଙ୍ଗ ଗ୍ରାମ ନିକଟରେ ଥିବା ପାଉଁଶ ପୋଖରୀ ଷ୍ଟେଜ-୧ର ସିଭିଲ କୁଡ଼ିଆଠାରେ ମସୁଣୀହତା ଗ୍ରାମବାସୀଙ୍କ ପକ୍ଷରୁ ଶୁକ୍ରବାରଠାରୁ ଧାରଣା ଓ ଆନ୍ଦୋଳନ ଜାରି ରହିଛି। ଆନ୍ଦୋଳନ ଫଳରେ ପାଉଁଶ ପୋଖରୀର ରେଜେଙ୍ଗି (ପାଉଁଶ ଉତ୍ତୋଳନ) ଓ ପାଉଁଶ ପରିବହନ କାର୍ଯ୍ୟ ଠପ୍ ହୋଇଯାଇଛି। ୨୦୧୮ରେ ମସୁଣୀହତା ଗ୍ରାମର ୧୦୯ଏକର ଜମି ଅଧିଗ୍ରହଣ କରାଯାଇଛି। ଏଥିରେ କ୍ଷତିଗ୍ରସ୍ତ ପ୍ରଜାଙ୍କୁ ଅର୍ଥରାଶି ପ୍ରଦାନ କରିଛି। ବିଗତ ଦିନରେ ଗ୍ରାମବାସୀ ଅନେକ ଥର ଆନ୍ଦୋଳନ କରିଛନ୍ତି। ଏନଟିପିସି ପକ୍ଷରୁ ପୂର୍ବ ନିଷ୍ପତ୍ତି ଅନୁଯାୟୀ ପିଏଲଆରଆରସି କମିଟି ଗଠନ କରି ନିଯୁକ୍ତି ଥଇଥାନ କରିବାକୁ ସହମତି ହୋଇଥିଲା। ଏନଟିପିସି କର୍ତ୍ତୃପକ୍ଷଙ୍କ ମନାମାନୀ ଯୋଗୁଁ ୮ବର୍ଷରୁ ଊର୍ଦ୍ଧ୍ୱ ସମୟ ହେବ ଜମିହରା ପ୍ରଜା ନିଯୁକ୍ତି ଥଇଥାନ ପାଇବାରୁ ବଞ୍ଚିତ ହୋଇଛନ୍ତି। ଏହାର ପ୍ରତିବାଦରେ ମସୁଣୀହତା ଗ୍ରାମବାସୀ ଶାନ୍ତିପୂର୍ଣ୍ଣ ଆନ୍ଦୋଳନ କରୁଛନ୍ତି। ଶନିବାର ଆନ୍ଦୋଳନ ସ୍ଥଳରେ ତାଳଚେର ବିଧାୟକ ବ୍ରଜକିଶୋର ପ୍ରଧାନ, ବ୍ଲକ ଅଧ୍ୟକ୍ଷ ରାମକୃଷ୍ଣ ପ୍ରଧାନ, ଜିଲ୍ଲା ପରିଷଦ ସଭ୍ୟ ରଞ୍ଜନ କୁମାର ସାହୁ, ଉପାଧ୍ୟକ୍ଷା ଜୟନ୍ତୀ ପ୍ରଧାନ ପ୍ରମୁଖ ସାମିଲ ହୋଇଥିଲେ। ତେବେ ଏନଟିପିସି କର୍ତ୍ତୃପକ୍ଷ ଓ ବ୍ଲକ ପ୍ରସାଶନିକ ଅଧିକାରୀଙ୍କ ଦେଖା ନ ଥିବାରୁ ବିଧାୟକ କ୍ଷୋଭ ପ୍ରକାଶ କରିଥିଲେ। କ୍ଷତିଗ୍ରସ୍ତ ପ୍ରଜା ସଂଘ ସଭାପତି ଅହଲ୍ୟା ନାଏକ, ସମ୍ପାଦକ ଶୈଳବାଳା ସାହୁ, କୋଷାଧ୍ୟକ୍ଷ ଅଞ୍ଜଳି ସାହୁ, ଯୁବନେତା ରଞ୍ଜନ କୁମାର ପାଣି, ବିଷ୍ଣୁ ପ୍ରଧାନ, ଇନ୍ଦ୍ରମଣି ସାହୁଙ୍କ ନେତୃତ୍ୱରେ ଆନ୍ଦୋଳନ ଜାରି ରହିଛି।

**● ପିଏଲଆରଆରସି କମିଟି ଗଠନ କରିବାକୁ ଦାବି**

**● କମିଟି ମାଧ୍ୟମରେ ନିଯୁକ୍ତି, ଥଇଥାନ କରିବାକୁ ପ୍ରସ୍ତାବ**

## ବୋମା ରଖିବା ଅଭିଯୋଗରେ ଦୋକାନୀ ଗିରଫ

ଅନୁଗୋଳ,୧୮ ।୧(ସମିସ): ଜରପଡ଼ା ଥାନା ନାଉପଦା ଗାଁରେ ଏକ ତେଜରାତି ଦୋକାନରେ ପୁଲିସ ଚଢ଼ଉ କରି ୩୪ଟି ହାତତିଆରି ବୋମା ଜବତ କରିଛି। ବେଆଇନ ବିସ୍ଫୋରକ ରଖିଥିବା ଅଭିଯୋଗରେ ଦୋକାନୀ ଧୀରେନ ବିଶ୍ୱାଳ (୪୫)ଙ୍କୁ ପୁଲିସ ଗିରଫ କରିଛି। ବିଶ୍ୱସ୍ତ ସୂତ୍ରରୁ ସୂଚନା ପାଇ ପୁଲିସ ଟିମ ଉକ୍ତ ଦୋକାନରେ ଚଢ଼ଉ କରିଥିଲା। ଏହି ବୋମା ଜନ୍ତୁ ଶିକାର ଉଦ୍ଦେଶ୍ୟରେ ବ୍ୟବହାର ପାଇଁ ତିଆରି କରାଯାଇଥିଲା ବୋଲି ପୁଲିସ କହିଛି।



## ନାବାଳିକାଙ୍କୁ ଅସଦାଚରଣ; ଅଭିଯୁକ୍ତ ଗିରଫ

କଣିହାଁ,୧୮ ।୧(ସମିସ): ନାବାଳିକାଙ୍କୁ ଅସଦାଚରଣ ମାମଲାରେ ଫେରାର ଥିବା କଣିହାଁ ବ୍ଲକ ସମଲ ଥାନା ବୁରୁକୁନା ପଞ୍ଚାୟତ ଶରଧାପୁର ଗ୍ରାମର ଅଭିଯୁକ୍ତ ଦିଲୀପ କୁମାର ନାୟକଙ୍କୁ ରବିବାର ପୁଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ଏ ନେଇ ନାବାଳିକାଙ୍କ ପରିବାର ପକ୍ଷରୁ ଅଭିଯୋଗ ଆଧାରରେ ପୁଲିସ ମାମଲା ରୁଜୁକରି ତଦନ୍ତ ଚଳାଇଥିଲା। ଦିଲୀପ ଫେରାର ହୋଇଯାଇଥିଲେ ବୋଲି ଆଇଆଇସି ସୂଚନା ଦେଇଛନ୍ତି।

## ୯ମ ମର୍ଣ୍ଣିଂ ଷ୍ଟାର କ୍ରିକେଟ ଟୁର୍ଣ୍ଣାମେଣ୍ଟ

# ମୂଷାପାପୁଲିକୁ ହରାଇ ଚଣ୍ଡିଖୋଲ ଚାମ୍ପିଅନ

ଅନୁଗୋଳ,୧୮ ।୧(ସମିସ):



ସ୍ଥାନୀୟ କଦମ ପଡ଼ିଆରେ ଚାଲିଥିବା ନବମ ମର୍ଣ୍ଣିଂ ଷ୍ଟାର କ୍ରିକେଟ ଟୁର୍ଣ୍ଣାମେଣ୍ଟ ରବିବାର ଉଦଯାପିତ ହୋଇଛି। ଫାଇନାଲରେ ତେଜ ୱାରିଅର୍ସ ମୂଷାପାପୁଲିକୁ ହରାଇ କେସିସି ଚଣ୍ଡିଖୋଲ ଚାମ୍ପିଅନ ହୋଇଛି। ମୂଷାପାପୁଲି ପ୍ରଥମେ ବ୍ୟାଟିଂ କରି ୧୮ ଓଭରରେ ସମସ୍ତ ୱିକେଟ ହରାଇ ୧୨୦ ରନ କରିଥିଲା। ଜବାବରେ ଚଣ୍ଡିଖୋଲ ଦଳ ୧୨ ଓଭରରେ ଆବଶ୍ୟକ ରନ ସଂଗ୍ରହ କରି ବିଜୟୀ ହୋଇଥିଲା। ଚଣ୍ଡିଖୋଲର ହିମାଂଶୁ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ଏବଂ ଆଲୋକ ଜେନା ପ୍ରତିଯୋଗିତାର ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇ ପୁରସ୍କୃତ ହୋଇଥିଲେ।

ମୁଖ୍ୟଅତିଥି ରୂପେ ଅନୁଗୋଳ ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନ ଯୋଗଦେଇ ଜିଲ୍ଲାରେ କ୍ରିକେଟ ଭିତ୍ତିଭୂମି ବିକାଶ ପାଇଁ ଧ୍ୟାନ ଦିଆଯିବା ସହ ଖୁବ୍‌ଶୀଘ୍ର ପଡ଼ିଆରେ ଫ୍ଲଡଲାଇଟ୍ ଲାଗିବ ବୋଲି କହିଥିଲେ। ସମ୍ମାନିତ ଅତିଥି ରୂପେ ନଗରପାଳ ଅକ୍ଷୟ କୁମାର ସାମନ୍ତ, ଜେଏସପିଏଲ୍‌ର ବରିଷ୍ଠ ଅଧିକାରୀ ଆଶୁତୋଷ ମିଶ୍ର, ତାପସ କୁମାର ମହାନ୍ତି, ଅନୁଗୋଳ କ୍ରିକେଟ ଆସୋସିଏସନ୍ ସମ୍ପାଦକ ସାଗରନାଥ ମିଶ୍ର, ବିଶିଷ୍ଟ ବ୍ୟବସାୟୀ ସତ୍ୟବ୍ରତ ସ୍ୱାଇଁ, ମର୍ଣ୍ଣିଂ ଷ୍ଟାର କ୍ଲବ୍ ସଭାପତି ମାୟାଧର ମିଶ୍ର, ସମ୍ପାଦକ ରଞ୍ଜନ ଧୀର ସାମନ୍ତ, ଅରୁଣ ପୁଷ୍ପାଳକ, ଗଙ୍ଗା ପଟ୍ଟନାୟକ ପ୍ରମୁଖ ଯୋଗଦେଇଥିଲେ। ଅନିଲ ଗଡ଼ନାୟକ ଓ ଲିଟୁ ସିଂହ ଖେଳ ପରିଚାଳନା କରିଥିବା ବେଳେ ଲିଟନ ସାମଲ ମଞ୍ଚ ପରିଚାଳନା କରିଥିଲେ। ଅତିଥିମାନେ ଚାମ୍ପିଅନ ଚଣ୍ଡିଖୋଲ ଦଳକୁ ୪୦ ହଜାର ଟଙ୍କା ସହ ଟ୍ରଫି ଓ ରନର୍ସଅପ୍ ମୂଷାପାପୁଲି ଦଳକୁ ୩୦ ହଜାର ଟଙ୍କା ଓ ଟ୍ରଫି ପ୍ରଦାନ କରିଥିଲେ।

ଚତୁର୍ଥ ଶ୍ରାଦ୍ଧବାର୍ଷିକ



ସ୍ୱର୍ଗତ-ଅର୍ଜୁନ ପୃଷ୍ଟି
ଭୁଷଣ୍ଡପୁର,ଖୋର୍ଦ୍ଧା
ଆବିର୍ଭାବ-୩ .୦୭.୧୯୩୩
ତିରୋଧାନ-୧୯.୦୧.୨୦୨୨

ଆପଣଙ୍କ ଅନୁପସ୍ଥିତି ପ୍ରତିଟି ମୁହୂର୍ତ୍ତ ଯନ୍ତ୍ରଣା ଦାୟକ।ବାପା ଆପଣଙ୍କ ସ୍ନେହ,ଶ୍ରଦ୍ଧା,ଧର୍ମ,କର୍ମ,ସେବା ଓ କର୍ତ୍ତବ୍ୟନିଷ୍ଠା ସର୍ବଦା ମନେରହିଥିବ।ସ୍ୱର୍ଗତ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ଶ୍ରୀଜଗନ୍ନାଥଙ୍କ ଠାରେ ପ୍ରାର୍ଥନା ।

ଶୋକାକୁଳ

ଲଣ୍ଡପୁର ଓ ତାଳପୁର କୋଣାର୍କ କୁଏଲାରୀ ପରିବାର ତଥା ବନ୍ଧୁ ଓ ଆତ୍ମୀୟସ୍ୱଜନଙ୍କ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ।

● ଡେରାବିଶ ବ୍ଲକ୍ ବିଜେଡି ପକ୍ଷରୁ ସାମ୍ବାଦିକ ସମ୍ମିଳନୀ

# ଅରବିନ୍ଦଙ୍କ ନିଲମ୍ବନର ପୁନର୍ବିଚାର କରିବାକୁ ଅନୁରୋଧ

ଡେରାବିଶ, ୧୮।୧(ସମିସ): ଚାଟରାଚକଡ଼ା ପଞ୍ଚାୟତ ଅନ୍ତର୍ଗତ ଛତାଠାରେ ଆଜି ଡେରାବିଶ ବ୍ଲକ୍ ବିଜେଡି ପକ୍ଷରୁ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏହି ସାମ୍ବାଦିକ ସମ୍ମିଳନୀରେ ପାଟକୁରା ବିଧାୟକ ଅରବିନ୍ଦ ମହାପାତ୍ରଙ୍କ ଉପରେ ଦଳୀୟ ସୁପ୍ରିମୋ ନବୀନ ପଟ୍ଟନାୟକ ଲଗାଇଥିବା ନିଲମ୍ବନ ଆଦେଶକୁ ପୁର୍ନବିଚାର କରିବା ପାଇଁ ଅନୁରୋଧ କରିଛନ୍ତି। ସାମ୍ବାଦିକ ସମ୍ମିଳନୀରେ ବରିଷ୍ଠ ବିଜେଡି ନେତା ହଳଧର ଦାଶ, ମହେନ୍ଦ୍ର ସିଂ, ନରସିଂହପୁର ସରପଞ୍ଚ ସୁଧିର ଖଟୁଆ ଓ ସମିତିସଭ୍ୟ ଅନନ୍ତ ଜେନା, ଚାନ୍ଦୋଳ ସରପଞ୍ଚ ସୁରେନ୍ଦ୍ର ମଲିକ, ସମିତିସଭ୍ୟା ମଞ୍ଜୁଲତା ମିଶ୍ର, ଚାଟରାଚକଡ଼ା ସମିତିସଭ୍ୟ ନିରଞ୍ଜନ କର, ଗୋଲରାହାଟ ସରପଞ୍ଚ କାଶୀନାଥ କାଣ୍ଡି, ଲକ୍ଷ୍ମୀନାରାୟଣପୁର ସରପଞ୍ଚ ଅରକ୍ଷିତ କାଣ୍ଡି, ସମିତିସଭ୍ୟ ଫନୀନ୍ଦ୍ର ବେହେରା, ରତାଦିଆଖଣ୍ଡସାହି ସରପଞ୍ଚ ଶିଶିର ସାମଲ, କୁରୁଜଙ୍ଗା ସରପଞ୍ଚ ମାନସୀ ସାମଲ, ସମିତିସଭ୍ୟ କୃଷ୍ଣଚନ୍ଦ୍ର ସାହୁ, ଯଅଁରାବାରିମୂଳ ସରପଞ୍ଚ ଶଙ୍କର୍ଷଣ ପରିଡ଼ା ପ୍ରମୁଖ ଉପସ୍ଥିତ ଥିଲେ।



● ପଥର ପ୍ୟାକିଂ କାମ ପାଇଁ ବେଆଇନ ପଥର ପରିବହନ

# ୮ ହାଇୱା ଜବତ କଲା ଖଣି ବିଭାଗ

ମହାକାଳପଡ଼ା,୧୮।୧(ସମିସ): ବେଆଇନ୍ ଭାବେ ପରିବହନ ହେଉଥିବା ୮ ପଥର ବୋଝେଇ ହାଇୱାକୁ ମହାକାଳପଡ଼ା ପୁଲିସ ସହାୟତାରେ ଜବତ କରିଛି କେନ୍ଦ୍ରାପଡ଼ା ଖଣି ବିଭାଗ। ରବିବାର ଭୋର ୪ଟା ସମୟରେ ଅଳାଇଲୋ-ଓଳିହା ମଧ୍ୟରେ ୮ ଟି ପଥର ବୋଝେଇ ହାଇୱା ପଥର ନେଇ ଯାଉଥିଲେ। ଗୋବରୀ ନଦୀ ପାଶ୍ୱର୍ କୂଳରେ ପଥର ପ୍ୟାକିଂ କାମରେ ଏହି ପଥର ବ୍ୟବହାର କରାଯାଇଥାଆନ୍ତା। ପଥର ପ୍ୟାକିଂ କାମ କରାଉଥିବା ଠିକାଦାର ରାତିରେ ବେଆଇନ ଭାବେ ହାଇୱା ଯୋଗେ ପଥର ଚାଲାଣ କରାଉଥିବା ପୂର୍ବରୁ ଅଭିଯୋଗ ହୋଇଆସୁଥିଲା। ବେଆଇନ୍ ପଥର ପରିବହନ ନେଇ ଖବର ପାଇ ମହାକାଳପଡ଼ା ପୁଲିସ ଓ ଜିଲ୍ଲା ଖଣିଜ ସମ୍ପଦ ବିଭାଗ ପକ୍ଷରୁ ରବିବାର ଭୋର୍ ସମୟରେ ୮ଟି ପଥର ବୋଝେଇ ହାଇୱା ପଥର ନେଇ ଯାଉଥିବା ସମୟରେ ଖଣି ଅଧିକାରୀ ମହାକାଳପଡ଼ା ପୁଲିସ ସହାୟତାରେ ଜବତ କରିଛନ୍ତି ବୋଲି ମହାକାଳପଡ଼ା ଥାନା ଅଧିକାରୀ ମାନସ ମଲିକ ସୂଚନା ଦେଇଛନ୍ତି।

# ଓଳକଣା ମେଳଣ ପ୍ରସ୍ତୁତି ବୈଠକ



ପଞ୍ଚୁପାଣ୍ଡବ,୧୮।୧(ସମିସ): ଡେରାବିଶ ବ୍ଲକ ରଘୁଦେଇପୁର ପଞ୍ଚାୟତ ଅନ୍ତର୍ଗତ ରାଜନଗରସ୍ଥ ଶ୍ରୀଶ୍ରୀ ରାଧାକାନ୍ତଜୀଉ ମନ୍ଦିର ପ୍ରାଙ୍ଗଣରେ ଓଳକଣା, ରାଜନଗର ଓ ଡେରାବିଶର ମିଳିତ ଭାବେ ମେଳଣ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ମହନ୍ତ ସୁଧାକର ଦାସଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ବୈଠକରେ ରମାକାନ୍ତ ମଲ୍ଲିକ ଅଧ୍ୟକ୍ଷତା କରିଥିଲେ। ଏଥିରେ ବିଭିନ୍ନ ଠାକୁର ବାଡିର ସଦସ୍ୟ ଯୋଗଦେଇ ନିଜ ନିଜର ମତ ରଖିଥିଲେ। ଚଳିତ ବର୍ଷ ଚନ୍ଦ୍ରଗ୍ରହଣ ପଡୁଥିବାବେଳେ ଶୀଘ୍ର ମେଳଣ ସାରିବାକୁ କମିଟି ସଦସ୍ୟ ନିଷ୍ପତ୍ତି ନେଇଥିଲେ। ମେଳଣ କମିଟି ଉପସଭାପତି ବିଜୟ ମଲ୍ଲିକ, ମକର ପ୍ରଧାନ, ରତିକାନ୍ତ ସାମଲ, ବାଦଲ ଦାସ, ରମାକାନ୍ତ ମଲ୍ଲିକ, ପ୍ରଶାନ୍ତ ମଲ୍ଲିକ, ଲକ୍ଷ୍ମୀକାନ୍ତ ମହାନ୍ତି, ମହେଶ୍ୱର ସିଂହ, ନାରାୟଣ ସାହୁ, ସୁବାସ ପାତ୍ର, ହୃଷିକେଶ ମଲ୍ଲିକ, ଅରୁଣ ପତି ଓ ପ୍ରଭାକର ମଲ୍ଲିକ ଯୋଗ ଦେଇଥିବାବେଳେ ମହନ୍ତ ସୁଦାମ ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

# ଶ୍ରୀରାମପୁରରେ ହିନ୍ଦୁ ସମ୍ମିଳନୀ

ପଟ୍ଟାମୁଣ୍ଡାଇ,୧୮।୧(ସମିସ): ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ପଟ୍ଟାମୁଣ୍ଡାଇ ଖଣ୍ଡ ଅନ୍ତର୍ଗତ ଶାସନ ମଣ୍ଡଳ ସ୍ୱୟଂସେବକଙ୍କ ଦ୍ୱାରା ଶ୍ରୀରାମପୁର ରାମଚଣ୍ଡି ପଡ଼ିଆରେ ହିନ୍ଦୁ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ସୂର୍ଯ୍ୟ ପୂଜାରୁ କାର୍ଯ୍ୟକ୍ରମ ହୋଇଥିଲା। ପରେ ସହିଦ ପ୍ରକାଶ ପରିଡ଼ାଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା। ଗୋପୂଜନ ପରେ ଅତିଥିମାନେ ନିଜ ନିଜର ବକ୍ତବ୍ୟ ରଖିଥିଲେ। ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର କଟକ ବିଭାଗ କାର୍ଯ୍ୟବାହ ଶରତ ସେନ, ବରିଷ୍ଠ ସାମ୍ବାଦିକ ମାତୃଦତ୍ତ ମହାନ୍ତି, ଓଡିଶା ପୂର୍ବ ପ୍ରାନ୍ତ ଗୋରକ୍ଷା ପ୍ରମୁଖ ସନ୍ଥ ଶ୍ରୀକୃଷ୍ଣ ଦାସଜୀ ମହାରାଜ, ହିନ୍ଦୁ ସମ୍ମିଳନୀ ଜିଲ୍ଲା ପ୍ରମୁଖ ରବୀନ୍ଦ୍ର ସେଠୀ ହିନ୍ଦୁମାନଙ୍କୁ ସଂଗଠିତ ହେବାକୁ ଉତ୍ସାହିତ କରିଥିଲେ। ପାୟଲ ମ୍ୟୁଜିକ ତରଫରୁ ଭଜନ ପରିବେଷଣ କରାଯାଇଥିଲା। ସଂଯୋଜକ ପ୍ରଶାନ୍ତ ମହାନ୍ତି, ସହସଂଯୋଜକ ଆଶିଷ ମଲିକ, ରମାକାନ୍ତ ଦାଶ, ଶଶାଙ୍କ ରାଉତ, ଶ୍ରୀରାମପୁର ସମିତି ସଭ୍ୟ ଉତ୍ତମ ଜେନା, ଶ୍ରୀରାମ ସେନା ସଭାପତି ଶାରଦା ରାଉତ, ଡାମରପୁର ପୂର୍ବତନ ସରପଞ୍ଚ ନିରଞ୍ଜନ ମାଝୀ, ପ୍ରଦୀପ ଶତପଥୀ, ହିମାଂଶୁ ପଣ୍ଡା, ରଶ୍ମୀକାନ୍ତ କୁଣ୍ଡ, ଦେବାଶିଷ ମାନନ୍ଧାତା, ମନ୍ମଥ ମାନଧାତା, ପଞ୍ଚାନନ ବିଶ୍ୱାଳ, ବିନ୍ଦୁସାଗର ଦାସ, ସତ୍ୟ ପ୍ରକାଶ ପ୍ରଧାନ, ଶୁଭମ ମାନନ୍ଧାତା, ରାଜୀବ ନାୟକ, ସୁନାକାର ପ୍ରଧାନ, ଡାମରପୁରର ପୂର୍ବତନ ସରପଞ୍ଚ ନିରଞ୍ଜନ ମାଝୀ, ପ୍ରମୋଦ ସେନାପତି, ଉତ୍ତମ ଖୁଣ୍ଟିଆ, ଶିବପ୍ରସାଦ ପଣ୍ଡା, ସତ୍ୟରଞ୍ଜନ ବେହେରା, ଉଦୟଶଙ୍କର ଦାସ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।




କୋଟି କୋଟି ଟଙ୍କାର ସ୍ପର ଧସିବା ଘଟଣା

# ତଦନ୍ତରେ ଅଧିକାରୀଙ୍କ ‘ଝର’ ବାହାନା

କେନ୍ଦ୍ରାପଡ଼ା,୧୮।୧(ସମିସ)



ଜଳସମ୍ପଦ ବିଭାଗ ଅଧୀନରେ କୋଟି କୋଟି ଟଙ୍କା ବ୍ୟୟରେ ନିର୍ମିତ ସ୍ପରଗୁଡ଼ିକ ଧସିବା ଘଟଣା ସରକାରୀ କାମର ଗୁଣମାନ ଉପରେ ପ୍ରଶ୍ନ ଉଠାଇଛି। ଚିତ୍ରୋତ୍ପଳା ନଦୀ ପୁନ୍ଦାଳ ନିକଟ ଜିରାଳ ସ୍ପର, ଲୁଣା ନଦୀର ବଛରାଇ ଓ ପାଇକା ନଦୀର ବଟିରା ଅଞ୍ଚଳରେ ମଧ୍ୟ ସ୍ପର ଧସିବା ଘଟଣାରେ ଅଧିକାରୀ ଝରର ବାହାନା ଦେଖାଇ ବଞ୍ଚିବାକୁ ଚେଷ୍ଟା କରିଛନ୍ତି। ସମସ୍ତ ଘଟଣାରେ ଲକ୍ଷଣୀୟ ବିଷୟ ହେଉଛି ତଦନ୍ତ ପାଇଁ ଆସୁଥିବା ଅଧିକାରୀ ପ୍ରାୟ ସମାନ ଉତ୍ତର ଦେଉଛନ୍ତି। ନଦୀରେ ଝର ପଡ଼ିଥିବାରୁ ସ୍ପର ଧସିଛି” ବୋଲି କହି ଦାୟିତ୍ୱ ଏଡ଼ାଇବାକୁ ଚେଷ୍ଟା ହେଉଛି। କିନ୍ତୁ ଏହି ବାହାନାକୁ ସ୍ଥାନୀୟ ଲୋକେ ମାନିବାକୁ ପ୍ରସ୍ତୁତ ନୁହଁନ୍ତି।

ଚିତ୍ରୋତ୍ପଳା ନଦୀର ପୁନ୍ଦାଳ ନିକଟ ଜିରାଳ ସ୍ପର ଧସିବା ବେଳେ ସେହି ନଦୀର ଅନ୍ୟାନ୍ୟ ସ୍ଥାନରେ କୌଣସି ଗୁରୁତର ଝର ନ ଥିବା ଲୋକମାନେ ଦର୍ଶାଉଛନ୍ତି। ଯଦି ଝର ମୁଖ୍ୟ କାରଣ ହୋଇଥା’ନ୍ତା, ତେବେ ସମଗ୍ର ନଦୀପଟାରେ ସମାନ ପ୍ରଭାବ ଦେଖାଯିବା କଥା। ବାସ୍ତବତା ହେଉଛି ଯେଉଁଠି ନିମ୍ନମାନର କାମ, ସେଠି ସ୍ପର ଧସୁଛି। ଲୁଣା ନଦୀର ବଛରାଇ ଓ ପାଇକା ନଦୀର ବଟିରା ଅଞ୍ଚଳରେ ହୋଇଥିବା ସ୍ପର କାମକୁ ନେଇ ଆଗରୁ ମଧ୍ୟ ଅଭିଯୋଗ ଥିଲା। ସ୍ଥାନୀୟ ଲୋକଙ୍କ ଅଭିଯୋଗ ଅନୁସାରେ, ନିର୍ମାଣ ସମୟରେ ନିମ୍ନମାନର ପଥର, କମ୍ ଗଭୀରତାର ଆଧାର ଓ ଡିଜାଇନ ଅନୁଯାୟୀ କାମ ନ ହେବା ଯୋଗୁଁ ଏହି ସ୍ପରଗୁଡ଼ିକ ସାଧାରଣ ପାଣି ପ୍ରବାହକୁ ସହି ପାରୁନାହିଁ। କୋଟି କୋଟି ଟଙ୍କାର ସରକାରୀ ଅର୍ଥ ଏଭଳି ଭାବେ ନଦୀରେ ଭାସିଯାଉଥିବା ଦୃଶ୍ୟ ଲୋକଙ୍କ ମଧ୍ୟରେ ଆକ୍ରୋଶ ସୃଷ୍ଟି କରିଛି। ଏହି ପରିସ୍ଥିତିରେ କେବଳ ଝର ବୋଲି କହି ମାମଲା ରଫାଦଫା କରିବା ପରିବର୍ତ୍ତେ ସମସ୍ତ ଧସିଥିବା ସ୍ପରର ଡିଜାଇନ, ଏଷ୍ଟିମେଟ, ବ୍ୟବହୃତ ସାମଗ୍ରୀ, କାର୍ଯ୍ୟାନ୍ୱୟନ ଓ ଦାୟିତ୍ୱଶୀଳ ଯନ୍ତ୍ରୀ ଠିକାଦାରଙ୍କ ଭୂମିକା ଉପରେ ସ୍ୱାଧୀନ ଓ ପ୍ରାମାଣିକ ତଦନ୍ତ ଦାବି ହେଉଛି।

# ପ୍ରଶାନ୍ତ ରାଉତ ରାଜନଗର ବ୍ଲକ୍ କଂଗ୍ରେସ ସଭାପତି



ରାଜନଗର,୧୮।୧(ସମିସ): ରାଜନଗର ବ୍ଲକ କଂଗ୍ରେସ କମିଟି ସଭାପତି ଭାବେ ଯୁବ ନେତା ପ୍ରଶାନ୍ତ ରାଉତଙ୍କୁ ଦାୟିତ୍ୱ ଦିଆଯାଇଛି। ଶ୍ରୀ ରାଉତ ବିଗତ ଦିନରେ ବ୍ଲକ ଛାତ୍ର କଂଗ୍ରେସର ସଭାପତି ଓ ଯୁବ କଂଗ୍ରେସର ସଭାପତି ଭାବେ ଦାୟିତ୍ୱ ନିର୍ବାହ କରିଥିଲେ। ତାଙ୍କର ସାଙ୍ଗଠନିକ ଦକ୍ଷତା ମଧ୍ୟ ପ୍ରମାଣିତ କରିଥିଲେ। ଦଳର ଏଭଳି ଏକ ଘଡିସନ୍ଧି ମୁହୂର୍ତ୍ତରେ ପ୍ରଦେଶ କଂଗ୍ରେସ ସଭାପତି ଭକ୍ତଚରଣ ଦାସ ତାଙ୍କୁ ରାଜନଗର ବ୍ଲକର ଦାୟିତ୍ୱ ଦେଇଥିବାରୁ ପ୍ରଦେଶ କଂଗ୍ରେସ ସଭାପତି ଶ୍ରୀ ଦାସ, ଓଡ଼ିଶା କଂଗ୍ରେସ ପ୍ରଭାରୀ ଅଜୟ ଲଲ୍ଲୁ, ପ୍ରଦେଶ କଂଗ୍ରେସ କମିଟି କୋଷାଧ୍ୟକ୍ଷ ସିଦ୍ଧାର୍ଥ ସ୍ୱରୂପ ଦାସ ଓ ଜିଲ୍ଲା କଂଗ୍ରେସ ସଭାପତି ଡ. ଦେବସ୍ମିତା ଶର୍ମାଙ୍କୁ କୃତଜ୍ଞତା ଜଣାଇଛନ୍ତି। ରାଜନଗରରେ କଂଗ୍ରେସ ଆଗାମୀ ଦିନରେ ଶ୍ରୀ ରାଉତଙ୍କ ନେତୃତ୍ୱରେ ଶକ୍ତିଶାଳୀ ହେବ। ନୂଆ ସଭାପତି ଘୋଷଣା ପରେ କଂଗ୍ରେସ କର୍ମୀ ବ୍ଲକ ପଡ଼ିଆରେ ଏକତ୍ର ହୋଇ ମହାତ୍ମା ଗାନ୍ଧୀ ଓ ବାବାସାହେବ ଆମ୍ବେଦକରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବା ସହିତ ବାଣ ଫୁଟାଇ, ମିଠା ବାଣ୍ଟି ଖୁସି ମନାଇବା ସହ ଶ୍ରୀ ରାଉତଙ୍କୁ ଅଭିନନ୍ଦନ ଜଣାଇଥିଲେ। ଜିଲ୍ଲା କଂଗ୍ରେସ କମିଟି ସାଧାରଣ ସମ୍ପାଦକ ଦାମୋଦର ବିଶ୍ୱାଳ, ଜିଲ୍ଲା ସମ୍ପାଦକ ନାଗେଶ୍ୱର ସାହୁ, ଯୁବ କଂଗ୍ରେସ ନେତା ସୁଶୀଲ ପ୍ରଧାନ, ଛାତ୍ର ସଂସଦ ପୂର୍ବତନ ସଭାପତି ସୌରଭ ଜେନା, ପୂର୍ବତନ ଉପସଭାପତି ବିଭୁପ୍ରସାଦ ସାହୁ, ଯୁବ ନେତା ସୁବାସ ବେହେରା, ବରିଷ୍ଠ ନେତା ବୈକୁଣ୍ଠ ବିଶ୍ୱାଳ, ରମାକାନ୍ତ ଜେନା ପ୍ରମୁଖ ଉପସ୍ଥିତ ଥିଲେ।

# ହଂସୁଆ ନଦୀକୁ ଡେଇଁଲେ ବୃଦ୍ଧ, ଉଦ୍ଧାର କଲେ ମତ୍ସ୍ୟଜୀବୀ

ରାଜନଗର, ୧୮।୧(ସମିସ): ହଂସୁଆ ନଦୀ ପୋଲ ଉପରୁ ନଦୀକୁ ଡେଇଁ ପଡିଥିଲେ ଜଣେ ବୃଦ୍ଧ। ଆଜି ଦିନ ପ୍ରାୟ ୯ଟା ସମୟରେ ହଠାତ ରାଜନଗର ଥାନା ଅନ୍ତର୍ଗତ ଟାଙ୍ଗଣଡେିଲା ଗାଁର ଦର୍ପନାରାୟଣ ରାଉତ (୬୦ ବର୍ଷ) ସେତୁ ଉପରୁ ନଦୀ ମଧ୍ୟକୁ ଡେଇଁ ପଡିଥିଲେ। ସେତୁ ଉପରେ ଯା’ଆସ କରୁଥିବା ଲୋକେ ଏହା ଦେଖି ଚିତ୍କାର କରିଥିଲେ। ନିକଟରେ ମାଛ ମାରୁଥିବା ମତ୍ସ୍ୟଜୀବୀ ଡଙ୍ଗା ସାହାଯ୍ୟରେ ନଦୀ ମଧ୍ୟରୁ ଦର୍ପଙ୍କୁ ଉଦ୍ଧାର କରି ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ପୁଲିସକୁ ସ୍ଥାନୀୟ ଲୋକେ ଦର୍ପଙ୍କୁ ଜିମା ଦେଇଥିଲେ। ପରିବାର ଲୋକଙ୍କୁ ପୁଲିସ ଦର୍ପଙ୍କୁ ଜିମା ଦେଇଛି। ପାରିବାରିକ କଳହରୁ ଦର୍ପ ନଦୀକୁ ଡେଇଁଥିବା କୁହାଯାଉଛି।

# ରାଜନଗର ପଞ୍ଚାୟତ କୃଷକ ମଞ୍ଚ ବୈଠକ

ରାଜନଗର,୧୮।୧(ସମିସ): ରାଜନଗର ବ୍ଲକ ସଦର ମହକୁମା ରାଜନଗର ପଞ୍ଚାୟତ ସଭାଗୃହରେ ରାଜନଗର ପଞ୍ଚାୟତ କୃଷକ ମଞ୍ଚ ବୈଠକ ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ ଚାଷୀ ହରେକୃଷ୍ଣ ମିଶ୍ରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ବୈଠକରେ ପଞ୍ଚାୟତର ଚାଷୀ ଯୋଗଦେଇ ଚାଷ ସମୟରେ ସେମାନେ ସମ୍ମୁଖୀନ ହେଉଥିବା ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ। ଚାଷୀଙ୍କ ମୁଖ୍ୟ ସମସ୍ୟା ଷଣ୍ଢଙ୍କ ପ୍ରାଦୁର୍ଭାବ, ବିଭିନ୍ନ କେନାଲର ପୁନରୁଦ୍ଧାର, ଚାଷୀଙ୍କ ଜଳସେଚନ ସୁବିଧା, ସରକାରଙ୍କ ପକ୍ଷରୁ ରିହାତି ଦରରେ ସାର, ବିହନ, ଔଷଧ ଯୋଗାଣ ବିଷୟରେ ଆଲୋଚନା କରିଥିଲେ। ତୁରନ୍ତ ପଦକ୍ଷେପ ନେବା ପାଇଁ ତହସିଲଦାରଙ୍କ ଜରିଆରେ ରାଜ୍ୟ ସରକାରଙ୍କୁ ଦାବିପତ୍ର ପ୍ରଦାନ କରାଯିବାକୁ ନିଷ୍ପତ୍ତି ହୋଇଛି। ବୈଠକରେ ବରିଷ୍ଠ ଚାଷୀ ଅରକ୍ଷିତ ପ୍ରଧାନ, ପୀତାମ୍ବର ଲେଙ୍କା, କିଶୋର ରାଉତରାୟ, ପରମେଶ୍ୱର ପ୍ରଧାନ, ନିରଞ୍ଜନ ଦାସ, ନିରଞ୍ଜନ ପରିଡା, ବିଜୟ ସେଠୀ, ଉମେଶ ଦାସ, ବାସୁଦେବ ସାହୁ, ବୁଦ୍ଧିରାମ ସେଠୀ, ବିଷ୍ଣୁ ସାହୁ, ଗଙ୍ଗାଧର ନାୟକ ପ୍ରମୁଖ ଯୋଗ ଦେଇଥିଲେ।

# ଆଳି-କନିକା ଉନ୍ନୟନ ପରିଷଦର ବାର୍ଷିକ ଉତ୍ସବ

ଆଳି /ପଟ୍ଟାମୁଣ୍ଡାଇ,୧୮।୧(ସମିସ): କଟକ ଓ ଭୁବନେଶ୍ୱରରେ ରହି ନିଜ ଅଞ୍ଚଳର ସାମୂହିକ ବିକାଶରେ ବ୍ରତୀ ଥିବା ସାମାଜିକ ସଂଗଠନ ଆଳି-କନିକା ଉନ୍ନୟନ ପରିଷଦର ଅଷ୍ଟମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। କଟକର ନରାଜଠାରେ ଆଜି ପୂର୍ବାହ୍ନ ୧୧ଟାରେ ଆୟୋଜିତ ଉତ୍ସବରେ କଟକର ମେୟର ସୁବାସ ସିଂ ମୁଖ୍ୟଅତିଥି, ସମ୍ମାନିତ ଅତିଥି ଭାବେ ୮ନଂ କର୍ପୋରେଟର ନମିତା ବାରିକ, ୩ନଂ କର୍ପୋରେଟର ପ୍ରଦୀପ ରାଉତ, ଅବସରପ୍ରାପ୍ତ ଶିକ୍ଷକ ପ୍ୟାରୀମୋହନ ସ୍ୱାଇଁ, ସାମ୍ବାଦିକ ସୁକାନ୍ତ ଦାଶ, ଅଲେଖ ନାଥଶର୍ମା ପ୍ରମୁଖ ଯୋଗଦେଇ ସାମାଜିକ ଉତ୍ତର ଦାୟିତ୍ୱର ଭୂୟସୀ ପ୍ରଶଂସା କରିଥିଲେ। ସାମ୍ପ୍ରତିକ ସମୟରେ ସୃଷ୍ଟି ହେଉଥିବା ସାମାଜିକ ଆବଶ୍ୟକତାର ଦାୟିତ୍ୱବୋଧରେ ସମର୍ପିତ ହୋଇ କ୍ରମାଗତ ଭାବେ ଅଷ୍ଟମ ବର୍ଷରେ ଉତ୍ସର୍ଗୀକୃତ ସେବା ଯୋଗାଇ ଚାଲୁଥିବା ପରିଷଦର ନିଜସ୍ୱ କାର୍ଯ୍ୟାଳୟ ପାଇଁ ଜମି ଯୋଗାଣ, ଆଗାମୀ ଦୁଇବର୍ଷ ମଧ୍ୟରେ ସଦସ୍ୟ ସଂଖ୍ୟା ବୃଦ୍ଧି, ସ୍ୱାସ୍ଥ୍ୟ, ଶିକ୍ଷା ଓ ରୋଜଗାର ପାଇଁ ପରିଷଦର କାର୍ଯ୍ୟ ଖସଡା ବେଶ ଉଦାହରଣୀୟ ଥିବାରୁ ମେୟର ଏହାର ଉତ୍ତରୋତ୍ତର ପ୍ରଗତି କାମନା କରିଥିଲେ। ସଭାପତି ନିରଞ୍ଜନ ଜେନାଙ୍କ ଅଧ୍ୟକ୍ଷତାରେ ଉପସଭାପତି ନନ୍ଦକିଶୋର ଦାସଙ୍କ ସଂଯୋଜନାରେ ସମ୍ପାଦକ ଭାବଗ୍ରାହୀ ନାୟକ ବାର୍ଷିକ ବିବରଣୀ ପାଠ, କୋଷାଧ୍ୟକ୍ଷ ରଞ୍ଜନ ରାଉତ ଆୟବ୍ୟୟ ଉପସ୍ଥାପନ କରିଥିଲେ। ଉପଦେଷ୍ଟା ଚକ୍ରଧର ବେହେରା, ଉପସଭାପତି ଜୟରାମ ସେଠୀ, ଉପଦେଷ୍ଟା ଡାକ୍ତର ଆଶିଷ ବାରିକ, ପ୍ରଦୀପ ରାଉତ, ସତ୍ୟଜିତ ରାଉତ, ନିରଞ୍ଜନ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ତ୍ରିବେଣୀ ମେଳା ଓ ରୁଦ୍ରଶାନ୍ତି ମହାଯଜ୍ଞ ଆରମ୍ଭ

ଡେରାବିଶ, ୧୮।୧(ସମିସ): ତ୍ରିବେଣୀ ଅମାବାସ୍ୟ ତିଥିରେ ଜଗନ୍ନାଥପୁରସ୍ଥ ପ୍ରସିଦ୍ଧ ଶୈବ ପୀଠ ଆର୍ତ୍ତେଶ୍ୱରଙ୍କ ମନ୍ଦିର ନିକଟରେ ବହିଯାଉଥିବା ଗୋବରୀ ନଦୀରେ ଆଜି ପ୍ରାତଃରେ ଶତାଧିକ ଶ୍ରଦ୍ଧାଳୁ ବୁଡ଼ ପକାଇ ମହାଦେବଙ୍କୁ ଦର୍ଶନ କରିଛନ୍ତି। ଏ ଅବସରରେ ମନ୍ଦିର ବେଢ଼ାରେ ଆଜିଠାରୁ ବିଶ୍ୱକଲ୍ୟାଣ ରୁଦ୍ରଶାନ୍ତି ମହାଯଜ୍ଞ ଆରମ୍ଭ ହୋଇଛି। ଆସନ୍ତା ୨୨ ତାରିଖ ଯାଏ ଏହି ମେଳା ଅନୁଷ୍ଠିତ ହେବାକୁ ଥିବାବେଳେ ପ୍ରତ୍ୟେହ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଜିଲ୍ଲାରେ ଏହି ମେଳା ପ୍ରସିଦ୍ଧି ଲାଭ କରିଥିବାରୁ ୫ ଦିନ ଧରି ଶ୍ରଦ୍ଧାଳୁ ଓ ଦର୍ଶକଙ୍କ ସଂଖ୍ୟା ବୃଦ୍ଧି ପାଇବାର ଆଶଙ୍କାକୁ ଦୃଷ୍ଟିରେ ରଖି ନିକିରାଇ ଥାନା ପୁଲିସ୍ ଓ ଜିଲ୍ଲା ପ୍ରଶାସନ ପକ୍ଷରୁ ସମସ୍ତ ପଦକ୍ଷେପ ନିଆଯାଇଛି। ଗୋବରୀ ନଦୀର ସନ୍ଥପୁରାସ୍ଥ ଘାଟରୁ ଶତାଧିକ ମହିଳା ଶୋଭାଯାତ୍ରାରେ ଆଣିଥିବା କଳସରେ ପବିତ୍ର ଜଳ ସଂଗ୍ରହ କରି ଯଜ୍ଞମଣ୍ଡପରେ ସ୍ଥାପନ କରିଥିଲେ।

ଡାଙ୍ଗମାଳରେ ବାର୍ହା ଆତଙ୍କ

# ଦୁଇ ଦିନରେ ଦୁଇ ଗୁରୁତର

ରାଜନଗର,୧୮।୧(ସମିସ): ଡାଙ୍ଗମାଳରେ ବାର୍ହା ଆତଙ୍କ ସୃଷ୍ଟି ହୋଇଛି। ଦୁଇ ଦିନରେ ଦୁଇଜଣ ବାର୍ହା ଆକ୍ରମଣରେ ଗୁରୁତର ଆହତ ହୋଇଛନ୍ତି। ଜନବସତିକୁ ବାରମ୍ବାର ପଶିଆସିବା ଓ ଲୋକଙ୍କୁ ଆକ୍ରମଣ କରିବା ଘଟଣାକୁ ସ୍ଥାନୀୟ ଅଞ୍ଚଳରେ ଭୟର ବାତାବରଣ ଖେଳିଯାଇଛି। ଗତକାଲି ବାରହା ଆକ୍ରମଣରେ ରଗଡାପାଟିଆ ଗାଁର ସିଦ୍ଧେଶ୍ୱର ଗିରିଙ୍କ ପତ୍ନୀ ସନ୍ଧ୍ୟାରାଣୀ ଗିରି ଗୁରୁତର ଆହତ ହୋଇ କଟକ ବଡ ମେଡିକାଲରେ ଭର୍ତ୍ତି ହୋଇଥିବାବେଳେ ଆଜି ଡାଙ୍ଗମାଳ ଗାଁର ତ୍ରିଲୋଚନ କୁଆଁର (୫୦ ବର୍ଷ) ଗୁରୁତର ଆହତ ହୋଇଛନ୍ତି। ଆଜି ସକାଳ ପ୍ରାୟ ୭ ଘଟିକା ସମୟରେ ତ୍ରିଲୋଚନ ଘର ନିକଟ ରାସ୍ତାରେ ଛିଡା ହୋଇଥିବାବେଳେ ହଠାତ ଦ୍ରୁତ ଗତିରେ ଦୌଡି ଆସି ବାର୍ହା ଆକ୍ରମଣ କରିଥିଲା। ତ୍ରିଲୋଚନ କିଛି ବୁଝିବା ପୂର୍ବରୁ ବାର୍ହା ଆକ୍ରମଣ କରିଥିଲା। ବାରହା ଆକ୍ରମଣରେ ତ୍ରିଲୋଚନଙ୍କ ମୁହଁ, ଗୋଡ, ଜଙ୍ଘରେ ଗୁରୁତର କ୍ଷତ ହୋଇଛି। ତ୍ରିଲୋଚନଙ୍କୁ ଗୁରୁତର ଅବସ୍ଥାରେ ପ୍ରଥମେ ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରଯାଇଥିଲା। ଅବସ୍ଥା ଗୁରୁତର ଥିବାରୁ ତ୍ରିଲୋଚନଙ୍କୁ କେନ୍ଦ୍ରପଡା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତରିତ କରାଯାଇଛି।

# ବେଲପାଳରେ କାଳୀପୂଜା ଆରମ୍ଭ

ରାଜନଗର,୧୮।୧(ସମିସ): ବେଲପାଳ ଗାଁର ଶହେ ବର୍ଷର ମା’ ରଟନ୍ତି କାଳୀପୂଜା ଆରମ୍ଭ ହୋଇଛି। ପଣ୍ଡିତ ସନ୍ତୋଷ ଶତପଥୀ, ପ୍ରଭାସ ତ୍ରିପାଠୀ, ଅଶୋକ ଦେବତା, ଶଶାଙ୍କ କଣ୍ଠ ଓ ପୂଜକ ସଚିକାନ୍ତ ପଣ୍ଡା, ପ୍ରଶାନ୍ତ ପଣ୍ଡା ପ୍ରମୁଖଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ମା’ଙ୍କ ଷୋଡଶ ଉପଚାର ସହିତ ପୂଜାର୍ଚ୍ଚନା କରୁଛନ୍ତି। ଏହି ଉତ୍ସବ ସାତଦିନ ଧରି ଚାଲିବ। ନାନା ଅଳଙ୍କାରରେ ବିଭୂଷିତ ମା’ ଭକ୍ତଙ୍କୁ ଦର୍ଶନ ଦେଉଛନ୍ତି। ସନ୍ଧ୍ୟା ଆଳତି ଦେଖିବା ପାଇଁ ବେଲପାଳ ସମେତ ଆଖପାଖ ଗାଁର ମାନସିକଧାରୀ ଭକ୍ତ, ଉପାସକଙ୍କ ଭିଡ଼ ଲାଗିରହିଛି।

## ସଡ଼କ ସୁରକ୍ଷା ସଚେତନତା

ପଟ୍ଟାମୁଣ୍ଡାଇ,୧୮।୧(ସମିସ): ଦାଣ୍ଡିସାହି ବ୍ରାହ୍ମଣୀ ମହାବିଦ୍ୟାଳୟରେ ଜାତୀୟ ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଆଞ୍ଚଳିକ ପରିବହନ କାର୍ଯ୍ୟାଳୟର ଲୋକନାଥ ମେହେର, ଟ୍ରାଫିକ ଅଧିକାରୀ ରାଜନାରାୟଣ ସ୍ୱାଇଁ, ଜାତୀୟ ସେବା ଯୋଜନା ସଂଯୋଜକ ଅଧ୍ୟାପକ ନଟବର ସୁତାର, ରେଡକ୍ରସ ସଂଯୋଜକ ଅଧ୍ୟାପକ ଶୁଭେନ୍ଦ୍ର ବେଉରିଆ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ୫ ଶହରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀଙ୍କୁ ସଡ଼କ ସୁରକ୍ଷା ସଂକ୍ରାନ୍ତୀୟ ସବିଶେଷ ତଥ୍ୟ ଓ ଉପାଦେୟ ନିୟମ ସଂକ୍ରାନ୍ତରେ ବିସ୍ତୃତ ତଥ୍ୟ ପ୍ରଦାନ କରାଯାଇଥିଲା। ଏମଭିଆଇ ଶ୍ରୀକାନ୍ତ ଟୁଡୁ ଛାତ୍ରଛାତ୍ରୀଙ୍କ ମଧ୍ୟରେ କୁଇଜ ପ୍ରତିଯୋଗିତା କରାଇଥିଲେ। ପ୍ରାରମ୍ଭରେ ପେଣ୍ଠପାଳ ପଞ୍ଚାୟତ କାର୍ଯ୍ୟାଳୟ ପର୍ଯ୍ୟନ୍ତ ସଚେତନତା ପଦଯାତ୍ରା କରାଯାଇଥିଲା। ଏଥିରେ ଆଞ୍ଚଳିକ ପରିବହନ ବିଭାଗ ଅଧିକାରୀ, ଟ୍ରାଫିକ ବିଭାଗ, ମହାବିଦ୍ୟାଳୟର ଅଧ୍ୟାପକ ଓ ଛାତ୍ରଛାତ୍ରୀ ସାମିଲ ହୋଇଥିଲେ।

# ବରକନ୍ଧା ପ୍ରିମିୟର ଲିଗ୍

ମହାକାଳପଡ଼ା,୧୮।୧(ସମିସ): ବରକନ୍ଧା ଗ୍ରାମରେ ଚାଲିଥିବା ବରକନ୍ଧା ପ୍ରିମିୟର ଲିଗ୍‌ର ନବମ ଦିବସ ଖେଳ ଅନୁଷ୍ଠିତ ହୋଇଯାଇଛି। ଆଜି ଖେଳରେ ମୁଖ୍ୟଅତିଥି ଭାବେ ଓଡ଼ିଶା ଯାଦବ ମହାସଭାର ସାଧାରଣ ସମ୍ପାଦକ ତଥା ଆଇନଜୀବୀ ଚିତ୍ତରଞ୍ଜନ ଦାସ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ମୁଖ୍ୟବକ୍ତା ଭାବେ ବାରଡାଙ୍ଗ ସରପଞ୍ଚ ଅରବିନ୍ଦ ଜେନା, ସମ୍ମାନିତ ଅତିଥି ଭାବେ ରଞ୍ଜନ ରାଉତ, ଚନ୍ଦ୍ର ପ୍ରକାଶ ମୁଦୁଲି ପ୍ରମୁଖ ଯୋଗ ଦେଇଥିଲେ।

କୁଦାନଗରୀ ଥାନାକୁ ବୋମା ଧମକ ପରେ ଅପପ୍ରଚାର ଅଭିଯୋଗ

# ଟାର୍ଗେଟ୍‌ରେ ସାମ୍ବାଦିକ, ରାଜନୈତିକ ବ୍ୟକ୍ତି ଓ ମହିଳା

କେନ୍ଦ୍ରାପଡ଼ା,୧୮।୧(ସମିସ)

ଜିଲ୍ଲାର ଆଇନଶୃଙ୍ଖଳା ପରିସ୍ଥିତିକୁ ନେଇ ଆଜି ଗୁରୁତର ଚିନ୍ତା ପ୍ରକଟ କରାଯାଇଛି। ସୋସିଆଲ ମିଡିଆରେ ଏକ ଫେକ୍ ଫେସବୁକ୍ ଆଇଡି ମାଧ୍ୟମରେ କୁଦାନଗରୀ ଥାନାକୁ ବୋମା ପକାଇ ଉଡ଼ାଇ ଦେବାକୁ ଧମକ ମିଳିବା ଅଭିଯୋଗ ପରେ, କେତେଜଣ ସାମ୍ବାଦିକ, କିଛି ରାଜନୈତିକ ବ୍ୟକ୍ତି ଓ ସାଧାରଣ ମହିଳାଙ୍କ ବିରୋଧରେ ଯୋଜନାବଦ୍ଧ ଅପପ୍ରଚାର ଚାଲିଥିବା ଅଭିଯୋଗ ଉଠିଛି।

ସୂଚନା ମୁତାବକ, ଅନୀତା ପାଣି ନାମରେ ଏକ ଫେକ୍ ଫେସବୁକ୍ ଆଇଡି ଖୋଲି ଅଶ୍ଳୀଳ, ଅପମାନଜନକ ଓ ସମ୍ପୂର୍ଣ୍ଣ ମିଥ୍ୟା ମେସେଜ ଓ ପୋଷ୍ଟ ପ୍ରଚାର କରାଯାଉଛି। ସେଗୁଡ଼ିକୁ ସଚେତନ ଭାବେ ସେୟାର କରି ସାମ୍ବାଦିକ, ରାଜନୈତିକ ବ୍ୟକ୍ତି ଓ ମହିଳାଙ୍କ ଚରିତ୍ର ସଂହାର କରିବା ପାଇଁ ଉଦ୍ଦେଶ୍ୟପୂର୍ଣ୍ଣ ପ୍ରୟାସ ଚାଲିଛି। ଦୁଃଖର ବିଷୟ ହେଲା, ଏହି ଅପପ୍ରଚାର କେବଳ ଜଣେ ବ୍ୟକ୍ତି କିମ୍ବା ଜଣେ ସାମ୍ବାଦିକରେ ସୀମିତ ନୁହେଁ। ଜିଲ୍ଲାର ଅନେକ ସାମ୍ବାଦିକ, କିଛି ରାଜନୈତିକ ବ୍ୟକ୍ତି ଓ ସାଧାରଣ ମହିଳା ଏହି ଫେକ୍ ଆଇଡିଭିତ୍ତିକ ଅପପ୍ରଚାରର ଶିକାର ହେଉଥିବା ଅଭିଯୋଗ କରିଛନ୍ତି। ପ୍ରତିଦିନ ସୋସିଆଲ ମିଡିଆରେ ମନଗଢ଼ା କାହାଣୀ, ମିଥ୍ୟା ଅଭିଯୋଗ ଓ ଘୃଣାପୂର୍ଣ୍ଣ ପୋଷ୍ଟ ପ୍ରସାରିତ ହେଉଛି। ଏବେ ସେହି ଫେକ୍ ଆଇଡି ମାଧ୍ୟମରେ ବଳଦେବଜୀଉ ଓ ଲଛନଜୀଉ ମନ୍ଦିରକୁ ବୋମା ପକାଇ ଉଡ଼ାଇ ଦେବାକୁ ପୁଣିଥରେ ଧମକ ଦିଆଯାଇଛି। ଏପରି ଧମକକୁ ସାଧାରଣ ଲୋକ ଓ ସାମ୍ବାଦିକ ଗଭୀର ଆଶଙ୍କାଜନକ ବୋଲି କହିଛନ୍ତି। ଏ ନେଇ ଜିଲ୍ଲାର ସାମ୍ବାଦିକ ଏସପି, ଏସଡିପିଓ ଓ ସାଇବର ସେଲ୍ ନିକଟରେ ଅଭିଯୋଗ କରିଛନ୍ତି। ପୁଲିସ ପକ୍ଷରୁ ସମ୍ପୃକ୍ତ ଫେକ୍ ଆଇଡିଗୁଡ଼ିକୁ ଟ୍ରାକ କରାଯାଉଛି ଓ ତୁରନ୍ତ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଆଶ୍ୱାସନା ଦିଆଯାଇଛି। ଅଭିଯୋଗ ପରେ ମଧ୍ୟ ଅପପ୍ରଚାର ଜାରି ରହିଥିବାରୁ ସାମ୍ବାଦିକ ଓ ସାଧାରଣ ଲୋକଙ୍କ ମଧ୍ୟରେ ଚିନ୍ତା ବଢ଼ିଛି। ଏହି ପରିସ୍ଥିତିରେ କିଛି ମୌଳିକ ପ୍ରଶ୍ନ ଉଠୁଛି। ସତ୍ୟ ଲେଖିବା କି ଏବେ ଅପରାଧ? ସାମ୍ବାଦିକଙ୍କୁ ଭୟଭୀତ କରି ଚୁପ୍ କରାଇବା ହିଁ କି ଏପରି ଅଭିଯାନର ମୂଳ ଲକ୍ଷ୍ୟ? ଫେକ୍ ଆଇଡି ଆଳରେ ଲୁଚି ଅପରାଧ କରୁଥିବା ଲୋକ କେବେ ଆଇନର ଜାଲରେ ପଡ଼ିବେ? ସାମ୍ବାଦିକମାନେ ସ୍ପଷ୍ଟ କରିଛନ୍ତି ଯେ, ଭୟ ଦେଖାଇ ସତ୍ୟକୁ ଦବାଇ ଦିଆଯାଇପାରିବନାହିଁ। ସତ୍ୟ ଓ ନିରପେକ୍ଷ ସାମ୍ବାଦିକତା ପାଇଁ ସେମାନଙ୍କର ଲଢ଼େଇ ଜାରି ରହିବ। ଆଇନ ଉପରେ ଆସ୍ଥା ରଖି ନ୍ୟାୟ ଆଶା କରାଯାଉଛି। ସମାଜର ସଚେତନ ନାଗରିକଙ୍କୁ ଆହ୍ୱାନ କରାଯାଇଛି, ମିଥ୍ୟା, ଘୃଣା ଓ ଫେକ୍ ଅଭିଯାନକୁ ଚିହ୍ନଟ କରନ୍ତୁ। ଅପପ୍ରଚାରକୁ ଅସ୍ୱୀକାର କରନ୍ତୁ ଓ ସତ୍ୟ ପାଇଁ ଦୃଢ଼ ଭାବେ ଠିଆ ହୁଅନ୍ତୁ। କାରଣ ଶେଷରେ ସତ୍ୟ ହିଁ ଜିତିବ ବୋଲି ମତ ପ୍ରକାଶ ପାଇଛି।




### ବଳଦେବଜୀଉ, ଲଛନଜୀଉଙ୍କ ମନ୍ଦିରକୁ ବୋମା ପକାଇବା ଧମକ

SBI
ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ
କେନ୍ଦ୍ରୀୟ ନିଯୁକ୍ତି ଏବଂ ପଦୋନ୍ନତି ବିଭାଗ, କର୍ପୋରେଟ୍ କେନ୍ଦ୍ର, ମୁମ୍ବାଇ
ଫୋନ୍: 022-22820427
ଆବେଦନ କରିବା ପାଇଁ ସ୍କାନ୍ କରନ୍ତୁ

ବିଶେଷଜ୍ଞ କ୍ୟାଡର୍ ଅଧିକାରୀମାନଙ୍କର ନିଯୁକ୍ତି ଚୁକ୍ତିଭିତ୍ତିକ ଆଧାରରେ

ନିମ୍ନଲିଖିତ ପୋଷ୍ଟଗୁଡିକ ପାଇଁ ଚୁକ୍ତିଭିତ୍ତିକ ଆଧାରରେ ଭାରତୀୟ ନାଗରିକମାନଙ୍କ ଠାରୁ ଆବେଦନ ଗୁଡିକ ଗ୍ରହଣ କରାଯାଉଛି:

ବିଜ୍ଞାପନ ସଂ. CRPD/SCO/2025-26/20 (ଚୁକ୍ତିଭିତ୍ତିକ ପଦବୀ)

| ପୋଷ୍ଟର ନାମ | ଖାଲି ପଦବୀ | ସର୍ବାଧିକ ବୟସ (31.12.2025 କଟ୍ ଅଫ୍) |
|---|---|---|
| ଏ. ଭି. ପି. (ମାନବ ସମ୍ବଳ ଯୋଜନା ଏବଂ ନିଯୁକ୍ତି) | 1 | 42 ବର୍ଷ |
| ଏ. ଭି. ପି. (ଶିକ୍ଷଣ ଏବଂ ବିକାଶ) | 1 | 42 ବର୍ଷ |

ଯୋଗ୍ୟତା ମାନଦଣ୍ଡ (ବୟସ, ଅଭିଜ୍ଞତା, ଜବ୍ ପ୍ରୋଫାଇଲ ଇତ୍ୟାଦି), ଖାଲି ବିବରଣୀ, ଆବଶ୍ୟକ ଫିସ୍ ଏବଂ ଅନ୍ୟାନ୍ୟ ବିବରଣୀ ପାଇଁ ବ୍ୟାଙ୍କର ୱେବସାଇଟ୍ https://sbi.bank.in/web/careers/current-openings ଅନଲାଇନ୍ ଆପ୍ଲିକେସନ୍ ଫି ଜମା ଏବଂ ଅନଲାଇନ୍ ଦେୟ ଲିଙ୍କ୍ ସହିତ ଲଗ ଇନ୍ କରନ୍ତୁ। ଆବେଦନ ଏବଂ ଫି ପଠାଇବା ପୂର୍ବରୁ ଯୋଗ୍ୟତା ଏବଂ ଅନ୍ୟାନ୍ୟ ବିବରଣୀ ବିଷୟରେ ସୁନିଶ୍ଚିତ ହେବା ପାଇଁ ବିସ୍ତୃତ ବିଜ୍ଞାପନକୁ ଅନୁସରଣ କରନ୍ତୁ। ଯେକୌଣସି ପ୍ରଶ୍ନ ପାଇଁ ଦୟାକରି ଏହି ଲିଙ୍କ୍ ମାଧ୍ୟମରେ ଆମକୁ ଲେଖନ୍ତୁ: "CONTACT US" —> "Post Your Query" ଯାହା ବ୍ୟାଙ୍କର ୱେବସାଇଟ (https://sbi.bank.in/web/careers/post-your-query)ରେ ଉପଲବ୍ଧ।

- ଅନଲାଇନ୍ ଆବେଦନ ଏବଂ ଫିସ୍ ଦେୟ ପାଇଁ ତାରିଖ: 12.01.2026 ରୁ 02.02.2026 ପର୍ଯ୍ୟନ୍ତ।

ସ୍ଥାନ: ମୁମ୍ବାଇ
ତାରିଖ: 12.01.2026
ମହା ପ୍ରବନ୍ଧକ (ଆରପି ଆଣ୍ଡ ପିଏମ୍)

ସକାଳ
THE SAKALA

# ସମ୍ପାଦକୀୟ



ମୋ ମତରେ ସର୍ବସାଧାରଣ ହିତର ସୁରକ୍ଷା ପାଇଁ ସାମାଜିକ ଗଣମାଧ୍ୟମ ଉପରେ ନିୟନ୍ତ୍ରଣ ଜରୁରୀ ହୋଇପଡ଼ିଛି।

-ଏଲୋନ ମସ୍କ

## 'ବିଯୁକ୍ତ ୪୦'ର ବିତର୍କ

ଡାକ୍ତରୀ ପାଠ୍ୟକ୍ରମରେ ସ୍ନାତକୋତ୍ତର ଡିଗ୍ରୀ ହାସଲ କରିବା ପାଇଁ ଡାକ୍ତରୀ ସ୍ନାତକ(ଏମ୍‌ବିବିଏସ୍) ଛାତ୍ରଛାତ୍ରୀଙ୍କୁ ବୋଧହୁଏ ଆଉ ବେଶି କସରତ କରିବାକୁ ପଡ଼ିବନି। ଆମ ଦେଶରେ ଡାକ୍ତରୀ ପାଠ୍ୟକ୍ରମ ଶିକ୍ଷା ଓ ତାଲିମ୍ ବ୍ୟବସ୍ଥା ଏଭଳି ହୋଇଛି ଯେ ଜଣେ ପରୀକ୍ଷାର୍ଥୀ ଏଥିପାଇଁ ଉଦ୍ଦିଷ୍ଟ ପ୍ରବେଶିକା ପରୀକ୍ଷା(ନିଟ୍-ପିଜି)ରେ ବିଯୁକ୍ତ ୪୦ ନମ୍ବର ରଖିଲେ ମଧ୍ୟ ନାମ ଲେଖାଇବାକୁ ବା ପଢ଼ିବାକୁ ଯୋଗ୍ୟ ବିବେଚିତ ହୋଇପାରୁଛି। ନିକଟରେ ଏଭଳି ଏକ ଉଦାହରଣ ସୃଷ୍ଟି ହେବା ପରେ ଜାତୀୟସ୍ତରରେ ବିତର୍କ ଓ ବିବାଦର ଝଡ଼ ସୃଷ୍ଟି ହୋଇଛି ଏବଂ ଭାରତର ଡାକ୍ତରୀ ଶିକ୍ଷା ଓ ଡିଗ୍ରୀଧାରୀ ଡାକ୍ତରମାନଙ୍କର ଗୁଣାତ୍ମକ ଦକ୍ଷତାକୁ ନେଇ ପ୍ରଶ୍ନ ଉଠିଛି। ଏପରିକି ଏ ସମ୍ପର୍କିତ ଖବର ପ୍ରକାଶ ପାଇବା ପରେ ବିଦେଶରେ ମଧ୍ୟ ଭାରତୀୟ ଡାକ୍ତରୀ ଛାତ୍ରଛାତ୍ରୀଙ୍କ ଅବମୂଲ୍ୟାୟନ ପ୍ରକ୍ରିୟା ଆରମ୍ଭ ହେବାର ଆଶଙ୍କା ସୃଷ୍ଟି ହୋଇଛି।

ଡାକ୍ତରୀ ପାଠ୍ୟକ୍ରମରେ ନାମ ଲେଖାଇବା ବା ଡାକ୍ତରୀ ଡିଗ୍ରୀ ହାସଲ କରିବା ପାଇଁ ଛାତ୍ରଛାତ୍ରୀଙ୍କ ଯୋଗ୍ୟତା ନିର୍ଦ୍ଧାରଣ କରିବାକୁ ଆମ ଦେଶରେ ନିର୍ଦ୍ଦିଷ୍ଟ ପ୍ରବେଶିକା ପରୀକ୍ଷା(ଏମ୍‌ବିବିଏସ୍ ପାଇଁ ନିଟ୍ ୟୁଜି ଏବଂ ସ୍ପେଶାଲିଷ୍ଟ ପାଇଁ ନିଟ୍ ପିଜି) ପ୍ରଚଳିତ ଅଛି। ଏହି ପ୍ରବେଶିକା ପରୀକ୍ଷାର ଫଳାଫଳ(ସ୍କୋର) ଆଧାରରେ ମାନ୍ୟତାପ୍ରାପ୍ତ ମେଡିକାଲ୍ କଲେଜ୍‌ରେ ନାମ ଲେଖାଇବାର ସୁଯୋଗ ମିଳୁଛି। ପ୍ରତି ଠିକ୍ ଉତ୍ତର ପାଇଁ ୪ ନମ୍ବର ମିଳୁଥିବା ବେଳେ ପ୍ରତି ଭୁଲ୍ ଉତ୍ତର ପାଇଁ ୧ ନମ୍ବର ବିଯୁକ୍ତ ହୋଇଯାଏ ଏବଂ ଆଦୌ ଉତ୍ତର ନ ଲେଖିଲେ ଶୂନ(୦) ମିଳେ। ମୋଟ ଠିକ୍ ଉତ୍ତର ଗୁଣନ ୪ର ଫଳାଫଳରୁ ମୋଟ ଭୁଲ୍ ଉତ୍ତର ଗୁଣନ ୧ ଫଳାଫଳକୁ ବିଯୁକ୍ତ କଲେ ଯେଉଁ ସର୍ବଶେଷ ନମ୍ବର ରହେ ତାହା ଯୋଗ୍ୟତା ମାନଦଣ୍ଡ ବା ମେଧା ନିର୍ଦ୍ଧାରଣ କରେ। ସାମାନ୍ୟ ବା ଅତି ନଗଣ୍ୟ ପଏଣ୍ଟ ବ୍ୟବଧାନରେ ଭାଗ୍ୟ ନିର୍ଦ୍ଧାରଣ ହେଉଥିବାରୁ ଛାତ୍ରଛାତ୍ରୀମାନେ ଗଳଦର୍ଘମ ଉଦ୍ୟମ କରିଆସୁଛନ୍ତି ଏବଂ ମେଡିକାଲ୍ ଛାତ୍ରଛାତ୍ରୀ ଉତ୍ପାଦନକାରୀ ମେସିନ୍ ରୂପେ ପରିଚିତ ରାଜସ୍ଥାନର କୋଟାରେ ଛାତ୍ରଛାତ୍ରୀମାନେ ଆକାଂକ୍ଷା, ପ୍ରତିଯୋଗିତା ଓ ମାତ୍ରାଧିକ ଚାପରେ ଆତ୍ମହତ୍ୟା କରୁଥିବା ଭଳି ଉଦାହରଣ ବଢ଼ିବାରେ ଲାଗିଛି। କିନ୍ତୁ ସଦ୍ୟତମ ନିଟ୍ ପିଜିରେ ସୃଷ୍ଟି ହୋଇଥିବା ଏହି ବ୍ୟତିକ୍ରମ ଯେତିକି ଆଶ୍ଚର୍ଯ୍ୟଜନକ ତତୋଧିକ ଉଦ୍‌ବେଗଜନକ। ଏହି ପରୀକ୍ଷାରେ ଠିକ୍ ଉତ୍ତର ଓ ଆଦୌ ଉତ୍ତର ଦେଇନଥିବା ପ୍ରଶ୍ନ ତୁଳନାରେ ଅଧିକ ଭୁଲ୍ ଉତ୍ତର ଦେଇଥିବା ବା ବିଯୁକ୍ତାତ୍ମକ ୪୦(-୪୦) ନମ୍ବର ରଖିଥିବା ଜଣେ ପରୀକ୍ଷାର୍ଥୀଙ୍କୁ ପିଜି(ସ୍ପେଶାଲିଷ୍ଟ) ପାଠ୍ୟକ୍ରମରେ ନାମ ଲେଖାଇବାର ସୁଯୋଗ ମିଳିଛି। ଏହି ଧାରା ପୂର୍ବବର୍ଷମାନଙ୍କରୁ ଜାରି ରହିଥିବା ବେଳେ ଚଳିତ ବର୍ଷ ବିଯୁକ୍ତ ୪୦ ପର୍ଯ୍ୟନ୍ତ ହ୍ରାସ ପାଇଛି।

ଏଭଳି ପରିସ୍ଥିତି ସୃଷ୍ଟି ହେବା ପଛରେ ଯେଉଁକେତେକ କାରଣ ରହିଛି ତାହା ଆମ ଶିକ୍ଷାବ୍ୟବସ୍ଥା ପ୍ରତି ଅଙ୍ଗୁଳି ନିର୍ଦ୍ଦେଶ କରୁଛି ଏବଂ ଦେଶର ସ୍ୱାସ୍ଥ୍ୟ କ୍ଷେତ୍ର ପ୍ରତି ଗୁରୁତର ଆହ୍ୱାନ ସୃଷ୍ଟି କରିଛି। ଚଳିତ ବର୍ଷ ଦେଶର ବିଭିନ୍ନ ମେଡିକାଲ୍ କଲେଜ୍‌ରେ ପ୍ରାୟ ୧୦ ହଜାର ଅଧିକ ପିଜି ସିଟ୍ ସଂଖ୍ୟା ଯୋଡ଼ା ଯାଇଛି; ଅଥଚ ସେଥିରେ ନାମ ଲେଖାଇବା ପାଇଁ ପରୀକ୍ଷାର୍ଥୀମାନେ ଆଶାନୁରୂପ ନମ୍ବର ରଖି ପାରିନାହାନ୍ତି। ତେଣୁ ସମସ୍ତ ପିଜି ସିଟ୍ ସଂଖ୍ୟା ପୂରଣ କରିବା ଉଦ୍ଦେଶ୍ୟରେ ଶତପ୍ରତିଶତ ନମ୍ବର ରଖିଥିବା ପ୍ରାର୍ଥୀଙ୍କ ସହିତ ଶୂନ୍ ଏବଂ ତା' ତଳକୁ ୪୦ ପର୍ଯ୍ୟନ୍ତ ବିଯୁକ୍ତାତ୍ମକ ନମ୍ବର ରଖିଥିବା ପ୍ରାର୍ଥୀଙ୍କୁ ସୁଯୋଗ ଦେବାକୁ କର୍ତ୍ତୃପକ୍ଷ ନିଷ୍ପତ୍ତି ନେଇଛନ୍ତି। ଅର୍ଥାତ୍ ଡାକ୍ତରୀ ପିଜିରେ ନାମ ଲେଖା ପାଇଁ ଚଳିତ ବର୍ଷ କଟ୍‌ଅଫ୍ ମାର୍କ ବିଯୁକ୍ତ ୪୦କୁ ଖସି ଆସିଛି। ବିଶେଷଜ୍ଞ ହେବାକୁ ଯାଉଥିବା ଆମ ଡାକ୍ତରୀ ଛାତ୍ରଛାତ୍ରୀଙ୍କ ଯୋଗ୍ୟତା କେତେ ତାହା ଏଥିରୁ ବୁଝାପଡୁଛି। କିନ୍ତୁ ଏହି ଘଟଣାରେ ବା ବ୍ୟବସ୍ଥାରେ ସେମାନଙ୍କୁ ଦୋଷ ଦେଇ ହେବ ନାହିଁ। ସରକାରୀ ସ୍ତରରେ ଯେଉଁ ଅପରିଣାମଦର୍ଶୀ ନୀତି ନିର୍ଦ୍ଧାରଣ ହୋଇଛି ଏବଂ ତ୍ରୁଟିପୂର୍ଣ୍ଣ ନିଷ୍ପତ୍ତି ନିଆଯାଇଛି ବା ନିଆଯାଉଛି ତାହାରି ପ୍ରତିଫଳନ କେବଳ ଦୃଶ୍ୟମାନ ହୋଇଛି।

ଏବେ ଯେତିକି ସଂଖ୍ୟାରେ ମେଡିକାଲ୍ କଲେଜ୍‌ମାନ ଖୋଲୁଛି, ସେହି ଅନୁପାତରେ ଭିତ୍ତିଭୂମି, ଆବଶ୍ୟକ ପାରାମେଡିକାଲ୍ ସୁବିଧା ଏବଂ ସର୍ବୋପରି ଶିକ୍ଷକଙ୍କ ଘୋର ଅଭାବ ରହୁଛି। ତେଣୁ ଡାକ୍ତରୀ ଶିକ୍ଷା ଓ ତାଲିମ୍ ଭଳି ଏକ କ୍ଷେତ୍ର, ଯାହା ଅଧିକରୁ ଅଧିକ ପ୍ରୟୋଗାତ୍ମକ(ପ୍ରାକ୍ଟିକାଲ୍) ହେବା କଥା, ସେଠାରେ ଆମ ଡାକ୍ତରୀ ଛାତ୍ରଛାତ୍ରୀମାନେ କେବଳ ବହି ପଢ଼ି(ଥିଓରି) ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ ଡିଗ୍ରୀ ହାସଲ କରୁଛନ୍ତି। ସଂଖ୍ୟାତ୍ମକ ଦୃଷ୍ଟିରୁ ସରକାରଙ୍କ ଶ୍ରେୟ ନେବାର ଏହି ପ୍ରୟାସରେ ବର୍ଷକୁ ବର୍ଷ ଡିଗ୍ରୀଧାରୀ ଡାକ୍ତର ସଂଖ୍ୟା ତ ବଢୁଛି; କିନ୍ତୁ ଗୁଣାତ୍ମକତା ଦିନିକୁ ଦିନ ହ୍ରାସ ପାଇବାରେ ଲାଗିଛି। ତେଣୁ ନିଟ୍ ପିଜିରେ ଯଦି ବିଯୁକ୍ତ ୪୦ ନମ୍ବର ରଖିଥିବା ଜଣେ ଛାତ୍ର ନାମ ଲେଖାଇବାର ସୁଯୋଗ ପାଇଲା ସେଥିରେ ଅଧିକ ଆଶ୍ଚର୍ଯ୍ୟ ହେବାର ନାହିଁ।

ଯଦି ଏହି ଧାରା ଜାରି ରହେ ତେବେ ଆଗାମୀ ଦିନରେ ଛାତ୍ରଛାତ୍ରୀମାନେ ନିଟ୍ ପିଜିରେ କେବଳ ଶତପ୍ରତିଶତ ନିଶ୍ଚିତ ଥିବା ଦୁଇ/ଚାରିଗୋଟି ଉତ୍ତର ଲେଖିଦେଇ କିମ୍ବା ଆଦୌ ଉତ୍ତର ନ ଲେଖି ଖାତା ଦେଇ ଚାଲିଆସିବାର ସମ୍ଭାବନା ଯେ ସୃଷ୍ଟି ନ ହେବ ତାହା କିଏ କହିବ? କାରଣ ଯେଉଁଠି କଟ୍‌ଅଫ୍ ମାର୍କ ବିଯୁକ୍ତ ୪୦ ପର୍ଯ୍ୟନ୍ତ ଯାଉଛି ସେଠାରେ ୧୨/୧୬ ନମ୍ବର କିମ୍ବା ଶୂନ୍ ରଖିଲେ ମଧ୍ୟ ନାମ ଲେଖା ପାଇଁ ସୁଯୋଗ ମିଳିପାରିବ। ହୁଏତ କର୍ତ୍ତୃପକ୍ଷ 'ବିଯୁକ୍ତ ୪୦ ବିତର୍କ' ଓ ସମାଲୋଚନାରୁ ବର୍ତ୍ତିବା ପାଇଁ ଆଗାମୀ ବର୍ଷଠାରୁ ଅତି ସହଜ ପ୍ରଶ୍ନପତ୍ର ପ୍ରସ୍ତୁତ କରିବେ ଏବଂ କଟ୍‌ଅଫ୍ ମାର୍କ ବିଯୁକ୍ତାତ୍ମକ ନ ହୋଇପାରେ; କିନ୍ତୁ ଏହାଦ୍ୱାରା ବିନା ପ୍ରାକ୍ଟିକାଲ୍ କିମ୍ବା ବିନା ଶିକ୍ଷକରେ ଉତ୍ତୀର୍ଣ୍ଣ ହୋଇଥିବା ଆମ ଏମ୍‌ବିବିଏସ୍ ଡିଗ୍ରୀଧାରୀମାନଙ୍କର ମେଧାଶକ୍ତି ଯେ ବୃଦ୍ଧି ପାଇବ ତାହା ଭାବିବା ଭୁଲ୍। ପୁଣି ଏହି ପରମ୍ପରା ଯଦି ଏମ୍‌ବିବିଏସ୍ ପାଠ୍ୟକ୍ରମ ବା ନିଟ୍‌ୟୁଜିକୁ ସଂକ୍ରମିତ ହୁଏ ଆଗାମୀ ଦିନରେ ଆମ ସ୍ୱାସ୍ଥ୍ୟସେବାକୁ ପ୍ରତିନିଧିତ୍ୱ କରିବାକୁ ଯାଉଥିବା 'ଭବିଷ୍ୟତର ଡାକ୍ତର'ମାନଙ୍କର ରୋଗ ନିଦାନ ଦକ୍ଷତା, ଚିକିତ୍ସାଗତ ପାରଦର୍ଶିତା ଓ ସ୍ୱାସ୍ଥ୍ୟ ବିଜ୍ଞାନ ସମ୍ପର୍କିତ ଜ୍ଞାନ ଓ ଅଭିଜ୍ଞତା କ'ଣ ହେବ ତାହା ଅନୁମେୟ। ଏକପକ୍ଷରେ ସରକାର ଅଧିକ ଡାକ୍ତର ସୃଷ୍ଟି କରିବାର ଶ୍ରେୟ ସାଉଁଟି ଚାଲିଥିବେ; ଅପରପକ୍ଷରେ ରୋଗୀମାନେ କେବଳ ଭାଗ୍ୟ ଓ ଭଗବାନଙ୍କୁ ଭରସା କରି ଡାକ୍ତରଖାନାକୁ ଯାଉଥିବେ କିମ୍ବା ସେଠାରୁ ଫେରୁଥିବେ।

# ଓଡ଼ିଶାରେ ନଦୀଜଳ ପ୍ରଦୂଷଣ ଓ ନିରାକରଣ

ବିଦ୍ୟାଧର ମହାରଣା

ପ୍ରାଚୀନ ସଭ୍ୟତା ଗଢ଼ି ଉଠିଥିଲା ନଦୀ କୂଳରେ। ନଦୀ ତଟବର୍ତ୍ତୀ ଉର୍ବର ମାଟିରେ କୃଷି, ପାନୀୟ, ଗୃହକାର୍ଯ୍ୟ ଆଦି ପାଇଁ ଜଳଯୋଗାଣ ସହିତ ବେପାର ବଣିଜ ପାଇଁ ନଦୀ ପଥରେ ପରିବହନ ସୁବିଧା ଯୋଗୁଁ ଜନବସତି ଗଢ଼ି ଉଠିଥିଲା ନଦୀ କୂଳରେ। ନଦୀଜଳ ସବୁଠାରୁ ସ୍ୱଚ୍ଛ। କାରଣ ଏହା ପାର୍ବତ୍ୟ ଅଞ୍ଚଳରୁ ବାଲୁକା ଶଯ୍ୟାରେ ବହିଯାଇ ସମୁଦ୍ରରେ ମିଶିଯାଏ। ତେଣୁ ନଦୀକୂଳିଆ ସହରଗୁଡ଼ିକ ଅଧିକ ସ୍ୱାସ୍ଥ୍ୟକର ବୋଲି ମନେ କରାଯାଉଥିଲା। ଏପରିକି ପାନୀୟଜଳ ପାଇଁ ନଦୀର ଚୁଆ ଉପରେ ସ୍ଥାନୀୟ ଲୋକେ ନିର୍ଭର କରୁଥିଲେ। ଏବେ କିନ୍ତୁ ନଦୀଜଳ ପ୍ରଦୂଷିତ ହୋଇ ସ୍ୱାସ୍ଥ୍ୟ ପ୍ରତି ବିପଦ ସୃଷ୍ଟି କଲାଣି।

ସମଗ୍ର ଦେଶରେ ୩୫୧ ଗୋଟି ନଦୀର ଜଳ ପ୍ରଦୂଷିତ ଥିଲା ବେଳେ ଓଡ଼ିଶାରେ ଏପରି ନଦୀ ସଂଖ୍ୟା ୧୯ ରେ ପହଞ୍ଚିଛି। ଓଡ଼ିଶାରେ ମୁଖ୍ୟତଃ ୧୧ ଗୋଟି ନଦୀ ଅବବାହିକା ରହିଛି, ଯେଉଁଗୁଡ଼ିକର ବହୁ ଶାଖାନଦୀ ଓ ଉପନଦୀ ରହିଛି। ମୁଖ୍ୟ ନଦୀ ଅବବାହିକାଗୁଡ଼ିକ ହେଲା ମହାନଦୀ, ବ୍ରାହ୍ମଣୀ, ସୁବର୍ଣ୍ଣରେଖା, ବୈତରଣୀ, ଋଷିକୂଲ୍ୟା, ବୁଢ଼ାବଳଙ୍ଗ, ବଂଶଧାରା, ନାଗାବଳି, ଇନ୍ଦ୍ରାବତୀ, କୋଲାବ ଓ ବାହୁଡ଼ା। ରାଜ୍ୟର ସବୁଠାରୁ ବଡ଼ନଦୀର ମାନ୍ୟତା ପାଇଥିବା ମହାନଦୀର ଜଳଗ୍ରହ ଅଞ୍ଚଳ ୬୫୬୨୮ ବର୍ଗ କିଲୋମିଟର। ଦ୍ୱିତୀୟ ବୃହତ୍ତମ ନଦୀ ବ୍ରାହ୍ମଣୀର ଜଳଗ୍ରହ ଅଞ୍ଚଳ ୩୯୧୧୬ ବର୍ଗ କିଲୋମିଟର। ଏହି ଦୁଇନଦୀ ରାଜ୍ୟର ଅସଂଖ୍ୟ ଲୋକଙ୍କୁ ପାନୀୟ ଓ ଘରୋଇ ଆବଶ୍ୟକ ପୂରଣ କରିବା ସହିତ କୃଷି ପାଇଁ ଜଳଯୋଗାଣ କରନ୍ତି। କେନ୍ଦ୍ର ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ତଥ୍ୟ ଅନୁସାରେ ଓଡ଼ିଶାର ଗଙ୍ଗୁଆ, ଗୁରାଡିହ ନାଳ, କାଠଯୋଡ଼ି, ନନ୍ଦିରା ଯୋର, ଦୟା, କୁଆଖାଇ, ବାଙ୍ଗୁର ନାଳ, ଭେଡେନ, ବ୍ରାହ୍ମଣୀ, ବୁଢ଼ାବଳଙ୍ଗ, କୁସୁମୀ, ମହାନଦୀ, ମଙ୍ଗଳା, ନାଗାବଳୀ, ଲୁଣା, ରତ୍ନଚିରା, ଋଷିକୂଲ୍ୟା, ସାବୁଳିଆ ଓ ସାରୁଆ ନଦୀ ଅଧିକ ମାତ୍ରାରେ ପ୍ରଦୂଷିତ।

ନଦୀ ଜଳରେ ଅଧିକ ପରିମାଣର ଜୈବିକ ଅମ୍ଳଜାନ ଚାହିଦା ବା ବିଓଡି ସ୍ତର, ରାସାୟନିକ ଅମ୍ଳଜାନ ଚାହିଦା ସ୍ତର ଓ ମୋଟ କୋଲିଫର୍ମ ବ୍ୟାକ୍ଟେରିଆ ପରିମାଣକୁ ନେଇ ନଦୀ ଜଳ ପ୍ରଦୂଷଣ ହିସାବ କରାଯାଏ। ଏହାଛଡ଼ା ଆର୍ସେନିକ, ପାରଦ, ଦସ୍ତା ଇତ୍ୟାଦି ଭାରି ଧାତୁ ପରିମାଣ ମଧ୍ୟ ହିସାବ କରାଯାଏ। କାରଣ ଏଗୁଡ଼ିକ ଶରୀର ପାଇଁ ଅତ୍ୟନ୍ତ କ୍ଷତିକାରକ। ନଦୀଜଳରେ ବିଓଡି ସ୍ତର ଆକଳନ କରିବା ପାଇଁ ପ୍ରଥମେ ନଦୀରୁ ନମୁନା ଜଳ ସଂଗ୍ରହ କରି ଏଥିରେ କେତେ ଦ୍ରବୀଭୂତ ଅମ୍ଳଜାନ ଅଛି ପରୀକ୍ଷା କରାଯାଏ। ଏହି ନମୁନା ଜଳକୁ ଏହାପରେ ୫ ଦିନ ପାଇଁ ଇନକୁବେଟରରେ ୨୦ ଡିଗ୍ରୀ ସେଲସିୟସ ଉତ୍ତାପରେ ରଖିବା ପରେ ପୁଣି ଦ୍ରବୀଭୂତ ଅମ୍ଳଜାନ ପରିମାଣ ମପାଯାଏ। ଏହି ଦୁଇ ସଂଖ୍ୟାର ଆଧାରରେ ବିଓଡି ହିସାବ କରାଯାଏ। ବିଓଡିକୁ ନିୟୁତାଂଶ ଆକାରରେ ବା ଲିଟର ପ୍ରତି ମିଲିଗ୍ରାମ ହିସାବରେ ପ୍ରକାଶ କରାଯାଏ। ନିରାପଦ ପାନୀୟ ଜଳ ପାଇଁ ବିଓଡି ମାତ୍ରା ୧-୨ ରହିବା କଥା। ସାଧାରଣତଃ ଏହା ୫ ରୁ ଅଧିକ ହେଲେ ଜଳ ପ୍ରଦୂଷିତ ବୋଲି ବିବେଚନା କରାଯାଏ। ଭୁବନେଶ୍ୱର ଓ କଟକ ଠାରେ ମହାନଦୀ ଜଳରେ ଏବଂ ରାଉରକେଲା ଠାରେ ବ୍ରାହ୍ମଣୀ ନଦୀରେ ଜୈବିକ ଅମ୍ଳଜାନ ଚାହିଦା ସ୍ତର ୧.୮ ରୁ ୩୯ ମିଲିଗ୍ରାମ ହେଉଥିବା ଓଡ଼ିଶା ରାଜ୍ୟ ପ୍ରଦୂଷଣ ବୋର୍ଡ ରିପୋର୍ଟ ଅନୁସାରେ ଜଣାପଡ଼ିଥିଲା। ସେହିପରି ଚାନ୍ଦବାଲି ଓ ଧାମରାଠାରେ ବୈତରଣୀ ନଦୀରେ, ସୁବର୍ଣ୍ଣରେଖା ଓ ଇନ୍ଦ୍ରାବତୀ ନଦୀରେ ମଧ୍ୟ ଏକାପ୍ରକାରର ସମସ୍ୟା ଦେଖାଯାଇଛି।

ନଦୀଜଳ ପ୍ରଦୂଷିତ ହେବାର ମୁଖ୍ୟକାରଣ ହେଲା ଶିଳ୍ପ ନିର୍ଗତ ମଇଳା ହିସାବରେ ଇସ୍ପାତ, କାଗଜ, ସାର, ଫାର୍ମାସିଉଟିକାଲ ଓ ଖଣିଜ ଶିଳ୍ପରୁ ନିର୍ଗତ ହୋଇଥିବା ମଇଳାଜଳ ଓ ଭାରିଧାତୁ, ସହରାଞ୍ଚଳର ଅଶୋଧିତ ନାଳ ନର୍ଦ୍ଦମାର ଜଳ, ଜଙ୍ଗଲ କଟା, କୃଷି କ୍ଷେତ୍ରରୁ ବୋହି ଯାଉଥିବା ରାସାୟନିକ ସାର ଓ କୀଟନାଶକ ଅବଶେଷ, ନଦୀ କୂଳରେ ଅବାଧରେ ମଳତ୍ୟାଗ, ପର୍ବପର୍ବାଣୀରେ ମୂର୍ତ୍ତି ବିସର୍ଜନ ଏବଂ ବ୍ୟାକ୍ଟେରିଆଲ୍ ଦୂଷିତକରଣ ଇତ୍ୟାଦି। ଏହାଛଡ଼ା ନଦୀନାଳରେ ଯାବତୀୟ ଆବର୍ଜନା ବର୍ଷ ସାରା ପକାଯାଏ। ଏହି ବିଷାକ୍ତଜଳ ପ୍ରତ୍ୟକ୍ଷ ବା ପରୋକ୍ଷରେ ଚିଲିକା ଓ ବଙ୍ଗୋପସାଗରରେ ମିଶି ପ୍ରଦୂଷଣ ବଢ଼ାଉଛି। ଭୁବନେଶ୍ୱର, କଟକ ଓ ରାଉରକେଲା ଭଳି ସହରରୁ କ୍ରମାଗତ ଭାବରେ ଉପଚାର ବିନା ଘରୋଇ ଆବର୍ଜନା ଓ ମଇଳା ନଦୀକୁ ଛାଡ଼ି ଦିଆଯିବା ଫଳରେ ଭାରିଧାତୁ ଓ ରୋଗ ବୀଜାଣୁ ନଦୀଜଳ ସହିତ ମିଶେ। ବ୍ରାହ୍ମଣୀ, ମହାନଦୀ ଓ ଋଷିକୂଲ୍ୟା ନଦୀତଟରେ ଥିବା ଇସ୍ପାତ, କାଗଜ, ସାର ଓ ଖଣିଜ କାରଖାନାଗୁଡ଼ିକରୁ ବିଷାକ୍ତ ରାସାୟନିକ ପଦାର୍ଥ, ଭାରିଧାତୁ ହିସାବରେ ଦସ୍ତା, ପାରଦ, ଟିଣ ଓ କ୍ରୋମିୟମ, ବିଭିନ୍ନ ଅମ୍ଳ ଓ କ୍ଲୋରାଇଡ୍ ନିର୍ଗତ ହୋଇ ନଦୀଜଳରେ ମିଶିବା ଫଳରେ ଏହା ବିପଦର କାରଣ ହୋଇଥାଏ।

ନଦୀ ଜଳ ସହିତ ଭୂଗର୍ଭ ଜଳ ମଧ୍ୟ ପ୍ରଦୂଷିତ ହୋଇଥାଏ। ୨୦୧୧ ଜନଗଣନା ଅନୁସାରେ ଦେଶରେ ପ୍ରାୟ ୫୦ ନିୟୁତ ସହର ବାସିନ୍ଦା ବାହାରେ ମଳ ତ୍ୟାଗ କରନ୍ତି। ସହରଗୁଡ଼ିକର ମଇଳା ଓ ଆବର୍ଜନା ବିନା ଉପଚାରରେ ନଦୀ ନାଳକୁ ଛାଡ଼ିବା ଫଳରେ ପ୍ରଦୂଷଣ ମାତ୍ରା ବୃଦ୍ଧି ପାଏ। କେନ୍ଦ୍ରୀୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ତଥ୍ୟ ଅନୁଯାୟୀ ସହରାଞ୍ଚଳରେ ମାତ୍ର ୩୦ ପ୍ରତିଶତ ମଳମୂତ୍ର ଉପଚାର କରିବା ପାଇଁ ବ୍ୟବସ୍ଥା ଗ୍ରହଣ କରାଯାଉଛି। ପରିଣାମ ସ୍ୱରୂପ ସହରାଞ୍ଚଳ ଓ ଶିଳ୍ପ କାରଖାନା ଯୋଗୁଁ ନଦୀଜଳ ଅଧିକ ମାତ୍ରାରେ ପ୍ରଦୂଷିତ ହେଉଛି। ଗ୍ରାମାଞ୍ଚଳରେ ମଧ୍ୟ ଗୋରୁଗାଈ ନଦୀକୁ ଗାଧୋଇବାକୁ ଯିବା ଦ୍ୱାରା ନଦୀଜଳ ପ୍ରଦୂଷିତ ହୋଇଥାଏ। ପ୍ରଦୂଷିତ ଜଳ ବ୍ୟବହାର ଦ୍ୱାରା ଜଳବାହିତ ରୋଗ ହିସାବରେ କାମଳ, ହଇଜା, ଆମାଶୟ ଇତ୍ୟାଦି ବ୍ୟାପିଥାଏ। ଏହାଛଡ଼ା ଭାରିଧାତୁଗୁଡ଼ିକ ଖାଦ୍ୟ ଶୃଙ୍ଖଳା ମଧ୍ୟରେ ଦୀର୍ଘଦିନ ଧରି ରହିଥାଏ। ନଦୀ ଜଳରେ ଜୈବିକ ଅମ୍ଳଜାନ ଚାହିଦା ବୃଦ୍ଧି ପାଇବା ଯୋଗୁଁ ଅମ୍ଳଜାନ ପରିମାଣ ହ୍ରାସ ପାଏ। ଏହାଦ୍ୱାରା ଅସଂଖ୍ୟ ଜଳଚର ପ୍ରାଣୀ ମୃତ୍ୟୁମୁଖରେ ପଡ଼ନ୍ତି। ନଦୀ ପାର୍ଶ୍ୱବର୍ତ୍ତୀ ଗ୍ରାମରେ ଚର୍ମ ଓ ହଇଜା ଆଦି ରୋଗ ଅଧିକ ଦେଖାଯାଏ।

ଆମ ରାଜ୍ୟ ଓ ଦେଶରେ ନଦୀଜଳ ପ୍ରଦୂଷଣ ନିୟନ୍ତ୍ରଣ ପାଇଁ ମୁଖ୍ୟତଃ ଚାରିଟି ରଣକୌଶଳ ପରିଚାଳନା କରାଯାଇପାରେ। ପ୍ରଥମରେ ସହରାଞ୍ଚଳରେ ଜଳ ପ୍ରଦୂଷଣ ନିୟନ୍ତ୍ରଣ ପାଇଁ ଗୁରୁତ୍ୱ ଦେବାକୁ ହେବ। ନାଳ ନର୍ଦ୍ଦମା ଜଳ ଓ ମଳମୂତ୍ର ଥିବା ସ୍ୱେରେଜ ଜଳକୁ ଶୁଦ୍ଧିକରଣ ପାଇଁ ଟ୍ରିଟମେଣ୍ଟ ପ୍ଲାଣ୍ଟ ବାଧ୍ୟତାମୂଳକ ହେବା ଆବଶ୍ୟକ। ଏପରି ଅପଶିଷ୍ଟ ବା ୱେଷ୍ଟୱାଟର ଉପଚାର ହେବା ପରେ ଏହାକୁ ବାଡ଼ି ବଗିଚା, ରାସ୍ତା ଓ ଗୃହ ନିର୍ମାଣ କାର୍ଯ୍ୟରେ ବିନିଯୋଗ କରାଯାଇପାରିବ। ଦ୍ୱିତୀୟରେ ଶିଳ୍ପ କେନ୍ଦ୍ର ଓ କଳ କାରଖାନା ପାଇଁ ସ୍ୱତନ୍ତ୍ର ଯୋଜନା ଆବଶ୍ୟକ। ଏହି ଅନୁଷ୍ଠାନଗୁଡ଼ିକ ସୀମିତ ଜଳ ବିନିଯୋଗ ପାଇଁ ନୂତନ ପ୍ରଯୁକ୍ତିବିଦ୍ୟା ଅନୁସରଣ କରିବେ ଏବଂ ବର୍ଜ୍ୟଜଳ ଶୁଦ୍ଧିକରଣ ହେବା ପରେ ପୁନଃବିନିଯୋଗ କରିବେ। ଶିଳ୍ପ ସଂସ୍ଥାଗୁଡ଼ିକ ପାଇଁ ଜଳ ସମୀକ୍ଷା ବ୍ୟବସ୍ଥା ବାଧ୍ୟତାମୂଳକ ହେବା ଆବଶ୍ୟକ। ଯେଉଁମାନେ କାରଖାନାରୁ ବାହାରୁଥିବା ବର୍ଜ୍ୟଜଳ ନଦୀକୁ ତ୍ୟାଗ କରିବେ ସେମାନଙ୍କୁ ଦଣ୍ଡିତ କରିବାକୁ ହେବ ଏବଂ ଯେଉଁମାନେ ଜଳ ସଂରକ୍ଷଣ କରିବେ ସେମାନଙ୍କ ପାଇଁ ପ୍ରୋତ୍ସାହନ ବ୍ୟବସ୍ଥା ଗ୍ରହଣ କରିବା ଆବଶ୍ୟକ। ଆମ ଦେଶରେ ୧୯୭୭ ଠାରୁ ପ୍ରଚଳିତ ପ୍ରଦୂଷଣ ନିୟନ୍ତ୍ରଣ ଓ ପ୍ରତିଷେଧକ ସେସ ଆଇନ୍‌କୁ ସଂଶୋଧନ କରି ଏହାକୁ ଅଧିକ କଠୋର କରିବା ଜରୁରୀ। ତୃତୀୟରେ ଗ୍ରାମାଞ୍ଚଳରେ କୃଷି କାର୍ଯ୍ୟକୁ ଏପରି ଭାବରେ ନିୟନ୍ତ୍ରଣ କରିବାକୁ ହେବ, ଯେପରି ଚାଷଜମିରୁ ରାସାୟନିକ ସାର ଓ କୀଟନାଶକ ଅବଶେଷ ନଦୀଜଳ ସହିତ ମିଶିବ ନାହିଁ। ଏବାବଦରେ ଚାଷୀଙ୍କୁ ଉପଯୁକ୍ତ ପ୍ରଶିକ୍ଷଣ ଦିଆଯିବା ଆବଶ୍ୟକ। ଚତୁର୍ଥରେ ନଦୀବନ୍ଧଗୁଡ଼ିକର ସୁରକ୍ଷା ପାଇଁ ଦୁଇ କୂଳରେ ବୃକ୍ଷରୋପଣ ସହିତ ନଦୀବନ୍ଧ ଦୃଢ଼ୀଭୂତ ଯୋଜନା କାର୍ଯ୍ୟକାରୀ ହେବା ଉଚିତ। ନଦୀ ପଠା ଓ ବନ୍ଧ ଉପରେ ଯେପରି ଲୋକମାନେ ମଳତ୍ୟାଗ ନ କରିବେ ସେଥିପ୍ରତି ଜନ ସଚେତନତା ସୃଷ୍ଟିହେବା ମଧ୍ୟ ଜରୁରୀ।

ସାରାଂଶରେ ଏତିକି କୁହାଯାଇ ପାରିବ କି ଆମ ରାଜ୍ୟରେ ସବୁ ନଦୀ ଓ ନାଳଗୁଡ଼ିକରେ ସଠିକ ପ୍ରଦୂଷଣ ମାତ୍ରା ନିର୍ଣ୍ଣୟ କରିବା ଏକ ଦୁରୁହବ୍ୟାପାର। ଏହା କିନ୍ତୁ ନିଃସନ୍ଦେହରେ କୁହାଯାଇପାରେ କି ରାଜ୍ୟର ନଦୀଗୁଡ଼ିକ ଅଧିକ ମାତ୍ରାରେ ପ୍ରଦୂଷିତ ହେଉଥିବାରୁ ଏଥିପାଇଁ ସମନ୍ୱିତ ଓ ସମ୍ମିଳିତ ଉଦ୍ୟମ ଆବଶ୍ୟକ। ରାଜ୍ୟ ସରକାର ଓ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ କ୍ରମାଗତ ଭାବରେ ନଦୀଗୁଡ଼ିକର ପର୍ଯ୍ୟବେକ୍ଷଣ କରିବା ସହିତ କଠିନ ଦଣ୍ଡବ୍ୟବସ୍ଥା ଓ ଗୋଷ୍ଠୀ ସହଭାଗିତା ଉପରେ ଗୁରୁତ୍ୱ ଦେବା ଆବଶ୍ୟକ।

ଭୁବନେଶ୍ୱର, ମୋ: ୯୪୩୭୦୭୧୧୯୦

# ଗାନ୍ଧୀ-ଦର୍ଶନରେ ଜୀବନ-ମନ୍ତ୍ର

ମାନସ କୁମାର କର

ଆଜିର ବସ୍ତୁବାଦୀ ଦୁନିଆରେ ମଣିଷ ପାଖରେ ସବୁକିଛି ଅଛି, କେବଳ ଶାନ୍ତିକୁ ଛାଡ଼ି। ସକାଳୁ ଉଠିବା ମାତ୍ରେ ସାମାଜିକ ଗଣମାଧ୍ୟମ ପରଦାରେ ଆଖି ପକାଇଲେ ପ୍ରଥମେ ଦୃଶ୍ୟମାନ ହୁଏ ପରସ୍ପର ପ୍ରତି କଟୁକ୍ତି, ବିଦ୍ୱେଷ ଓ ଘୃଣା ଭରା ସନ୍ଦେଶ। କେଉଁଠି ଧର୍ମ ନାମରେ ତ କେଉଁଠି ଜାତି ବା ରାଜନୀତି ନାମରେ ମଣିଷ ପରସ୍ପରର ରକ୍ତର ଶୋଷକ ସାଜିଛି। ଏହି ପରିପ୍ରେକ୍ଷୀରେ ମହାତ୍ମା ଗାନ୍ଧୀଙ୍କ ସେହି କାଳଜୟୀ ବାଣୀ ମନେପଡ଼େ - 'ଜଗତରେ ପରିବର୍ତ୍ତନ ଦେଖିବାକୁ ଚାହୁଁଥିଲେ, ପ୍ରଥମେ ନିଜ ଭିତରେ ସେହି ପରିବର୍ତ୍ତନ ଆଣ।' କିନ୍ତୁ ଆଜି ଆମେ ଅନ୍ୟକୁ ବଦଳାଇବା ନିଶାରେ ନିଜ ଭିତରର ମାନବିକତାକୁ ହରାଇ ବସିଛୁ।

ସାମାଜିକ ଗଣମାଧ୍ୟମ ଓ ଇଣ୍ଟରନେଟର ଆବିଷ୍କାର ହୋଇଥିଲା ଦୂରତାକୁ କମାଇବା ପାଇଁ। କିନ୍ତୁ ଆଶ୍ଚର୍ଯ୍ୟର କଥା, ଏହା ଲୋକଙ୍କୁ ଯୋଡ଼ିବା ପରିବର୍ତ୍ତେ ମନ ଭିତରେ ପାଚେରି ଠିଆ କରିଦେଇଛି। ଫେସବୁକ୍, ଟ୍ୱିଟର, ହ୍ୱାଟସଆପ୍ ଆଜି ଏକ ବୌଦ୍ଧିକ ଯୁଦ୍ଧକ୍ଷେତ୍ରରେ ପରିଣତ ହୋଇଛି। ଏଠାରେ ବ୍ୟକ୍ତି ନିଜର ଶ୍ରେଷ୍ଠତ୍ୱ ପ୍ରତିପାଦନ କରିବା ପାଇଁ ଅନ୍ୟକୁ ଅତି ନୀଚସ୍ତରକୁ ଯାଇ ସମାଲୋଚନା କରୁଛି। ଗାନ୍ଧିଜୀ ସର୍ବଦା ଶବ୍ଦର ସଂଯମ ଉପରେ ଗୁରୁତ୍ୱ ଦେଉଥିଲେ। ସେ କହୁଥିଲେ, 'ଅସଂଯତ ଭାଷା ମଣିଷର ଅଶାନ୍ତ ମନର ପରିଚୟ।' ଆଜିର ଡିଜିଟାଲ ଯୁଗରେ ଶବ୍ଦମାନେ ଶାଣିତ ଅସ୍ତ୍ର ପାଲଟିଛନ୍ତି, ଯାହା ଶରୀରକୁ ନୁହେଁ ବରଂ ମଣିଷର ଆତ୍ମାକୁ କ୍ଷତବିକ୍ଷତ କରୁଛି। ଶିକ୍ଷାର ପ୍ରସାର ହେଉଛି ସତ, କିନ୍ତୁ ବ୍ୟାବହାରିକ ଜ୍ଞାନ ଓ ସଂସ୍କାରର ଶୂନ୍ୟତା ଆମକୁ ଏକ ବୌଦ୍ଧିକ ଅନ୍ଧକାର ଆଡ଼କୁ ଠେଲି ଦେଉଛି।

ଯେତେବେଳେ ବ୍ୟକ୍ତି ଭାବେ ଯେ ସେ ହିଁ ସର୍ବଶ୍ରେଷ୍ଠ ଏବଂ ତା'ର ବିଚାର ହିଁ ଏକମାତ୍ର ସତ୍ୟ, ସେତେବେଳେ ସେ ଅନ୍ୟର ଅସ୍ତିତ୍ୱକୁ ସ୍ୱୀକାର କରିପାରେ ନାହିଁ। ଗାନ୍ଧିଜୀ ନିଜ ଜୀବନରେ 'ଅହିଂସା'କୁ କେବଳ ଅସ୍ତ୍ର ନୁହେଁ, ବରଂ ଏକ ଜୀବନଶୈଳୀ ଭାବେ ଗ୍ରହଣ କରିଥିଲେ। ହିଂସା କେବଳ ଶାରୀରିକ ଆକ୍ରମଣ ନୁହେଁ, ବରଂ କାହା ପ୍ରତି ମନରେ ଖରାପ ଚିନ୍ତା କରିବା ମଧ୍ୟ ଏକପ୍ରକାର ହିଂସା। ଆଜିର ମଣିଷ ନିଜ ସଫଳତା ଅପେକ୍ଷା ଅନ୍ୟର ବିଫଳତାରେ ଅଧିକ ଆନନ୍ଦ ପାଉଛି। ଏହି ଈର୍ଷା ଓ ଅହଂକାର ମଣିଷକୁ ଏତେ କଠୋର କରିଦେଉଛି ଯେ, ସେ ସମ୍ପର୍କର ସୂତାକୁ ଅତି ସହଜରେ ଛିଣ୍ଡାଇ ଦେଉଛି। ଯଦି ଏହି ଅହଂକାର ବଢ଼ିଚାଲେ, ତେବେ ଆଗାମୀ ଦିନରେ ଆମେ ଏକ 'ଏକାକୀ ସମାଜ' ଦେଖିବାକୁ ପାଇବା, ଯେଉଁଠି ଭିଡ଼ ତ ଥିବ କିନ୍ତୁ ଆତ୍ମୀୟତା ନଥିବ।

ଗାନ୍ଧିଜୀଙ୍କ ଦର୍ଶନରେ କ୍ଷମା ହେଉଛି ସବୁଠାରୁ ବଡ଼ ସଦ୍‌ଗୁଣ। ସେ କହୁଥିଲେ, 'କ୍ଷମା କରିବା ହେଉଛି ବୀରମାନଙ୍କର ଲକ୍ଷଣ।' ସାଧାରଣତଃ ଲୋକେ ଭାବନ୍ତି ଯେ କାହାକୁ କ୍ଷମା କରିଦେଲେ ସେ ନିଜେ ଛୋଟ ହୋଇଗଲେ। କିନ୍ତୁ ବାସ୍ତବରେ କ୍ଷମା କରିବା ଦ୍ୱାରା ବ୍ୟକ୍ତି ନିଜ ଭିତରେ ଥିବା କ୍ରୋଧର ବୋଝରୁ ମୁକ୍ତ ହୋଇଥାଏ। ଘୃଣା ହେଉଛି ଏକ ଜଳନ୍ତା କୋଇଲା ପରି, ଯାହାକୁ ଆମେ ଅନ୍ୟ ଉପରକୁ ଫିଙ୍ଗିବା ପାଇଁ ହାତରେ ଧରିଥାଉ, କିନ୍ତୁ ପ୍ରକୃତରେ ତାହା ଆମ ନିଜ ହାତକୁ ହିଁ ପୋଡ଼ିଥାଏ। କ୍ଷମା କରିବାର ଅର୍ଥ ଏହା ନୁହେଁ ଯେ ଆମେ ଅନ୍ୟର ଭୁଲକୁ ସମର୍ଥନ କରୁଛୁ, ବରଂ ଏହାର ଅର୍ଥ ହେଉଛି ଆମେ ନିଜର ମାନସିକ ଶାନ୍ତିକୁ ଅନ୍ୟର ହୀନ ପ୍ରକୃତି ଅପେକ୍ଷା ଅଧିକ ଗୁରୁତ୍ୱ ଦେଉଛୁ। ଯେତେବେଳେ ଆମେ କାହାକୁ କ୍ଷମା କରୁ, ଆମେ ପ୍ରକୃତରେ ଗାନ୍ଧୀଙ୍କ 'ଆତ୍ମଶୁଦ୍ଧି'ର ମାର୍ଗକୁ ଆପଣେଇଥାଉ।

ଘୃଣା ଦୂର କରିବାର ଏକ ମାତ୍ର ମାର୍ଗ ହେଉଛି ପତ୍ର ଲିଖନ ଓ ଆତ୍ମ-ସମୀକ୍ଷା। ଯଦି ଆମେ କାହା ପ୍ରତି ପ୍ରବଳ ଘୃଣା ପୋଷଣ କରୁଛୁ, ତେବେ ଗାନ୍ଧୀବାଦୀ ଉପାୟରେ ତାହାର ସମାଧାନ କରିବା ଆବଶ୍ୟକ। ଏକ କାଗଜ ଓ କଲମ ଧରି ମନ ଭିତରେ ଥିବା ସମସ୍ତ ଅସନ୍ତୋଷ, କ୍ରୋଧ ଓ ଅଭିଯୋଗ - କାହିଁକି ଆମେ କଷ୍ଟ ପାଉଛୁ? ସେହି ବ୍ୟକ୍ତି ଆମର କ'ଣ କ୍ଷତି କରିଛନ୍ତି? ଇତ୍ୟାଦି ସବୁକିଛି ସ୍ପଷ୍ଟ ଭାବେ ସେହି କାଗଜରେ ଲେଖିଦେଲେ ଆମକୁ ଏପରି ଅନୁଭବ ହେବ ଯେ ମନରୁ ଏକ ବଡ଼ ପଥର ଖସିଗଲା। ଲେଖା ସରିବା ପରେ ପତ୍ରଟିକୁ ଚିରି ଫୋପାଡ଼ି କିମ୍ବା ପୋଡ଼ି ଦିଆଯାଇପାରେ। ଏହି ପ୍ରକ୍ରିୟା ଆମ ମନରେ 'ଭେଣ୍ଟିଲେସନ୍' ଭଳି କାମ କରିବ। ଗାନ୍ଧିଜୀ ନିଜ ଜୀବନର ଭୁଲଗୁଡ଼ିକୁ ମାନି ନେଇ ନିଜ ପିତାଙ୍କୁ ଚିଠି ଲେଖିଥିଲେ, ଯାହା ତାଙ୍କୁ ଜଣେ ସାଧାରଣ ମଣିଷରୁ ମହାତ୍ମାରେ ପରିଣତ କରିଥିଲା।

ଆଜିର ମଣିଷ ସମାଜଠାରୁ ବାହାରି ଯାଇଛି, ପ୍ରକୃତିଠାରୁ ଦୂରେଇ ଯାଇଛି ଏବଂ ସାହିତ୍ୟ ପ୍ରତି ବିମୁଖ ହୋଇଛି। ସେ ମୋବାଇଲର ଏକ କୃତ୍ରିମ ଦୁନିଆରେ ବଞ୍ଚୁଛି। ଗାନ୍ଧିଜୀ ସର୍ବଦା 'ସରଳ ଜୀବନ' ଓ 'ଉଚ୍ଚ ବିଚାର' ଉପରେ ଗୁରୁତ୍ୱ ଦେଉଥିଲେ। ଆଜି ଆମର ଜୀବନ ଜଟିଳ ହୋଇଯାଇଛି ଏବଂ ବିଚାର ନିମ୍ନଗାମୀ ହେଉଛି। ଏହାର ସମାଧାନ ପାଇଁ ଆମକୁ ଉତ୍ତମ ସାହିତ୍ୟ ପଠନ ଯଥା ମହାପୁରୁଷଙ୍କ ଜୀବନୀ ଏବଂ ସକାରାତ୍ମକ ପୁସ୍ତକ ପଢ଼ିବାକୁ ହେବ। ଏହାଦ୍ୱାରା ମନରୁ ବିଷାକ୍ତ ଚିନ୍ତାଧାରା ଦୂର ହେବ। ଗାନ୍ଧୀଙ୍କ 'ସର୍ବୋଦୟ' ବିଚାର ଅନୁସାରେ ସମସ୍ତଙ୍କର ମଙ୍ଗଳ ଚିନ୍ତା କରିବା ଶିଖିବାକୁ ହେବ। ସାମାଜିକ ଗଣମାଧ୍ୟମରେ କିଛି ବି ପ୍ରତିକ୍ରିୟା ଦେବା ପୂର୍ବରୁ ଦଶସେକେଣ୍ଡ ଚିନ୍ତା କରିବା ଆବଶ୍ୟକ - 'ମୋର ଏହି ଶବ୍ଦ କାହାକୁ ଶାନ୍ତି ଦେବ ନା କଷ୍ଟ?' ଜୀବନ ଅତି କ୍ଷଣସ୍ଥାୟୀ। ଏହି ସ୍ୱଳ୍ପ ସମୟ ଭିତରେ ଘୃଣା, ଷଡ଼ଯନ୍ତ୍ର ଓ ବିବାଦରେ ସମୟ ନଷ୍ଟ କରିବା କେତେଦୂର ଯୁକ୍ତିଯୁକ୍ତ? ଜୀବନର ପ୍ରକୃତ ଆନନ୍ଦ, ପ୍ରେମ, ସହଯୋଗ ଓ ସମନ୍ୱୟ ଭିତରେ ହିଁ ନିହିତ।

ଯେତେବେଳେ ଆମେ ଅନ୍ୟର ଖୁସିରେ ଖୁସି ହେବା ଶିଖିଯିବା, ସେତେବେଳେ ଈର୍ଷା ନିଜେ ନିଜେ ପରାଜିତ ହେବ। ଗାନ୍ଧିଜୀଙ୍କ 'ରାମରାଜ୍ୟ'ର ପରିକଳ୍ପନା କେବଳ ଏକ ରାଜନୈତିକ ବ୍ୟବସ୍ଥା ନଥିଲା, ବରଂ ଏହା ଥିଲା ଏକ ସୁସ୍ଥ ମାନସିକ ସମାଜର ପ୍ରତିଫଳନ। ଯଦି ଆମେ ମନରୁ ଘୃଣାର ବିଷ ବାହାର କରି କ୍ଷମା ଓ ପ୍ରେମର ଅମୃତ ଭରିପାରିବା, ତେବେ ତାହା ହିଁ ହେବ ଗାନ୍ଧୀଙ୍କ ପ୍ରତି ଶ୍ରେଷ୍ଠ ଶ୍ରଦ୍ଧାଞ୍ଜଳି ଏବଂ ଜୀଇଁବାର ପ୍ରକୃତ ଶୈଳୀ।

କୋତାଙ୍ଗ(କୋଣାର୍କ), ମୋ: ୭୩୮୧୩୮୨୨୧୦

## ଆମ ବୃକ୍ଷଲତା ଆମ ଜୀବନ

### ତେନ୍ତୁଳି
(Tamarind Tree- Tamarindus indica)

### ପ୍ରକୃତି-ପରିବେଶ

ସୌଭାଗ୍ୟସୁନ୍ଦର

ତେନ୍ତୁଳି ଆଫ୍ରିକାର ଏକ ମୂଳଜାତ ଉଦ୍ଭିଦ ଏବଂ ଭାରତ ସମେତ ବିଭିନ୍ନ ଏସୀୟ ଦେଶ, କାରିବିଆନ୍, ପ୍ରଶାନ୍ତ ମହାସାଗରୀୟ ଦ୍ୱୀପପୁଞ୍ଜରେ ଏହା ପ୍ରାକୃତିକୀକରଣ ହୋଇସାରିଛି। ବହୁବିଧ ବ୍ୟବହାର ଯୋଗୁଁ ସାରା ବିଶ୍ୱରେ ଉଷ୍ଣମଣ୍ଡଳୀୟ ଏବଂ ଉପ-ଉଷ୍ଣମଣ୍ଡଳୀୟ ଅଞ୍ଚଳରେ ଏହା ଚାଷ କରାଯାଏ। ଏଗୁଡ଼ିକୁ ସାଧାରଣତଃ ରାଜପଥ କଡ଼ରେ ଏବଂ ପାର୍କରେ ଶୋଭାବର୍ଦ୍ଧକ ଓ ଛାୟା ପ୍ରଦାନକାରୀ ବୃକ୍ଷ ଭାବରେ ଏବଂ ଧୂଳି ଧରି ରଖିବା ପାଇଁ ରୋପଣ କରାଯାଏ।

ତେନ୍ତୁଳି ଏକ ଦୀର୍ଘଜୀବୀ ଚିରହରିତ ବୃକ୍ଷ, ଯାହା ସର୍ବାଧିକ ୨୫-୩୦ ମିଟର ଉଚ୍ଚତା ପର୍ଯ୍ୟନ୍ତ ବଢ଼େ। ଗଛ ପରିପକ୍ୱ ହେବା ସହିତ ଶାଖାଗୁଡ଼ିକ ଗଣ୍ଡିର ଶୀର୍ଷ ଭାଗରୁ ଝୁଲିଯାଏ। ଏହାର ଆଦି ମୂଳ ବହୁତ ଶାଖାଯୁକ୍ତ। ପତ୍ରଗୁଡ଼ିକ ଯୌଗିକ, ସମପକ୍ଷଳ ଏବଂ ବିକଳ୍ପ ଭାବରେ ବ୍ୟବସ୍ଥିତ ହୋଇଥାଏ। ଫୁଲଗୁଡ଼ିକ ଆକାରରେ ଛୋଟ, ଗୋଲାପୀ ରଙ୍ଗର। ଏହାର ଫଳ ୧୨ ରୁ ୧୫ ସେମି ଲମ୍ବା, ଏକ କଠିନ ମାଟିଆ ରଙ୍ଗର ଚୋପା ଭିତରେ ରସାଳ ଉପାଦାନ ସହିତ ଅନେକ ମଞ୍ଜି ଗୋଟିକ ପରେ ଗୋଟିଏ ଲମ୍ବା ହୋଇ ସଜେଇ ହୋଇ ରହିଥାଏ। ଏହାର ଫଳକୁ ଲୋମେଣ୍ଟାମ ବା ମାଳା ଶିମ୍ବ କୁହାଯାଏ। ଏହାର ରସାଳ ବା ମାଂସଳ ଉପାଦାନ ପ୍ରଥମେ ଅମ୍ଳୀୟ ଥାଏ, ପରିପକ୍ୱ ହେଲେ ମାଟିଆ କିମ୍ବା ଲାଲମାଟିଆ ରଙ୍ଗର ହୋଇଯାଏ ଏବଂ କମ୍ ଅମ୍ଳ ବିଶିଷ୍ଟ ହୋଇ ଟିକିଏ ମିଠା ସ୍ୱାଦର ହୁଏ। ବିହନଗୁଡ଼ିକ କଠିନ, ଚେପଟା ଏବଂ ଚକଚକିଆ ଗାଢ଼ ମାଟିଆ ରଙ୍ଗର।

ତେନ୍ତୁଳି ଗଛର ବିଭିନ୍ନ ରାନ୍ଧଣା, ବାଣିଜ୍ୟିକ ଓ ପରିବେଶଗତ ବ୍ୟବହାର ମୂଲ୍ୟ ଅଛି। କଅଁଳ ଫଳର କଠିନ ମାଂସଳ ଉପାଦାନ ବା ମଣ୍ଡ ଖଟା ହୋଇଥାଏ, ଯାହାକୁ ସ୍ୱାଦିଷ୍ଟ ଖାଦ୍ୟରେ ଆଚାର ଭାବରେ ବ୍ୟବହାର କରାଯାଏ। ଏହାର ବିହନଗୁଡ଼ିକରେ ପେକ୍ଟିନ ରହିଥିବା ହେତୁ ସାଧାରଣତଃ ଜେଲି, ମୋରବା ଜେଲ୍ ଓ ଜାମ୍‌ରେ ବ୍ୟବହୃତ ହୁଏ ଏବଂ ପନିର, ଆଇସକ୍ରିମ୍ ଓ ସସ୍ ତିଆରି କରିବା ପାଇଁ ସ୍ଥିରକାରୀ ଉପାଦାନ ଭାବରେ ବ୍ୟବହାର କରାଯାଏ। କିଛିଦେଶରେ ତେନ୍ତୁଳି ବିହନଗୁଡ଼ିକର ଉଚ୍ଚ ପ୍ରୋଟିନ୍‌ସ୍ତର ହେତୁ ଏହାକୁ ଜରୁରିକାଳୀନ ଖାଦ୍ୟ ଭାବରେ ବ୍ୟବହାର କରାଯାଏ। ତେନ୍ତୁଳି ଗଛର ପତ୍ରରେ କ୍ୟାଲସିୟମ୍ ଓ ପ୍ରୋଟିନ୍ ଅଧିକ ଥାଏ ଏବଂ ଏହାକୁ ମଣିଷ ସହିତ ବନ୍ୟପ୍ରାଣୀ ଓ ଗୃହପାଳିତ ପଶୁମାନେ ମଧ୍ୟ ଖାଦ୍ୟ ଭାବରେ ବ୍ୟବହାର କରନ୍ତି।

ତେନ୍ତୁଳି ମଞ୍ଜି ପାଉଡରକୁ ବୟନ ଶିଳ୍ପରେ ଅଠା ବା ଆଧେସିଭ୍ ତିଆରିରେ ବ୍ୟବହାର କରାଯାଏ। ଏହାର ବିହନ ତେଲ ରଙ୍ଗ ବା ବାର୍ଣ୍ଣିସ୍ ତିଆରି ପାଇଁ ବ୍ୟବହୃତ ହୁଏ। ପତ୍ର ଓ ଫୁଲଗୁଡ଼ିକୁ ରଙ୍ଗ ପାଇଁ ସେଟିଂଏଜେଣ୍ଟ ଭାବରେ ବ୍ୟବହାର କରାଯାଏ। ତେନ୍ତୁଳି କାଠର ମଞ୍ଜି ଟାଣ ଓ ଗାଢ଼ ଲାଲ ହୋଇଥିବାରୁ ଆସବାବପତ୍ର, ଡଙ୍ଗା, ଅନ୍ୟାନ୍ୟ ଛୋଟ ଛୋଟ କାଠ ସାମଗ୍ରୀ ତିଆରିରେ ବ୍ୟବହୃତ ହୁଏ। ତେନ୍ତୁଳି ମଣ୍ଡ ପିତ୍ତଳ ଏବଂ ତମ୍ବା ମୂର୍ତ୍ତି, ଦୀପ, ପାତ୍ର ସାମଗ୍ରୀଗୁଡ଼ିକୁ ପଲିସ୍ କରିବା ପାଇଁ ବ୍ୟବହୃତ ହୁଏ।

ତେନ୍ତୁଳି ପାରମ୍ପରିକ ଔଷଧର ଏକ ପ୍ରଧାନ ଉତ୍ସ। ତେନ୍ତୁଳି ଫଳ ରସକୁ ଜ୍ୱର ଆକ୍ରାନ୍ତଙ୍କ କପାଳରେ ଲେପ ଭାବରେ ଲଗାଯାଏ। ଏଥିସହିତ କୋଷ୍ଠକାଠିନ୍ୟ, ଚର୍ମ କ୍ଷତ ଓ ଜଳନ, କୁଷ୍ଠ ରୋଗ, ପତଳା ଝାଡ଼ା, କୃମି ଆଦିର ଉପଶମ ପାଇଁ ତେନ୍ତୁଳିର ବିଭିନ୍ନ ଅଂଶ ଉପଯୋଗ କରାଯାଏ। କଞ୍ଚା ତେନ୍ତୁଳି ଫଳରେ ୬୩ % କାର୍ବୋହାଇଡ୍ରେଟ୍ ବା ଶର୍କରା, ୩୧ % ପାଣି, ୩ % ପ୍ରୋଟିନ୍ ଓ ୧ % ଚର୍ବି ଥାଏ। ୧୦୦ ଗ୍ରାମର କଞ୍ଚା ତେନ୍ତୁଳି ୨୩୯ କ୍ୟାଲୋରୀ ଖାଦ୍ୟ ଶକ୍ତି ଯୋଗାଇଥାଏ ଏବଂ ଏହା ମ୍ୟାଗ୍ନେସିୟମ୍ ଓ ପୋଟାସିୟମ୍ ସମେତ ଥାୟାମିନ୍ ଓ ଖାଦ୍ୟ ଖଣିଜ ପଦାର୍ଥର ଏକ ସମୃଦ୍ଧ ଉତ୍ସ। ତେନ୍ତୁଳି ପତ୍ର ଓ ବିହନରେ ଲୁପିଓଲ୍, କ୍ୟାଟେଚିନ୍, ଏପିକେଟେଚିନ୍, କ୍ୱେର୍ସେଟିନ୍, ପ୍ରୋସିଆନିଡିନ୍ ଈ୨, କାଫିକ୍ ଏସିଡ୍, ଫେରୁଲିକ୍ ଏସିଡ୍, କ୍ଲୋରାମଫେନିକୋଲ୍, ମାଇରିସେଟିନ୍, ମୋରିନ୍, ଆପିଜେନିନ୍, କ୍ୟାମ୍ପଫେରୋଲ୍ ଏବଂ ଆଇସୋରହାମନେଟିନ୍ ରହିଛି।

ଆମ ଦେଶରେ ମହାରାଷ୍ଟ୍ର, ଛତିଶଗଡ଼, କର୍ଣ୍ଣାଟକ, ତେଲେଙ୍ଗାନା, ଆନ୍ଧ୍ର ପ୍ରଦେଶ ଓ ତାମିଲନାଡୁରେ ଏହାର ଅଧିକ ଚାଷ କରାଯାଏ। ବିଂଶ ଶତାବ୍ଦୀର ଶେଷ ଭାଗରେ ଭାରତ ବାର୍ଷିକ ୨, ୫୦, ୦୦୦ ଟନ୍ ତେନ୍ତୁଳି ଉତ୍ପାଦନ କରୁଥିଲା। ଏକ ପରିପକ୍ୱ ବୃକ୍ଷ ପ୍ରତିବର୍ଷ ୨୨୫ କିଲୋଗ୍ରାମ ପର୍ଯ୍ୟନ୍ତ ଫଳ ଉତ୍ପାଦନ କରିପାରିବ। ଯୁକ୍ତରାଷ୍ଟ୍ରରେ ଏହା ଏକ ବଡ଼ ପରିମାଣର ଫସଲ, ଯାହା ବାଣିଜ୍ୟିକ ବ୍ୟବହାର ପାଇଁ ପ୍ରଚଳିତ (କେବଳ ଭାରତ ପରେ ନେଟ୍ ଉତ୍ପାଦନ ପରିମାଣରେ ଦ୍ୱିତୀୟ)।

ଭୁବନେଶ୍ୱର, ମୋ: ୯୪୩୭୧୯୦୪୭୦

## ଲେଖକ/ଲେଖିକାଙ୍କ ନିମନ୍ତେ ସୂଚନା

୧. 'ସକାଳ'ର ସମ୍ପାଦକୀୟ ପୃଷ୍ଠା ପାଇଁ ପ୍ରଥମ ଲେଖା ସର୍ବାଧିକ ୯୦୦ ଶବ୍ଦ ଏବଂ ଦ୍ୱିତୀୟ ଲେଖା ସର୍ବାଧିକ ୫୦୦ ଶବ୍ଦ ମଧ୍ୟରେ ସୀମିତ ରଖିବା ବାଞ୍ଛନୀୟ।
୨. ଲେଖା ପ୍ରକାଶନ ସମ୍ପର୍କରେ ସମ୍ପାଦନା ମଣ୍ଡଳିର ନିଷ୍ପତ୍ତି ଚୂଡ଼ାନ୍ତ। ଲେଖାର କେବଳ ସମ୍ପାଦିତ ଅଂଶ ହିଁ ପ୍ରକାଶିତ ହେବ।
୩. 'ସକାଳ'କୁ ପଠାଇଥିବା ସମାନ ଲେଖା ଏକାଧିକ ଖବରକାଗଜ/ପତ୍ରପତ୍ରିକାରେ ପ୍ରକାଶିତ ହେଲେ ଏବଂ ଅତୀତରେ ପ୍ରକାଶିତ ଲେଖାକୁ ପୁଣି ଥରେ ପଠାଇବା ଜଣାପଡ଼ିଲେ ଭବିଷ୍ୟତରେ ସମ୍ପୃକ୍ତ ଲେଖକ/ଲେଖିକାଙ୍କ ଲେଖା ଆଉ ବିଚାରକୁ ନିଆଯିବ ନାହିଁ।
୪. ଲେଖା ପଠାଇବାର ୭ ଦିନ ମଧ୍ୟରେ ପ୍ରକାଶିତ ନ ହେଲେ ଲେଖକ/ଲେଖିକା ତାହାକୁ ଅନ୍ୟ ଖବରକାଗଜ/ପତ୍ରପତ୍ରିକାକୁ ପଠାଇ ପାରିବେ।
୫. ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟିକାରୀ, ବ୍ୟକ୍ତିଗତ ଆକ୍ରୋଶମୂଳକ ଓ ପ୍ରଶଂସାସୂଚକ ଲେଖା ପ୍ରକାଶିତ ହେବ ନାହିଁ। ପ୍ରସଙ୍ଗଭିତ୍ତିକ, ସୁସ୍ଥ ଓ ବୌଦ୍ଧିକ ସମାଲୋଚନାମୂଳକ ଲେଖାକୁ ଅଗ୍ରାଧିକାର ଦିଆଯିବ।
୬. ଲେଖା ପ୍ରକାଶନର ଅନ୍ତର ଅନ୍ୟୂନ ୧୫ ଦିନ ରହିବ।
୭. 'ସକାଳ' ଓଡ଼ିଶାର ବୃହତ୍ ପାଠକବର୍ଗଙ୍କର। ସେମାନଙ୍କ ରୁଚି, ଆଗ୍ରହ ଓ ଚାହିଦାକୁ ସମ୍ମାନ ଜଣାଇବା ଆମ ସମସ୍ତଙ୍କର କର୍ତ୍ତବ୍ୟ। ଏହାକୁ ହୃଦୟଙ୍ଗମ କରି ଉପରୋକ୍ତ ମାର୍ଗଦର୍ଶିକାକୁ ସଯତ୍ନ ଅନୁପାଳନ ପାଇଁ ଲେଖକ/ଲେଖିକାଙ୍କୁ ପୁଣି ଥରେ ବିନମ୍ର ଓ ସଶ୍ରଦ୍ଧ ଅନୁରୋଧ କରୁଛୁ।

କାର୍ଯ୍ୟନିର୍ବାହୀ ସମ୍ପାଦକ



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉକ୍ତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

# ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ରାଜ୍ୟ ସରକାରଙ୍କ ମୁଖପତ୍ର 'ପ୍ରଗତି ପ୍ରବାହ' ଉନ୍ମୋଚିତ

## ଝାରସୁଗୁଡ଼ାର ସଫଳ ଯୁବ ଚାଷୀ ହୃଦାନନ୍ଦ ବିଶିଙ୍କୁ ସମ୍ବର୍ଦ୍ଧିତ କଲେ ମୁଖ୍ୟମନ୍ତ୍ରୀ, ଜିଲ୍ଲା ପ୍ରଶାସନକୁ ସମସ୍ତ ସହାୟତା ଯୋଗାଇବାକୁ ନିର୍ଦ୍ଦେଶ


ଭୁବନେଶ୍ୱର,୧୮ ।୧(ସମିସ): ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ରାଜ୍ୟ ସରକାରଙ୍କ ମୁଖପତ୍ର 'ପ୍ରଗତି ପ୍ରବାହ' ଉନ୍ମୋଚନ କରିଛନ୍ତି । ସୂଚନା ଓ ଲୋକସମ୍ପର୍କ ବିଭାଗ ଦ୍ୱାରା ପ୍ରକାଶିତ ଏହି ପୁସ୍ତିକାଟିକୁ ମୁଖ୍ୟମନ୍ତ୍ରୀ ନିଜ ବାସଭବନ ତଥା ଆବାସିକ କାର୍ଯ୍ୟାଳୟରେ ଉନ୍ମୋଚନ କରିଥିଲେ । ପ୍ରଗତି ପ୍ରବାହ ରାଜ୍ୟ ବିକାଶର ଚଳନ୍ତି ପ୍ରତିଛବି ବୋଲି ମୁଖ୍ୟମନ୍ତ୍ରୀ ମତବ୍ୟକ୍ତ କରିବା ସହ ଏହି ପୁସ୍ତିକାର ପ୍ରକାଶନ ପାଇଁ ସୂଚନା ଓ ଲୋକସମ୍ପର୍କ ବିଭାଗକୁ ଧନ୍ୟବାଦ ଦେଇଥିଲେ ।

ସୂଚନାଯୋଗ୍ୟ ଯେ ପ୍ରଗତି ପ୍ରବାହର ଉନ୍ମୋଚନ ସମୟରେ ଝାରସୁଗୁଡା ଜିଲ୍ଲାର ଲଖନପୁର ଗ୍ରାମର ଜଣେ ସଫଳ ଯୁବ ଚାଷୀ ହୃଦାନନ୍ଦ ବିଶି ମଧ୍ୟ ଉପସ୍ଥିତ ଥିଲେ । ଏହି ପୁସ୍ତିକାରେ ହୃଦାନନ୍ଦଙ୍କ ସଫଳ କାହାଣୀ ମଧ୍ୟ ଉଲ୍ଲେଖ ଅଛି । ଏହି ଅବସରରେ ମୁଖ୍ୟମନ୍ତ୍ରୀ ହୃଦାନନ୍ଦ ବିଶିଙ୍କୁ ସମ୍ମାନିତ କରିବା ସହିତ ତାଙ୍କ ସଫଳତା ପାଇଁ ଶୁଭେଚ୍ଛା ପ୍ରଦାନ କରିଥିଲେ । ଏହା ସହିତ ଆଗକୁ କିଭଳି ଆହୁରି ସରକାରଙ୍କ ହିତାକାଂକ୍ଷୀ ଯୋଜନା ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନା, ପି.ଏମ କିଷାନ ଓ 'ସିଏମ- କିଷାନ' ମାଧ୍ୟମରେ ଆହୁରି ନିଜର କୃଷି କାର୍ଯ୍ୟକୁ ତ୍ୱରାନ୍ୱିତ କରିବେ ସେ ବିଷୟରେ



ପରାମର୍ଶ ଦେଇଥିଲେ । ଆମ ସରକାର ଚାଷୀଙ୍କ ଉନ୍ନତି ପାଇଁ ସମସ୍ତ ପ୍ରକାର ବ୍ୟବସ୍ଥା କରୁଛି । ଚାଷୀଟିଏ ଆଜି ପ୍ରଧାନମନ୍ତ୍ରୀ ମୋଦୀଙ୍କ ଆତ୍ମନିର୍ଭରଶୀଳ ଭାରତର ଉଦ୍ଦେଶ୍ୟକୁ ପୂରଣ କରୁଛି । ଚାଷୀ ନିଜ ଫସଲ ଦ୍ୱାରା ଗୋଟିଏ ପରିବାର ନୁହେଁ ଅନେକ ପରିବାର ଚଳାଇବାର କ୍ଷମତା ରଖୁଛି, ଯାହାକି ଆମ ଦେଶର ପ୍ରକୃତ ଷ୍ଟାର୍ଟ-ଅପ ବୋଲି ମୁଖ୍ୟମନ୍ତ୍ରୀ ସଫଳ ଚାଷୀ ଶ୍ରୀ ବିଶିଙ୍କ ସହ କଥା ହୋଇ ତାଙ୍କୁ କହିଥିଲେ । ଆଲୋଚନା ସମୟରେ ମୁଖ୍ୟମନ୍ତ୍ରୀ ଶ୍ରୀ ବିଶିଙ୍କୁ ସରକାରୀ ସହାୟତା ଓ ସବସିଡି ମିଳୁଛି କି ନାହିଁ ସେ ସମ୍ପର୍କରେ ପଚାରି ବୁଝିଥିଲେ । ଚାଷୀଙ୍କ ଆବଶ୍ୟକତାକୁ ଦୃଷ୍ଟିରେ ରଖି ମୁଖ୍ୟମନ୍ତ୍ରୀ ଝାରସୁଗୁଡ଼ା ଜିଲ୍ଲାପାଳଙ୍କ ଜରିଆରେ ସମସ୍ତ ସରକାରୀ ସହାୟତା ତୁରନ୍ତ ଯୋଗାଇ ଦେବାକୁ ନିର୍ଦ୍ଦେଶ ଦେଇଥିଲେ । ବିଶେଷ କରି କୋଲ୍ଡ କୃଷି ଭିତ୍ତିଭୂମିର ବିକାଶ ପାଇଁ ଜିଲ୍ଲାପାଳ ସମସ୍ତ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରିବାକୁ ସେ ସ୍ପଷ୍ଟ କରିଥିଲେ । ଏଥିସହିତ ବିଭିନ୍ନ କୃଷି ଯୋଜନାର ସୁଯୋଗ ନେଇ ନିଜର କୃଷି କାର୍ଯ୍ୟକୁ ଆହୁରି ତ୍ୱରାନ୍ୱିତ କରିବା ପାଇଁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେବା ସହ ଚାଷୀଙ୍କ ସର୍ବାଙ୍ଗୀନ ଉନ୍ନତି ପାଇଁ ସରକାର ପ୍ରତିଶ୍ରୁତିବଦ୍ଧ ବୋଲି କହିଥିଲେ ।

# ପ୍ରଫେସର ଗାୟତ୍ରୀବାଳା ପଣ୍ଡାଙ୍କ 'ସ୍ତ୍ରୀୟାଁ' ଲୋକାର୍ପିତ





ଭୁବନେଶ୍ୱର,୧୮ ।୧(ସମିସ): ନୂଆଦିଲ୍ଲୀର ପ୍ରଗତି ମଇଦାନରେ ଅନୁଷ୍ଠିତ ବିଶ୍ୱ ପୁସ୍ତକ ମେଳାରେ ପ୍ରଖ୍ୟାତ ଓଡ଼ିଆ କବି, ଶିକ୍ଷାବିତ୍, ସମ୍ପାଦକ, ସ୍ତମ୍ଭକାର ପ୍ରଫେସର ଗାୟତ୍ରୀବାଳା ପଣ୍ଡାଙ୍କ କବିତା ପୁସ୍ତକ 'ସ୍ତ୍ରୀୟାଁ'ର ଲୋକାର୍ପିତ ହୋଇଛି । ବିଶିଷ୍ଟ ଅନୁବାଦକ ଡ. ରାଜେନ୍ଦ୍ର ପ୍ରସାଦ ମିଶ୍ରଙ୍କ ଦ୍ୱାରା ଅନୁଦିତ ଓ ମୁମ୍ବାଇର ପ୍ରଲେକ ପ୍ରକାଶନୀ ଦ୍ୱାରା ପ୍ରକାଶିତ ଏହି ପୁସ୍ତକ ଲୋକାର୍ପଣ ଉତ୍ସବରେ ଡ. ରାଜେନ୍ଦ୍ର ପ୍ରସାଦ ମିଶ୍ର, ପ୍ରକାଶକ ଜିତେନ୍ଦ୍ର ପାତ୍ର , ପ୍ରଖ୍ୟାତ ହିନ୍ଦୀ କବି ଅଶୋକ ବାଜପେୟୀ, ବିଶିଷ୍ଟ ହିନ୍ଦୀ କବି ତଥା ଚିତ୍ରଶିଳ୍ପୀ ଲୀଳାଧର ମଣ୍ଡଲୋଇ, ବିଶିଷ୍ଟ ହିନ୍ଦୀ କବି ତଥା ଇଗ୍ନୁର କୁଳସଚିବ ପ୍ରଫେସର ଜିତେନ୍ଦ୍ର ଶ୍ରୀବାସ୍ତବ, ବିଶିଷ୍ଟ ହିନ୍ଦୀ କବି ପ୍ରଫେସର ସବିତା ସିଂହ, ବିଶିଷ୍ଟ ହିନ୍ଦୀ କବି ଅଗ୍ନିଶେଖର, ବିଶିଷ୍ଟ ହିନ୍ଦୀ ଲେଖିକା କ୍ଷମା କୌଲ, ବିଶିଷ୍ଟ ହିନ୍ଦୀ ଲେଖକ ଜୟ ପ୍ରକାଶ କର୍ଦମ, ପ୍ରଖ୍ୟାତ ପଞ୍ଜାବୀ କବି ତଥା ଅନୁବାଦକ ଡଃ ବନୀତା, କେନ୍ଦ୍ର ସାହିତ୍ୟ ଅକାଦେମୀ ଉପ ସଚିବ କୁମାର ଅନୁପମ ପ୍ରମୁଖ ଉପସ୍ଥିତ ଥିଲେ । 'ସ୍ତ୍ରୀୟାଁ' କବିତା ସଙ୍କଳନରେ ମୋଟ ୧୦୮ଟି କବିତା ସ୍ଥାନିତ ହୋଇଛି ଏବଂ ଏଥିରେ ଥିବା କବିତାରେ ମହିଳାମାନଙ୍କ ସଂଘର୍ଷ, ସମସ୍ୟା, ଆଦି ପ୍ରସଙ୍ଗ ପ୍ରତିଧ୍ୱନିତ ହୋଇଛି । ଏହି ସଂଗ୍ରହରେ କବି ପୁରୁଷତାନ୍ତ୍ରିକ ଓ ପାରମ୍ପରିକ ସମାଜିକ ନୀତିଗୁଡ଼ିକୁ ପ୍ରଶ୍ନ କରିବା ସହିତ, ସ୍ତ୍ରୀ ଅସ୍ତିତ୍ୱର ଶକ୍ତି, ଜିଜୀବିଷା ଓ ମର୍ଯ୍ୟାଦାକୁ ସ୍ୱର ଦେଇଛନ୍ତି । ଦୀର୍ଘ ତିନି ଦଶନ୍ଧିରୁ ଊର୍ଦ୍ଧ୍ୱ କାଳ କବିତା, ଗପ, ଉପନ୍ୟାସ, ପ୍ରବନ୍ଧ ଓ ଖବରକାଗଜରେ ସ୍ତମ୍ଭ ରଚନା କରି ଯଥେଷ୍ଟ ପାଠକୀୟ ସ୍ୱୀକୃତି ହାସଲ କରିଥିବା କବି ଗାୟତ୍ରୀବାଳା ପଣ୍ଡାଙ୍କର ବର୍ତ୍ତମାନ ସୁଦ୍ଧା ୩୯ଟି ପୁସ୍ତକ ପ୍ରକାଶ ପାଇଛି । କବିତା ସଙ୍କଳନ 'ଦୟା ନଦୀ' ପାଇଁ ୨୦୨୨ରେ ଗାୟତ୍ରୀବାଳା କେନ୍ଦ୍ର ସାହିତ୍ୟ ଅକାଦେମୀ ପୁରସ୍କାର, କବିତା ସଙ୍କଳନ 'ଗାଁ' ପାଇଁ ୨୦୧୧ରେ କେନ୍ଦ୍ର ସାହିତ୍ୟ ଅକାଦେମୀ ଯୁବ ପୁରସ୍କାରରେ ପୁରସ୍କୃତ ହେବା ସହ ଜାତୀୟ ଓ ରାଜ୍ୟସ୍ତରରେ ଅନେକ ପୁରସ୍କାରରେ ସମ୍ମାନିତ ହୋଇଛନ୍ତି ।

■ ଫରେଷ୍ଟ ରେଞ୍ଜର ଆସୋସିଏସନ୍‌ର ପୁନର୍ଗଠିତ

# ଜଗବନ୍ଧୁ ପାତ୍ର ରାଜ୍ୟ ସଭାପତି ନିର୍ବାଚିତ




ଭୁବନେଶ୍ୱର, ୧୮ ।୧ (ସମିସ): ଓଡ଼ିଶା ଫରେଷ୍ଟ ରେଞ୍ଜର ଆସୋସିଏସନ୍‌ର ପୁନର୍ଗଠିତ ହୋଇଛି । ରବିବାର ଭୁବନେଶ୍ୱରଠାରେ ସଂଘର ନିର୍ବାଚନ ଅନୁଷ୍ଠିତ ହୋଇଥିବା ବେଳେ ଏଥିରେ ଡେପୁଟି ରେଞ୍ଜର ଜଗବନ୍ଧୁ ପାତ୍ରଙ୍କୁ ସର୍ବସମ୍ମତିକ୍ରମେ ସଭାପତି ଭାବେ ମନୋନୀତ କରାଯାଇଛି । ସେହିପରି ଉପସଭାପତି ଭାବେ ଶୁଭ୍ରା ଶୁଚିସ୍ମିତା ମହାପାତ୍ର, ସାଧାରଣ ସମ୍ପାଦକ ଭାବେ ସଚିଦାନନ୍ଦ ସୁବୁଦ୍ଧି, ଯୁଗ୍ମ ସମ୍ପାଦକ ଭାବେ ସୁଦାମ ଜେ, କୋଷାଧ୍ୟକ୍ଷ ଆଶିଷ କୁମାର ଦିଗଲ ଓ ଆହ୍ୱାନ କମିଟି ଅଧ୍ୟକ୍ଷ ଭାବେ ସରୋଜ କୁମାର ମିଶ୍ରଙ୍କୁ ଚୟନ କରାଯାଇଛି । ଏମାନଙ୍କ ବ୍ୟତୀତ ଜୋନାଲ ସମ୍ପାଦକ, ଅଡିଟ୍ ବୋର୍ଡ ଓ କାର୍ଯ୍ୟନିର୍ବାହୀ ସଦସ୍ୟ ଭାବେ ୨୦ ଜଣ ସଦସ୍ୟଙ୍କୁ ଚୟନ କରାଯାଇଛି ।

ରବିବାର ଭୁବନେଶ୍ୱର ରେଡକ୍ରସ୍ ଭବନଠାରେ ଆୟୋଜିତ ଆସୋସିଏସନ୍‌ର ସାଧାରଣ ଅଧିବେଶନ ବୈଠକ ପ୍ରାରମ୍ଭରେ ରାୟଗଡ଼ା ଡିଭିଜନ୍ ରେଞ୍ଜର ଚନ୍ଦନ ଗୋମାଙ୍ଗଙ୍କ ଅକାଳ ବିୟୋଗ ସମ୍ବନ୍ଧରେ ନିରବ ପ୍ରାର୍ଥନା କରାଯାଇଥିଲା । ବନ ବିଭାଗର ବର୍ତ୍ତମାନ ଆବଶ୍ୟକତା ତଥା ରେଞ୍ଜରମାନଙ୍କ ଅସୁବିଧା ସଂପର୍କରେ ବିଭିନ୍ନ ଆଲୋଚନା ହେଇଥିଲା । ପରେ ସଂଘର ନିର୍ବାଚନ କରାଯାଇ ସମ୍ପାଦତ ହୋଇଥିଲା । ପୂର୍ବତନ ଆହ୍ୱାନ କମିଟିର ଅଧ୍ୟକ୍ଷ ଆଦିତ୍ୟ ନାରାୟଣ ମିଶ୍ର, ନୂଆ କର୍ମକର୍ତ୍ତାମାନଙ୍କୁ ଶପଥ ଗ୍ରହଣ କରାଇଥିଲେ ।

# ନରାଜ ବ୍ୟାରେଜରୁ ନବଜାତ ଶିଶୁପୁତ୍ରର ମୃତଦେହ ଉଦ୍ଧାର

ତ୍ରିଶୂଳିଆ,୧୮ ।୧(ସମିସ): କଟକର ଉପକଣ୍ଠ ନରାଜ ବ୍ୟାରେଜ ନିକଟରେ ଏକ ଅତ୍ୟନ୍ତ ଦୁଃଖଦାୟକ ଘଟଣା ସାମ୍ନାକୁ ଆସିଛି । ବ୍ୟାରେଜର ୨୪ ନମ୍ବର ଗେଟ୍ ମଧ୍ୟରୁ ଏକ ନବଜାତ ଶିଶୁପୁତ୍ରର ମୃତଦେହ ଉଦ୍ଧାର କରାଯାଇଛି । କିଏ ଏବଂ କେଉଁ ପରିସ୍ଥିତିରେ ଏହି ନିଷ୍ପାପ ଶିଶୁଟିକୁ ଏଠାରେ ଫିଙ୍ଗି ଦେଇ ଚାଲିଯାଇଛି, ତାହା ଏବେ ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଛି । ରବିବାର ସକାଳ ସମୟରେ ନରାଜ ଗ୍ରାମର କିଛି ମତ୍ସ୍ୟଜୀବୀ କାଠଯୋଡ଼ି ନଦୀକୁ ମାଛ ମାରିବାକୁ ଯାଇଥିବା ବେଳେ ବ୍ୟାରେଜ ଗେଟ୍‌ରେ ଶିଶୁଟିର ମୃତଦେହ ପଡ଼ିଥିବା ଦେଖିବାକୁ ପାଇଥିଲେ । ସେମାନେ ତୁରନ୍ତ ଏ ସମ୍ପର୍କରେ ବାରଙ୍ଗ ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ । ଅଗ୍ନିଶମ ବାହିନୀର ଏକ ଦଳ ଘଟଣାସ୍ଥଳରେ ପହଞ୍ଚି ନବଜାତ ଶିଶୁଟିକୁ ଉଦ୍ଧାର କରିଥିଲେ ମଧ୍ୟ ସେତେବେଳକୁ ଶିଶୁଟିର ମୃତ୍ୟୁ ଘଟିସାରିଥିଲା । ଅଗ୍ନିଶମ ବିଭାଗ ପକ୍ଷରୁ ଶିଶୁର ମୃତଦେହକୁ ଉଦ୍ଧାର କରାଯାଇ ଗୋଡ଼ିସାହି ଫାଣ୍ଡି ପୁଲିସକୁ ହସ୍ତାନ୍ତର କରାଯାଇଛି । ପୁଲିସ ଶବ ବ୍ୟବଚ୍ଛେଦ ପାଇଁ ମୃତଦେହକୁ କଟକ ବଡ଼ ମେଡିକାଲକୁ ପଠାଇବା ସହ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି । କେଉଁ ପରିସ୍ଥିତିରେ ଶିଶୁଟିକୁ ନଦୀକୁ ଫିଙ୍ଗାଯାଇଛି ଏବଂ ଏଥିପାଇଁ କିଏ ଦାୟୀ, ସେ ନେଇ ପୁଲିସ ଆଖପାଖ ଅଞ୍ଚଳର ଲୋକଙ୍କୁ ପଚରାଉଚରା ଜାରି ରଖିଛି ।

## କୋଲକାତା ଜୋନାଲସ୍ତରୀୟ ବିଜ୍ଞାନ ପ୍ରଦର୍ଶନୀ

# ମାଲକାନଗିରି ଝିଅ ଦିବ୍ୟାଭାରତୀ ଶ୍ରେଷ୍ଠ କିଶୋରୀ ବୈଜ୍ଞାନିକ

ଚିତ୍ରକୋଣ୍ଡା,୧୭ ।୧(ସମିସ): ମାଲକାନଗିରି ଜିଲ୍ଲା ଚିତ୍ରକୋଣ୍ଡା ବ୍ଲକ ଆରଏସସି ୬ ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟର ସପ୍ତମ ଶ୍ରେଣୀ ଛାତ୍ରୀ ଦିବ୍ୟାଭାରତୀ ପାଙ୍ଗିଙ୍କ ମ୍ୟାଜିକ୍ ଷ୍ଟିକ୍ ପ୍ରକଳ୍ପ କୋଲକତା ଜୋନାଲସ୍ତରୀୟ ବିଜ୍ଞାନ ପ୍ରଦର୍ଶନୀରେ ପୁରସ୍କୃତ ହୋଇଛି । ତାଙ୍କୁ ଶ୍ରେଷ୍ଠ କିଶୋରୀ ବୈଜ୍ଞାନିକ ପୁରସ୍କାର ଏବଂ ସ୍ୱତନ୍ତ୍ର ନବସୃଜନ ପ୍ରକଳ୍ପ ପୁରସ୍କାର ମିଳିଛି । ଦିବ୍ୟାଭାରତୀ ଏହି ପ୍ରକଳ୍ପକୁ ନେଇ ପ୍ରଥମେ ବିଦ୍ୟାଳୟସ୍ତରୀୟ ବିଜ୍ଞାନ ମେଳା, ପରେ ବ୍ଲକସ୍ତର ଓ ରାଜ୍ୟସ୍ତରୀୟ ବାଲ୍ ବୈଜ୍ଞାନିକ ପ୍ରଦର୍ଶନୀରେ କୃତକାର୍ଯ୍ୟ ହୋଇଥିଲେ ।

ଜାନୁୟାରୀ ୧୩ରୁ ୧୬ ତାରିଖ ପର୍ଯ୍ୟନ୍ତ ୪ଦିନ ଧରି କୋଲକତାରେ ଚାଲିଥିବା ଏହି ପ୍ରଦର୍ଶନୀରେ କୋଲକାତା, ବିହାର, ଝାଡଖଣ୍ଡ, ଓଡିଶା, ଆଣ୍ଡମାନ ଓ ନିକୋବରରୁ ପ୍ରତିଯୋଗୀ ଭାଗ ନେଇଥିଲେ । ଏଥିରେ ଦିବ୍ୟାଙ୍କ ପ୍ରକଳ୍ପ ସମସ୍ତଙ୍କୁ ଆକର୍ଷିତ କରିଥିଲା । ତାଙ୍କର ଏହି ପ୍ରକଳ୍ପଟି କୃଷକମାନଙ୍କ ସହୟତା ପାଇଁ ହୋଇଥିଲା । ସାପ, ବିଷାକ୍ତ କୀଟପତଙ୍ଗଙ୍କଠାରୁ ରକ୍ଷା କରିବାରେ ସହାୟତା, ଟର୍ଚ୍ଚ ଲାଇଟ୍, ସାଇରନ ସହ ଜରୁରୀ ସମୟରେ ନିଜର ଆତ୍ମୀୟ କିମ୍ବା ଆମ୍ବୁଲାନ୍ସ ଚାଳକଙ୍କ ପାଖକୁ ମେସେଜ ପଠାଇବା, କୃଷକର ସ୍ୱାସ୍ଥ୍ୟ ପାଇଁ ଔଷଧ ରଖିବା ବ୍ୟବସ୍ଥା, ଖରା ଓ ବର୍ଷାରୁ ରକ୍ଷା ପାଇବା ପାଇଁ ଛତାର ବ୍ୟବସ୍ଥା ଓ ମହିଳା କୃଷକମାନେ ଶିଶୁଙ୍କୁ ସ୍ତନ୍ୟପାନ କରାଇବାରେ ମଧ୍ୟ ଏହା ସହାୟକ ହେବ । ଏହି ପ୍ରକଳ୍ପ ପୂର୍ବରୁ ରାଜ୍ୟସ୍ତରରେ ବେଶ୍ ପ୍ରଶଂସା ସାଉଁଟିଥିବା ବେଳେ ବର୍ତ୍ତମାନ ଏହା ଆହୁରି ଅଧିକ ଲୋକପ୍ରିୟ ହୋଇଛି ।



# ୨ କୋଟିର ଅଫିମ ଚାଷ ଧ୍ୱଂସ



ବାରିପଦା, ୧୮ ।୧(ସମିସ): ମୟୂରଭଞ୍ଜ ଜିଲ୍ଲା ଯଶିପୁର ଥାନା ଅଧୀନରେ ଥିବା ଗୋପୀନାଥପୁର ଅଞ୍ଚଳରେ ଅବୈଧ ଭାବେ ଚାଷ ହୋଇଥିବା ପପି (ଅଫିମ) ଗଛର ଦୁଇଟି ବଡ଼ ଚାଷକ୍ଷେତକୁ ପୁଲିସ ଧ୍ୱଂସ କରିଦେଇଛି । ଏହି ଅଭିଯାନରେ ମୋଟ୍ ୯୫,୮୫୦ଟି ପପି ଗଛକୁ ନଷ୍ଟ କରାଯାଇଛି । ଏହାର ଆନୁମାନିକ ମୂଲ୍ୟ ୧ କୋଟି ୯୧ ଲକ୍ଷ ୭୦ ହଜାର ଟଙ୍କାର ହେବ ବୋଲି କୁହାଯାଉଛି । ଯଶିପୁର ପୁଲିସ ଏହି ଅଭିଯାନକୁ ସଫଳ କରିବାରେ ଗୁଇନ୍ଦା ସୂଚନା ଆଧାରରେ କାର୍ଯ୍ୟ କରିଥିବା ଜଣାପଡ଼ିଛି । ଏହା ଉପରେ ଏନ୍‌ଡିପିଏସ ଆଇନ ଅନୁଯାୟୀ ମାମଲା ରୁଜୁ କରାଯାଇଛି । ମୟୂରଭଞ୍ଜ ଜିଲ୍ଲାରେ ପୂର୍ବରୁ ମଧ୍ୟ ଶିମିଳିପାଳ ଅଭୟାରଣ୍ୟ ଭିତରେ ଏଭଳି ଅବୈଧ ଅଫିମ ଚାଷ ବାରମ୍ବାର ଧରାପଡ଼ିଛି । ପୁଲିସ, ଅବକାରୀ ଓ ଜଙ୍ଗଲ ବିଭାଗର ମିଳିତ ଅଭିଯାନ ଏଭଳି ଅବୈଧ କାର୍ଯ୍ୟକଳାପ ବନ୍ଦ କରିବାକୁ କଠୋର ପଦକ୍ଷେପ ଗ୍ରହଣ କରୁଛନ୍ତି ।

# ଗାଁରେ ପହଞ୍ଚିଲା ମଙ୍ଗଳଙ୍କ ମୃତଦେହ

ରାସଗୋବିନ୍ଦପୁର, ୧୮ ।୧(ସମିସ): ରବିବାର ଆନ୍ଧ୍ରପ୍ରଦେଶର ଶ୍ରୀକାକୁଲମଠାରେ ରେଳ ଦୁର୍ଘଟଣାରେ ମୃତ୍ୟୁବରଣ କରିଥିବା ମଙ୍ଗଲ ଟୁଡୁଙ୍କ ମୃତଦେହ ଗୃହ ଓ ନଗର ଉନ୍ନୟନ ବିଭାଗ ମନ୍ତ୍ରୀ ଡ କୃଷ୍ଣଚନ୍ଦ୍ର ମହାପାତ୍ରଙ୍କ ପ୍ରଚେଷ୍ଟାରେ ନିଜ ଗାଁରେ ପହଞ୍ଚିଥିବା ଜଣାପଡ଼ିଛି । ମଙ୍ଗଲଙ୍କ ମୃତଦେହ ନିଜ ଗାଁରେ ପହଞ୍ଚିବା ପରେ ଗ୍ରାମରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା । ପରେ ସ୍ଥାନୀୟ ସରପଞ୍ଚ ବୁଦ୍ଧିଆ ମୁର୍ମୁ, ବିଜେପି ମଣ୍ଡଳ ସଭାପତି ଅବିନାଶ କୁଣ୍ଡୁ, ପଞ୍ଚାୟତ ସଭାପତି ସତ୍ୟଶିବ ଭାଟ୍, ବିମଳ ବେହେରା, ମିହିର ସେନାପତି, ଚନ୍ଦନ ଦାସ ଓ ଗ୍ରାମବାସୀ ସେଠାରେ ଉପସ୍ଥିତ ହୋଇ ଶୋକ ସନ୍ତପ୍ତ ପରିବାରକୁ ସମବେଦନା ଜଣାଇବା ସହ ବିଜେପି ଜିଲ୍ଲା ସାଧାରଣ ସମ୍ପାଦକ ପ୍ରଦୀପ ମହାନ୍ତି ମଙ୍ଗଲଙ୍କ ପରିବାରବର୍ଗଙ୍କୁ ସମସ୍ତ ପ୍ରକାରର ସରକାରୀ ସହାୟତା ମନ୍ତ୍ରୀଙ୍କୁ ଜଣାଇ ଯଥାଶୀଘ୍ର ପ୍ରଦାନ କରାଇବେ ବୋଲି ପ୍ରକାଶ କରିଥିଲେ । ୧୪ ତାରିଖ ଦିନ ଶ୍ରୀକାକୁଲମଠାରେ ରେଳ ଦୁର୍ଘଟଣାରେ ରାସଗୋବିନ୍ଦପୁର ବ୍ଲକ ଅନ୍ତର୍ଗତ ଟିକପଦା ଅଞ୍ଚଳର ସ୍ୱର୍ଗତ ଗକୁଲ ଟୁଡୁଙ୍କ ପୁଅ ମଙ୍ଗଲ ଟୁଡୁ



(୨୪)ଙ୍କ ମୃତ୍ୟ ଘଟିଥିଲା । ତାଙ୍କର ମୃତ ଶରୀର ନିଜ ଗାଁକୁ ଫେରାଇ ଆଣିବା ପାଇଁ ମଙ୍ଗଲଙ୍କ ମା ଗୁରୁବାରି ଟୁଡୁ ଆର୍ଥିକ ସକ୍ଷମ ନ ଥିବାବେଳେ ପୁଅର ମୃତ ଶରୀର ନିଜ ଗ୍ରାମକୁ ଫେରାଇ ଆଣିବା ପାଇଁ ଜିଲ୍ଲା ଶ୍ରମଅଧିକାରୀଙ୍କ ଦ୍ୱାରସ୍ଥ ହୋଇଥିଲେ ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ନଥିରେ 'ପରିଷଦ'...

ଓଡ଼ିଶା ବିକାଶ ପରିଷଦ ଅଧ୍ୟକ୍ଷ ନିଯୁକ୍ତିରେ ସରକାର ଟାଳଟୁଳ ନୀତି ଅବଲମ୍ବନ କରୁଥିବାରୁ ବିକାଶମୂଳକ କାର୍ଯ୍ୟରେ ଅଗ୍ରଗତି ହୋଇପାରୁ ନାହିଁ ବୋଲି ମଧ୍ୟ ଅଭିଯୋଗ ହୋଇଛି । ଯଦି ବିକାଶମୂଳକ କାର୍ଯ୍ୟ କରାଯାଇ ପାରୁନାହିଁ, ତେବେ ବଜେଟରେ କାହିଁକି ସରକାର ବ୍ୟୟବରାଦ କରୁଛନ୍ତି ବୋଲି ଏବେ ବିରୋଧୀ ପ୍ରଶ୍ନ ଉଠାଇଛନ୍ତି ।

କେବଳ ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ନୁହେଁ; ରାଜ୍ୟରେ କ୍ଷମତାକୁ ଆସିବା ପରେ ବିଜେପି ସରକାର ଉତ୍ତର ଓଡ଼ିଶା ବିକାଶ ପରିଷଦ ଓ ଦକ୍ଷିଣ ଓଡ଼ିଶା ବିକାଶ ପରିଷଦ ଗଠନ ନିମନ୍ତେ ଘୋଷଣା କରିଥିଲା । ଏଥିପାଇଁ କମିଟି ମଧ୍ୟ ଗଠନ ହେଲା । ଚଳିତ ବର୍ଷ ବଜେଟରେ ଦୁଇ ପରିଷଦ ପାଇଁ ୨୦୦ କୋଟି ଟଙ୍କା ଲେଖାଏଁ ବ୍ୟୟବରାଦ କରାଗଲା । ଉତ୍ତର ଓଡ଼ିଶା ଓ ଦକ୍ଷିଣ ଓଡ଼ିଶାର ଶାସକ ଦଳର ନେତାମାନେ ଏହାକୁ ନେଇ ଅନେକ ବୟାନବାଜୀ କଲେ । ମାତ୍ର ଆର୍ଥିକ ବର୍ଷ ସରିବାକୁ ବସିଲାଣି, ଆଗାମୀ ଆର୍ଥିକ ବର୍ଷ ପାଇଁ ବଜେଟ୍ ପ୍ରସ୍ତୁତି କାର୍ଯ୍ୟ ସରକାର ଆରମ୍ଭ କଲେଣି । ମାସକ ପରେ ୨୦୨୬-୨୭ ଆର୍ଥିକ ବର୍ଷ ପାଇଁ ବିଧାନସଭାରେ ବଜେଟ୍ ଆଗତ ହେବ । ମାତ୍ର ଦୁଇ ପରିଷଦର ରୂପରେଖ ସ୍ଥିର ହୋଇ ପାରିଲା ନାହିଁ, ପରିଷଦର ଅଧ୍ୟକ୍ଷ ଓ ସଦସ୍ୟ ନିଯୁକ୍ତି ଦିଆଯାଇ ପାରିଲା ନାହିଁ । ବଜେଟ୍ ବରାଦ ବ୍ୟୟ ହେବା ତ ଦୂରର କଥା, ଏ ସଂକ୍ରାନ୍ତରେ କୌଣସି ପ୍ରସ୍ତାବ ମଧ୍ୟ ଏଯାଏ ଆସି ପାରିଲା ନାହିଁ ।

ଏଥିନିମନ୍ତେ ରାଜ୍ୟ ସରକାରଙ୍କୁ କଟୁ ସମାଲୋଚନା କରିଛନ୍ତି ବିରୋଧୀ । ରାଜନୈତିକ ସମୀକ୍ଷକମାନେ ପରିଷଦ ପ୍ରସଙ୍ଗକୁ ନେଇ ସରକାରଙ୍କ ଆଭିମୁଖ୍ୟ ଉପରେ ପ୍ରଶ୍ନ ଉଠାଇଛନ୍ତି । ସରକାର ସାମାନ୍ୟ ଆନ୍ତରିକତା ଦେଖାଇଥିଲେ ପଶ୍ଚିମ ଓଡ଼ିଶା ବିକାଶ ପରିଷଦ କ୍ରିୟାଶୀଳ ହୋଇ ପାରିଥାଆନ୍ତା ଓ ବିକାଶମୂଳକ କାମଗୁଡ଼ିକ ନିମନ୍ତେ ମଞ୍ଜୁର ଅର୍ଥ ବିନିଯୋଗ ହୋଇ ପାରିଥାଆନ୍ତା । ମାତ୍ର ଅନୁଦାନ ମଞ୍ଜୁର ପରେ କାମକୁ ରୋକିବା ପଛରେ ରାଜନୈତିକ ଷଡ଼ଯନ୍ତ୍ର ରହିଛି ବୋଲି ବିରୋଧୀ ପ୍ରଶ୍ନ ଉଠାଇଛନ୍ତି ।

### ଡାକ୍ତର ନକଲି...

ନ ଥିଲେ କି ହସ୍ପିଟାଲରେ ପଢ଼ାଉ ନ ଥିଲେ । ରୋଗୀଙ୍କ ଚିକିତ୍ସା ମଧ୍ୟ କରୁ ନ ଥିଲେ । ଏନ୍‌ଏମ୍‌ସି ଅନୁମୋଦନ ଓ ବିନା ବାଧାରେ ମେଡିକାଲ କଲେଜକୁ ଚଲାଇବା ପାଇଁ ଏପରି କରାଯାଇଥିଲା । ଇଡି ଟେକ୍ସଟ୍ ମେସେଜ୍ ଓ ଭିଡିଓ ଚାଟର ମଧ୍ୟ ଯାଞ୍ଚ କରିଥିଲା । ଏଥରୁ ଜଣାପଡ଼ିଥିଲା ଯେ ନିୟାମକ ଯାଞ୍ଚ ପୂର୍ବରୁ ଅଲ-ଫଲାହ ହସ୍ପିଟାଲ ପ୍ରାୟତଃ କାର୍ଯ୍ୟକ୍ଷମ ନ ଥିଲା । ଯାଞ୍ଚର କିଛି ଦିନ ପୂର୍ବରୁ ଦେଖାଇବା ପାଇଁ କେବଳ ନକଲି ରୋଗୀମାନଙ୍କୁ ଭର୍ତ୍ତି କରାଯାଇଥିଲା । ଏନ୍‌ଏମ୍‌ସି ଯାଞ୍ଚର ତିନି ସପ୍ତାହ ପୂର୍ବରୁ କୌଣସି ରୋଗୀ, କର୍ମଚାରୀ କିମ୍ବା ଡାକ୍ତର ହସ୍ପିଟାଲ ପରିସରରେ ଉପସ୍ଥିତ ନ ଥିଲେ ।

ସୂଚନା ଅନୁଯାୟୀ, ଅକ୍ଟୋବର ୨୦୨୧ରୁ ସାଧାରଣ ଔଷଧ ବିଭାଗର ଜୁନିଅର ରେସିଡେଣ୍ଟ ଭାବେ ଆତଙ୍କବାଦୀ ତଥା ଡ. ଗନି ଓ ଔଷଧ ବିଜ୍ଞାନରେ ସହାୟକ ପ୍ରାଧ୍ୟାପିକା ଭାବେ ଡ. ସାହିନ ସୈଦକୁ ୨୦୨୪ ମେ'ରେ ନିଯୁକ୍ତ କରାଯାଇଥିଲା । ଅଲ-ଫଲାହର ମାନବ ସମ୍ବଳ ମୁଖ୍ୟଙ୍କ ସୁପାରିସରେ ଏହି ନିଯୁକ୍ତି ଦିଆଯାଇଥିଲା । ଏହାକୁ ଜୱାଦ ଅନୁମୋଦନ ଦେଇଥିଲେ । ଖାଲି ସେତିକି ନୁହେଁ, ଏହି ବିଶ୍ୱବିଦ୍ୟାଳୟଠକେଇ କରି ୪୯୩.୨୪ କୋଟି ଆୟ କରିଥିବା ଆକଳନ କରାଯାଉଛି । ଏନ୍‌ଏଏସି ଓ ମିଥ୍ୟା ୟୁଜିସି ମାନ୍ୟତା ଥିବା ଦର୍ଶାଇ ଛାତ୍ରଛାତ୍ରୀଙ୍କୁ ପ୍ରତାରିତ କରି ବାର୍ଷିକ ଶିକ୍ଷା ଓ ପରୀକ୍ଷା ଫି ବାବଦରେ ପାଣ୍ଠି ସଂଗ୍ରହ କରାଯାଇଥିଲା । ଏଠାରେ ପଢୁଥିବା କିଛି ଛାତ୍ରଛାତ୍ରୀଙ୍କ ବିଦେଶୀ ଲିଙ୍କ ମଧ୍ୟ ସାମନାକୁ ଆସିଛି । ସିଦ୍ଦିକିର ପୁଅ ଅଫହାମ ଅହମ୍ମଦ ଓ ଝିଅ ଅଫିଆ ସିଦ୍ଦିକାଙ୍କ ଦ୍ୱୈତ ନାଗରିକତା ଥାଇପାରେ ବୋଲି ସନ୍ଦେହ କରାଯାଉଛି । କିଛି ବିଦେଶୀ ସଂସ୍ଥା ଫାଇଲିଂରେ ସେମାନଙ୍କୁ ବ୍ରିଟିଶ ନାଗରିକ ଭାବେ ଦର୍ଶାଇ ଯାଇଛି ।

### ଅପାରଗତା ଲୁଚାଇବାକୁ...

ପିନ୍ଧି ନ ଥିବା ଫାଇନ୍ ଆସୁଥିବା ବେଳେ ସହର ଭିତରେ ସ୍କୁଟି ଚାଳକ ୭୦-୮୦ କିମି ବେଗରେ ଗାଡ଼ି ଚଳାଉଥିବା ଦର୍ଶାଇ ଜୋରିମାନା ଲଦି ଦିଆଯାଉଛି ।

ପ୍ରଦୂଷଣ ନାମରେ ସାଧାରଣ ବ୍ୟକ୍ତିଙ୍କଠାରୁ ହଜାର ହଜାର ଟଙ୍କାର ଫାଇନ୍ ନେବା ଯୋଗୁଁ ରାଜ୍ୟରେ ବିଭିନ୍ନ ସଂଗଠନ ସରକାରଙ୍କୁ ଘେରିବାକୁ ରାସ୍ତାକୁ ଓହ୍ଲାଉଛନ୍ତି । ଜାନୁୟାରୀ ୨୮ ତାରଖରେ ନବନିର୍ମାଣ କୃଷକ ସଂଗଠନ ଦ୍ୱାରା ସକାଳ ୬ଟାରୁ ୨ଟା ପର୍ଯ୍ୟନ୍ତ ଓଡ଼ିଶା ବନ୍ଦର ଡାକରା ଦିଆଯାଇଛି । ସରକାର ଗୋଟିଏ ପଟେ ଜମି, ଖଣି, ଜଳ, ଜଙ୍ଗଲ ଇତ୍ୟାଦିକୁ ନଷ୍ଟ କରୁଥିବା ଖଣି କମ୍ପାନୀମାନଙ୍କଠାରୁ ସୁପ୍ରିମକୋର୍ଟ ଦେଇଥିବା ଆଦେଶକୁ କାର୍ଯ୍ୟକାରୀ କରି ତାଙ୍କ ଉପରେ ବାକିଥିବା ୩,୯୬୬ କୋଟି ଟଙ୍କା ଆଦାୟ କରିପାରୁନାହାନ୍ତି । କମ୍ପାନୀଗୁଡ଼ିକ ଉପରେ ଥିବା ୬ ହଜାର କୋଟି ଟଙ୍କା ଜଳ କର ଆଦାୟ କରିବାରେ ସରକାର ଅସମର୍ଥ ହୋଇଛନ୍ତି । ଚୁକ୍ତି ଖିଲାପ କରିଥିବା ଖଣି କମ୍ପାନୀଗୁଡ଼ିକ ଗତ ୫ ବର୍ଷରେ ୪୨ ହଜାର କୋଟି ଟଙ୍କା ଦେଇ ନାହାନ୍ତି । ଏମାନଙ୍କ ତଣ୍ଟି ଧରିବାକୁ ସରକାରଙ୍କ ସାହସ ପାଉନାହିଁ, ଅଥଚ ସାଧାରଣ ଲୋକଙ୍କ ଉପରେ ସରକାର ଜୁଲମ କରୁଛନ୍ତି ବୋଲି ସଙ୍ଗଠନ ଅଭିଯୋଗ କରିଛି । ଏହାର ପ୍ରତିବାଦରେ ଲୋକେ ରାଜରାସ୍ତାକୁ ଓହ୍ଲାଇବେ ବୋଲି ସଙ୍ଗଠନ ଚେତାବନୀ ଦେଇଛି ।

### ୪ ଦିନରେ...

ପରେ ପାଣିପାଗ କେନ୍ଦ୍ର ପକ୍ଷରୁ ସମସ୍ତ ସତର୍କ ସୂଚନା ହଟାଇ ଦିଆଯାଇଛି । ତେବେ ରାଜ୍ୟର କିଛି ସ୍ଥାନରେ ସ୍ୱଳ୍ପରୁ ମଧ୍ୟମଧରଣର କୁହୁଡ଼ି ନେଇ କେନ୍ଦ୍ର ପୂର୍ବାନୁମାନ କରିଛି । ସୋମବାର ରାତିରୁ ମଙ୍ଗଳବାର ସକାଳ ମଧ୍ୟରେ କଟକ, ଖୋର୍ଦ୍ଧା, ପୁରୀ, ଜଗତସିଂହପୁର, କେନ୍ଦ୍ରାପଡ଼ା ଓ କଳାହାଣ୍ଡିରେ ସ୍ୱଳ୍ପରୁ ମଧ୍ୟମ ଧରଣର କୁହୁଡ଼ି ହୋଇପାରେ ବୋଲି ପାଣିପାଗ କେନ୍ଦ୍ର ଆକଳନ କରିଛି ।

### ଟ୍ରମ୍ପଙ୍କୁ ଗ୍ରୀନଲାଣ୍ଡରେ...


ଅନ୍ୟ ସହର ତଥା କୋପେନହେଗେନ୍ ଓ ଅନ୍ୟାନ୍ୟ ଡେନମାର୍କ ସହରରେ ମଧ୍ୟ ସମାନ ବିକ୍ଷୋଭ ଓ ରାଲି ଅନୁଷ୍ଠିତ ହୋଇଥିଲା । ଗ୍ରିନଲାଣ୍ଡ ପ୍ରଧାନମନ୍ତ୍ରୀ ଜେନ୍ସ-ଫ୍ରେଡେରିକ୍ ନିଲସନ୍ ଏହି ଶୋଭାଯାତ୍ରାରେ ସାମିଲ ହୋଇଥିଲେ । ଆମେରିକା ଗ୍ରୀନଲାଣ୍ଡକୁ ଭିନ୍ନ ଦିଗରେ ନେଇଯିବାକୁ ଏବଂ ଶୋଷଣ କରିବାକୁ ଚାହୁଁଛି ବୋଲି କହିଥିଲେ ।

■ ଅଚଳ ନିୟୋଜନ ନିର୍ଦ୍ଦେଶାଳୟ ୱେବସାଇଟ୍

# ହୋଇପାରୁନି ଆଶାୟୀ ନିୟୋଜନ ପଞ୍ଜୀକରଣ

ଭୁବନେଶ୍ୱର, ୧୮ ।୧(ସମିସ): ଅଚଳ ହୋଇପଡ଼ିଛି ନିୟୋଜନ ନିର୍ଦ୍ଦେଶାଳୟ ୱେବସାଇଟ୍ । ଦୀର୍ଘ ଦିନରୁ ଅଚଳାବସ୍ଥା ଲାଗି ରହିଥିବାରୁ ଆଶାୟୀମାନେ ନିଯୁକ୍ତି ପାଇଁ ପଞ୍ଜୀକରଣ କରିପାରୁନାହାନ୍ତି । ବିଭିନ୍ନ କାର୍ଯ୍ୟାଳୟରେ ବହୁ ସଂଖ୍ୟାରେ ଆଶାୟୀ ନିଯୁକ୍ତି ପଞ୍ଜୀକରଣ ପାଇଁ କହୁଥିଲେ ମଧ୍ୟ ୱେବସାଇଟ୍ ଖୋଲୁ ନଥିବାରୁ କର୍ମଚାରୀମାନେ ମଧ୍ୟ ହାତ ବାନ୍ଧି ବସିଛନ୍ତି । ଫଳରେ ସାରା ରାଜ୍ୟରେ ଆଶାୟୀମାନେ ପଞ୍ଜୀକରଣ କରିନପାରି ଅସନ୍ତୋଷ ପ୍ରକାଶ କରୁଛନ୍ତି ।

ସୂଚନାନୁଯାୟୀ, ନିଯୁକ୍ତି ପୂର୍ବରୁ ଏମ୍ପ୍ଲୟମେଣ୍ଟ ଏକ୍ସଚେଞ୍ଜ ରେଜିଷ୍ଟ୍ରେସନ୍ ବା ନିୟୋଜନ ପାଇଁ ନାମ ପଞ୍ଜୀକରଣ କରିବାକୁ ପଡ଼ିଥାଏ । ସମ୍ପ୍ରତି ଆର୍‌ଆଇ, ଅମିନ, ଆଇସିଡିଏସ୍ ସୁପରଭାଇଜର୍ ପରି ବିଭିନ୍ନ ପଦକ୍ଷେପ ନିଯୁକ୍ତି ପାଇଁ ଆବେଦନ ଆରମ୍ଭ ହୋଇଥିବା ବେଳେ ନିୟୋଜନ ପଞ୍ଜୀକରଣ ସାର୍ଟିଫିକେଟ୍ ବାଧ୍ୟତାମୂଳକ କରାଯାଇଛି । ଫଳରେ ପ୍ରଥମ କରି ପଞ୍ଜୀକରଣ କରିବାକୁ ଅନେକ ଆଶାୟୀ ଅପେକ୍ଷା କରି ରହିଛନ୍ତି । ସେହିପରି ପୂର୍ବରୁ ପଞ୍ଜୀକରଣ କରିଥିବା ଛାତ୍ରଛାତ୍ରୀମାନେ ନବୀକରଣ କରିବା ପାଇଁ ଅପେକ୍ଷା କରିଛନ୍ତି । ଅନ୍‌ଲାଇନ୍ ମାଧ୍ୟମରେ ଆବେଦନ ହେଉଥିଲେ ମଧ୍ୟ ପ୍ରାୟ ମାସାଧିକ କାଳ ହେବ ନିୟୋଜନ ନିର୍ଦ୍ଦେଶାଳୟ ୱେବସାଇଟ୍ ଖୋଲୁନାହିଁ । କିଛି ସମୟରେ ଧିମେଇ ଧିମେଇ ଖୋଲୁଥିଲେ ମଧ୍ୟ ଅନେକ ସମୟରେ ଏରର୍ କୋଡ୍-୫୦୦ ଆସୁଛି । ସେହିପରି ଏହି ୱେବସାଇଟ୍ ଅଧୀନରେ ଥିବା ଓଡ଼ିଶା ରାଜ୍ୟ ବୃତ୍ତି ସେବା (ଏସ୍‌ସିଏସ୍) ସାଇଟ୍ ମଧ୍ୟ ଆବେଦନ ଅଧାରୁ ବନ୍ଦ ହୋଇଯାଉଛି । '୫୦୪ ଗେଟ୍-ୱେ ଟାଇମ୍ ଆଉଟ୍' ସହ ୱେବସାଇଟ୍ କ୍ରାସ୍ ହୋଇଯାଉଛି । ଫଳରେ ଦୀର୍ଘ ସମୟ ଧରି ଆବେଦନ କରିବାକୁ ପ୍ରୟାସ କରି ମଧ୍ୟ ସଫଳ ହେଉନାହାନ୍ତି । ଦିନରାତି ଏକାକାର କରି ପ୍ରୟାସ କରୁଥିଲେ ମଧ୍ୟ ୱେବସାଇଟ୍ ପାଇଁ ସଫଳ ହେଉ ନ




ଥିବାରୁ ଅସନ୍ତୋଷ ବ୍ୟକ୍ତ କରିବା ସହ ନିୟୋଜନ କାର୍ଯ୍ୟାଳୟକୁ ଧାଉଁଛନ୍ତି । ସେଠାରେ ମଧ୍ୟ ସେମାନଙ୍କୁ ୱେବସାଇଟ୍ ଚାଲୁ ନଥିବା ଦର୍ଶାଇ ନାସ୍ତିବାଣୀ ଶୁଣି ଫେରିବାକୁ ପଡୁଛି । ୱେବସାଇଟ୍ ଠିକ୍ କରିବା ପାଇଁ ନିର୍ଦ୍ଦେଶାଳୟକୁ ସେମାନେ ପତ୍ର ଲେଖିଥିବା ଦର୍ଶାଇ ଉପରକୁ ହାତ ଟେକି ଦେଉଛନ୍ତି । ସରକାର ୱେବସାଇଟ୍ ପାଇଁ ବିପୁଳ ଅର୍ଥ ଖର୍ଚ୍ଚ କରୁଥିବା ବେଳେ କାହିଁକି ସେଗୁଡ଼ିକର କାର୍ଯ୍ୟଦକ୍ଷତା ଉପରେ ସମୀକ୍ଷା କରି ପଦକ୍ଷେପ ନେଉନାହାନ୍ତି ବୋଲି ଆଶାୟୀମାନେ ପ୍ରଶ୍ନ କରିଛନ୍ତି ।

**AFFIDAVIT**

By virtue of an affidavit sworn before the Executive Magistrate, Bhubaneswar, vide CF. No. 51, dated 26.09.2025, PRAMODA KUMAR PARIDA, S/o Paramananda Parida resident of Vill.At- Injana, PO- Kalarahanga, Ps.- Mancheswar, Bhubaneswar Dist- Khordha, State- Odisha, Pin- 751024 declare that I have changed my name, from PRAMOD PARIDA to PRAMODA KUMAR PARIDA. Henceforth I shall be known as PRAMODA KUMAR PARIDA for all purposes.
Sd- PRAMODA KUMAR PARIDA

**AFFIDAVIT**

By virtue of an affidavit before The Executive Magistrate, BBSR, Vide CF No-109/ 15.01.2026. I, MAMA BISWAS aged about, 32 yrs, W/o- Satya Ranjan Biswas, Permanent resident of At- CN-22-B, Bhanwar Singh Camp, Vasant Vihar-1, Po- Vasant Vihar-1, Ps-Vasant Vihar, Dist-South West Delhi, State - Delhi-110057, Currently residing At-Kargil Basti, Tareni Sahi, Pokhariput, Ps-Airport, Bhubaneswar, Dist-Khordha, Odisha-751020 have changed my name from Mama Paramanik to Mama Biswas. Henceforth I shall be known as Mama Biswas, W/o- Satya Ranjan Biswas for all purposes.

**AFFIDAVIT**

I, Binoda Bihari Nayak, S/o Late Bimbadhar Nayak, resident of At Plot No. 833/3089, Khaleswar Nagar, Khaira, PO/PS- Jagatpur, Dist- Cuttack, PIN- 754021, Odisha declare by this affidavit No. 14104, dated- 12.12.2025, that now onwards I shall be known as BINOD BIHARI NAYAK for all future purposes.

## ପୁସ୍ତକମେଳାରେ 'ମୁକ୍ତିସଂଗ୍ରାମରେ ସାହିତ୍ୟିକ ଅବଦାନ-ଜାତୀୟକବି ବୀରକିଶୋର' ଆଲୋଚନା

# ଦେଶପ୍ରେମ ଭାବନାର ବୀଜ ମନ୍ତ୍ର ବୁଣିଥିଲେ ବୀରକିଶୋର

ଜଗତସିଂହପୁର, ୧୮।୧(ସମିସ):




ଭାରତର ମୁକ୍ତି ସଂଗ୍ରାମରେ ନିଜର କାଳଜୟୀ କବିତା ମାଧ୍ୟମରେ ସ୍ୱାଧୀନତା ସଂଗ୍ରାମୀମାନଙ୍କୁ ଜାଗ୍ରତ କରି ସେମାନଙ୍କ ମଧ୍ୟରେ ଦେଶପ୍ରେମ ଭାବନାର ବୀଜ ମନ୍ତ୍ର ବୁଣିବାରେ ଜାତୀୟ କବି ବୀରକିଶୋରଙ୍କର ଭୂମିକା ବେଶ ଗୁରୁତ୍ୱପୂର୍ଣ୍ଣ ଥିଲା ବୋଲି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପଡ଼ିଆରେ ଆୟୋଜିତ ୨୭ତମ ଜଗତସିଂହପୁର ପୁସ୍ତକ ମେଳାର ଚତୁର୍ଥ ସନ୍ଧ୍ୟାରେ ଆୟୋଜିତ ସାହିତ୍ୟ ସଭାରେ ବିଶିଷ୍ଟ ଗାନ୍ଧିବାଦୀ ନେତା ପ୍ରହଲ୍ଲାଦ ସିଂହ ମତ ପ୍ରକାଶ କରିଛନ୍ତି। ପରିଷଦର ଉପାଧ୍ୟକ୍ଷ ଗଣେଶ୍ୱର ମଣିଆଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ଆଲୋଚ୍ୟ ବିଷୟ 'ମୁକ୍ତିସଂଗ୍ରାମରେ ସାହିତ୍ୟିକ ଅବଦାନ-ଜାତୀୟକବି ବୀରକିଶୋର' ଶୀର୍ଷକ ଆଲୋଚନାରେ ଅନ୍ୟତମ ଅତିଥି ଭାବରେ ଜଗତସିଂହପୁର ଅତିରିକ୍ତ ଜିଲ୍ଲାପାଳ ଜ୍ୟୋତି ଶଙ୍କର ରାୟ ଯୋଗଦେଇ ସ୍ୱାଧୀନତା ସଂଗ୍ରାମ କ୍ଷେତ୍ରରେ ବୀରକିଶୋରଙ୍କ ସାହିତ୍ୟର ପ୍ରଭାବ ବାବଦରେ ଆଲୋକପାତ କରିଥିଲେ। କାର୍ଯ୍ୟକାରିଣୀ କମିଟି ସଦସ୍ୟ ମାନସ କୁମାର କାନୁନଗୋ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଅନ୍ୟତମ କାର୍ଯ୍ୟକାରିଣୀ ସଦସ୍ୟ ବିଜୟଲକ୍ଷ୍ମୀ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଆଜିର ଆସରକୁ ବିଶିଷ୍ଟ ସମାଜସେବୀ ମୁରଲୀଧର ରଥଙ୍କ ନାମରେ ନାମିତ କରାଯାଇଥିଲା। ମଧ୍ୟାହ୍ନରେ ଅନୁଷ୍ଠାନ ପକ୍ଷରୁ କବି ସମ୍ମିଳନୀର ଆୟୋଜନ କରାଯାଇଥିବା ବେଳେ ମଧ୍ୟାହ୍ନରେ ରାହାସ ବିହାରୀ ମହାନ୍ତି ସ୍ମାରକୀ କୁଇଜ୍ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ସାହିତ୍ୟ ଆସର ପୂର୍ବରୁ ଏବଂ ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ସେହିପରି ପୂର୍ବାହ୍ନ ୧୧ ଘଟିକାରେ ସୂନାଭଉଣୀ ଅନୁଷ୍ଠାନ ପକ୍ଷରୁ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା।

## ■ ଲାଞ୍ଚ ମାଗିବା ଅଡିଓ ଭାଇରାଲ ପରେ ଚେତିଲା ପ୍ରଶାସନ

# ଜିଲ୍ଲା ଶ୍ରମ ଅଧିକାରୀଙ୍କୁ କୈଫିୟତ ତଲବ

ଜଗତସିଂହପୁର, ୧୮।୧(ସମିସ): ଜଗତସିଂହପୁର ଜିଲ୍ଲା ଶ୍ରମ କାର୍ଯ୍ୟାଳୟରେ ନିର୍ମାଣ ଶ୍ରମିକ କଲ୍ୟାଣ ଯୋଜନା ଅନ୍ତର୍ଗତ ବିଭିନ୍ନ ସହାୟତା ରାଶି ମଞ୍ଜୁର ପାଇଁ ହିତାଧିକାରୀଙ୍କୁ ଲାଞ୍ଚ ନିଆଯାଉଥିବା ସମ୍ପର୍କରେ ପୂର୍ବରୁ ଅଭିଯୋଗ ହୋଇ ଆସୁଥିଲା। ଏବେ ଏହି କାର୍ଯ୍ୟାଳୟର

**୨ ଦିନ ମଧ୍ୟରେ ଉତ୍ତର ରଖିବାକୁ ନିର୍ଦ୍ଦେଶ ଦେଲେ ଜିଲ୍ଲାପାଳ**

କାର୍ଯ୍ୟରତ ମହିଳା ଡାଟା ଏଣ୍ଟ୍ରି ଅପରେଟର ଜଣେ ହିତାଧିକାରୀଙ୍କୁ ଫାଇଲ କାମ ପାଇଁ ଲାଞ୍ଚ ମାଗୁଥିବା ଅଡିଓ ଭାଇରାଲ ହେବା ପରେ ଚେତିଛି ପ୍ରଶାସନ। ଜିଲ୍ଲାପାଳ ଜେ.ସୋନାଲ ଜିଲ୍ଲା ଶ୍ରମ ଅଧିକାରୀ (କଲ୍ୟାଣ) ସ୍ମୃତିରେଖା ନାୟକଙ୍କୁ କୈଫିୟତ ତଲବ କରିବା ସହିତ ୨ଦିନ ମଧ୍ୟରେ ଉତ୍ତର ରଖିବାକୁ ନିର୍ଦ୍ଦେଶ ଦେଇଛନ୍ତି। ମୋବାଇଲରୁ ମୋବାଇଲ ଘୁରି ବୁଲୁଥିବା ଉକ୍ତ ଅଡିଓରେ ଜଣେ ହିତାଧିକାରୀଙ୍କ ସହିତ ଶ୍ରମ କାର୍ଯ୍ୟାଳୟର ମହିଳା ଡାଟା ଏଣ୍ଟ୍ରି ଅପରେଟରଙ୍କ ବାର୍ତ୍ତାଳାପ ରହିଛି। "ପୂର୍ବରୁ ଦୁଇଟି ଫାଇଲ କରିଛି ଏଥିପାଇଁ ୧୬ ହଜାର ଟଙ୍କା ଫୋନ ପେ'ରେ ପଠାଇବାକୁ ସମ୍ପୃକ୍ତ ହିତାଧିକାରୀଙ୍କୁ କହୁଛନ୍ତି ଉକ୍ତ ମହିଳା କର୍ମଚାରୀ। ଏଥିରୁ ୧୫ ହଜାର ୩ଜଣ ଅଧିକାରୀ ନେବେ ମୋର ଭାଗ ମାତ୍ର ୧ ହଜାର। ବିଶ୍ୱାସରେ ତୁମ କାମ କରିଦେଲି ହେଲେ ତୁମେ ଟଙ୍କା ଦେଉନ। ଏଏଲଓ ଡିଏଲଓ ମୋତେ ମାଗୁଛନ୍ତି। କାଲି ମ୍ୟାଡମ ଅଫିସ ଗଲେ ମୋତେ ଟଙ୍କା ମାଗିବେ। ମୁଁ କ'ଣ କରିବି। ମୋ ମୁଣ୍ଡ କାମ କରୁନି" ବୋଲି ଏହି ଅଡିଓରେ ମହିଳା କର୍ମଚାରୀ କହୁଥିବା ଶୁଣାଯାଉଛି। ଏହି ଘଟଣା ପ୍ରଘଟ ହେବା ପରେ ସଂପୃକ୍ତ ମହିଳା ଡାଟା ଏଣ୍ଟ୍ରି ଅପରେଟରଙ୍କ ନାମରେ ଜିଲ୍ଲା ଶ୍ରମ ଅଧିକାରୀ ସଦର ଥାନାରେ ଏତଲା ଦେଇଛନ୍ତି। ଏଠାରେ ପ୍ରଶ୍ନ ଉଠୁଛି ଯେ ଏହି ଘଟଣା ଗତ ଡିସେମ୍ବର ମାସର ହୋଇଥିବା ବେଳେ ଜିଲ୍ଲା ଶ୍ରମ ଅଧିକାରୀ କାହିଁକି ନିରବ ରହିଥିଲେ। ମହିଳା କର୍ମଚାରୀ ଜଣକ ଭାଇରାଲ ଅଡିଓରେ ଯାହା କହିଛନ୍ତି ତାହା ଯଦି ସତ୍ୟ ହୋଇଥାଏ ତେବେ ସାଂଘାତିକ। ତେଣୁ ଏଭଳି ଏକ ସ୍ପର୍ଶକାତର ବିଷୟକୁ ପୁଙ୍ଖାନୁପୁଙ୍ଖ ତଦନ୍ତ କରି ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ସାଧାରଣରେ ଦାବି କରାଯାଇଛି।

## ଇଫ୍‌କୋର ସଚେତନତା ଅଧିବେଶନ

ପାରାଦୀପ,୧୮।୧(ସମିସ): ଜାତୀୟ ସଡ଼କ ସୁରକ୍ଷା ମାସ ଅବସରରେ ଇଫକୋ ପାରାଦୀପ ୟୁନିଟ୍ ପକ୍ଷରୁ ଏକ ବ୍ୟାପକ ସଡ଼କ ସୁରକ୍ଷା ସଚେତନତା ଅଧିବେଶନ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ପାରାଦୀପର ଅତିରିକ୍ତ ଜିଲ୍ଲାପାଳ ନିରଞ୍ଜନ ବେହେରା, ପାରାଦୀପ ପୌରପାଳିକାର କାର୍ଯ୍ୟନିର୍ବାହୀ ଅଧିକାରୀ ଅଭିଷେକ ପଣ୍ଡା, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ଆଞ୍ଚଳିକ ଅଧିକାରୀ ପୁଷ୍କର ଚନ୍ଦ୍ର ବେହେରା, ଇଫକୋ ୟୁନିଟ୍ ମୁଖ୍ୟ ପିକେ ମହାପାତ୍ର, ଜେଜିଏମ (ଏଫ୍ ଆଣ୍ଡ ଏସ୍) ବିଜୟ କୁମାର ପରିଡା, ମୁଖ୍ୟ-ମାନବସମ୍ପଦ ଅଧିକାରୀ ମନୋରମା ମାଝୀ, ଜୁନିଅର ଏମ୍‌ଭିଆଇ ଜଗତସିଂହପୁର ସମ୍ବିତ କୁମାର ଚିନ୍ନାରା, ପ୍ରିନ୍ସିପାଲ ଇଫକୋ ଡିଏଭି ସ୍କୁଲ ଏବଂ ପ୍ରସନ୍ନ କୁମାର ବେଉରା ପିଆରଓ, ଇଫକୋ ପ୍ରମୁଖ ଯୋଗଦେଇ ଟ୍ରାଫିକ ଶୃଙ୍ଖଳା, ସଡ଼କ ସୁରକ୍ଷା ନିୟମ ପାଳନ ଏବଂ ସଡ଼କ ଦୁର୍ଘଟଣା ରୋକିବାରେ ସାମୂହିକ ଦାୟିତ୍ୱ ଉପରେ ଗୁରୁତ୍ୱାରୋପ କରିଥିଲେ। କାର୍ଯ୍ୟକ୍ରମର ଏକ ବିଶେଷ ଆକର୍ଷଣ ଭାବେ ସଡ଼କ ସୁରକ୍ଷା ସଚେତନତା ନାଟକ ଜଗତସିଂହପୁର ଓ କଟକ ଆରଟିଓ ଦ୍ୱାରା ପ୍ରଦର୍ଶିତ ହୋଇଥିଲା। ଏଥିରେ ଇଫକୋ ଡିଏଭି ସ୍କୁଲ ଛାତ୍ରଛାତ୍ରୀ, ଇଫକୋ କର୍ମଚାରୀ ଏବଂ ଠିକାଦାର ଶ୍ରମିକଙ୍କ ସକ୍ରିୟ ଅଂଶଗ୍ରହଣ ଦେଖିବାକୁ ମିଳିଥିଲା।

## ଜାତୀୟ ସଡ଼କ ସୁରକ୍ଷା ମାସ

କୁଜଙ୍ଗ,୧୮।୧(ସମିସ): କୁଜଙ୍ଗ ବ୍ଲକ ଅନ୍ତର୍ଗତ ଶ୍ରୀସତ୍ୟସାଇ ଜ୍ଞାନ ବିକାଶ ସ୍କୁଲରେ ଜାତୀୟ ସଡ଼କ ସୁରକ୍ଷା ମାସ ପାଳନ କରାଯାଇଛି। ବିଦ୍ୟାଳୟର ଅଧକ୍ଷା ରଶ୍ମିତା କବିଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ସଭାପତି ବାବାଜୀ ଚରଣ ପୃଷ୍ଟି ଯୋଗ ଦେଇଥିଲେ। ପରିଚାଳନା ସମିତିର ସଭ୍ୟା ସ୍ନେହମୟୀ ଆଚାର୍ଯ୍ୟ, ଜଗତସିଂହପୁର ଜିଲ୍ଲାର ଆଞ୍ଚଳିକ ପରିବହନ କାର୍ଯ୍ୟାଳୟର ପ୍ରତିନିଧି ମନୋରମା ମାଝୀ ଓ ତାଙ୍କର ସହଯୋଗୀ ତଥା କୁଜଙ୍ଗ ଥାନା ଅଧିକାରୀ ରଶ୍ମିରଂଜନ ସାହୁ ଓ ସହକର୍ମୀ ତଥା ସ୍ଥାନୀୟ କାମଳଦେବୀ ମହାବିଦ୍ୟାଳୟର ଅଧ୍ୟକ୍ଷା, ଅଧ୍ୟାପିକା, ଛାତ୍ରୀ, ଶ୍ରୀସତ୍ୟସାଇ ଜ୍ଞାନ ବିକାଶ ସ୍କୁଲର ସମସ୍ତ ଗୁରୁଜୀ ଗୁରୁମା ଏବଂ ଦେବଦୂତ ଭାବେ କାର୍ଯ୍ୟ କରୁଥିବା ପଙ୍କଜ କୁମାର ତରାଇ, ପଙ୍କପାଳ ପଞ୍ଚାୟତର ସରପଞ୍ଚ ସରୋଜ କୁମାର ସେଠୀ ପ୍ରମୁଖ ଯୋଗ ଦେଇଥିଲେ। ଉଭୟ ବିଦ୍ୟାଳୟ ଓ ମହାବିଦ୍ୟାଳୟର ଛାତ୍ରଛାତ୍ରୀ ଏକ ବିଶାଳ ରାଲୀ ମାଧ୍ୟମରେ ସମାଜକୁ ଏକ ସଚେତନତା ବାର୍ତ୍ତା ଦେଇଥିଲେ। ବରିଷ୍ଠ ଗୁରୁମା ଲିଲିମା ମହାପାତ୍ର ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

## ଆନ୍ତଃ ବିଦ୍ୟାଳୟ ସାଂସ୍କୃତିକ ମହୋତ୍ସବ ଉଦ୍‌ଯାପିତ



ପାରାଦୀପ,୧୮।୧(ସମିସ): ୧୩ରୁ ୧୮ ତାରିଖ ପର୍ଯ୍ୟନ୍ତ ଦୀର୍ଘ ୬ଦିନ ଧରି ଜୟଦେବ ସଦନରେ ପାରାଦୀପ ବନ୍ଦର ଅଥରିଟିର ଜଗନ୍ନାଥ ଲଳିତ କଳା ସଂସଦ ପକ୍ଷରୁ ଆୟୋଜିତ ଆନ୍ତଃ ବିଦ୍ୟାଳୟ ସାଂସ୍କୃତିକ ମହୋତ୍ସବ ଆଜି ଉଦ୍‌ଯାପିତ ହୋଇଯାଇଛି। ଏଥିରେ ପାରାଦୀପରେ ଥିବା ସମସ୍ତ ବିଦ୍ୟାଳୟର ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ଛାତ୍ରଛାତ୍ରୀଙ୍କ ଦ୍ୱାରା ଅଭିନୀତ ଶିଶୁନାଟକ ଗୁଡ଼ିକ ଦର୍ଶକଙ୍କୁ ବାନ୍ଧି ରଖିଥିବା ବେଳେ ସମସ୍ତ ନାଟକଗୁଡିକ ଶିକ୍ଷା ଓ ସମାଜକୁ ବାର୍ତ୍ତା ଦେଲା ଭଳି ପରିବେଷଣ କରାଯାଇଥିଲା। ଏହି ସାଂସ୍କୃତିକ ମହୋତ୍ସବକୁ ଜଗନ୍ନାଥ ଲଳିତ କଳା ସଂସଦର ସଭାପତି କ୍ୟାପଟେନ ଅଲେଖ ଚରଣ ସାହୁ, କାର୍ଯ୍ୟକାରୀ ସଭାପତି ରୁଦ୍ର ନାରାୟଣ ମିଶ୍ର ଓ ସମ୍ପାଦକ ପ୍ରଶାନ୍ତ ମହାରଣା ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ପ୍ରତ୍ୟକ ସନ୍ଧ୍ୟାରେ ୨ଟି ବିଦ୍ୟାଳୟକୁ ନେଇ ନାଟକ ପରିବେଷଣ କରାଯାଇଥିବା ବେଳେ ହେମନ୍ତ କୁମାର ମାଝୀ ଓ ଗୁରୁଶ୍ରୀ ନିରଞ୍ଜନ ଗାନ୍ ମଞ୍ଚ ପରିଚାଳନା କରିଥିଲେ।

## ପାକସ୍ଥଳୀ ଅସ୍ତ୍ରୋପଚାର ପରେ ଯୁବକଙ୍କ ମୃତ୍ୟୁ

କୁଜଙ୍ଗ,୧୮।୧(ସମିସ): କୁଜଙ୍ଗ ବ୍ଲକ ଅନ୍ତର୍ଗତ ପଙ୍କପାଳ ନିବାସୀ ପୂର୍ବତନ ନାଏବ ସରପଞ୍ଚ ସ୍ୱର୍ଗତ ନରହରି ପରିଡ଼ାଙ୍କ କନିଷ୍ଠ ପୁତ୍ର ଦିଲୀପ ପରିଡ଼ା (ନଗୁଲ, ୪୫) ଆଜି ସକାଳେ କଟକ ବଡ଼ ଡାକ୍ତରଖାନାରେ ଚିକିତ୍ସାଧୀନ ଅବସ୍ଥାରେ ପରଲୋକ ହୋଇଯାଇଛି। ସେ ପାକସ୍ଥଳୀ ଜନିତ ରୋଗର ପୀଡ଼ିତ ହେବା ସହ ଗତକାଲି ତାଙ୍କର ଏକ ଅସ୍ତ୍ରୋପଚାର କରାଯାଇଥିଲା। ସେ ସୁସ୍ଥ ଥିଲେ। ମାତ୍ର ଆଜି ସକାଳୁ ପ୍ରବଳ ବାନ୍ତି ହେବା ସହ ଭୀଷଣ ଯନ୍ତ୍ରଣା ହୋଇଥିଲା। ଶେଷରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ତାଙ୍କ ମରଶରୀରକୁ ପଙ୍କପାଳ ଅଣା ଯାଇ ସଂସ୍କାର କରାଯାଇଛି। ତାଙ୍କ ପରଲୋକ ଖବର ପାଇ ପଙ୍କପାଳ ସରପଞ୍ଚ ସରୋଜ କୁମାର ସେଠୀ, ପଙ୍କପାଳ ବଣିକ ସଂଘ ସଭାପତି ଫକୀର ଦାସ, ପଙ୍କପାଳ ବିଜେପି ମଣ୍ଡଳ ସଭାପତି ଶତ୍ରୁଘ୍ନ ମଲ୍ଲ, ବାବୁଲି ପ୍ରଧାନ, ପୂର୍ବତନ ସରପଞ୍ଚ ଡା.ଶରତ ଚନ୍ଦ୍ର ମହାପାତ୍ର ପ୍ରମୁଖ ଶୋକ ପ୍ରକାଶ କରିଛନ୍ତି।

## ଶିଶୁ ମନ୍ଦିରରେ ପୁରସ୍କାର ବିତରଣ ଉତ୍ସବ

କୁଜଙ୍ଗ,୧୮।୧(ସମିସ): ଶିକ୍ଷା ବିକାଶ ସମିତି ଓଡ଼ିଶା ଦ୍ୱାରା ପରିଚାଳିତ କୁଜଙ୍ଗ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଆଚାର୍ଯ୍ୟ ପ୍ରଦ୍ୟୁମ୍ନ କୁମାର ନାୟକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଏହି ଉତ୍ସବରେ ଅବସରପ୍ରାପ୍ତ ମୁଖ୍ୟ ଚିକିତ୍ସାଧିକାରୀ ଡ. ରବୀନ୍ଦ୍ରନାଥ ବେହେରା ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ବିଭିନ୍ନ ପ୍ରତିଯୋଗିତାରେ କୃତକାର୍ଯ୍ୟ ହୋଇଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କାର ଓ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରିଥିଲେ। ସମ୍ମାନିତ ଅତିଥି ରୂପେ ମ୍ୟାନକାଇଣ୍ଡର ମୁଖ୍ୟ ପରିଚାଳକ ଜ୍ଞାନରଞ୍ଜନ ଶତପଥୀ ଓ ସହ ପରିଚାଳକ ଦିବ୍ୟରଞ୍ଜନ ଆଚାର୍ଯ୍ୟ ଯୋଗଦେଇଥିବା ବେଳେ ବରିଷ୍ଠ ଆଚାର୍ଯ୍ୟା ତିଳୋତ୍ତମା ମହାନ୍ତି ସଂଯୋଜନା କରିଥିଲେ। ସଭାପତି ରଜନୀକାନ୍ତ ଦାସ ଧନ୍ୟବାଦ ଅର୍ପଣ କରିଥିବା ବେଳେ ବାଇଧର ସ୍ୱାଇଁ, ଗୌରାଙ୍ଗ ସ୍ୱାଇଁ, ଅଞ୍ଜଳି ପ୍ରଭା ମହାରଣା ପ୍ରମୁଖ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

## ମୋ ଘର ବୃଦ୍ଧାଶ୍ରମରେ ଶୀତବସ୍ତ୍ର ବଣ୍ଟନ




ବିରିଡ଼ି,୧୮।୧(ସମିସ): ଜଗତସିଂହପୁରର ଅନନ୍ୟ ସାହିତ୍ୟ ସ୍ରଷ୍ଟା ତଥା ସାହିତ୍ୟ ପତ୍ରିକା ସୁନାଭଉଣୀର ପ୍ରତିଷ୍ଠାତା ବିଜୟକୁମାର ମହାପାତ୍ରଙ୍କ ୧୪ତମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଅନୁଷ୍ଠାନ ପକ୍ଷରୁ ବିରିଡି ବ୍ଲକ ଅଡଙ୍ଗଗଡ଼ ସ୍ଥିତ ମୋ ଘର ବୃଦ୍ଧାଶ୍ରମର ଅନ୍ତେବାସୀଙ୍କୁ ଶୀତବସ୍ତ୍ର କମ୍ବଳ ବଣ୍ଟନ କରାଯାଇଥିଲା। ସୁନାଭଉଣୀର ସମ୍ପାଦିକା ବିଜୟଲକ୍ଷ୍ମୀ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ତାଙ୍କ କନ୍ୟା ବିଜୟିନୀ ମହାପାତ୍ରଙ୍କ ସମେତ ଗୋବିନ୍ଦ ଓଝା, ଅଧ୍ୟାପକ ଲିଙ୍ଗରାଜ ନାୟକ, ସମାଜସେବୀ ଲିଙ୍ଗରାଜ ମଲ୍ଲ, ଅରୁଣ ଦାସ, ରବି ମହାନ୍ତି, ନିକୁଞ୍ଜ ବିହାରୀ ଭଞ୍ଜ, ଓ ବସନ୍ତ ବେହେରା ପ୍ରମୁଖ ସାମିଲ ହୋଇ କମ୍ବଳ ବଣ୍ଟନ କରିଥିଲେ। ପରେ ପରେ ସିଦ୍ଧ ସାଧକ ମହାପୁରୁଷ ଗୋସ୍ୱାମୀ ଯଶୋବନ୍ତ ଦାସଙ୍କ ପୀଠକୁ ଯାଇ ଦର୍ଶନ କରିବା ସହ ବିଭୁକୃପା ଲାଭ କରିଥିଲେ।

## ବଡ଼ଖଣ୍ଡାୟତା ଗାଁରେ ଲାଗିଲା ଷ୍ଟ୍ରିଟ୍‌ଲାଇଟ୍



ବିରିଡ଼ି,୧୮।୧(ସମିସ): ବିରିଡି ବ୍ଲକ ବଡ଼ଖଣ୍ଡାୟତା ଠାରେ ଲକ୍ଷ୍ମଣ ସ୍ୱାଇଁଙ୍କ ସ୍ମୃତିରେ ଷ୍ଟ୍ରିଟ୍‌ଲାଇଟ ଲଗାଯାଇଥିଲା। ସମାଜସେବୀ ମାନସ ମଲ୍ଲିକଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା ଏହି ଲାଇଟକୁ ଗାଁ ଦାଣ୍ଡରେ ଲଗାଯାଇଥିଲା। ଏହି କାର୍ଯ୍ୟକ୍ରମରେ ହାଜିପୁର ମଣ୍ଡଳ ସଭାପତି ଦୀପ୍ତିପ୍ରସାଦ ପରିଜାଙ୍କ ସହ ବାମଦେବ ମଲ୍ଲିକ, ରାମକୃଷ୍ଣ ପରିଜା, ସୁଦର୍ଶନ ପଣ୍ଡା, ବନମାଳୀ ବେହେରା, ଅଜୟ ସାହୁ, ବନବିହାରୀ ଜେନା, ସୁନନ କୁମାର ବେହେରା, ପ୍ରକାଶ ଖଟେଇ, ସୁକାନ୍ତ ନନ୍ଦୀ, ପାର୍ଥ ସାରଥୀ ଭୋଇ,ଅଭୟ କୁମାର ଜେନା, ସାବିତ୍ରୀ ସ୍ୱାଇଁ, ସିମା ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ଅଲଣାହାଟ ହାଇସ୍କୁଲ ୧୯୬୮ ବ୍ୟାଚ ପୁରାତନ ବିଦ୍ୟାର୍ଥୀଙ୍କ ବୈଠକ

କଟକ,୧୮।୧(ସମିସ): ଅଲଣାହଟ ହାଇସ୍କୁଲର ୧୯୬୮ମାଟ୍ରିକ୍ ବ୍ୟାଚ୍ ପୁରାତନ



ବିଦ୍ୟାର୍ଥୀଙ୍କ ଏକ ବୈଠକ ତଳ ତେଲେଙ୍ଗା ବଜାରସ୍ଥିତ ନୃସିଂହନାଥ ମନ୍ଦିର ପରିସର ରେ ଅନୁଷ୍ଠିତ ହୋଇଛି। ପ୍ରଫେସର ଡାକ୍ତର ଗନ୍ଧର୍ବ ରାୟଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଡାକ୍ତର ବୃଷକେତୁ ମହାନ୍ତି, ଅବସରପ୍ରାପ୍ତ ଏସପି ପ୍ରତାପ ମହାନ୍ତି, ଅବସରପ୍ରାପ୍ତ ବ୍ୟାଙ୍କ ପରିଚାଳକ ଦିଗମ୍ବର ଦାସ, ଡକ୍ଟର କ୍ଷୀରୋଦ ଚନ୍ଦ୍ର ଆଚାର୍ଯ୍ୟ, ଦେବ ମଲ୍ଲ, ଲଳିତ କାନୁନଗୋ, ଅନ୍ନପୂର୍ଣ୍ଣା ଆଚାର୍ଯ୍ୟ ଓ ଅନ୍ୟମାନେ ପରିବାର ସହିତ ଯୋଗ ଦେଇଥିଲେ। ଏହି ଅବସରରେ ଅଲଣାହଟ ହାଇସ୍କୁଲର ପୂର୍ବତନ ପ୍ରଧାନ ଶିକ୍ଷକ ତଥା ବିଶିଷ୍ଟ ଶିକ୍ଷାବିତ୍ ବୈକୁଣ୍ଠ ନାଥ ଆଚାର୍ଯ୍ୟଙ୍କ ସ୍ମୃତିଚାରଣ କରାଯାଇଥିଲା। କାର୍ଯ୍ୟକ୍ରମରେ ୫୦ ରୁ ଅଧିକ ପୁରାତନ ବିଦ୍ୟାର୍ଥୀ ପରିବାର ସହ ଯୋଗ ଦେଇଥିଲେ। ସୁଶାନ୍ତ କୁମାର ରାଉତ ଓ ରାଜେନ୍ଦ୍ର ପ୍ରସାଦ ମହାନ୍ତି କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

## ଜଗତସିଂହପୁର ବିଧାୟକଙ୍କ କର୍ମୀ ସମ୍ମିଳନୀ



ଜଗତସିଂହପୁର,୧୮।୧(ସମିସ): ରଘୁନାଥପୁର ବ୍ଲକ ଅନ୍ତର୍ଗତ ଧଳତଙ୍ଗଗଡ଼ ଜଙ୍ଗଲରେ ଜଗତସିଂହପୁର ବିଧାୟକ ଅମରେନ୍ଦ୍ର ଦାସଙ୍କ ଦ୍ୱାରା ଏକ କର୍ମୀ ସମ୍ମିଳନୀ ଓ ବନ୍ଧୁମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଜଗତସିଂହପୁର ବ୍ଲକ, ନାଉଗାଁ ବ୍ଲକ ଓ ଜଗତସିଂହପୁର ପୌରପରିଷଦର ହଜାର ହଜାର ବିଜେପି କର୍ମୀ, ସମର୍ଥକ, ବୁଦ୍ଧିଜୀବୀ, ଆଇନଜୀବୀ, ବରିଷ୍ଠ ନେତୃବୃନ୍ଦ, ଛାମୁଆ କର୍ମୀ, ଯୁବ ଛାତ୍ର ଓ ମହିଳାମାନେ ଯୋଗ ଦେଇଥିଲେ। ଆଗାମୀ ଦିନରେ ଦଳୀୟ ସଂଗଠନକୁ କିପରି ତୃଣମୂଳ ସ୍ତରରେ ସୁଦୃଢ଼ କରାଯାଇପାରିବ ସେ ସମ୍ପର୍କରେ ବିଜେପିର ନିର୍ବାଚନ ମଣ୍ଡଳୀ ସ୍ତରୀୟ ନେତୃବୃନ୍ଦ କର୍ମୀ ମାନଙ୍କୁ ବୁଝାଇଥିଲେ। ଏହି କାର୍ଯ୍ୟକ୍ରମରେ ଜିଲ୍ଲା ବିଜେପି ଉପସଭାପତି ସୌଭାଗ୍ୟ ମହାନ୍ତି, ବରିଷ୍ଠ ନେତା ଜଗନ୍ନାଥ ଦାଶ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ପ୍ରସନ୍ନ ସ୍ୱାଇଁ, ନାଉଗାଁର ବରିଷ୍ଠ ନେତୃତ୍ୱ ପ୍ରଦୀପ୍ତ ସ୍ୱାଇଁ, ସମୀର ଲେଙ୍କା, ଅକ୍ଷୟ ପାତ୍ର, ସୁଶାନ୍ତ ରଞ୍ଜନ ସ୍ୱାଇଁ, ବରଦା ପ୍ରସାଦ ରାୟ, ଦେବୀପ୍ରସାଦ ପାଢ଼ୀ, ଯୁଧିଷ୍ଠିର ସ୍ୱାଇଁ, ଦେବୀପ୍ରସାଦ ସାହାଣୀ, ଲକ୍ଷ୍ମୀକାନ୍ତ ସ୍ୱାଇଁ, ସୁଶାନ୍ତ ମଲ୍ଲିକ, ତାପସ ଦାସ, ପାରିଷଦ ଦେବାଶିଷ ସ୍ୱାଇଁ, ବିଦୁର ନାୟକ, ଧରଣୀଧର ସ୍ୱାଇଁ, ବିଷ୍ଣୁ ବେହେରାଙ୍କ ସମେତ ସହସ୍ରାଧିକ କାର୍ଯ୍ୟକର୍ତ୍ତା ଓ କର୍ମୀ ଯୋଗ ଦେଇଥିଲେ।


## ବୋରିକିନା ସତ୍‌ସଙ୍ଗ କେନ୍ଦ୍ରର ବାର୍ଷିକ ଉତ୍ସବ

ବାଲିକୁଦା,୧୮।୧(ସମିସ): ବାଲିକୁଦା ବ୍ଲକ ବୋରିକିନା ସତ୍‌ସଙ୍ଗ କେନ୍ଦ୍ର ଆନୁକୂଲ୍ୟରେ ଠାକୁର ଅନୁକୂଳଚନ୍ଦ୍ରଙ୍କ ପୁଣ୍ୟ ୧୩୮ତମ ଜନ୍ମ ମହୋତ୍ସବ ଓ ସତ୍‌ସଙ୍ଗ କେନ୍ଦ୍ରର ୧୪ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ କଟକ ସତ୍‌ସଙ୍ଗ ବିହାରର ପ୍ରବୀଣ ଋତିକ ଜିତେନ୍ଦ୍ର କୁମାର ପତି ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ବରିଷ୍ଠ



ଋତିକ ହରେକୃଷ୍ଣ ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ଆଇନଜୀବୀ ଡ. ବୀରନାରାୟଣ ପାତ୍ର ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସ.ପ୍ର.ର ନିରଞ୍ଜନ ପ୍ରଧାନ, ସ.ପ୍ର.ର ନିରଞ୍ଜନ ଜାନା, ଯାଜକ କାର୍ତ୍ତିକ ଚନ୍ଦ୍ର ବେହେରା, ସମୀର କୁମାର ଦାଶ, ଶିବ ପ୍ରସାଦ ବେହେରା, ବୋରିକିନା ସରପଞ୍ଚ ସାଗରିକା ପରିଡ଼ା, ଜ୍ୟୋତି ପ୍ରକାଶ ନାୟକ, ସୁଜିତ ବେହେରା, କେଦାର ପାତ୍ର, ପ୍ରଶାନ୍ତ ବାରିକ, ଗଗନ ରାଉତ, ବିଚିତ୍ର ରଞ୍ଜନ ସାହୁ, ରଞ୍ଜନ କୁମାର ସେନାପତି, ରବୀନ୍ଦ୍ର ମଲ୍ଲିକ, କୃଷ୍ଣଚନ୍ଦ୍ର ମାଝୀ, କଣ୍ଠମଣୀ ସାହୁ, ରବୀନ୍ଦ୍ର କୁମାର ସାହୁ, ସୁଶୀଲ କୁମାର ପରିଡ଼ା ପ୍ରମୁଖ ଯୋଗଦେଇ ଆଜିର ସମାଜରେ ମାନବୀୟ ମୂଲ୍ୟବୋଧର ଦ୍ରୁତ ଅବକ୍ଷୟ ଯୋଗୁଁ ସାମାଜିକ ଜୀବନ ଭୁଶୁଡି ପଡିଛି ବୋଲି ନିଜ ନିଜର ଅଭିଭାଷଣରେ ମତବ୍ୟକ୍ତ କରିଥିଲେ। ଏହି ସତସଙ୍ଗରେ ଆଖପାଖ ଅଞ୍ଚଳର ହଜାର ହଜାର ଅନୁଗାମୀ ଅଂଶଗ୍ରହଣ କରିଥିଲେ।

## ପିଟୁବି ଟ୍ୟାକ୍ସି ମାଲିକ ସଂଘର ବାର୍ଷିକ ଉତ୍ସବ



ପାରାଦୀପ,୧୮।୧(ସମିସ): ପାରାଦୀପଠାରେ ଥିବା ପି-ଟୁ-ବି ଟ୍ୟାକ୍ସି ମାଲିକ ସଂଘର ଦ୍ୱିତୀୟ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ପାରାଦୀପ ଗଲ୍ଫ କୋର୍ସ ପରିସରରେ ଏକ ଭବ୍ୟ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ସଭାପତିତ୍ୱ କରିଥିଲେ ସଂଘର ସଭାପତି ଲିଟୁନା କୁମାର ସାମଲ। ସଂଘର ସଦସ୍ୟମାନଙ୍କ ସର୍ବାଙ୍ଗୀନ ଉନ୍ନତି ପାଇଁ ସଂଘ ଦୀର୍ଘ ଦୁଇ ବର୍ଷ ହେବ କାର୍ଯ୍ୟ କରି ଆସୁଛି। ଆଗାମୀ ଦିନରେ ଏହା ଜାରି ରହିବ ବୋଲି ସଂଘର ଉପଦେଷ୍ଟା ମନୋଜରଞ୍ଜନ ମହାନ୍ତି କହିଥିଲେ। ସଂଘର ଉପସଭାପତି ଅଶୋକ କୁମାର ନାୟକ, ସାଧାରଣ ସମ୍ପାଦକ ମନୋଜ କୁମାର ଚଇନୀ, ସମ୍ପାଦକ ସୁରଥ ଓଝା, ଯୁଗ୍ମ ସମ୍ପାଦକ ତୁଷାର ପ୍ରଧାନ, କୋଷାଧ୍ୟକ୍ଷ ରୁଦ୍ର ନାରାୟଣ ଦାସ, ଯୁଗ୍ମ କୋଷାଧ୍ୟକ୍ଷ କାଳନ୍ଦୀ ମଲ୍ଲିକଙ୍କ ସମେତ ଉପଦେଷ୍ଟାମାନଙ୍କୁ ସଂଘ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ସଂଘର ଶତାଧିକ ସଦସ୍ୟ ଏହି ଦ୍ୱିତୀୟ ବାର୍ଷିକ ଉତ୍ସବ ଉପଲକ୍ଷେ ଆୟୋଜିତ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।

## ଶାଳିଜଙ୍ଗା ମହିମା ଆଶ୍ରମରେ ଅନିୟମିତତା ଅଭିଯୋଗ

ନାଉଗାଁ,୧୮।୧(ସମିସ): ନାଉଗାଁ ଦ୍ୱିତୀୟ ମହିମା କ୍ଷେତ୍ର କୁହାଯାଉଥିବା ଜଗତସିଂହପୁର ଜିଲ୍ଲା ନାଉଗାଁ ବ୍ଲକ ଶାଳଜଙ୍ଗା ମଠରେ ସୃଷ୍ଟି ହୋଇଥିବା ଅନିୟମିତତା ଏବଂ ଅର୍ଥ ଏବଂ ଜମି ତୋଷରପାତ ଘଟଣା ଏବେ ଉଗ୍ରରୂପ ନେବାରେ ଲାଗିଛ। ସିଦ୍ଧପୁରୁଷ ବାବା ଶ୍ରୀକୁଳମଣି ଦାସଙ୍କ ଦ୍ୱାରା ୧୯୫୫ ମସିହାରେ ପ୍ରତିଷ୍ଠା ଲାଭ କରିଥିବା ଏହି ମଠଟି କେବଳ ଜଗତସିଂହପୁର ଜିଲ୍ଲା ନୁହେଁ; କଟକ, ପୁରୀ, କେନ୍ଦ୍ରାପଡ଼ା, ଯାଜପୁର, ଭଦ୍ରକ ଆଦି ଅନେକ ଜିଲ୍ଲାର ଲକ୍ଷାଧିକ ଲୋକଙ୍କ ଭାବାବେଗ ସହିତ ଜଡିତ। ବାବା ଶ୍ରୀକୁଳମଣି ଦାସଙ୍କ ଦେହାନ୍ତ ପରେ ଅନ୍ତେବାସୀ ଗଦାଧର ଦାସଙ୍କୁ ମଠାଧୀଶ କରାଯିବା ପରେ ବାବା ଗଦାଧର ଦାସ ଭକ୍ତବୃନ୍ଦଙ୍କ ମନରେ ବିଶ୍ୱାସ ଜନ୍ମାଇ, ଦାନ ଧର୍ମ, ବତୀ ଲଗା ଏବଂ ଦୋକାନ ବଜାରରୁ ଆଦାୟ ହେଉଥିବା ସମସ୍ତ ଟଙ୍କା ପଇସା ସୁନା ଅଳଙ୍କାର ଏବଂ ଜମି ଜମାକ ହଡ଼ପ କରିଥିବା ଅଭିଯୋଗ ହୋଇଛି। ଏପରିକି ମଠର ଅନ୍ୟତମ ଅନ୍ତେବାସୀ ରୀନାରାଣୀ ବାବା ଗଦାଧରଙ୍କୁ ହାତ କରି ପ୍ରାୟ ଛଅ ଏକରରୁ ଉର୍ଦ୍ଧ୍ୱ ଜମି ନିଜ ନାମରେ କରି ଦେଇଥିବା ଓ ମଠ ଦାନ ଧର୍ମ ଅର୍ଥରେ କଟକ ଠାରେ ଏକ ବିଳାସପୂର୍ଣ୍ଣ ଆପାର୍ଟମେଣ୍ଟ କ୍ରୟ କରିଦେଇଥିବା ଏକ ସାମ୍ବାଦିକ ସମ୍ମିଳନୀ ମାଧ୍ୟମରେ ଅଭିଯୋଗ କରିଛନ୍ତି ବର୍ତ୍ତମାନର ଅନ୍ତେବାସୀ ଏବଂ ଗ୍ରାମବାସୀ। ସମ୍ପୃକ୍ତ ବାବା ଓ ରୀନାରାଣୀ ମଠରୁ ଲୁଚି ଖସି ପଳାଇଥିବା ବେଳେ ମଠର କୋଟି କୋଟି ଟଙ୍କାର ଧନ ସମ୍ପତି କିଭଳି ମଠକୁ ଫେରି ଆସିବ ତାକୁ ନେଇ ସମସ୍ତେ ଚିନ୍ତା ପ୍ରକଟ କରିଛନ୍ତି। ଦୀର୍ଘ ତିନି ମାସ ହେବ ଶାଳଜଙ୍ଗା ମଠରେ ଏହି ଭଳି ଅବ୍ୟବସ୍ଥା ଲାଗି ରହିଥିବା ବେଳେ ଆସନ୍ତା ଜାନୁଆରୀ ୩୧ ତାରିଖରେ ମଠର ପ୍ରମୁଖ ଉତ୍ସବ ମାଘ ଚତୁର୍ଦ୍ଦଶୀ ମେଳା ଅନୁଷ୍ଠିତ ହେବ। ବାବା ଶୂନ୍ୟ ମଠରେ ଶ୍ରଦ୍ଧାଳୁ ଓ ଅନ୍ତେବାସୀମାନେ ମଠକୁ ସୂଚାରୁରୂପେ ପରିଚାଳନା ନିମନ୍ତେ ଅଣ୍ଟା ଭିଡୁଥିବା ବେଳେ ମଠର ସମସ୍ତ ସ୍ଥାବର ଆସ୍ଥାବାର ସମ୍ପତି କି ଭଳି ମଠକୁ ଫେରି ଆସିବ, ତାହାକୁ ନେଇ ପ୍ରଶାସନ ଉଚିତ ପଦକ୍ଷେପ ଗ୍ରହଣ କରିବାକୁ ସେମାନେ ଦାବି କରିଛନ୍ତି।

# ପାରାଦୀପରେ ପକ୍ଷୀ ଗଣନା ଆରମ୍ଭ

ପାରାଦୀପ,୧୮।୧(ସମିସ):



ପାରାଦୀପରେ ଆଜିଠାରୁ ଆରମ୍ଭ ହୋଇଛି ଚଳିତ ବର୍ଷର ପକ୍ଷୀ ଗଣନା କାର୍ଯ୍ୟକ୍ରମ। ଏହି ଗଣନା କାର୍ଯ୍ୟକ୍ରମ ସକାଳ ୫.୩୦ରୁ ଆରମ୍ଭ କରାଯାଇଥିଲା। ପାରାଦୀପର ପିପିଏଲ୍, କଂସାରୀ ପାଟିଆ, ଜଟାଧାର ତଣ୍ଡା, ହାୱାଖାନା ଓ ବନ୍ଦରରେ ଚାଲିଛି ଏହି ପକ୍ଷୀ ଗଣନା। ଏ ନେଇ ରାଜନଗର ରେଞ୍ଜ ଓ କୁଜଙ୍ଗ ବନବିଭାଗ ତରଫରୁ ୧୯ଜଣିଆ ଟିମ ୫ଟି ସ୍ଥାନରେ ଗଣନା କାର୍ଯ୍ୟକ୍ରମରେ ନିୟୋଜିତ ରହିଛନ୍ତି। ପାରାଦୀପ ଅଞ୍ଚଳରେ ବିଶେଷକରି ଲାର୍ଜ ହୁଇଷ୍ଟାଲିଙ୍ଗ ଡକ୍, ଲେଜର ହୁଇଷ୍ଟାଲିଙ୍ଗ ଡକ, ବ୍ଲାକ ଇବିସ, ହ୍ୱାଇଟ ଇବିସ, ଗଡୱାଲ ଓ ନର୍ଥନ ପିଣ୍ଟାଇଲ ପ୍ରଭୃତି ପକ୍ଷୀ ରହିଥିବା ନେଇ କୁଜଙ୍ଗ ବନବିଭାଗ ଅଧିକାରୀ ସଞ୍ଜୟ କୁମାର ପ୍ରଧାନ ସୂଚନା ଦେଇଛନ୍ତି। ଶୀତଦିନ ଆସିଲେ ଓଡ଼ିଶା ଉପକୂଳରେ ଅନୁକୂଳ ବାତାବରଣକୁ ନେଇ ହଜାର ହଜାର ମାଇଲ ଅତିକ୍ରମ କରି ବିଦେଶାଗତ ପକ୍ଷୀଙ୍କ ଆଗମନ ହେଉଛି। ପାରାଦୀପ ସମେତ ଜଗତସିଂହପୁର ଜିଲ୍ଲାର ଜଟାଧାର ତଣ୍ଡା, ବନ୍ଦର, ହାୱାଖାନା ସହିତ ପିପିଏଲ୍ ପରିସରରେ ପକ୍ଷୀ ମାନଙ୍କ ପାଇଁ ଅନୁକୂଳ ବାତାବରଣ ସହିତ ପର୍ଯ୍ୟାପ୍ତ ପରିମାଣରେ ଖାଦ୍ୟ ମିଳୁଥିବା କାରଣରୁ ଏହି ଅଞ୍ଚଳକୁ ବିଦେଶରୁ ପକ୍ଷୀମାନେ ଛୁଟି ଆସିଥାନ୍ତି ବୋଲି କହିଛନ୍ତି ପିପିଏଲର ବରିଷ୍ଠ ପର୍ଯ୍ୟାବରଣ ଅଧିକାରୀ ମୁକେଶ କୁମାର ମିଶ୍ର। ବିଗତ ବର୍ଷ ମାନଙ୍କରେ ଯେଉଁଭଳି ସଂଖ୍ୟାରେ ପକ୍ଷୀ ପାରାଦୀପ କଂସାରୀପାଟିଆ ଏବଂ ପିପିଏଲ ପରିସରକୁ ଆସିଥିଲେ ଚଳିତ ବର୍ଷ ମଧ୍ୟ ସେତିକି ପରିମାଣର ପକ୍ଷୀଙ୍କ ଆଗମନ ହୋଇଥିବା ନେଇ କୁଜଙ୍ଗ ବନ ଅଧିକାର କହିଛନ୍ତି। ଚଳିତବର୍ଷ ପାଗ ଅନୁକୂଳ ରହିଥିବାରୁ ଅନେକ ବିଦେଶାଗତ ପକ୍ଷୀଙ୍କ ଆଗମନ ହୋଇଥିବା ବନବିଭାଗ ତରଫରୁ ଆକଳନ କରାଯାଇଛି। ପିପିଏଲ ସାରକାରଖାନା ପରିସରରେ ରହିଥିବା ବଡ଼ ବଡ଼ ପୁଷ୍କରିଣୀ ଓ ବୃକ୍ଷରାଜୀ ବିଦେଶାଗତ ପକ୍ଷୀଙ୍କ ପ୍ରମୁଖ ଆଶ୍ରୟସ୍ଥଳ ପାଲଟିଛି। ତେବେ ପକ୍ଷୀ ମାନଙ୍କ ସଂଖ୍ୟା ସମ୍ପୂର୍ଣ୍ଣ ଗଣନାପରେ ଜଣାପଡିବ ବୋଲି ସୂଚନା ମିଳିଛି।

## ବୀର ବେନୁ ସ୍ମାରକୀ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ

# ଭୁବନେଶ୍ୱର ତମାଣ୍ଡୋ କ୍ଲବ୍ ଚାମ୍ପିଅନ

ପରଜଙ୍ଗ,୧୮ ।୧(ସମିସ)



ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ବ୍ଲକ ପରଜଙ୍ଗ ମିନି ଷ୍ଟାଡିୟମରେ ଗତ ୧୧ ତାରିଖରୁ ଚାଲିଥିବା ବୀର ବେନୁ ସର୍ବଭାରତୀୟ କ୍ରିକେଟ ଟୁର୍ଣ୍ଣାମେଣ୍ଟ ରବିବାର ଉଦଯାପିତ ହୋଇଛି । ଫାଇନାଲ ମ୍ୟାଚ ଭୁବନେଶ୍ୱର ତମାଣ୍ଡୋ କ୍ଲବ ଓ କଟକ ରାଇଜିଂ ଷ୍ଟୁଡେଣ୍ଟ କ୍ଲବ ମଧ୍ୟରେ ଖେଳାଯାଇଥିଲା । ତମାଣ୍ଡୋ ଦଳ ବିଜୟୀ ହୋଇ ଚାମ୍ପିଅନ ହୋଇଛି । ରାଇଜିଂ ଷ୍ଟୁଡେଣ୍ଟ ଦଳ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରି ୧୯.୫ ଓଭରରେ ସମସ୍ତ ଓଇକେଟ ହରାଇ ୧୩୩ ରନ ସଂଗ୍ରହ କରିଥିଲା । ଜବାବରେ ତମାଣ୍ଡୋ ଦଳ ୧୬.୪ ଓଭରରେ ୪ ୱିକେଟ ହରାଇ ୧୩୮ ରନ କରି ବିଜୟୀ ହୋଇଥିଲା । ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟଅତିଥି ରାଜ୍ୟ କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ସମ୍ମାନିତ ଅତିଥି ଭାବେ ବିଜେପି ଜିଲ୍ଲା ସଭାପତି ରାସବିହାରୀ ବେହେରା, ଢେଙ୍କାନାଳ ଏଡିଏମ ଲଳିତ ବେହେରା, ଛେଣ୍ଡିପଦା ବିଧାୟକ ଅଗସ୍ତି ବେହେରା, କାମାକ୍ଷାନଗର ବିଧାୟକ ଶତ୍ରୁଘ୍ନ ଜେନା, ଉର୍ଜା ଟ୍ରଷ୍ଟ ଅଧ୍ୟକ୍ଷ ଦୀପକ ଗୋଛାୟତ, ସଦସ୍ୟ ଲୋକେଶ ଦଳବେହେରା, ରୁଦ୍ରନାରାୟଣ ଦଳବେହେରା ଯୋଗଦେଇ ଚାମ୍ପିଅନ ଦଳକୁ ୮୦ ହଜାର ଟଙ୍କା ସହ ଟ୍ରଫି ଓ ରନର୍ସଅପ୍ ଦଳକୁ ୬୦ ହଜାର ଟଙ୍କା ସହ ଟ୍ରଫି ପ୍ରଦାନ କରିଥିଲେ । ସନ୍ଧ୍ୟାରେ ଅସୀମା ପଣ୍ଡାଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା ।

## ଧର୍ମପରାୟଣ ବ୍ୟକ୍ତିଙ୍କ ଦେହାନ୍ତ



ଭୁବନ,୧୮ ।୧(ସମିସ): ଭୁବନ ଏନ୍‌ଏସି ୱାର୍ଡ ନଂ-୪ର ନୃସିଂହ ଚରଣ ସାହୁଙ୍କ ଦେହାନ୍ତ ହୋଇଛି । ନୃସିଂହ ଜଣେ ଧର୍ମପାରାୟଣ ବ୍ୟକ୍ତି ଥିଲେ । ତାଙ୍କ ଦେହାନ୍ତ ଖବର ପାଇ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଶୋକବ୍ୟକ୍ତ କରିଛନ୍ତି । ପଦ୍ମ ପୋଖରୀ ଶ୍ମଶାନରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ କରାଯାଇଛି । ପୁଅ ଅକ୍ଷୟ କୁମାର ସାହୁ ମୁଖାଗ୍ନି ଦେଇଥିଲେ ।

## ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଏନ୍‌ଏସ୍‌ଏସ୍ ଶିବିର



ଢେଙ୍କାନାଳ,୧୮ ।୧(ସମିସ): ଢେଙ୍କାନାଳ ସରକାରୀ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଜାତୀୟ ସେବା ଯୋଜନା ଶିବିରର ଦ୍ୱିତୀୟ ଦିବସ ଅନୁଷ୍ଠିତ ହୋଇଛି । ଡ. ପଙ୍କଜ ବାରିକଙ୍କ ତତ୍ତ୍ୱାବଧାନରେ ସ୍ୱେଚ୍ଛାସେବୀମାନେ ବିଦ୍ୟାଳୟ ପରିସର ସଫେଇ କରିବା ସହ ବିଦ୍ୟାଳୟର ପୋଷ୍ୟ ଗ୍ରାମ ବୋରାପଦାରେ ମଧ୍ୟ ସଫେଇ କରିଥିଲେ । ଗ୍ରାମରେ ଶିଶୁ ଶ୍ରମିକ ପ୍ରଥା ଏବଂ ଶିଶୁ ବିବାହ ରୋକିବା ଉଦ୍ଦେଶ୍ୟରେ ସ୍ୱେଚ୍ଛାସେବୀ ଛାତ୍ରୀମାନଙ୍କ ଦ୍ୱାରା ସଚେତନତା ଧର୍ମୀ ଦୁଇଟି ପଥପ୍ରାନ୍ତ ନାଟକ ପରିବେଷଣ କରାଯାଇଥିଲା । ଅଙ୍ଗନବାଡ଼ି ଓ ସ୍କୁଲ ପିଲାମାନଙ୍କ ମଧ୍ୟରେ ଶିକ୍ଷା ସଚେତନତା ବାର୍ତ୍ତା ଦେଇଥିଲେ ।

## ବିଦ୍ୟାଳୟରେ ଶିକ୍ଷକ-ଅଭିଭାବକ ବୈଠକ



ଢେଙ୍କାନାଳ,୧୮ ।୧(ସମିସ): ସ୍ଥାନୀୟ ଲକ୍ଷ୍ମୀଧର ସରକାରୀ ମ୍ୟୁନିସିପାଲ ଉଚ୍ଚ ବିଦ୍ୟାଳରେ ପ୍ରଧାନଶିକ୍ଷକ ଇତିଶ କୁମାର ବରାଳଙ୍କ ଅଧ୍ୟକ୍ଷତାରେ ଚଳିତ ଶିକ୍ଷାବର୍ଷର ଚତୁର୍ଥ ତଥା ଶେଷ ଶିକ୍ଷକ-ଅଭିଭାବକ ବୈଠକ ଅନୁଷ୍ଠିତ ହୋଇଛି । ବିଦ୍ୟାଳୟ ପରିଚାଳନା କମିଟି ଅଧ୍ୟକ୍ଷା ମମତା ମିଶ୍ରଙ୍କ ସମେତ ସମସ୍ତ ସଦସ୍ୟ ବୈଠକରେ ଯୋଗଦେଇଥିଲେ । ଶିଶୁବାଟିକାରୁ ୧୦ମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରଛାତ୍ରୀଙ୍କ ଅଭିଭାବକ ଯୋଗଦେଇଥିଲେ । ବିଦ୍ୟାଳୟର ବରିଷ୍ଠ ଶିକ୍ଷୟିତ୍ରୀ ବନିତା ସାହୁ ଓସେପାର ପ୍ରଦତ୍ତ ଏଜେଣ୍ଡାଗୁଡ଼ିକ ଉପରେ ଆଲୋଚନା କରିବା ସହ ଫେବୃଆରୀ ୧୯ ତାରିଖ ଆରମ୍ଭ ହେବାକୁ ଥିବା ମାଟ୍ରିକ ପରୀକ୍ଷାରେ କିପରି ଚାପମୁକ୍ତ ହୋଇ ପରୀକ୍ଷା ଦେବେ ସେ ଉପରେ ଆଲୋକପାତ କରିଥିଲେ । ୫ମ ଓ ୮ମ ଶ୍ରେଣୀ ପାଇଁ ପରିବର୍ତ୍ତିତ ପରୀକ୍ଷା ସମ୍ପର୍କରେ ସୂଚନା ଦେଇଥିଲେ । ଶିକ୍ଷୟିତ୍ରୀ ମାମା ମିଶ୍ର ଧନ୍ୟବାଦ ଅର୍ପଣ କରିଥିବା ବେଳେ କ୍ରୀଡ଼ା ଶିକ୍ଷକ ସୁବ୍ରତ କୁମାର ମିଶ୍ର, ଶିକ୍ଷୟିତ୍ରୀ ରଶ୍ମିରାଣୀ ଶତପଥୀ, ଦୀପିକା ତ୍ରିପାଠୀ, ନିଲୋଫର ଜାବିନ, ମଞ୍ଜୁଲତା ବାରିକ, ସବିତା ସ୍ୱାଇଁ, ପ୍ରଜ୍ଞାପରମିତା ସାହୁ, ଜସ୍ମିନ ରାଉତ, ନର୍ମଦା ଗଡ଼ନାୟକ ଓ କର୍ମଚାରୀ କଳ୍ପନା ପଣ୍ଡା ପ୍ରମୁଖ ସହଯୋଗ କରିଥିଲେ ।

## ଏନ୍‌ଏସ୍‌ଏସ୍ ଶିବିରରେ ଶ୍ରମଦାନ



ଢେଙ୍କାନାଳ,୧୮ ।୧(ସମିସ): ସ୍ଥାନୀୟ ମହିଳା ମହାବିଦ୍ୟାଳୟରେ ଜାତୀୟ ସେବା ଯୋଜନା (ଏନ୍‌ଏସ୍‌ଏସ୍) ଶିବିର ଦ୍ୱିତୀୟ ଦିନରେ ଶନିବାର ପ୍ରାର୍ଥନା, ଶାରୀରିକ ଶିକ୍ଷା ଓ ଶ୍ରମଦାନ ଅନୁଷ୍ଠିତ ହୋଇଛି । ଏଥିରେ ୫୦ରୁ ଅଧିକ ସ୍ୱେଚ୍ଛାସେବୀ ଅଂଶଗ୍ରହଣ କରିଥିଲେ । ଗୃହ ବିଜ୍ଞାନ ବିଭାଗ ପ୍ରାଧ୍ୟାପିକା ଡ. ବିଜେତା ପ୍ରିୟଦର୍ଶିନୀ ଲିପନ୍ କଳା ସମ୍ବନ୍ଧରେ ଅବଗତ କରାଇଥିଲେ । ସ୍ୱଳ୍ପ ପୁଞ୍ଜି ନିବେଶରେ ଉପଯୁକ୍ତ ଆୟ ଉପାର୍ଜନ ନିମନ୍ତେ ପ୍ରୋତ୍ସାହିତ କଲେ । ଉଦ୍ୟମିତ ସ୍ୱେଚ୍ଛାସେବୀ ଲିପନ୍ କଳାର ନମୁନା ପ୍ରସ୍ତୁତ କଲେ । ଇତିହାସ ବିଭାଗ ପ୍ରାଧ୍ୟାପକ ଡ. ବିଭୂତି ଭୂଷଣ ଶତପଥୀ ଜିଲ୍ଲାର ସାଂସ୍କୃତିକ ଐତିହ୍ୟ, ପ୍ରଚ୍ଛନ୍ନ ପର୍ଯ୍ୟଟନ ଓ ଅର୍ଥନୈତିକ ବିକାଶ ସମ୍ପର୍କରେ ଅବଗତ କରାଇଥିଲେ । ସ୍ୱେଚ୍ଛାସେବୀମାନେ ଆଲୋଚିତ ପ୍ରସଙ୍ଗରେ ନିଜ ମତ ପ୍ରକାଶ କରିଥିଲେ । ଉଦ୍ଭିଦ ବିଜ୍ଞାନ ବିଭାଗ ପ୍ରାଧ୍ୟାପକ ଡ. ସିଦ୍ଧାର୍ଥ ଶଙ୍କର ରାମ୍ ଜଳବାୟୁ ପରିବର୍ତ୍ତନ ରୋକିବା ଓ ପରିବେଶ ସୁରକ୍ଷା ସମ୍ବନ୍ଧରେ ଆଲୋଚନା କରିଥିଲେ । ଶେଷରେ ନୃତ୍ୟ ପ୍ରତିଯୋଗିତା ସହ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଇଥିଲା ।

## ପ୍ରାଥମିକ ଶିକ୍ଷକ ଭବନ ଉଦ୍‌ଘାଟିତ



ଖଜୁରିଆକଟା,୧୮ ।୧(ସମିସ): ହିନ୍ଦୋଳ ଉପଖଣ୍ଡ ଖଜୁରିଆକଟାସ୍ଥିତ ଦଶହରା ପଡ଼ିଆ ନିକଟରେ ନିର୍ମିତ ପ୍ରାଥମିକ ଶିକ୍ଷକ ଭବନ ଉଦଘାଟିତ ହୋଇଛି । ହିନ୍ଦୋଳ ବିଧାୟିକା ସୀମରାଣୀ ନାୟକ, ବ୍ଲକ ଉପାଧ୍ୟକ୍ଷ ବରୁଣ ସର, ପୂର୍ବତନ ବ୍ଲକ ଅଧ୍ୟକ୍ଷ ପ୍ରିୟରଞ୍ଜନ ମାହନ୍ତ, ହିନ୍ଦୋଳ ଉପଜିଲ୍ଲାପାଳ ପ୍ରଭାସ ଚନ୍ଦ୍ର ବେଉରା, ବିଡିଓ କଲ୍ୟାଣ ସୌରଭ ଦାଶ, ତହସିଲଦାର ଦିଲୀପ କୁମାର ସେଠୀ, ରଞ୍ଜାଗୋଳ ସରପଞ୍ଚ ରମେଶ ଚନ୍ଦ୍ର ବିଶ୍ୱାଳ, କାରନ୍ଦା ସରପଞ୍ଚ ଦୁଷ୍ମନ୍ତ ନାଏକ, ସାମ୍ବାଦିକ ପ୍ରଶାନ୍ତ କୁମାର ଜେନାମଣି ପ୍ରମୁଖ ଅତିଥି ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ । ପ୍ରାଥମିକ ଶିକ୍ଷକ ସଂଘ ସଭାପତି ପ୍ରଶାନ୍ତ କୁମାର ସାହୁ, ଏନପିଏସ ସଂଘ ସଭାପତି ବିରଞ୍ଚି ନାରାୟଣ ସାମଲ, ସମ୍ପାଦକ ପଙ୍କଜ ଲୋଚନ ସାହୁ, ଅମିୟ କୁମାର ପତି, ଭଗବାନ ସାହୁ, ରମେଶ ଚନ୍ଦ୍ର ସାମଲ, ମାନସ ପ୍ରଧାନ ପ୍ରମୁଖ ଶତାଧିକ ଶିକ୍ଷକ ଓ ଶିକ୍ଷୟିତ୍ରୀ ଉପସ୍ଥିତ ଥିଲେ ।

## ଅଉଖମା ଉପ୍ରା ବିଦ୍ୟାଳୟର ବାର୍ଷିକୋତ୍ସବ

ଢେଙ୍କାନାଳ,୧୮ ।୧(ସମିସ): ସଦର ବ୍ଲକ୍ ଅଉଖମା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକୋତ୍ସବ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଛି । ପ୍ରଧାନଶିକ୍ଷକ ଦେବେନ୍ଦ୍ର କୁମାର ସେଠୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ମୁଖ୍ୟଅତିଥି ଭାବେ ସଦର ବିଇଓ ଦିବ୍ୟପ୍ରକାଶ ପ୍ରଧାନ, ମୁଖ୍ୟବକ୍ତା ଭାବେ ବିଆରସିସି ଦେବବ୍ରତ ନାଥ, ସମ୍ମାନିତ ଅତିଥି ଭାବେ ପ୍ରାଥମିକ ଶିକ୍ଷକ ସଂଘ ସଭାପତି ବୈରାଗ ଚରଣ ସେଠୀ, ସିଆରସିସି ନୃସିଂହ ବେହେରା, ପ୍ରାକ୍ତନ ଶିକ୍ଷକ ଅଶୋକ କୁମାର ଦାସ, କମିଟି ସଭାପତି ପବିତ୍ର ମୋହନ ସାହୁ ଓ ପଞ୍ଚଶଖା ଶିକ୍ଷାସେତୁ ଅଧ୍ୟକ୍ଷ ଅମ୍ବୁଜ କୁମାର ମହାରଣା ଯୋଗଦେଇଥିଲେ । ଛାତ୍ରଛାତ୍ରୀମାନେ ସୁନାଗରିକ ହୋଇ ସୁସ୍ଥ ସମାଜ ଗଠନରେ ନିଜକୁ ଉତ୍ସର୍ଗ କରିବା ପାଇଁ ଅତିଥିମାନେ ପରାମର୍ଶ ଦେଇଥିଲେ । ପୂର୍ବରୁ ଆୟୋଜିତ କ୍ରୀଡ଼ା ପ୍ରତିଯୋଗିତାର କୃତୀ ଛାତ୍ରଛାତ୍ରୀଙ୍କୁ ଅତିଥି ପୁରସ୍କୃତ କରିଥିଲେ । ଏହି ଅବସରରେ ପ୍ରଧାନଶିକ୍ଷକ ଦେବେନ୍ଦ୍ର କୁମାର ସେଠୀଙ୍କ ରଚିତ ନାଟକ ସାହାରା ମରୁର ପଞ୍ଚସାରଥି ଛାତ୍ରଛାତ୍ରୀଙ୍କ ଦ୍ୱାରା ମଞ୍ଚସ୍ଥ ହୋଇଥିଲା । ଶ୍ରେଷ୍ଠ ଅଭିନେତା ଭାବେ ବିଶ୍ୱଜିତ୍ ବେହେରା, ଶ୍ରେଷ୍ଠ ହାସ୍ୟ ଅଭିନେତା ଭାବେ ଆୟେଶା ସାହୁ ଓ ଶ୍ରେଷ୍ଠ ସହଅଭିନେତ୍ରୀ ଭାବେ ଆଦ୍ୟାଶା ସାହୁ, ସୁଭଦ୍ରା ସାହୁ ଓ ଆକାଂକ୍ଷା ସାହୁଙ୍କୁ ପୁରସ୍କୃତ କରାଯାଇଥିଲା । ଶିକ୍ଷକ ଦୀପକ କୁମାର ପରିଡ଼ା ମଞ୍ଚ ସଞ୍ଚାଳନ କରିଥିବାବେଳେ ଶିକ୍ଷୟିତ୍ରୀ ସୁବାସିନୀ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ । ଶିକ୍ଷୟିତ୍ରୀ ଦୀପ୍ତି ପ୍ରିୟଦର୍ଶିନୀ, ଶ୍ରଦ୍ଧାଞ୍ଜଳି ମହାପାତ୍ର ଓ ବିକାଶ ରଞ୍ଜନ ମହାପାତ୍ର ସହଯୋଗ କରିଥିଲେ ।

## ହିନ୍ଦୋଳ କଲେଜ ଛାତ୍ରଛାତ୍ରୀଙ୍କ ଶୈକ୍ଷିକ ପରିଭ୍ରମଣ



ଖଜୁରିଆକଟା,୧୮ ।୧(ସମିସ): ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ଉପଖଣ୍ଡ ଖଜୁରିଆକଟାସ୍ଥିତ ହିନ୍ଦୋଳ ମହାବିଦ୍ୟାଳୟ +୩ ଗଣିତ ବିଭାଗ ଛାତ୍ରଛାତ୍ରୀଙ୍କ ଦିନିକିଆ ଶୈକ୍ଷିକ ପରିଭ୍ରମଣ କାର୍ଯ୍ୟକ୍ରମ ବିଭାଗୀୟ ମୁଖ୍ୟ କ୍ୟାପଟେନ ଡ. କିଶୋର ପୃଷ୍ଟିଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଛି । ବିଭିନ୍ନ ପ୍ରତିଯୋଗିତାରେ ସଫଳ ୨୨ ଜଣ ଛାତ୍ରଛାତ୍ରୀ ଅଂଶଗ୍ରହଣ କରି ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ଗଣିତ ବିଭାଗ, ପାଠାଗାର, ବିଜ୍ଞାନାଗାର ଓ ବିଭିନ୍ନ କର୍ମଶାଳା ପରିଭ୍ରମଣ କରି ବହୁ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ସଂଗ୍ରହ କରିଛନ୍ତି । ଏଥି ସହ ଗଞ୍ଜାମ ଜିଲ୍ଲାର ମା’ ତାରାତାରିଣୀ, ଭୈରବୀ ପୀଠ, ଗୋପାଳପୁର ଓ ପୁରୀ ବେଳାଭୂମିରେ ସ୍ୱଚ୍ଛତା ସଚେତନତା କରି ସ୍ଥାନୀୟ ଲୋକଙ୍କ ପ୍ରଶଂସା ଭାଜନ ହୋଇଥିଲେ । ବିଭାଗର ଅଧ୍ୟାପିକା ସୀମା ସ୍ମୃତିରେଖା ମିଶ୍ର ସହଯୋଗ କରିଥିଲେ ।

## ଦଶମ ଶ୍ରେଣୀ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧନା



ଗଁଦିଆ,୧୮ ।୧(ସମିସ): ଢେଙ୍କାନାଳ ଜିଲ୍ଲା ଗଁଦିଆ ବ୍ଲକ ବିଦ୍ୟାଧରପୁରସ୍ଥିତ ଆଞ୍ଚଳିକ ସରକାରୀ ଉଚ୍ଚ ବିଦ୍ୟାଳୟରେ ଦଶମ ଶ୍ରେଣୀ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧନା ଓ ପୁରସ୍କାର ବିତରଣ ଉତ୍ସବ ପ୍ରଧାନଶିକ୍ଷକ ଅଶୋକ କୁମାର ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଛି । ମୁଖ୍ୟଅତିଥି ଭାବେ ସ୍ଥାନୀୟ ସରପଞ୍ଚ ଅଜୟ ମହାନ୍ତି ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ମଣିଷ ପରି ମଣିଷ ହେବାକୁ ପରାମର୍ଶ ଦେଇଥିଲେ । ମୁଖ୍ୟବକ୍ତା ଢେଙ୍କାନାଳ ସାନ୍ଧ୍ୟ ମହାବିଦ୍ୟାଳୟ ଅଧ୍ୟକ୍ଷ, ସମ୍ମାନିତ ଅତିଥି ଭାବେ ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଶିକ୍ଷକ ହରିହର ସାହୁ, ବିଦ୍ୟାଳୟର ପ୍ରାକ୍ତନ ଶିକ୍ଷକ ଶରତ ଚନ୍ଦ୍ର ନାୟକ, ଅତିଥି ଶିକ୍ଷକ ସୁଶାନ୍ତ ନାୟକ, ପରିଚାଳନା ପରିଷଦ ସଭ୍ୟ ଅମର କୁମାର ପ୍ରଧାନ, ସନାତନ ମହାରଣା, ପଞ୍ଚସଖା ଶିକ୍ଷାସେତୁର ବିଶ୍ୱଭୂଷଣ ମହାନ୍ତି ଯୋଗଦେଇଥିଲେ । ଛାତ୍ରୀ ଲକ୍ଷ୍ମୀପ୍ରିୟା ପ୍ରଧାନ, ଦିଅଁଦର୍ଶିନୀ ଓଝା, ଶୁଭଲକ୍ଷ୍ମୀ ମହାରଣା, ଅର୍ପିତା ସାହୁ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀଙ୍କ ଶିକ୍ଷାଦାନ ଉଚ୍ଚକୋଟୀର ବୋଲି ମତବ୍ୟକ୍ତ କରିଥିଲେ । କୃତୀ ଛାତ୍ରଛାତ୍ରୀଙ୍କୁ ପ୍ରମାଣପତ୍ର ଓ ଟ୍ରଫି ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା । ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଶିକ୍ଷୟିତ୍ରୀ ପ୍ରିୟମ୍ବଦା ପରିଡ଼ା, ଲିପିକା ବେହେରା, ଲକ୍ଷ୍ମୀପ୍ରିୟା ମାଝୀ, ଶିକ୍ଷକ ଚନ୍ଦନ ଜେନା, ସିଦ୍ଧାର୍ଥ ଶଙ୍କର ସାହୁ ଛାତ୍ରଛାତ୍ରୀଙ୍କୁ ମାର୍ଗଦର୍ଶନ କରିଥିଲେ । କାର୍ଯ୍ୟାଳୟ ସହାୟକ ଅଭିଜିତ ପରିଡ଼ା, କର୍ମଚାରୀ ସେବତୀ ବେହେରା, ସୌମ୍ୟରଞ୍ଜିତ୍ ସାହୁ ସହଯୋଗ କରିଥିଲେ ।

## ରାଜ୍ୟ ଲନ୍ ବଲ୍ ପ୍ରତିଯୋଗିତା

# କଙ୍କଡ଼ାହାଡ଼ର ୧୧ ପ୍ରତିଯୋଗୀଙ୍କ ଅଂଶଗ୍ରହଣ



କଙ୍କଡ଼ାହାଡ଼,୧୮ ।୧(ସମିସ): ରାଜ୍ୟ ଲନବଲ ପ୍ରତିଯୋଗିତାରେ କଙ୍କଡ଼ାହାଡ଼ ବ୍ଲକ ଅଞ୍ଚଳର ୧୧ ଓ ଭୁବନର ଜଣେ ପ୍ରତିଯୋଗୀ ଭାଗ ନେଇଛନ୍ତି । ବଲାଙ୍ଗିର ରାଜେନ୍ଦ୍ର ନାରାୟଣ ସିଂହଦେଓ ସ୍ପୋର୍ଟସ କମ୍ପ୍ଲେକ୍ସ ପରିସରରେ ଚାଲିଥିବା ତୃତୀୟ ରାଜ୍ୟସ୍ତରୀୟ ଲନବଲ ପ୍ରତିଯୋଗିତାରେ ପୁରୁଷ ଓ ମହିଳା ବିଭାଗ ପ୍ରତିଯୋଗିତାରେ ରାଜ୍ୟର ୧୭ ଜିଲ୍ଲାର ପ୍ରତିଯୋଗୀ ଅଂଶଗ୍ରହଣ କରୁଛନ୍ତି । ଢେଙ୍କାନାଳ ଜିଲ୍ଲା ତରଫରୁ କଙ୍କଡ଼ାହାଡ଼ ବ୍ଲକ ଅଞ୍ଚଳର ପୁରୁଷ ବିଭାଗରେ ସୌମ୍ୟ ଶିବଦର୍ଶୀ ସାହୁ, ତାରିଣୀ ପ୍ରସାଦ ନାୟକ, ସୁବ୍ରତ ପ୍ରଧାନ, ବ୍ରଜବନ୍ଧୁ ନାୟକ, ଚନ୍ଦନ ପ୍ରଧାନ, ଲୋକନାଥ ମହାନ୍ତ, ନଗେନ ମହାନ୍ତ ପ୍ରମୁଖ ଭାଗ ନେଇଥିବା ବେଳେ ମହିଳା ବିଭାଗରେ ଗାୟତ୍ରୀ ସିଂହ, ପୂଜା ସିଂହ, ଶ୍ରୁତିପ୍ରଜ୍ଞା ପଣ୍ଡା, ଦୁଲାରୀ ହେମ୍ବ୍ରମ ସାମିଲ ଅଛନ୍ତି । ଭୁବନ ଅଞ୍ଚଳର ସୁଭଦ୍ରା ତରାଇ ମଧ୍ୟ ଅଂଶଗ୍ରହଣ କରିଛନ୍ତି । ଲନବଲ ପ୍ରତିଯୋଗିତାରେ ଗୋଟିଏ ଟିମରେ ୫ ଜଣ ପ୍ରତିଯୋଗୀ ଭାଗ ନେଉଥିବା ବେଳେ ଜିଲ୍ଲା ପକ୍ଷରୁ ରାଜ୍ୟସ୍ତରୀୟ ଲନବଲ ପ୍ରତିଯୋଗିତାରେ ଆଦିବାସୀ ଅଧ୍ୟୁଷିତ କଙ୍କଡ଼ାହାଡ଼ ବ୍ଲକ ଅଞ୍ଚଳରୁ ସମସ୍ତ ଖେଳାଳି ଚୟନ ହୋଇ ଜିଲ୍ଲାସ୍ତରୀୟ ପ୍ରତିଯୋଗିତାରେ ଭାଗ ନେଉଛନ୍ତି । ସରକାରଙ୍କ ତରଫରୁ ଆର୍ଥିକ ତଥା ଅନ୍ୟାନ୍ୟ ସହଯୋଗ ମିଳିପାରିଲେ ଏହି କ୍ରୀଡ଼ାବିତ୍‌ମାନେ ରାଜ୍ୟ ଓ ଜାତୀୟ ସ୍ତରରେ ଖେଳି ସୁନାମ ଆଣିପାରିବେ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି ।

## ଇନ୍ଦ୍ରମଣି ସ୍ମାରକୀ କ୍ରିକେଟ ଟୁର୍ଣ୍ଣାମେଣ୍ଟ; ଗଡ଼ନୃସିଂହପ୍ରସାଦ ଚାମ୍ପିଅନ



ଭୁବନ,୧୮ ।୧(ସମିସ): ଭୁବନ ବ୍ଲକ ଭୂଷଳ ପଞ୍ଚାୟତ ଚଣ୍ଡିପାଳ ଅସୁରବନ୍ଧ ପାଟଣାରେ ଚାଲିଥିବା ଇନ୍ଦ୍ରମଣି ସ୍ମାରକୀ କ୍ରିକେଟ ଟୁର୍ଣ୍ଣାମେଣ୍ଟ ରବିବାର ଉଦଯାପିତ ହୋଇଛି । ଏଥିରେ ଗଡ଼ନୃସିଂହପ୍ରସାଦ ଦଳ ଚାମ୍ପିଅନ ହୋଇଛି । ହିଲ୍ ଭ୍ୟୁ ଷ୍ଟାଡିୟମରେ ଅନୁଷ୍ଠିତ ଏହି ଟୁର୍ଣ୍ଣାମେଣ୍ଟରେ ୧୬ ଦଳ ଭାଗ ନେଇଥିଲେ । ଏମବିସିସି ଗଡ଼ନୃସିଂହପ୍ରସାଦ ଓ ଅସୁରବନ୍ଧ ମଧ୍ୟରେ ଫାଇନାଲ ମ୍ୟାଚ ଖେଳାଯାଇଥିଲା । ଅସୁରବନ୍ଧ ପାଟଣା ଅଧିନାୟକ ସୁରେନ୍ଦ୍ର ବେହେରାଙ୍କ ନେତୃତ୍ୱରେ ଖେଳି ୧୦୬ ରନ କରିଥିଲା । ଜବାବରେ ଗଡ଼ନୃସିଂହପ୍ରସାଦ ଦଳ ୧୦୭ ରନ କରି ବିଜୟୀ ହୋଇଥିଲା । ତାପସ ବେହେରା ଓ ସାନୁଜ ବେହେରା ଖେଳ ପରିଚାଳନା କରିଥିଲେ । ଅତିଥି ଭାବେ ପୂର୍ବତନ ସମିତି ସଭ୍ୟା ନନ୍ଦିନୀ ତରାଇ ଯୋଗଦେଇ ଉଭୟ ଦଳକୁ ପୁରସ୍କାର ପ୍ରଦାନ କରିଥିଲେ । ମ୍ୟାନ ଅଫ୍ ଦି ମ୍ୟାଚ୍ ଭାବେ ସ୍ମୃତିରଞ୍ଜନଙ୍କୁ ପୁରସ୍କୃତ କରାଯାଇଥିଲା । ମ୍ୟାନ ଅଫ୍ ଦି ସିରିଜି ଭାବେ ସିଲୁ ବେହେରାଙ୍କୁ ପୁରସ୍କୃତ କରାଯାଇଥିଲା । ଅନ୍ୟମାନଙ୍କ ମଧ୍ୟରେ ବିଚିତ୍ରାନନ୍ଦ ବେହେରା, ମଦନ ବେହେରା, ଆୟୋଜକ ସହିଦ ମାଟିଆ ବେହେରା ଯୁବକ ସଙ୍ଘ ଉପଦେଷ୍ଟା ନିର୍ମଳା ବେହେରା, ବାଲିବୋ ସମବାୟ ସମିତି ସଭାପତି ମଳୟ ତ୍ରିପାଠୀ, ବିଭୂତି ଭୂଷଣ ମଲ୍ଲିକ ଯୋଗଦେଇଥିଲେ ।

## ମୃତ୍ତିକା ପରୀକ୍ଷା ନିମନ୍ତେ ଚାଷୀ ସଚେତନତା ଶିବିର




ଢେଙ୍କାନାଳ,୧୮ ।୧(ସମିସ): ସ୍ଥାନୀୟ ଇଣ୍ଡିଆନ ପଟାସ ଲିମିଟେଡ୍ ଓ ମିଶନ୍ ରିକନଷ୍ଟ୍ରକସନ ମିଳିତ ସହଯୋଗରେ ହରିପୁର ଗ୍ରାମରେ ଚାଷୀଙ୍କ ପାଇଁ ମାଟି ପରୀକ୍ଷା ସଚେତନତା ଶିବିର ଅନୁଷ୍ଠିତ ହୋଇଛି । ଏହି ଅବସରରେ ଚାଷୀମାନଙ୍କୁ ମାଟି ପରୀକ୍ଷାର ଗୁରୁତ୍ୱ ବିଷୟରେ ଅବଗତ କରାଯାଇଥିଲା । ମାଟି ପରୀକ୍ଷା ପରେ ତା’ର ଉର୍ବରତା ଜାଣିବା ଓ ସେ ମାଟିରେ କ’ଣ ଚାଷ କଲେ ଅଧିକ ଲାଭପ୍ରଦ ହେବ ସେ ନେଇ ସଚେତନ କରାଯାଇଥିଲା । ଶିବିରରେ କୃଷିବିଜ୍ଞାନ କେନ୍ଦ୍ରର ମୁଖ୍ୟ ଏବଂ ବରିଷ୍ଠ ବୈଜ୍ଞାନିକ ବିମଳେନ୍ଦୁ ମହାନ୍ତି ଯୋଗଦେଇ କହିଲେ ଯେ ମାଟି ପରୀକ୍ଷା କରିବା ଜରୁରୀ । ଚାଷୀ ଠିକ୍ ଜମିରେ ଠିକ୍ ଚାଷ କରି ଭଲ ଅମଳ ସହ ଆର୍ଥିକ କ୍ଷେତ୍ରରେ ଅଧିକ ସୁଦୃଢ଼ ହୋଇପାରିବେ ବୋଲି ସେ କହିଥିଲେ । କୃଷିବିଜ୍ଞାନ କେନ୍ଦ୍ରର ବରିଷ୍ଠ ବୈଜ୍ଞାନିକ ଦିବ୍ୟସୁନ୍ଦର କର ଚାଷୀମାନେ ଜିଲ୍ଲା କୃଷିବିଜ୍ଞାନ କେନ୍ଦ୍ରକୁ ଯାଇ କୃଷି ବୈଜ୍ଞାନିକଙ୍କ ପରାମର୍ଶ ନେଇପାରିବେ ବୋଲି କହିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଆଇପିଏଲର ମୁଖ୍ୟ ଓ ସାଧାରଣ ପରିଚାଳକ ବିକାଶ କୁମାର ଚୌଧୁରୀ, ରାଜକୁମାର ଚୌଧୁରୀ, ମନୋଜ କୁମାର ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ । ମିଶନ ରିକନଷ୍ଟ୍ରକସନର ଉପଦେଷ୍ଟା ଡ. ବିରଞ୍ଚି ନାରାୟଣ ସେଠ ମଞ୍ଚ ପରିଚାଳନା କରିଥିଲେ । ଏଥିରେ ଆଇଆଇଏମ୍‌ସି ଢେଙ୍କାନାଳର ଛାତ୍ରଛାତ୍ରୀ ଯୋଗଦେଇ ସାମାଜିକ ଗଣମାଧ୍ୟମରେ କାର୍ଯ୍ୟକ୍ରମର ପଚାର ପ୍ରସାର ଓ ପ୍ରେସ୍ ଇସ୍ତାହାର ପାଇଁ କାମ କରିଥିଲେ ।

## ନବନିଯୁକ୍ତ ସରକାରୀ ଓକିଲ ଓ ପୁଲିସର ସମନ୍ୱୟ ବୈଠକ


# ଦଣ୍ଡବିଧାନ ହାର ବୃଦ୍ଧି ଉପରେ ଗୁରୁତ୍ୱ

ଢେଙ୍କାନାଳ,୧୮ ।୧(ସମିସ)



ଢେଙ୍କାନାଳ ଜିଲ୍ଲା ପୁଲିସ କାର୍ଯ୍ୟାଳୟ (ଡିପିଓ) ରେ ନବନିଯୁକ୍ତ ସରକାରୀ ଓକିଲ ଓ ପୁଲିସ ମଧ୍ୟରେ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଛି । ଏସପି ଅଭିନବ ସୋନକରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ସରକାରୀ ଆଇନଜୀବୀ ଓ ପୁଲିସ ମଧ୍ୟରେ ସୁସମ୍ପର୍କ ସ୍ଥାପନ ସହ ଅଦାଲତରେ ବିଭିନ୍ନ ମାମଲାର ତ୍ୱରିତ ଦଣ୍ଡବିଧାନ ଉପରେ ଆଲୋଚନା କରାଯାଇଥିଲା । ଏସପି ସରକାରୀ ଓକିଲମାନଙ୍କୁ ନିଷ୍ଠାର ସହ କାର୍ଯ୍ୟ କରିବା ଓ ଦଣ୍ଡବିଧାନ ହାର ବୃଦ୍ଧି କରିବାକୁ କହିଥିଲେ । ସରକାରୀ ଓକିଲମାନେ ପୁଲିସକୁ ସହଯୋଗ କରିବାକୁ ସହମତି ପ୍ରଦାନ କରିଥିଲେ । ଦଣ୍ଡବିଧାନ ସମୟରେ ଆଇନଜୀବୀମାନେ ସମ୍ମୁଖୀନ ହେଉଥିବା ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା ହୋଇଥିଲା । ସ୍ୱତନ୍ତ୍ର ପିପି ସଞ୍ଜୟ କୁମାର ମିଶ୍ର ବିଭିନ୍ନ ସ୍ପର୍ଶକାତର ମାମଲାରେ ଦକ୍ଷ ତଦନ୍ତ ଅଧିକାରୀ ନିଯୁକ୍ତ କରିବାକୁ ଗୁରୁତ୍ୱ ପ୍ରଦାନ କରିଥିଲେ । ଅତିରିକ୍ତ ଏସପି ସୂର୍ଯ୍ୟମଣି ପ୍ରଧାନ ପ୍ରାରମ୍ଭିତ ଅଭିଭାଷଣ ରଖିଥିଲେ । ଡେପୁଟି ଡାଇରେକ୍ଟର ଗଣେଶ କୁମାର ବେହେରା ଯୋଗଦେଇ ସୁପ୍ରିମକୋର୍ଟ ଏବଂ ହାଇକୋର୍ଟର ବିଭିନ୍ନ ରାୟ ଓ ଆଇନର ଅବଧାରଣା ଦେଇ କଭଳି ଭାବେ ଯୁକ୍ତି ପାଇଁ ନୋଟ ପ୍ରସ୍ତୁତ କରାଯିବ, ଅଭିଯୋଗପତ୍ର ଦାଖଲ, ମାମଲାର ବିଚାର ଉପରେ ଧାରଣା ପ୍ରଦାନ କରିଥିଲେ । ବୈଠକରେ ପିପି ସୀତାକାନ୍ତ ଦାଶ, ଗଣେଶ୍ୱର ସାହୁ, ଜାହିର ମହମ୍ମଦ, ଅନୁଜ୍ଞା ମହାନ୍ତି, ନିରଞ୍ଜନ ସାହୁ, ଅକ୍ଷୟ କୁମାର ଭୋଇ, ସୂର୍ଯ୍ୟମଣି ତ୍ରିପାଠୀ, ବିଷ୍ଣୁପ୍ରସାଦ କର, ଦିଲୀପ କୁମାର ମଲ୍ଲିକ, କେଶବ ଚନ୍ଦ୍ର ପଣ୍ଡା, ପୁଲିସ ଅଧିକାରୀ ସନ୍ଧ୍ୟାରାଣୀ ବେଉରିଆ, ମମତା ସାମନ୍ତରାୟ, ପ୍ରତାପ ଚନ୍ଦ୍ର ଦଳେଇ, ସୁବ୍ରତ କୁମାର ସାହୁଙ୍କୁ ସେମାନଙ୍କ ନିଷ୍ଠାପର କାର୍ଯ୍ୟପାଇଁ ସମ୍ମାନିତ କରାଯାଇଥିଲା । ଅତିରିକ୍ତ ଏସପି ନିରଞ୍ଜନ ପାଢ଼ୀ, ଇନ୍ଦୁରେଖା ପଶ୍ଚିମକବାଟ, ସଦର ଏସଡିପିଓ ରମେଶ ଚନ୍ଦ୍ର ଦୋରା, ଡେପୁଟି ଏସପି ନଳିତା ମୋଦୀ, ସୁଷମା ପ୍ରଧାନ, ଟାଉନ ଥାନା ଅଧିକାରୀ ପ୍ରଭାତ କୁମାର ସାହୁ, ଅତିରିକ୍ତ ନିର୍ଦ୍ଦେଶକ ମଧୁସ୍ମିତା ଦାଶ, ଢେଙ୍କାନାଳ ଅବକାରୀ ବିଭାଗର କର୍ମକର୍ତ୍ତାଙ୍କ ସହ କାମାକ୍ଷାନଗର, ପରଜଙ୍ଗ, ଗଁଦିଆ, ହିନ୍ଦୋଳ, ଢେଙ୍କାନାଳର ବହୁ କର୍ମକର୍ତ୍ତା ଯୋଗଦେଇଥିଲେ ।

### ମୁଦ୍ରା ବିନିମୟ ମୂଲ୍ୟ



ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)

- ଡଲାର ୯୦.୨୫ ● ପାଉଣ୍ଡ ୧୨୧.୧୬
- ୟୁରୋ ୧୦୫.୫୬ ● ୟେନ୍ ୦.୫୭

### ସୁନା, ରୁପା ଦର (ଟଙ୍କାରେ)



୧୦ ଗ୍ରାମ ପିଛା (୨୨ କ୍ୟାରେଟ୍)


- ସୁନା: ୧,୩୧,୯୫୦ (ନୂଆଦିଲ୍ଲୀ)
- ରୁପା : ୨,୯୫,୦୦୦ (କେଜି)



### ଷ୍ଟକ୍ ମାର୍କେଟ୍

ବଜାର କାରବାର (ପଏଣ୍ଟରେ)


- ସେନ୍‌ସେକ୍ସ ୮୩,୫୭୦.୦୦
- ନିଫ୍ଟି ୨୫,୬୯୪.୦୦



### ପେଟ୍ରୋଲ-ଡିଜେଲ୍

ଲିଟର ପିଛା (ଟଙ୍କାରେ)

- ପେଟ୍ରୋଲ୍- ୧୦୧.୨୯ (ଭୁବନେଶ୍ୱର)
- ଡିଜେଲ୍ - ୯୨.୮୦



**ମିଳିତ ଜାତିସଂଘର ବିକଳ୍ପ ସଂଗଠନ ଗଠନ ପାଇଁ ପ୍ରୟାସ**

# ସଦସ୍ୟତା ପାଇଁ ଚାନ୍ଦା ଆଦାୟ କରୁଛନ୍ତି ଟ୍ରମ୍ପ୍

ନୂଆଦିଲ୍ଲୀ,୧୮।୧(ଏଜେନ୍ସି)



ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ତାଙ୍କର ବିଭିନ୍ନ ବିବାଦୀୟ ବୟନ ଏବଂ ପଦକ୍ଷେପ ପାଇଁ ସାରା ବିଶ୍ୱରେ ଚର୍ଚ୍ଚାରେ ରହିଛନ୍ତି। ବର୍ତ୍ତମାନ ଟ୍ରମ୍ପ୍ ଏକ ଭୟଙ୍କର ପଦକ୍ଷେପ ଗ୍ରହଣ କରିବାକୁ ଯାଉଛନ୍ତି। ଏଥିରେ ଟ୍ରମ୍ପ୍ ମିଳିତ ଜାତିସଂଘର ଏକ ବିକଳ୍ପ ସଂଗଠନ ଗଠନ ପାଇଁ ପ୍ରୟାସ ଚଳାଇଛନ୍ତି। ଟ୍ରମ୍ପ୍ ବିଶ୍ୱରେ ଏକ ନୂତନ ଶାନ୍ତି ବୋର୍ଡ ଗଠନ କରିବାକୁ ଯାଉଛନ୍ତି। ଏଥିପାଇଁ ଏହାର ସଦସ୍ୟ ସଂଗ୍ରହ ସହ ଚାନ୍ଦା ବା ହପ୍ତା ଆଦାୟରେ ଲାଗିପଡ଼ିଛନ୍ତି ଟ୍ରମ୍ପ୍। ଏହି ନୂତନ ଶାନ୍ତି ବୋର୍ଡରେ ସ୍ଥାୟୀ ସଦସ୍ୟତା

- **ସ୍ଥାୟୀ ସଦସ୍ୟତା ପାଇଁ ଦେବାକୁ ହେବ ୯୧୦୦ କୋଟି ଟଙ୍କା**
- **ଗଠନ ହେବ ନୂତନ ଶାନ୍ତି ବୋର୍ଡ**

ପାଇଁ ଦେଶଗୁଡ଼ିକୁ ଅତି କମ୍‌ରେ ଦେବାକୁ ହେବ ପାଖାପାଖି ୧ ବିଲିୟନ ଡଲାର ବା ୯୧୦୦ କୋଟି ଟଙ୍କା। ଖୋଦ୍ ଡୋନାଲ୍ଡ ଟ୍ରମ୍ପ୍ ପ୍ରଥମ ଅଧ୍ୟକ୍ଷ ଭାବରେ ଏହି ଶାନ୍ତି ବୋର୍ଡର ନେତୃତ୍ୱ ନେବେ। ଏହି ପଦକ୍ଷେପ ବିଶ୍ୱରେ ଦେଖାଦେଇଥିବା ଉତ୍ତେଜନାରେ ସ୍ଥିରତା ଏବଂ ସୁଶାସନକୁ ପ୍ରୋତ୍ସାହିତ କରିବା ଲକ୍ଷ୍ୟ ରଖିଛି। ରିପୋର୍ଟ ଅନୁଯାୟୀ, ଅନେକ ଦେଶ ଟ୍ରମ୍ପ୍ ପ୍ରଶାସନର ଏହି ଡ୍ରାଫ୍ଟ ଚାର୍ଟରକୁ ବିରୋଧ କରୁଛନ୍ତି। ତେବେ ବୋର୍ଡର ଏକ କାର୍ଯ୍ୟନିର୍ବାହୀ କମିଟି ପୂର୍ବରୁ ଘୋଷଣା କରାଯାଇସାରିଛି।

ପ୍ରଥମେ ଶୁଳ୍କ, ତାପରେ ଯୁଦ୍ଧ ଏବଂ ଏବେ ଚାନ୍ଦା ଆଦାୟ କରିବାରେ ବ୍ୟସ୍ତ ଟ୍ରମ୍ପ୍। ଆମେରିକୀୟ ଇତିହାସରେ କୌଣସି ରାଷ୍ଟ୍ରପତି କିମ୍ବା ରାଷ୍ଟ୍ରମୁଖ୍ୟଙ୍କ ଦ୍ୱାରା ଏପରି ପଦକ୍ଷେପ ନିଆଯାଇଥିବା ଦେଖାଯାଇଛି।

ବ୍ଲୁମବର୍ଗର ଏକ ରିପୋର୍ଟ ଅନୁଯାୟୀ, ଟ୍ରମ୍ପ୍ ଏହି ଶାନ୍ତି ବୋର୍ଡର ପ୍ରଥମ ଅଧ୍ୟକ୍ଷ ହେବେ ଏବଂ ସଦସ୍ୟ ଭାବରେ କାହାକୁ ନିମନ୍ତ୍ରଣ କରାଯିବ ତାହା ସ୍ଥିର କରିବେ। ନିଷ୍ପତ୍ତି ସଂଖ୍ୟାଗରିଷ୍ଠ ଭୋଟ ଦ୍ୱାରା ନିଆଯିବ। ବୋର୍ଡର ସଦସ୍ୟ ଥିବା ପ୍ରତ୍ୟେକ ଦେଶର ଗୋଟିଏ ଭୋଟ ରହିବ, କିନ୍ତୁ ସମସ୍ତ ନିଷ୍ପତ୍ତି ଅଧ୍ୟକ୍ଷଙ୍କ ଅନୁମୋଦନ ଉପରେ ନିର୍ଭର କରିବ। ଚିଠାପ୍ରସ୍ତାବରେ କୁହାଯାଇଛି ଯେ ପ୍ରତ୍ୟେକ ସଦସ୍ୟ ଦେଶ ଚାର୍ଟର କାର୍ଯ୍ୟକାରୀ ହେବା ତାରିଖରୁ ସର୍ବାଧିକ ତିନି ବର୍ଷ ପାଇଁ କାର୍ଯ୍ୟ କରିବେ, ଯାହାକୁ ରାଷ୍ଟ୍ରପତି ନବୀକରଣ କରିପାରିବେ। ଚାର୍ଟର କାର୍ଯ୍ୟକାରୀ ହେବାର ପ୍ରଥମ ବର୍ଷ ମଧ୍ୟରେ ଶାନ୍ତି ବୋର୍ଡକୁ ୧ ବିଲିୟନ ଆମେରିକୀୟ ଡଲାରରୁ ଅଧିକ ନଗଦ ଯୋଗଦାନ କରୁଥିବା ସଦସ୍ୟ ଦେଶଗୁଡ଼ିକ ପାଇଁ ଏହି ତିନି ବର୍ଷର କାର୍ଯ୍ୟକାଳ ପ୍ରଯୁଜ୍ୟ ହେବ ନାହିଁ। ଟ୍ରମ୍ପ୍‌ଙ୍କ ଏହି ପଦକ୍ଷେପରେ ସମାଲୋଚକମାନେ କହୁଛନ୍ତି ଯେ ଟ୍ରମ୍ପ୍ ଜାତିସଂଘର ଏକ ବିକଳ୍ପ ସଂଗଠନ ଗଠନ କରିବାକୁ ଚେଷ୍ଟା କରୁଛନ୍ତି, ଯାହାକୁ ସେ ଦୀର୍ଘ ସମୟ ଧରି ସମାଲୋଚନା କରିଆସୁଛନ୍ତି। ଟ୍ରମ୍ପ୍‌ଙ୍କ ପ୍ରସ୍ତାବିତ ଶାନ୍ତି ବୋର୍ଡକୁ ଏକ ଅନ୍ତର୍ଜାତୀୟ ସଂଗଠନ ଭାବରେ ବର୍ଣ୍ଣନା କରାଯାଇଛି, ଯାହା ସ୍ଥିରତାକୁ ପ୍ରୋତ୍ସାହିତ କରି ବିଶ୍ୱସନୀୟ ଏବଂ ନ୍ୟାୟପୂର୍ଣ୍ଣ ଶାସନ ପୁନଃସ୍ଥାପନ କରିବା। ଆହୁରିମଧ୍ୟ ବୋର୍ଡ ଯୁଦ୍ଧ ଦ୍ୱାରା ପ୍ରଭାବିତ କିମ୍ବା ବିପଦଗ୍ରସ୍ତ ଅଞ୍ଚଳରେ ସ୍ଥାୟୀ ଶାନ୍ତି ସୁନିଶ୍ଚିତ କରିବା ପାଇଁ ପ୍ରୟାସ କରିବ। ତିନି ସଦସ୍ୟ ଦେଶ ଚାର୍ଟରରେ ସମ୍ମତି ଦେବା ପରେ ଏହା ଆନୁଷ୍ଠାନିକ ଭାବେ କାର୍ଯ୍ୟକାରୀ ହୋଇଯିବ। ତେବେ ହ୍ୱାଇଟ୍ ହାଉସ୍‌ର ଅଧିକାରୀମାନେ ଏହା ଉପରେ ଏ ପର୍ଯ୍ୟନ୍ତ କୌଣସି ସରକାରୀ ପ୍ରତିକ୍ରିୟା ଦେଇନାହାଁନ୍ତି।

ଟ୍ରମ୍ପ୍ ଗାଜା ପାଇଁ ଏକ ଶାନ୍ତି ବୋର୍ଡର ଅଂଶ ହେବାକୁ ଆର୍ଜେଣ୍ଟିନାର ଜାଭିୟର ମିଏଲି ଏବଂ କାନାଡାର ମାର୍କ କାର୍ନିଙ୍କ ସମେତ ଅନେକ ବିଶ୍ୱ ନେତାଙ୍କୁ ନିମନ୍ତ୍ରଣ କରିଛନ୍ତି, ଯାହା ତାଙ୍କ ନୂତନ ଶାନ୍ତି ବୋର୍ଡର ବ୍ୟାପକ ପରିସର ମଧ୍ୟରେ ଗଠିତ ହେବ। ଇସ୍ରାଏଲ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁ ତୁରନ୍ତ ଯୋଜନାର ସମାଲୋଚନା କରି କହିଛନ୍ତି ଯେ ଏହାର ବିବରଣୀ ତାଙ୍କ ଦେଶ ସହିତ ସମନ୍ୱିତ ହୋଇନାହିଁ। ପ୍ରସଙ୍ଗ ଥିବା ପରିଚିତ ଥିବା ଅଧିକାରୀଙ୍କ କହିବାନୁସାରେ, ଅନେକ ୟୁରୋପୀୟ ଦେଶକୁ ଶାନ୍ତି ବୋର୍ଡରେ ଯୋଗଦେବାକୁ ନିମନ୍ତ୍ରଣ କରାଯାଇଛି। ସେମାନେ ନାମ ଗୋପନ ରଖିବା ସର୍ତ୍ତରେ କହିଛନ୍ତି ଯେ ଚିଠା ପ୍ରସ୍ତାବରୁ ଜଣାପଡୁଛି ଯେ ଟ୍ରମ୍ପ୍ ନିଜେ ଏଥିପାଇଁ ପାଣ୍ଠି ଯୋଗାଇବେ, ଯାହା ବୋର୍ଡରେ ଯୋଗଦେବାକୁଥିବା ସମ୍ଭାବ୍ୟ ସଦସ୍ୟ ଦେଶଙ୍କ ପାଇଁ ଗ୍ରହଣୀୟ ହେବନାହିଁ। ଆହୁରି ମଧ୍ୟ ରିପୋର୍ଟ ଆସୁଛି ଯେ, ଅନେକ ଦେଶ ଟ୍ରମ୍ପ୍‌ଙ୍କ ଡ୍ରାଫ୍ଟ ଚାର୍ଟରର ଦୃଢ଼ ବିରୋଧ କରୁଛନ୍ତି ଏବଂ ପ୍ରସ୍ତାବଗୁଡ଼ିକୁ ସାମୂହିକ ଭାବରେ ବିରୋଧ କରିବା ପାଇଁ କାମ କରୁଛନ୍ତି। ଚିଠା ପ୍ରସ୍ତାବରେ ଥିବା ଯୋଜନା ଅନୁଯାୟୀ, ଶାନ୍ତି ବୋର୍ଡ ଅତି କମ୍‌ରେ ବାର୍ଷିକ ଭାବେ ଅଧ୍ୟକ୍ଷଙ୍କ ଦ୍ୱାରା ଉପଯୁକ୍ତ ମନେ କରାଯାଉଥିବା ଅଧିକ ସମୟ ଏବଂ ସ୍ଥାନରେ ଭୋଟିଂ ବୈଠକ ଆୟୋଜନ କରିବ। ଏଜେଣ୍ଡା ଅଧ୍ୟକ୍ଷଙ୍କ ଅନୁମୋଦନ ଉପରେ ନିର୍ଭର କରିବ। ଶାନ୍ତି ବୋର୍ଡ ଏହାର କାର୍ଯ୍ୟନିର୍ବାହୀ ବୋର୍ଡ ସହିତ ନିୟମିତ ଅଣ-ଭୋଟିଂ ବୈଠକ ମଧ୍ୟ ଆୟୋଜନ କରିବ। ଏପରି ବୈଠକ ପ୍ରତି ତିନି ମାସରେ ଅତି କମ୍‌ରେ ଥରେ ଅନୁଷ୍ଠିତ ହେବ। ବୋର୍ଡରେ ଟ୍ରମ୍ପ୍‌ଙ୍କର ଯେକୌଣସି ସଦସ୍ୟଙ୍କୁ ହଟାଇବାର ଅଧିକାର ମଧ୍ୟ ରହିବ, ଏହାକୁ ସଦସ୍ୟ ଦେଶଗୁଡ଼ିକ ଦୁଇ-ତୃତୀୟାଂଶ ବହୁମତ ଦ୍ୱାରା ଭିଟୋ ପ୍ରୟୋଗ କରି କରାଯାଇପାରିବ। ଚାର୍ଟରରେ ଉଲ୍ଲେଖ ଅଛି ଯେ ଅଧ୍ୟକ୍ଷ ସର୍ବଦା ଅଧ୍ୟକ୍ଷ ପଦବୀ ପାଇଁ ଉତ୍ତରାଧିକାରୀଙ୍କୁ ମନୋନୀତ କରିବାକୁ ପଡିବ।

# ବିଶ୍ୱର ସର୍ବବୃହତ୍ ବ୍ୟାଙ୍କ ବିରୋଧରେ ଯୁଦ୍ଧ ଘୋଷଣା!

ନୂଆଦିଲ୍ଲୀ,୧୮।୧(ଏଜେନ୍ସି): ବିଶ୍ୱର ସମସ୍ତଙ୍କୁ ଟାର୍ଗେଟ୍ କରୁଥିବା ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଏବେ ବିଶ୍ୱର ସର୍ବବୃହତ ବ୍ୟାଙ୍କ ବିରୋଧରେ ଯୁଦ୍ଧ ଘୋଷଣା କରିଛନ୍ତି। ଅର୍ଥାତ୍ ଟ୍ରମ୍ପ୍‌ଙ୍କ ଟାର୍ଗେଟ୍‌ରେ ଏବେ ଆମେରିକାର ମଲ୍ଟି ନ୍ୟାସନାଲ ବ୍ୟାଙ୍କିଙ୍ଗ ସଂସ୍ଥା ଜେପି ମୋର୍ଗାନ୍। ଟ୍ରମ୍ପ୍‌ଙ୍କ ଆକାଉଣ୍ଟ ବନ୍ଦ କରିବା ନେଇ ଆମେରିକା ରାଷ୍ଟ୍ରପତି ଜେପି ମୋର୍ଗାନ୍ ଉପରେ ମାମଲା ରୁଜୁ କରିବେ। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଜେପି ମୋର୍ଗାନ୍ ଏଣ୍ଡ କୋ ଏବଂ ଏହାର ମୁଖ୍ୟ, ଜେମି



- **ଏବେ ଟାର୍ଗେଟ୍‌ରେ ଜେପି ମୋର୍ଗାନ୍**
- **ମାମଲା ରୁଜୁ କରିବେ ଟ୍ରମ୍ପ୍**

ଡାଇମନ୍‌ଙ୍କୁ ଟାର୍ଗେଟ କରିଥିଲେ। ୨୦୨୧ ଜାନୁଆରୀ ୬ରେ କ୍ୟାପିଟଲ୍ ହିଲ୍‌ରେ ହୋଇଥିବା ଦଙ୍ଗା ଘଟଣା ପରେ ତାଙ୍କ ଆକାଉଣ୍ଟ ବନ୍ଦ ପାଇଁ ହୋଇଥିବା ଦାବି ଉପରେ ବ୍ୟାଙ୍କ ବିରୋଧରେ ମାମଲା ରୁଜୁ କରିବାକୁ ଟ୍ରମ୍ପ୍ ଧମକ ଦେଇଛନ୍ତି। ଶନିବାର ଏକ ପୋଷ୍ଟରେ ଟ୍ରମ୍ପ ୱାଲ୍ ଷ୍ଟ୍ରିଟ୍ ଜର୍ଣ୍ଣାଲ୍ ରିପୋର୍ଟର ଜବାବ ଦେଇ କହିଛନ୍ତି ଯେ ଟ୍ରମ୍ପ କିଛି ମାସ ପୂର୍ବରୁ ଡିଇମନ୍‌ଙ୍କୁ ଫେଡେରାଲ୍ ରିଜର୍ଭ ମୁଖ୍ୟ ପଦବୀ ପ୍ରଦାନ କରିଥିଲେ, ଯାହାକୁ ଡିମନ୍ ଏକ ମଜା ବୋଲି ଭାବିଥିଲେ। ଟ୍ରମ୍ପ ଲେଖିଛନ୍ତି ଯେ ଏପରି କୌଣସି ପ୍ରସ୍ତାବ କେବେ ଦିଆଯାଇ ନ ଥିଲା ଏବଂ ପ୍ରକୃତରେ, "ଜାନୁଆରୀ ୬ ପ୍ରତିବାଦ ପରେ ଭୁଲ ଏବଂ ଅନ୍ୟାୟ ଭାବରେ ମୋର ଆକାଉଣ୍ଟ ବନ୍ଦ କରିବା ପାଇଁ ମୁଁ ଆଗାମୀ ଦୁଇ ସପ୍ତାହ ମଧ୍ୟରେ ଜେପି ମୋର୍ଗାନ୍ ଉପରେ ମାମଲା ରୁଜୁ କରିବି। ଅଗଷ୍ଟରେ ଟ୍ରମ୍ପ ଦାବି କରିଥିଲେ ଯେ ଜେପି ମୋର୍ଗାନ୍ ତାଙ୍କ ପ୍ରତି ଗୁରୁତର ପକ୍ଷପାତ କରିଛି। ଯେତେବେଳେ ସେ ଅଭିଯୋଗ କରିଥିଲେ ଯେ ବ୍ୟାଙ୍କ ତାଙ୍କର ଦଶନ୍ଧି ପୁରୁଣା ଆକାଉଣ୍ଟ ବନ୍ଦ କରିବାକୁ କହିଥିଲା। ସେ ବିଶ୍ୱାସ କରନ୍ତି ଯେ ଏହି କାର୍ଯ୍ୟାନୁଷ୍ଠାନ ତାଙ୍କ ସମର୍ଥକଙ୍କ ଦ୍ୱାରା ୨୦୨୧ରେ ରାଷ୍ଟ୍ରପତି ଜୋ ବିଡେନଙ୍କ ବିଜୟର ପ୍ରମାଣପତ୍ରକୁ ରୋକିବା ପାଇଁ କ୍ୟାପିଟାଲ ହିଲରେ ଆକ୍ରମଣ ସହିତ ଜଡିତ। ଜେପି ମୋର୍ଗାନ୍‌ମୁଖପାତ୍ର ତ୍ରିଶ ୱେକ୍ସଲର ଏକ ଇମେଲ୍ ବିବୃତିରେ କହିଛନ୍ତି, ଆମେ ସହମତ ଯେ ରାଜନୈତିକ କିମ୍ବା ଧାର୍ମିକ ବିଶ୍ୱାସ ଉପରେ ଆଧାର କରି କାହାରି ଆକାଉଣ୍ଟ ବନ୍ଦ କରିବା ଉଚିତ୍ ନୁହେଁ।

# ପଥ ଉତ୍ସବରେ ଆର୍‌ବିଆଇର ଆର୍ଥିକ ସାକ୍ଷରତା କାର୍ଯ୍ୟକ୍ରମ



ଭୁବନେଶ୍ୱର,୧୮।୧(ସମିସ): ଭାରତୀୟ ରିଜର୍ଭ ବ୍ୟାଙ୍କ (ଆରବିଆଇ) ଭୁବନେଶ୍ୱର ପକ୍ଷରୁ ଭୁବନେଶ୍ୱର ମହାନଗର ନିଗମ (ବିଏମସି) ଦ୍ୱାରା ଜାଗମରା ଠାରେ ଆୟୋଜିତ ପଥ ଉତ୍ସବରେ ଏକ ଭିନ୍ନ ଧରଣର ଆର୍ଥିକ ସାକ୍ଷରତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ରିଜର୍ଭ ବ୍ୟାଙ୍କର ଅଧିକାରୀମାନେ ଆର୍ଥିକ ଯୋଜନା, ସଞ୍ଚୟ ଏବଂ ଦାୟିତ୍ୱପୂର୍ଣ୍ଣ ଋଣ ନେବା, ନିବେଶ, ବୀମା ସମେତ ସାମାଜିକ ସୁରକ୍ଷା ଯୋଜନା ଏବଂ ପେନସନ, ଶିକ୍ଷା ଋଣ ଆଦି ଉପରେ ଲୋକମାନଙ୍କୁ ଆର୍ଥିକ ବାର୍ତ୍ତା ଦେବା ସହ ବିଭିନ କାର୍ଯ୍ୟକ୍ରମ ମାଧ୍ୟମରେ ସଚେତନ କରାଇଛନ୍ତି। ଏହି ଉପଲକ୍ଷେ ଆର୍‌ବିଆଇ କର୍ମଚାରୀଙ୍କ ଦ୍ୱାରା ଏକ ନୂତନ ନାଟକ ପରିବେଷଣ କରାଯାଇଥିଲା। ଏହାବ୍ୟତୀତ ଆର୍ଥିକ ସ୍ୱାକ୍ଷରତା ଉପରେ ପ୍ରଶ୍ନ ଉତ୍ତର କାର୍ଯ୍ୟକ୍ରମ ମଧ୍ୟ ଆୟୋଜନ କରାଯାଇଥିଲା, ଯେଉଁଥିରେ ବିଭିନ୍ନ ବୟସର ଲୋକମାନେ ଏହି ପ୍ରଶ୍ନ ଉତ୍ତର କାର୍ଯ୍ୟକ୍ରମ ରେ ଭାଗନେଇ ପୁରସ୍କାର ଜିତିଥିଲେ। ଏହା ସହ ଉଦାହରଣ ଦେଇ ସାଇବର ଠକେଇ ସମ୍ପର୍କରେ ଲୋକଙ୍କୁ ଅବଗତ କରାଯାଇଥିଲା। କାର୍ଯ୍ୟକ୍ରମରେ ଏସ୍‌ବିଆଇ ସହଯୋଗରେ ଆରବିଆଇର ଆର୍ଥିକ ସ୍ୱାକ୍ଷରତା ଷ୍ଟଲ୍‌ରେ ମଇଳା/ ଚିରା ଫଟା ଆଦିର ବିନିମୟ ସୁବିଧା ଆୟୋଜନ କରାଯାଇଥିଲା। ଫେବୃଆରୀ ପହିଲାରେ ଇନ୍‌ଫୋସିଟିଠାରେ ଆୟୋଜିତ ହେବାକୁ ଥିବା ପଥଉତ୍ସବରେ ମଧ୍ୟ ଆରବିଆଇ ଷ୍ଟଲ୍ ମଇଳା/ ଚିରା ଫଟା ନୋଟ୍ ବଦଳାଇବା ସୁବିଧା ରହିବ।

## ଅଭିଭା ଲାଇଫ୍‌ର ସ୍ମାର୍ଟ ଭାଇଟାଲ୍ସ ପ୍ଲାନ୍

ନୂଆଦିଲ୍ଲୀ,୧୮।୧ : ଘରୋଇ ଜୀବନ ବୀମା କମ୍ପାନୀ ଅଭିଭା ଲାଇଫ୍ ଇନ୍‌ସ୍ୟୁରାନ୍ସ ପକ୍ଷରୁ ଏକ ସ୍ୱତନ୍ତ୍ର ଅଣ-ସଂଯୋଜିତ, ଅଣ-ଭାଗିଦାରୀ, ସ୍ୱାସ୍ଥ୍ୟ ବୀମା ସ୍ଥାୟୀ ଲାଭ ଯୋଜନା ଅଭିଭା ସ୍ମାର୍ଟ ଭାଇଟାଲ୍ସ ପ୍ଲାନ୍‌ର ଶୁଭାରମ୍ଭ କରାଯାଇଛି। ଏହା ଗୁରୁତର ରୋଗ କ୍ଷେତ୍ରରେ ଗ୍ରାହକଙ୍କୁ ଆର୍ଥିକ ସୁରକ୍ଷା ଯୋଗାଇଦେବ। ଏହି ବୀମା ଯୋଜନାରେ ଅତିକମ୍‌ରେ ୧୦ ଲକ୍ଷ ଟଙ୍କାର ସୁରକ୍ଷା ମିଳିଥାଏ। ଯଦି ବୀମାଧାରୀ ନିଜକୁ ସୁସ୍ଥ ରଖନ୍ତି, ତେବେ ମିଳୁଥିବା ରିୱାର୍ଡ ସାହାଯ୍ୟରେ ସେ ନିଜର ବୀମା ରାଶିକୁ ୨୦ ଲକ୍ଷ ଟଙ୍କା (ଦୁଇ ଗୁଣ) ପର୍ଯ୍ୟନ୍ତ ବଢ଼ାଇ ପାରିବେ। ଆପଣ ଦୈନିକ କେତେ ଚାଲୁଛନ୍ତି, ତାହା ଅନୁସାରେ ପ୍ରତି ତିନି ମାସରେ ଆପଣଙ୍କୁ ୨.୫%ରୁ ୭.୫% ପର୍ଯ୍ୟନ୍ତ ବୋନସ୍ ଲାଭ ମିଳିବ ଏହି ସ୍ମାର୍ଟ ଭାଇଟାଲ୍ସ ପ୍ଲାନ ୪୯ଟି ଯେକୌଣସି ଗୁରୁତର ଅସୁସ୍ଥତା ଓ ଚିକିତ୍ସାଗୁଡ଼ିକର ପ୍ରଥମ ନିଦାନ ଉପରେ ଏକକାଳିନ ଲାଭ ପ୍ରଦାନ କରିଥାଏ।

# ଆମେରିକାର ଟାରିଫ୍ ଧମକକୁ ଇୟୁର କଡ଼ା ଜବାବ୍

ନୂଆଦିଲ୍ଲୀ,୧୮।୧(ଏଜେନ୍ସି): ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଗ୍ରୀନଲ୍ୟାଣ୍ଡକୁ ନିଜ ଦେଶ ସହ ମିଶାଇବା ଇଉରୋପୀୟ ଦେଶଗୁଡ଼ିକୁ ଟାରିଫ୍ ଧମକ ଦେଇଛନ୍ତି। ଏବେ ଟ୍ରମ୍ପ୍ ପ୍ରଶାସନର ଏହି ଧମକର କଡ଼ା ଜବାବ୍ ଦେଇଛି ୟୁରୋପୀୟ ସଂଘ(ଇୟୁ)। ଟ୍ରମ୍ପ୍ ୟୁରୋପୀୟ ଦେଶ ଉପରେ ୧୦ ପ୍ରତିଶତ ଶୁଳ୍କଲାଗୁ ଘୋଷଣା କରିଛନ୍ତି। ଅପରପକ୍ଷେ ୟୁରୋପୀୟ ସଂଘ ଏବଂ ବ୍ରିଟେନ ଏହି ନିଷ୍ପତ୍ତିର ଦୃଢ଼ ବିରୋଧ କରିଛନ୍ତି। ଉଭୟ କହିଛନ୍ତି ଯେ ଟ୍ରମ୍ପ୍ ସେମାନଙ୍କୁ ସହ ବ୍ଲାକମେଲିଂ କରୁଛନ୍ତି। ଏହା

- **ଆମକୁ ବ୍ଲାକ୍‌ମେଲ୍ କରନି: ବ୍ରିଟେନ୍**
- **ସମ୍ପର୍କରେ ଫାଟ ଆଶଙ୍କା**

ସମ୍ପୂର୍ଣ୍ଣ ଭାବେ ଭୁଲ ବୋଲି ସେମାନେ କହିଛନ୍ତି। ସେମାନେ ଦାବି କରନ୍ତି ଯେ ଟ୍ରମ୍ପ୍‌ଙ୍କ ପଦକ୍ଷେପ ଟ୍ରାନ୍ସଆଟଲାଣ୍ଟିକ୍ ସମ୍ପର୍କକୁ ତିକ୍ତ କରିପାରେ, ଯାହା ଚୀନ୍ ଏବଂ ରୁଷ ଭଳି ଦେଶ ପାଇଁ ଲାଭଦାୟକ ସାବ୍ୟସ୍ତ ହେବାର ସମ୍ଭାବନା ରହିଛି ।ପାରେ।

ଶନିବାର ଏକ ସୋସିଆଲ ମିଡିଆ ପୋଷ୍ଟରେ ଟ୍ରମ୍ପ୍ ଘୋଷଣା କରିଛନ୍ତି ଯେ ଫେବୃଆରୀରୁ ଡେନମାର୍କ, ନରୱେ, ସ୍ୱିଡେନ୍, ଫ୍ରାନ୍ସ, ଜର୍ମାନୀ, ବ୍ରିଟେନ, ନେଦରଲ୍ୟାଣ୍ଡ ଏବଂ ଫିନଲ୍ୟାଣ୍ଡ ଉପରେ ୧୦% ଶୁଳ୍କ ଲାଗୁ ହେବ। ଯଦି ଜୁନ୍ ସୁଦ୍ଧା ଗ୍ରୀନଲ୍ୟାଣ୍ଡର "ସମ୍ପୂର୍ଣ୍ଣ କ୍ରୟ" ଉପରେ ଏକ ଚୁକ୍ତି ନ ହୁଏ, ତେବେ ଶୁଳ୍କ ୨୫% ପ୍ରତିଶତକୁ ବୃଦ୍ଧି ପାଇବ। ଟ୍ରମ୍ପ ଦାବି କରିଛନ୍ତି ଯେ ଏହି ଦେଶଗୁଡ଼ିକ ତାଙ୍କର ଗ୍ରୀନଲ୍ୟାଣ୍ଡ ଯୋଜନାକୁ ବିରୋଧ କରୁଛନ୍ତି। କିନ୍ତୁ ୟୁରୋପୀୟ




ନେତାମାନେ ଏହାକୁ ସିଧାସଳଖ ପ୍ରତ୍ୟାଖ୍ୟାନ କରିଛନ୍ତି। ୟୁରୋପୀୟ ସଂଘ ରବିବାର ଏହାର ୨୭ ସଦସ୍ୟ ରାଷ୍ଟ୍ରର ରାଷ୍ଟ୍ରଦୂତମାନଙ୍କର ଏକ ଜରୁରୀକାଳୀନ ବୈଠକ ଡାକିଛି। ବୈଠକରେ ଚେତାବନୀ ଦିଆଯାଇଛି ଯେ ଟ୍ରମ୍ପ୍‌ଙ୍କ ପଦକ୍ଷେପ 'ବିପଜ୍ଜନକ ଅବନତି' ସୃଷ୍ଟି କରିପାରେ। ୟୁରୋପୀୟ କମିଶନର ଅଧ୍ୟକ୍ଷ ଉର୍ସୁଲା ଭନ୍ ଡେର୍ ଲେଏନ୍ ଏବଂ ୟୁରୋପୀୟ ପରିଷଦର ଅଧ୍ୟକ୍ଷ ଆଣ୍ଟୋନିଓ କୋଷ୍ଟା ଟ୍ୱିଟରରେ ପୋଷ୍ଟ କରିଛନ୍ତି ଯେ ଶୁଳ୍କ ଟ୍ରାନ୍ସଆଟଲାଣ୍ଟିକ୍ ସମ୍ପର୍କକୁ ଦୁର୍ବଳ କରିବ। ସେମାନେ କହିଛନ୍ତି, ୟୁରୋପ ଏକତା, ସମନ୍ୱିତ ଏବଂ ଏହାର ସାର୍ବଭୌମତ୍ୱ ରକ୍ଷା ପାଇଁ ପ୍ରତିବଦ୍ଧ ରହିବ।

ଅପରପକ୍ଷେ ଫ୍ରାନ୍ସ ରାଷ୍ଟ୍ରପତି ଇମାନୁଏଲ ମାକ୍ରନ ଏବଂ ସ୍ୱିଡିସ୍ ପ୍ରଧାନମନ୍ତ୍ରୀ ଉଲ୍ଫ କ୍ରିଷ୍ଟରସନ ମଧ୍ୟ ଏହି ପଦକ୍ଷେପକୁ ଗ୍ରହଣୀୟ ନୁହେଁ ବୋଲି ନିନ୍ଦା କରିଛନ୍ତି। ସେ ୟୁରୋପୀୟ ସାର୍ବଭୌମତ୍ୱକୁ ସୁରକ୍ଷା ଦେବାର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ। ଇୟୁର ବୈଦେଶିକ ନୀତି ମୁଖ୍ୟ କାଜା କାଲାସ ଏକ୍ସରେ ଲେଖିଛନ୍ତି ଯେ ଶୁଳ୍କ ଉଭୟ ପକ୍ଷର ସମୃଦ୍ଧିକୁ କ୍ଷତି ପହଞ୍ଚାଇବ ଏବଂ ୟୁକ୍ରେନରେ ରୁଷର ଯୁଦ୍ଧ ଶେଷ କରିବା ଭଳି ପ୍ରମୁଖ କାର୍ଯ୍ୟରୁ ବିଚଳିତ କରିବ। ସେ କହିଛନ୍ତି ଯେ ଚୀନ ଏବଂ ରୁଷ ସହଯୋଗୀଙ୍କ ମଧ୍ୟରେ ବିଭାଜନରୁ ଲାଭ ପାଇବେ। ଯଦି ଗ୍ରୀନଲ୍ୟାଣ୍ଡର ସୁରକ୍ଷା ବିପଦରେ ଅଛି, ତେବେ ଏହା ନାଟୋ ମଧ୍ୟରେ ସମାଧାନ ହୋଇପାରିବ। ଏହି ବିବାଦ ଆମେରିକା ଏବଂ ଅଧିକାଂଶ ଇୟୁ ଦେଶ ସମେତ ନାଟୋ ସଦସ୍ୟମାନଙ୍କ ମଧ୍ୟରେ ଉତ୍ତେଜନା ବୃଦ୍ଧି କରୁଛି। ୟୁରୋପୀୟ ନେତାମାନେ ସେମାନଙ୍କର ସ୍ଥିତିକୁ ସୁଦୃଢ଼ କରିବା ପାଇଁ ଏକଜୁଟ ହେଉଛନ୍ତି, ଯେତେବେଳେ ଟ୍ରମ୍ପ୍‌ଙ୍କ ଧମକ ଆର୍କଟିକ ଅଞ୍ଚଳର ଭୂ-ରାଜନୀତିକୁ ଆହୁରି ଜଟିଳ କରିଛି।

# ଭାରତ-ଇୟୁ ମୁକ୍ତ ବାଣିଜ୍ୟ ଚୁକ୍ତି ୨୭ରେ

ନୂଆଦିଲ୍ଲୀ,୧୮।୧(ଏଜେନ୍ସି): ଭାରତ ଏବଂ ୟୁରୋପୀୟ ସଂଘ(ଇୟୁ) ମଧ୍ୟରେ ପ୍ରସ୍ତାବିତ ମୁକ୍ତ ବାଣିଜ୍ୟ ଚୁକ୍ତିନାମା (ଏଫ୍‌ଟିଏ) ଆଲୋଚନା ଏବେ ଶେଷ ପର୍ଯ୍ୟାୟରେ ପହଞ୍ଚିଛି, ଯାହାକୁ ଆଜି ପର୍ଯ୍ୟନ୍ତ ଭାରତର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବାଣିଜ୍ୟ ଚୁକ୍ତିନାମା ଭାବରେ ବର୍ଣ୍ଣନା କରାଯାଉଛି। ଯଦି ଏହା ସଫଳ ହୁଏ, ତେବେ ଜାନୁଆରୀ ୨୭ ରେ ଏ ସମ୍ପର୍କରେ ଆନୁଷ୍ଠାନିକ ଭାବେ ଘୋଷଣା କରାଯାଇପାରେ, ଯାହା ଉଭୟ ପକ୍ଷ ପାଇଁ ବାଣିଜ୍ୟ ଏବଂ ବିକାଶ ପାଇଁ ନୂତନ ସୁଯୋଗ ଖୋଲିବ।



କେନ୍ଦ୍ର ବାଣିଜ୍ୟ ଏବଂ ଶିଳ୍ପ ମନ୍ତ୍ରୀ ପୀୟୁଷ ଗୋୟଲ କହିଛନ୍ତି ଯେ ଏହି ଚୁକ୍ତିନାମା ଭାରତ ଦ୍ୱାରା ସ୍ୱାକ୍ଷରିତ ସମସ୍ତ ବାଣିଜ୍ୟ ଚୁକ୍ତିନାମା ମଧ୍ୟରୁ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ହେବ। ଏହି ଗସ୍ତ ସମୟରେ, ୟୁରୋପୀୟ ସଂଘ ପରିଷଦର ଅଧ୍ୟକ୍ଷ ଆଣ୍ଟୋନିଓ ଲୁଇସ୍ ସାଣ୍ଟୋସ୍ ଡା କୋଷ୍ଟା ଏବଂ ୟୁରୋପୀୟ କମିଶନର ଅଧ୍ୟକ୍ଷ ଉର୍ସୁଲା ଭନ୍ ଡେର୍ ଲେଏନ୍ ଗଣତନ୍ତ୍ର ଦିବସ ସମାରୋହରେ ମୁଖ୍ୟ ଅତିଥି ହେବେ। ସୂଚନାଯୋଗ୍ୟ ଯେ, ଇୟୁ ହେଉଛି ୨୭ଟି ଦେଶର ଏକ ଗୋଷ୍ଠୀ, ଯେଉଁଥିରେ ଫ୍ରାନ୍ସ, ଜର୍ମାନୀ, ଇଟାଲୀ, ସ୍ପେନ, ବେଲଜିୟମ, ନେଦରଲ୍ୟାଣ୍ଡ, ପୋଲାଣ୍ଡ ଏବଂ ସ୍ୱିଡେନ ଭଳି ବିକଶିତ ଦେଶ ସଦସ୍ୟ। ଗୋୟଲ କହିଛନ୍ତି ଯେ ଭାରତ ଏ ପର୍ଯ୍ୟନ୍ତ ବିକଶିତ ଅର୍ଥନୀତି ସହିତ ୭ଟି ଚୁକ୍ତି ସ୍ୱାକ୍ଷର କରିଛି, କିନ୍ତୁ ଇୟୁ ସହିତ ଏହି ଚୁକ୍ତି "ସର୍ବାଧିକ ଗୁରୁତ୍ୱପୂର୍ଣ୍ଣ" ପ୍ରମାଣିତ ହେବ। ସେ ଏହା ମଧ୍ୟ କହିଛନ୍ତି ଯେ ଉଭୟ ପକ୍ଷର ସ୍ୱାର୍ଥ ଭିନ୍ନ ଏବଂ ସେମାନେ ସିଧାସଳଖ ପରସ୍ପର ସହିତ ପ୍ରତିଯୋଗିତା କରନ୍ତି ନାହିଁ, ତେଣୁ ଏହି ଚୁକ୍ତି ଉଭୟଙ୍କୁ ଲାଭ ଦେବ। ଅପରପକ୍ଷେ ଭାରତ ଏବଂ ଇୟୁ ମଧ୍ୟରେ ଦ୍ୱିପାକ୍ଷିକ ବାଣିଜ୍ୟ ୨୦୨୪-୨୫ ଆର୍ଥିକ ବର୍ଷରେ ୧୩୬.୫୩ ବିଲିୟନ ଡଲାରରେ ପହଞ୍ଚିବ ବୋଲି ଆକଳନ କରାଯାଇଛି, ଯେଉଁଥିରେ ଭାରତର ରପ୍ତାନି ପରିମାଣ ୭୫.୮୫ ବିଲିୟନ ଡଲାର ଏବଂ ଆମଦାନି ୬୦.୬୮ ବିଲିୟନ ଡଲାର ହେବ। ଭାରତର ମୋଟ ରପ୍ତାନିର ପ୍ରାୟ ୧୭% ଇୟୁ ର ଅଂଶୀଦାର, ଯେତେବେଳେ କି ଇୟୁର ମୋଟ ରପ୍ତାନିରେ ଭାରତର ଅଂଶ ପ୍ରାୟ ୯%।

# ଥରେ ୟୁପିଆଇ କଲେ ୨ ଟଙ୍କା ଖର୍ଚ୍ଚ

- **ଏଥର ବଜେଟ୍‌ରେ ବଦଳିପାରେ ନିୟମ**
- **ମୋଟ ଡିଜିଟାଲ ନେଣଦେଣର ୮୫% ୟୁପିଆଇ ମାଧ୍ୟମରେ**
- **ୟୁପିଆଇରେ ପେମେଣ୍ଟ ନେଉଛନ୍ତି ୪୫% ବ୍ୟବସାୟୀ**

ନୂଆଦିଲ୍ଲୀ,୧୮।୧(ଏଜେନ୍ସି):

ଦେଶରେ ସମ୍ପ୍ରତି ଡିଜିଟାଲ ପେମେଣ୍ଟ ଗତ କିଛି ବର୍ଷରେ ଦ୍ରୁତ ବେଗରେ ବୃଦ୍ଧି ହୋଇଛି। ଏବେ ପରିସ୍ଥିତି ଏପରି ଯେ ଚା' ଦୋକାନରୁ ଆରମ୍ଭ କରି ଅଟୋ ଭଡ଼ା, ବିଦ୍ୟୁତ ବିଲ୍, ମୋବାଇଲ ରିଚାର୍ଜରୁ ଆରମ୍ଭ କରି ମହଙ୍ଗା ସପିଂ ସବୁ ୟୁପିଆଇରେ ଚାଲିଛି। ହେଲେ ୨୦୨୬ ବଜେଟ ପୂର୍ବରୁ ୟୁପିଆଇକୁ ନେଇ ଚର୍ଚ୍ଚା ଆରମ୍ଭ ହୋଇଗଲାଣି। ଏହି ପ୍ରସଙ୍ଗ ଉପରେ ଏବେ ମାଗଣା ଡିଜିଟାଲ ପେମେଣ୍ଟ ମଡେଲର ଭବିଷ୍ୟତ ନିର୍ଭର କରୁଛି। ଏଣୁ ଆଗାମୀ ସମୟରେ ଏ ନେଇ ସରକାରଙ୍କ ନିଷ୍ପତ୍ତି ଲୋକଙ୍କ ପକେଟ ଉପରେ ପ୍ରଭାବ ପକାଇପାରେ। ଦେଶରେ ଡିଜିଟାଲ ପେମେଣ୍ଟର ଏକ ବଡ଼ ଭାଗ ୟୁପିଆଇ ଦ୍ୱାରା ସଞ୍ଚାଳିତ ହେଉଛି। ମୋଟ ଡିଜିଟାଲ ନେଣଦେଣର ପାଖାପାଖି ୮୫% ୟୁପିଆଇ ମାଧ୍ୟମରେ ହେଉଛି। ଏଥିରେ ତଥ୍ୟର କଥା କହିଲେ କେବଳ ଅକ୍ଟୋବର ୨୦୨୫ରେ ୨୦ ବିଲିୟନରୁ ଅଧିକ କାରବାର ହୋଇଥିବାବେଳେ ପାଖାପାଖି ୨୭ ଲକ୍ଷ କୋଟି ଟଙ୍କା ନେଣଦେଣ ହୋଇଛି। ଏହି ତଥ୍ୟରୁ ୟୁପିଆଇ କିପରି ଲୋକଙ୍କ ଦୈନନ୍ଦିନ ଜୀବନ ସହ ଜଡ଼ିତ ହୋଇଯାଇଛି ତାହା ପ୍ରମାଣିତ ହେଉଛି। ହେଲେ ଏହି ତଥ୍ୟ ମଧ୍ୟରେ ଏକ ଆହ୍ୱାନ ସାମ୍ନାକୁ ଆସୁଛି। ତଥ୍ୟ ମୁତାବକ ୪୫% ବ୍ୟବସାୟୀ କେବଳ ୟୁପିଆଇ ମାଧ୍ୟମରେ ପେମେଣ୍ଟ ନେଉଛନ୍ତି। ହେଲେ ଆଶ୍ଚର୍ଯ୍ୟର କଥା ଦେଶର ପାଖାପାଖି ଏକ ତୃତୀୟାଂଶ ପିନ୍‌କୋଡ ଏପରି ଯେଉଁଠି ୧୦୦ରୁ ବି କମ୍ ଆକ୍ଟିଭ ୟୁପିଆଇ ମର୍ଚ୍ଚାଣ୍ଟ ଅଛନ୍ତି। ହେଲେ ଏହି ସବୁ ଅଞ୍ଚଳରେ ବେପାରର ସମ୍ଭାବନା ବହୁତ ଅଧିକ ରହିଛି।

ରିପୋର୍ଟ ମୁତାବକ ୟୁପିଆଇର ସବୁଠୁ ବଡ଼ ଆହ୍ୱାନ ହେଉଛି ଏହା ସମ୍ପୂର୍ଣ୍ଣ ମାଗଣା ହେବା। ଏ ପର୍ଯ୍ୟନ୍ତ କୌଣସି ଦୋକାନୀଙ୍କ ଠାରୁ ମର୍ଚ୍ଚାଣ୍ଟ ଡିସ୍କାଉଣ୍ଟ ରେଟ୍ (ଏମଡିଆର) ଅସୁଲ ହେଉ ନାହିଁ। ହେଲେ ସବୁ ୟୁପିଆଇ ନେଣଦେଣ ନିମନ୍ତେ ପାଖାପାଖି ୨ଟଙ୍କା ଖର୍ଚ୍ଚ ଆସୁଛି। ଏହି ବ୍ୟୟକୁ ଏ ପର୍ଯ୍ୟନ୍ତ ବ୍ୟାଙ୍କ ଓ ଫିନଟେକ୍ କମ୍ପାନୀ ବହନ କରିଆସୁଛନ୍ତି। ଭାରତ ସରକାର ୨୦୨୩-୨୪ରେ ଦେଶରେ ଡିଜିଟାଲ ପେମେଣ୍ଟକୁ ଉତ୍ସାହିତ କରିବା ପାଇଁ ୩,୯୦୦ କୋଟି ଟଙ୍କା ଦେଇଥିଲେ। ତେବେ ୨୦୨୫-୨୬ରେ ଏହି ସହଯୋଗ ହ୍ରାସ ହୋଇ ୪୨୭ କୋଟି ଟଙ୍କା ହୋଇଯାଇଛି।




ଅନ୍ୟପଟେ ଆଗାମୀ ବର୍ଷମାନଙ୍କରେ ୟୁପିଆଇ ସିଷ୍ଟମକୁ ଚଳାଇବା ପାଇଁ ମୋଟ ଖର୍ଚ୍ଚ ୮,୦୦୦ରୁ ୧୦ ହଜାର କୋଟି ଟଙ୍କାକୁ ପହଞ୍ଚି ପାରେ। ଏହି କାରଣରୁ ଏବେ ଫ୍ରି ୟୁପିଆଇର ଭବିଷ୍ୟତକୁ ନେଇ ପ୍ରଶ୍ନ ଉଠିଲାଣି। ଏହି ପ୍ରସଙ୍ଗରେ ଆରବିଆଇ ଗଭର୍ଣ୍ଣର ସ୍ପଷ୍ଟ ଭାବେ କହିଛନ୍ତି ଯେ ୟୁପିଆଇକୁ ସବୁବେଳେ ମାଗଣା ଚଳାଯାଇ ପାରିବନି। ଏହି ପ୍ରକ୍ରିୟା ପାଇଁ ହେଉଥିବା ଖର୍ଚ୍ଚ କାହାକୁ ନା କାହାକୁ ବହନ କରିବାକୁ ପଡିବ। ଏହି ବିଷୟ ଉପରେ ଏବେ କମ୍ପାନୀମାନଙ୍କ କହିବା କଥା ହେଉଛି ଆର୍ଥିକ ଅଭାବ କାରଣରୁ ନୂଆ ଫିଚର୍ସ ଆଣିବା କଷ୍ଟକର ହେଉଥିବା ବେଳେ ସିଷ୍ଟମକୁ ଅଧିକ ମଜଭୁତ କରିବା ମଧ୍ୟ ସମ୍ଭବ ହେଉ ନାହିଁ। ସେହିପରି ଦୁର୍ଗମ ଗ୍ରାମାଞ୍ଚଳକୁ ୟୁପିଆଇ ପହଞ୍ଚାଇବାରେ ମଧ୍ୟ କଷ୍ଟ ହେଉଛି।

ଏଣୁ ୨୦୨୬ ବଜେଟରେ ୟୁପିଆଇର ଭବିଷ୍ୟତ ନେଇ ସ୍ପଷ୍ଟ ସୂଚନା ମିଳିଯିବ ବୋଲି ଏବେଠାରୁ ଅନୁମାନ କରାଯାଉଛି। ୟୁପିଆଇ ଆଗକୁ ମଧ୍ୟ ମାଗଣା ରହିବ ନା କୌଣସି ନୂଆ ମାର୍ଗ ଆପଣାଯିବ ତାହା ସ୍ପଷ୍ଟ ହୋଇଯିବ। ଏଥିରେ ଏକ ବିକଳ୍ପ ହେଉଛି ସରକାର ଅଧିକ ସବସିଡି ଦେଇ ଫ୍ରି ମଡେଲକୁ ଜାରି ରଖି ପାରନ୍ତି, ଯାହା ଦ୍ୱାରା ସାଧାରଣ ଲୋକ ଓ ଛୋଟ ବ୍ୟବସାୟୀ ପ୍ରଭାବିତ ନ ହୁଅନ୍ତି। ସେହିପରି ଦ୍ୱିତୀୟ ରାସ୍ତାଟି ହେଉଛି ସରକାର ସୀମିତ ଏମଡିଆର ଲାଗୁ କରି ୟୁପିଆଇକୁ ଧିରେ ଧିରେ ଆତ୍ମନିର୍ଭର କରିବା ଦିଗରେ ପାଦ ବଢାଇ ପାରନ୍ତି।

## ଆଜିର ରାଶିଫଳ

**ମେଷ:** ସମାଜରେ ମାନପ୍ରତିଷ୍ଠା ବୃଦ୍ଧି ପାଇବ। ଛାତ୍ରଛାତ୍ରୀମାନେ ବିଦେଶ ଯାତ୍ରା କରିପାରନ୍ତି। କର୍ମକ୍ଷେତ୍ରରେ ଆଗ୍ରହୀ ରହିବେ। ଭାଇଭଉଣୀଙ୍କଠାରୁ ପୂର୍ଣ୍ଣ ସହଯୋଗ ପାଇବେ।

**ବୃଷ:** ଦିନଟି ହସଖୁସିରେ କଟିବ। ବରିଷ୍ଠ ବ୍ୟକ୍ତିଙ୍କଠାରୁ ସହଯୋଗ ପାଇବେ। ପରିବାରରେ ଆନନ୍ଦ ଉଲ୍ଲାସ ଦେଖାଦେବ। ନୂତନ ନିବେଶ କରି ଲାଭବାନ ହେବେ।

**ମିଥୁନ:** ପୁରୁଣା କାର୍ଯ୍ୟଗୁଡ଼ିକ କରିବାରେ ସମୟ କଟିବ। ଉତ୍ତମ ନିଷ୍ପତ୍ତି ଆର୍ଥିକ ପକ୍ଷ ଲାଗି ଲାଭଦାୟକ ହେବ। ଛାତ୍ରମାନେ ପ୍ରତିଯୋଗିତାମୂଳକ ପରୀକ୍ଷାରେ ଉତ୍ତୀର୍ଣ୍ଣ ହେବେ।

**କର୍କଟ:** ଆଜି କୌଣସି ଅପ୍ରୀତିକର ପରିସ୍ଥିତିରେ ପଡ଼ି ଯାଇପାରନ୍ତି। ନିଜ ସାହସ ଓ ବୁଦ୍ଧି ବଳରେ ସହଜରେ ସଫଳତା ପାଇ ପାରିବେ। ଅଧିକ ଖର୍ଚ୍ଚାନ୍ତରେ ପଡ଼ିଯାଇପାରନ୍ତି।

**ସିଂହ:** ଆତ୍ମବିଶ୍ୱାସ ଓ ସାହସିକତାର ସହ କାର୍ଯ୍ୟ କରିବେ। ସାମାଜିକ କାର୍ଯ୍ୟରେ ଭାଗନେବେ। ସମସ୍ୟାର ସମାଧାନ ରାସ୍ତା ପାଇବେ। ପରିବାରରେ ଆନନ୍ଦ ଉଲ୍ଲାସ ଦେଖାଦେବ।

**କନ୍ୟା:** ଅଧିକ ପରିଶ୍ରମ କରି ଅସୁସ୍ଥ ମନେ କରିପାରନ୍ତି। ସାଙ୍ଗସାଥୀଙ୍କ ସହ ସମ୍ପର୍କ ସୁଦୃଢ଼ ରହିବ। ଆର୍ଥିକ ସମସ୍ୟା ନେଇ ଚିନ୍ତିତ ରହିବେ। ଜୀବନସାଥୀଙ୍କ ସହଯୋଗ ପାଇବେ।

**ତୁଳା:** ଦୀର୍ଘଦିନ ଧରି ଲାଗି ରହିଥିବା ସମସ୍ୟା ଅପସରି ଯିବ। ନିଜ ପ୍ରତିଭାରେ ଅନ୍ୟମାନଙ୍କୁ ଆକର୍ଷିତ କରିବେ। ଜମି ସମସ୍ୟା ସମାଧାନ ହୋଇଯିବ। ଜୀବନସାଥୀ ଓ ପରିଜନଙ୍କ ସ୍ନେହ ପାଇବେ।

**ବିଛା:** ଗୁରୁଜନଙ୍କ ପରାମର୍ଶ ଅନୁଯାୟୀ କାର୍ଯ୍ୟ କରିବେ। ପରିବାରରେ ଲାଗିରହିଥିବା ଅଶାନ୍ତି ଦୂର ହେବ। କ୍ଷୁଦ୍ର ବ୍ୟବସାୟୀଙ୍କୁ ଆଶାଠୁ ଅଧିକ ଧନଲାଭ ହେବ।

**ଧନୁ:** କାର୍ଯ୍ୟ କରିବା ସମୟରେ ମନକୁ ଶାନ୍ତ ରଖନ୍ତୁ। ବିବାହଯୋଗ୍ୟ ଯୁବକ ଯୁବତୀଙ୍କ ବିବାହ ସ୍ଥିର ହୋଇପାରେ। ସାଙ୍ଗସାଥୀଙ୍କ ସହଯୋଗରେ ଅଟକି ରହିଥିବା କାର୍ଯ୍ୟ ପୂରଣ ହେବ।

**ମକର:** ପରିବାର ମଧ୍ୟରେ ଉତ୍ତମ ବୁଝାମଣା ରହିବ। ମହିଳାମାନେ ରାଜନୀତିରେ ସକ୍ରିୟ ଭୂମିକା ନିର୍ବାହ କରିବେ। ଛାତ୍ରଛାତ୍ରୀ ଲେଖାପଢ଼ାରେ ଅଧିକ ଧ୍ୟାନ ଦିଅନ୍ତୁ।

**କୁମ୍ଭ:** ସ୍ୱାସ୍ଥ୍ୟରେ ଅବନତି ଦେଖାଦେଇପାରେ। କୌଣସି ଖବର ଶୁଣି ଉତ୍ସାହିତ ହୋଇପାରନ୍ତି। ମୂଲ୍ୟବାନ ସାମଗ୍ରୀ ନଷ୍ଟ ହେବାର ସମ୍ଭାବନା ରହିଛି। କୋର୍ଟକଚେରୀ ମାମଲାରେ ପଡ଼ିପାରନ୍ତି।

**ମୀନ:** କୌଣସି କାମକୁ ନୂଆକରି ଆରମ୍ଭ କରିବେ। ଆର୍ଥିକ ସ୍ଥିତି ସୁଦୃଢ଼ ହେବ। ପରିବାରରେ ଅଶାନ୍ତି ଦେଖା ଦେଇପାରେ । ରାଜନୀତି କ୍ଷେତ୍ରରେ ଥିବା ବ୍ୟକ୍ତିଙ୍କୁ ପ୍ରଶଂସା ମିଳିବ।

## ଆଜିର ଇତିହାସ


- ୧୬୪୯ - ଚାର୍ଲସ୍ ପ୍ରଥମଙ୍କ ବିରୋଧରେ ମୋକଦ୍ଦମା ଆରମ୍ଭ ହେଲା।
- ୧୯୨୭ - ବ୍ରିଟେନ ତାର ସେନାକୁ ଚୀନ୍‌କୁ ପଠାଇବା ପାଇଁ ନିଷ୍ପତ୍ତି ନେଲା।
- ୧୯୫୭ - ରୁଷିଆ ପରମାଣୁ ପରୀକ୍ଷା କରିଥିଲା।
- ୧୯୬୬ - ଇନ୍ଦିରା ଗାନ୍ଧୀ ଭାରତର ପ୍ରଧାନମନ୍ତ୍ରୀ ହେଇଥିଲେ।
- ୧୯୭୭ - ବିଶ୍ୱର ସବୁଠାରୁ ବଡ଼ ଭିଡ଼ ଆହ୍ଲାବାଦର କୁମ୍ଭ ମେଳାରେ ହୋଇଥିଲା।

## 'ଧୁରନ୍ଧର ୨'କୁ ଫେରିବେ ଅକ୍ଷୟ



ଆଦିତ୍ୟ ଧରଙ୍କ ଫିଲ୍ମ 'ଧୁରନ୍ଧର' ଏବେ ବି ବକ୍ସଅଫିସ୍‌ରେ ତା'ର ଦବଦବା ଜାରି ରଖିଛି। ଏଥିରେ ରଣବୀର ସିଂହଙ୍କ ଠାରୁ ଅକ୍ଷୟ ଖାନ୍ନାଙ୍କ ଅଭିନୟକୁ ନେଇ ଅଧିକ ଚର୍ଚ୍ଚା ହେଉଛି। ରେହମାନ ଡକାୟତ ଭୂମିକାରେ ଅକ୍ଷୟ ପରଦାରେ ଛାଇ ଯାଇଥିଲେ। ବିଶେଷକରି ଏହି ଫିଲ୍ମରେ ଅକ୍ଷୟଙ୍କ FA9LA ଗୀତରେ ଅଧିକ ଭିଭ୍ସ ହୋଇଛି। 'ଧୁରନ୍ଧର'ରେ ଅକ୍ଷୟଙ୍କ ଚରିତ୍ରର ଅନ୍ତ ହୋଇଥିବାରୁ ସିକ୍ୱେଲରେ ତାଙ୍କୁ ବାଦ୍ ଦିଆଯାଇପାରେ ବୋଲି ବାଗିଦିନରୁ ଚର୍ଚ୍ଚା ହେଉଥିଲା। 'ଧୁରନ୍ଧର ୨'ରେ ପୁଣିଥରେ ଅକ୍ଷୟଙ୍କୁ ଦେଖିବାକୁ ମିଳିବ ବୋଲି ଏବେ ଜଣାପଡ଼ିଛି। ଏହାର ପ୍ରଥମ ପାର୍ଟରେ ରଣବୀର ଅଣ୍ଡରକଭର ଏଜେଣ୍ଟ ହମ୍‌ଜା ଅଲୀ ମଜାରୀ ଭୂମିକାରେ ସିକ୍ୱେଲରେ ନଜର ଆସିବେ ବୋଲି ଦେଖାଯାଇଥିଲା। ତେବେ ସିକ୍ୱେଲରେ କେବଳ ରଣବୀରଙ୍କ କାହାଣୀ ନୁହେଁ; ରେହମାନ ଡକାୟତର ପୂର୍ବ କାହାଣୀ ଦେଖାଯିବ ବୋଲି ଜଣାପଡ଼ିଛି। 'ଧୁରନ୍ଧର ୨'କୁ ଅକ୍ଷୟ ଫେରିବା କଥା ଜାଣି ଦର୍ଶକ ମଧ୍ୟ ବେଶ୍ ଉତ୍ସାହିତ ଅଛନ୍ତି। ଏଥିରେ ଅକ୍ଷୟ ଓ ରଣବୀରଙ୍କ ସହ ଅର୍ଜୁନ୍ ରାମପାଲ, ଆର୍. ମାଧବନ୍, ସଞ୍ଜୟ ଦତ୍ତ ଓ ସାରା ଅର୍ଜୁନ୍ ପ୍ରମୁଖ ଦେଖାଯିବେ। ଏହା ୧୯ ମାର୍ଚ୍ଚରେ ପରଦାକୁ ଆସିବ।

## ପ୍ରାକୃତିକ ବିପର୍ଯ୍ୟୟର ମୁକାବିଲା କରିବ ସୁନାମି ୱାଲ୍




ଗଛ ଓ ମଣିଷର ସମ୍ପର୍କ ବେଶ୍ ନିବିଡ଼। ମଣିଷର ସୁସ୍ଥ, ନୀରୋଗ ଓ ସୁଖମୟ ଜୀବନଯାପନ ସାଙ୍ଗକୁ ତା'ର ସାମଗ୍ରିକ ବିକାଶ ପଛରେ ପ୍ରତ୍ୟକ୍ଷ ବା ପରୋକ୍ଷରେ ବୃକ୍ଷଲତାଗୁଡ଼ିକର ପ୍ରଚ୍ଛନ୍ନ ଭୂମିକା ରହିଛି। ହେଲେ ଗଛ ପ୍ରତି ମଣିଷ କିନ୍ତୁ ଚିରକାଳ ଅବହେଳା କରିଆସିଛି। ମଣିଷ ନିଜ ସ୍ୱାର୍ଥ ପାଇଁ ଜଙ୍ଗଲ କାଟି ସଫା କରି ଦେଉଛି। ଏହି କାରଣରୁ ମଣିଷ ଅନେକ ସମୟରେ ବନ୍ୟା, ବାତ୍ୟା, ମରୁଡ଼ି, ସୁନାମି ଭଳି ପ୍ରାକୃତିକ ବିପର୍ଯ୍ୟୟର ସମ୍ମୁଖୀନ ହେଉଛି। ତେବେ ପ୍ରକୃତି ଓ ପ୍ରାକୃତିକ ସମ୍ବଳ ନଷ୍ଟ ଯୋଗୁଁ ୨୦୧୧ ମସିହାରେ ଜାପାନ ଏକ ଭୟଙ୍କର ପ୍ରାକୃତିକ ବିପର୍ଯ୍ୟୟର ସାମ୍ନା କରିଥିଲା। ଏହି ସମୟରେ ଭୂମିକମ୍ପ ପରେ ସୁନାମି ଆସିଥିଲା। ମାର୍ଚ୍ଚ ୧୧ରେ ଜାପାନ ଉପକୂଳରେ ଆସିଥିବା ସୁନାମିରେ ପାଖାପାଖି ୧୮,୦୦୦ରୁ ଅଧିକ ଲୋକଙ୍କ ମୃତ୍ୟୁ ହୋଇଥିଲା। ବିଗତ ୧୫ ବର୍ଷ ମଧ୍ୟରେ ଜାପାନ ଏଭଳି ବିପର୍ଯ୍ୟୟର ସାମ୍ନା କରିବା ପାଇଁ ଚେଷ୍ଟା ଚଳାଇଛି। ଆଜି ଏହି ଦେଶ ସୁନାମି ଭଳି ପ୍ରାକୃତିକ ବିପର୍ଯ୍ୟୟର ମୁକାବିଲା ପାଇଁ ଏମିତି ଏକ ବ୍ୟବସ୍ଥା ବାହାର କରିଛି, ଯାହାକୁ ନେଇ ସାରା ବିଶ୍ୱରେ ଚର୍ଚ୍ଚା ହେଉଛି। ଜାପାନ ଏଥିପାଇଁ ୩୯୫ କିଲୋମିଟର ଏକ ସିମେଣ୍ଟର କାନ୍ଥ ନିର୍ମାଣ କରିଛି। ଏହାର ନାଁ 'ସୁନାମି ୱାଲ୍' ରଖାଯାଇଛି। ଏହି କାନ୍ଥଗୁଡ଼ିକ ୧୦ରୁ ୧୫ ମିଟର ଉଚ୍ଚା। ସୁନାମି ସମୟରେ ବଡ଼ ବଡ଼ ଢେଉଗୁଡ଼ିକ କାନ୍ଥରେ ବାଡ଼େଇ ହେବା ଦ୍ୱାରା ଏହାର ଶକ୍ତି ହ୍ରାସ ପାଉଛି। କେବଳ ସେତିକି ନୁହେଁ, କାନ୍ଥରେ ବାଡ଼େଇହେବା ପରେ ଏହି ସ୍ରୋତ ଢେଉଗୁଡ଼ିକୁ ନଦେ ଲକ୍ଷ ଗଛ ସହିତ ଧକ୍କା ଖାଇବାକୁ ମଧ୍ୟ ହେବ। ଏହି ଜୁଆର ଲୋକଙ୍କ ପାଖରେ ଯେତେବେଳେ ପହଞ୍ଚିବ, ସେତେବେଳେ ଏହାର ତୀବ୍ରତା ଅନେକ ପରିମାଣରେ ହ୍ରାସ ପାଇବ। ଏହାବାଦ୍ ଗଛ ଯୋଗୁଁ ଜାପାନର ଇକୋସିଷ୍ଟମ ମଧ୍ୟ ପୁଣିଥରେ ଟ୍ରାକ୍‌କୁ ଫେରିଆସୁଛି। ଜାପାନର ଏଭଳି ଏକ ପ୍ରୟାସ ଏବେ ଚର୍ଚ୍ଚା ସାଉଁଟିଛି।

## ବିଶ୍ୱାସରେ ଚାଲିଛି ଦୋକାନ



ଆଜିକାଲି ଅନେକ ସମୟରେ ଦିନ ଦ୍ୱିପ୍ରହରରେ ଦୋକାନରୁ ଲୁଟ୍ ହେବା କଥା ସାମ୍ନାକୁ ଆସୁଛି। ଏହି କ୍ରମରେ କେରଳର ପଥାନୁର ବ୍ରିକାରିପୁରସ୍ଥିତ ବାଏପାସ୍ ରୋଡ୍‌ରେ ଆଲିଚଳମ ବ୍ରିଜ୍ ନିକଟରେ ଥିବା ଏକ ଛୋଟ ଦୋକାନ ବିଷୟରେ ଜାଣି ଯେକେହି ବି ଆଶ୍ଚର୍ଯ୍ୟ ହେବେ। ଆଲିଚଳମ ନିବାସୀ ମୁସ୍ତଫୁଲିଲ ସୁଲେମାନ ଏହି ଦୋକାନର ଆରମ୍ଭ କରିଥିଲେ। ବିଦେଶରେ ରହି ଅନେକ ଦିନ କାମ କରିବା ପରେ ଗାଁକୁ ଆସି ସେ ଏହି ଦୋକାନଟିର ଆରମ୍ଭ କରିଥିଲେ। ଆଖପାଖରେ ରହୁଥିବା ଲୋକ ଓ ଯାତ୍ରୀଙ୍କ ଉଦ୍ଦେଶ୍ୟରେ ସେ ଏହି ଦୋକାନଟିକୁ ଖୋଲିଥିଲେ। ବିସ୍କୁଟ୍, ମିକ୍ସଚରଠାରୁ ଆରମ୍ଭ କରି ଷ୍ଟେସନାରି ଆଇଟମ୍ ସବୁକିଛି ଏଠାରେ ମିଳିଥାଏ। ପ୍ରତ୍ୟେକ ଜିନିଷ ଉପରେ ଏହାର ଦାମ୍ ଲେଖା ହୋଇଥାଏ। ଦୋକାନ ଭିତରେ ନା କ୍ୟାସ୍ କାଉଣ୍ଟର ଅଛି ନା ଏଠାରେ କେହି କ୍ୟାସିୟର ବସିଛନ୍ତି। ଟଙ୍କା ରଖିବା ପାଇଁ ଦୋକାନରେ ଗୋଟିଏ ବାକ୍ସ ଅଛି। ସେଥିରେ ଲୋକେ ଟଙ୍କା ରଖି ଦିଅନ୍ତି। ଡିଜିଟାଲ ପେମେଣ୍ଟ ପାଇଁ କ୍ୟୁଆର୍ କୋଡ୍ ଲାଗିଛି। ଯଦି କାହା ପାଖରେ ଟଙ୍କା ନାହିଁ ସେ ବାକିରେ ମଧ୍ୟ ନେଇ ପାରିବେ। ଦୋକାନରେ ସିସିଟିଭି କି ଜଗିବା ପାଇଁ ସିକ୍ୟୁରିଟି ଗାର୍ଡ ନ ଥିଲେ ବି ଏଯାବତ୍ ତାଙ୍କ ଦୋକାନରୁ ଚୋରି ହୋଇ ନାହିଁ। ସୁଲେମାନ ସକାଳୁ ଆସି ଖାଲି ହୋଇଥିବା ଜିନିଷ ଭର୍ତ୍ତି କରି ଦେଇ ଯାଆନ୍ତି। ରାତିରେ ଥରୁଟିଏ ଦେଖିବାକୁ ଆସିଥାନ୍ତି। ନିୟମିତ ୫୦୦୦ରୁ ୮୦୦୦ ଟଙ୍କା ମଧ୍ୟରେ ତାଙ୍କର ବିକ୍ରି ହୋଇଥାଏ। ତେବେ ଏହି ଦୋକାନଟି ଏହି କଥା ପ୍ରମାଣ କରୁଛି ଯେ, ଆଜିବି ଦୁନିଆରୁ ବିଶ୍ୱାସ ହଜିନାହିଁ।

## ମାଘ ସପ୍ତମୀ



**ସନାତନ ଧର୍ମୀୟ ଆଚରଣରେ ବୁଡ଼ର ଖୁବ୍ ମହତ୍ତ୍ୱ ରହିଛି। ଏଥିପାଇଁ ଗ୍ରହ ଓ ନକ୍ଷତ୍ରର ସ୍ଥିତି ବିଚାରରେ ତଥା ନିର୍ଦ୍ଦିଷ୍ଟ ତିଥିରେ ପବିତ୍ର ନଦୀରେ ଶ୍ରଦ୍ଧାଳୁମାନେ ସ୍ନାନ କରିଥାନ୍ତି। ବୁଡ଼ର ମାହାତ୍ମ୍ୟ ସମ୍ପର୍କରେ ପୁରାଣ ଶାସ୍ତ୍ରରେ ଅନେକ କଥା ବର୍ଣ୍ଣନା ରହିଛି। ବୁଡ଼ ଦ୍ୱାରା ପୁଣ୍ୟ ଅର୍ଜନ ହେଉଥିବା ବିଶ୍ୱାସ। କାହିଁ କେଉଁ କାଳରୁ ଏହି ପରମ୍ପରା ଚାଲି ଆସିଛି। ପବିତ୍ର ମାଘ ମାସରେ ପ୍ରୟାଗରାଜରେ ପ୍ରତିବର୍ଷ ହୋଇଥାଏ ମାଘ ମେଳା। ଆମ ରାଜ୍ୟରେ ମାଘ ସପ୍ତମୀରେ ଅର୍କକ୍ଷେତ୍ର କୋଣାର୍କର ଚନ୍ଦ୍ରଭାଗା ତୀର୍ଥରେ ଲକ୍ଷାଧିକ ଶ୍ରଦ୍ଧାଳୁ ବୁଡ଼ ପକାଇଥାନ୍ତି।**

ଏହିଦିନ ଚଳଚଞ୍ଚଳ ହୋଇଥାଏ ଅର୍କକ୍ଷେତ୍ର କୋଣାର୍କର ଚନ୍ଦ୍ରଭାଗା। ପ୍ରତିବର୍ଷ ଏହି ତିଥିରେ ହଜାର ହଜାର ଶ୍ରଦ୍ଧାଳୁ ମାଘ ମାସର ହାଡ଼ଭଙ୍ଗା ଶୀତକୁ ଖାତିର ନ କରି ବୁଡ଼ ପକାନ୍ତି। ମାଘ ସପ୍ତମୀରେ ବୁଡ଼ ପରମ୍ପରା ସେମିତି ଅବ୍ୟାହତ ଅଛି। କିମ୍ବଦନ୍ତୀ ଅନୁସାରେ, ମାଘ ଶୁକ୍ଳ ସପ୍ତମୀରେ ସୂର୍ଯ୍ୟଦେବ ଜନ୍ମଗ୍ରହଣ କରିଥିଲେ। ଏହିଦିନର ବିଶେଷତ୍ୱ ହେଉଛି ସ୍ନାନ ଓ ସୂର୍ଯ୍ୟ ଦର୍ଶନ। ସ୍ନାନ ପରେ ଶ୍ରଦ୍ଧାଳୁ ସୂର୍ଯ୍ୟଙ୍କୁ ଦର୍ଶନ କରନ୍ତି। ଦାନ ଧର୍ମ କରି ପୁଣ୍ୟ ଅର୍ଜନ କରିଥାନ୍ତି। କୁହାଯାଏ, ଏହିଦିନ ବୁଡ଼ ପକାଇଲେ ବିଭିନ୍ନ ରୋଗରୁ ଉପଶମ ଏବଂ ମାନସିକ ଶାନ୍ତି ମିଳିଥାଏ।

ଓଡ଼ିଶା ତଥା ପଡ଼ୋଶୀ ରାଜ୍ୟର ବିଭିନ୍ନ ଅଞ୍ଚଳରୁ ଆସିଥିବା ଲକ୍ଷ ଲକ୍ଷ ଭକ୍ତଙ୍କ ସମାଗମ ହୋଇଥାଏ। ସ୍ଥାନୀୟ ଅଞ୍ଚଳର ଆରାଧ୍ୟ ଠାକୁର ତ୍ରିବେଣୀଶ୍ୱର, ଐଶାନେଶ୍ୱର ଓ ଦକ୍ଷିଣେଶ୍ୱରଙ୍କ ମହାସ୍ନାନ ପରେ ଶ୍ରଦ୍ଧାଳୁମାନେ ଚନ୍ଦ୍ରଭାଗାରେ ବୁଡ଼ ପକାନ୍ତି। ଏହା ଚନ୍ଦ୍ରଭାଗା ଯାତ୍ରା ବା ଚନ୍ଦ୍ରଭାଗା ମେଳା ନାମରେ ପ୍ରସିଦ୍ଧ। କୁହାଯାଏ, ଏହିମେଳା ଉପଲକ୍ଷେ ପୂର୍ବେ କୋଣାର୍କ ସୂର୍ଯ୍ୟ ମନ୍ଦିରରେ ପ୍ରତିଷ୍ଠିତ ସୂର୍ଯ୍ୟ ଏବଂ ଚନ୍ଦ୍ର ଏକ ବିମାନରେ ଚନ୍ଦ୍ରଭାଗା ତୀର୍ଥକୁ ଯାତ୍ରା କରୁଥିଲେ। ଏହି ପ୍ରତିମାଙ୍କ ସହ କୋଣାର୍କର ଅଷ୍ଟଶମ୍ଭୁ ଓ ଅଷ୍ଟଚଣ୍ଡୀ ମଧ୍ୟ ଚନ୍ଦ୍ରଭାଗା ତୀର୍ଥକୁ ଯାତ୍ରା କରନ୍ତି। ସୂର୍ଯ୍ୟଦେବଙ୍କର ଏହି ରଥଯାତ୍ରା ଅତ୍ୟନ୍ତ ବିରଳ। ବ୍ରହ୍ମପୁରାଣରେ ଏହା 'ସୌର ଗୁଣ୍ଡିଚା' ନାଁରେ ଖ୍ୟାତି ଲାଭ କରିଛି। ସେହିପରି ଆହୁରି ଅନେକ ସ୍ଥଳୀରେ ସପ୍ତମୀ ବୁଡ଼ ଦେଇ ଶ୍ରଦ୍ଧାଳୁମାନେ ମହାପୁଣ୍ୟର ଅଧିକାରୀ ହୋଇଥାନ୍ତି।

ପରମ୍ପରା ଅନୁସାରେ, ଚନ୍ଦ୍ରଭାଗା ମେଳା ପଡ଼ିଆରେ ଷଷ୍ଠୀ ତିଥିରୁ ମହିଳାମାନେ ମେଳା ପଡ଼ିଆରେ ଶିବିର ପକାଇ ଥାନ୍ତି। ରାତିରେ ମାଟିହାଣ୍ଡିରେ ଖୁଆ ଡାଲମା, ଭାତ ରାନ୍ଧି ଏହାର କିଛି ଅଂଶକୁ ଅର୍କାସୁର ଉଦ୍ଦେଶ୍ୟରେ ସମର୍ପଣ କରିଥାନ୍ତି। ବଳକା ଅଂଶକୁ ନିଜେ ସେବନ କରନ୍ତି। ଏହାପରେ ମାଟିହାଣ୍ଡିକୁ ହାଣ୍ଡିଭଙ୍ଗା ପଡ଼ିଆରେ ଭାଙ୍ଗି ତୀର୍ଥ ପୁଷ୍କରିଣୀରେ ଭୋର ସମୟରେ ବୁଡ଼ ପକାଇ ସୂର୍ଯ୍ୟଦେବଙ୍କୁ ପୂଜା କରନ୍ତି। ଅନ୍ୟପକ୍ଷରେ ଏକାମ୍ରକ୍ଷେତ୍ରରେ ଏହି ଅବସରରେ ପ୍ରସିଦ୍ଧ ଖଣ୍ଡଗିରି କୁମ୍ଭମେଳା ବି ଆରମ୍ଭ ହୋଇଥାଏ। ସାଧୁସନ୍ଥମାନଙ୍କ ଉପସ୍ଥିତି ଏବଂ ଶ୍ରଦ୍ଧାଳୁଙ୍କ ଆଗମନରେ ଖଣ୍ଡଗିରି ଚଳଚଞ୍ଚଳ ହୋଇ ଉଠେ।

## ସ୍ୱସ୍ତି

## ବସନ୍ତ ପଞ୍ଚମୀ



ମାଘ ଶୁକ୍ଳ ପଞ୍ଚମୀକୁ 'ଶ୍ରୀ ପଞ୍ଚମୀ' ବା 'ବସନ୍ତ ପଞ୍ଚମୀ' ଭାବେ ପାଳନ କରାଯାଏ। ଏହା ହେଉଛି ବିଦ୍ୟା ଓ ସଙ୍ଗୀତର ଦେବୀ ମା' ସରସ୍ୱତୀଙ୍କର ଆରାଧନାର ଦିନ। ଏହିଦିନ ଦେବୀ ସରସ୍ୱତୀ ଆବିର୍ଭୂତ ହୋଇଥିବା ବିଶ୍ୱାସ ରହିଛି। ଏହି ଅବସରରେ ସରସ୍ୱତୀ ମା'ଙ୍କୁ ଭକ୍ତି ଓ ନିଷ୍ଠାର ସହ ପୂଜା କଲେ ବୁଦ୍ଧି ଓ ସଫଳତା ମିଳେ। ବିଦ୍ୟା ପ୍ରାପ୍ତି ତଥା ବିଦ୍ୟା ନିମିତ୍ତ ବିଦ୍ୟାର୍ଥୀମାନେ ମା' ବାଗ୍‌ଦେବୀଙ୍କର ବିଶେଷ ପୂଜା ଓ ଆରାଧନା କରିଥାନ୍ତି। ସୂର୍ଯ୍ୟୋଦୟ ପୂର୍ବରୁ ବିଦ୍ୟାର୍ଥୀମାନେ ସ୍ନାନ ସାରି ନୂଆ ବସ୍ତ୍ର ପରିଧାନ କରନ୍ତି। ନିଜ ନିଜ ଶିକ୍ଷାନୁଷ୍ଠାନରେ ଭକ୍ତି ପୁଷ୍ପାଞ୍ଜଳି ଦେଇଥାନ୍ତି। ସଙ୍ଗୀତଶିଳ୍ପୀମାନେ ମଧ୍ୟ ଦେବୀ ବୀଣାପାଣିଙ୍କ ପୂଜାର୍ଚ୍ଚନା କରିଥାନ୍ତି। ତା'ସହ ସରସ୍ୱତୀ ଯନ୍ତ୍ର ବି ପୂଜା କରାଯାଏ। ସରସ୍ୱତୀ ସ୍ତୋତ୍ର ପାଠ କରି ବିଦ୍ୟାର୍ଥୀମାନେ ପରୀକ୍ଷାରେ ସଫଳତା କାମନା କରିଥାନ୍ତି। ଏହାଛଡ଼ା ଏହି ଅବସରରେ ଛୋଟ ଛୋଟ ପିଲାମାନେ ବାଗ୍‌ଦେବୀଙ୍କ ଆଗରେ 'ଖଡ଼ିଛୁଆଁ' କରି ବିଦ୍ୟାରମ୍ଭ କରିଥାନ୍ତି। ଜାନୁଆରୀ ୨୩ ତାରିଖରେ ବସନ୍ତ ପଞ୍ଚମୀ ପାଳନ କରାଯିବ।

## ଘରର କେଉଁ ସ୍ଥାନକୁ ଅପରିଷ୍କାର ରଖିବେ ନାହିଁ

**ବାସ୍ତୁ ଶାସ୍ତ୍ର ଅନୁସାରେ, ମାତା ଲକ୍ଷ୍ମୀ ପରିଷ୍କାର ପରିବେଶ ତଥା ଘରେ ବାସ କରନ୍ତି। ତେଣୁ ଘରକୁ ସଫାସୁତୁରା ରଖିବା ଉପରେ ବିଶେଷ ଧ୍ୟାନ ଦିଆଯାଏ। ସେହିପରି ଅଳିଆ ଆବର୍ଜନା ଘରର ଶକ୍ତି ଉପରେ ନକାରାତ୍ମକ ପ୍ରଭାବ ପକାଏ। ବିଶେଷକରି ଏହାର ସିଧା ପ୍ରଭାବ ଘରର ପରିବେଶ, ସ୍ୱାସ୍ଥ୍ୟ, ମାନସିକ ଶାନ୍ତି ଏବଂ ଆର୍ଥିକ ସମୃଦ୍ଧି ଉପରେ ପଡ଼ିଥାଏ। ତେବେ ଘରର କେଉଁ ସ୍ଥାନକୁ ଅପରିଷ୍କାର ରଖିବା ଅନୁଚିତ, ସେ ସମ୍ପର୍କରେ ଜାଣିବା।**



- ସକାରାତ୍ମକ ଶକ୍ତିର ମୁଖ୍ୟ ଉତ୍ସ ହେଉଛି ଘରର ମୁଖ୍ୟ ଦ୍ୱାର। ଯଦି ଏହି ସ୍ଥାନ ଅଳିଆ ଆବର୍ଜନାରେ ଭର୍ତ୍ତି ରହିବ ଏବଂ ଜୋତା ଚପଲ ଏଣେତେଣେ ପଡ଼ି ରହିଲେ, ନକାରାତ୍ମକ ଶକ୍ତିର ପ୍ରବେଶ ବଢ଼େ।
- ରୋଷେଇ ଘରକୁ ସ୍ୱାସ୍ଥ୍ୟ ଏବଂ ସମୃଦ୍ଧିର କେନ୍ଦ୍ର ବୋଲି ବିବେଚନା କରାଯାଏ। ଏହି ସ୍ଥାନ ଅଳିଆ ହେଲେ ଅଗ୍ନି ତତ୍ତ୍ୱ ଦୁର୍ବଳ ହୋଇଥାଏ। ଏହା ଦ୍ୱାରା ଆର୍ଥିକ ସମସ୍ୟା ଉତ୍ପନ୍ନ ହୋଇପାରେ।
- ଘରର ପୂଜା ସ୍ଥାନ ଆଧ୍ୟାତ୍ମିକ ଶକ୍ତିର କେନ୍ଦ୍ର। ତେଣୁ ଏହି ସ୍ଥାନ ଅପରିଷ୍କାର ରହିବାକୁ ଅଶୁଭ ବୋଲି କୁହାଯାଏ। ମନରେ ଅଶାନ୍ତି ସୃଷ୍ଟି ହୁଏ।
- ବାସ୍ତୁ ଅନୁସାରେ, ବାଥରୁମ୍ ଅପରିଷ୍କାର ରହିଲେ ସ୍ୱାସ୍ଥ୍ୟ ସମସ୍ୟା ଏବଂ ମାନସିକ ଚିନ୍ତା ବଢ଼େ। ତେଣୁ ଏହାକୁ ପ୍ରତିଦିନ ସଫା ରଖିବା ଉଚିତ।
- ସେହିପରି ଘରର ଉତ୍ତର-ପୂର୍ବ ଦିଗକୁ ଅପରିଷ୍କାର ରଖିବା ବାସ୍ତୁ ସମ୍ମତ ନୁହେଁ।
- ଅନ୍ୟପଟେ ଶୋଇବା ଘରକୁ ସଫା ରଖିବା ଖୁବ୍ ଜରୁରି। ଏହି ସ୍ଥାନ ଅବ୍ୟବସ୍ଥିତ ତଥା ଅପରିଷ୍କାର ରହିଲେ ସକାରାତ୍ମକ ଶକ୍ତି ପ୍ରଭାବିତ ହୁଏ।

## ନବରତ୍ନର ନିୟମ

**ନଅଟି ବିଶେଷ**

ରତ୍ନର ସମୂହ ହେଉଛି ନବରତ୍ନ। ମାଣିକ, ମୋତି, ମୁଙ୍ଗା, ପନ୍ନା, ପୋଖରାଜ, ହୀରା, ନୀଲମ, ଗୋମେଦ, ଲହସୁନିଆ ରତ୍ନ ଯେତେବେଳେ ଏକ ସଙ୍ଗରେ ମିଶେ, ଏହା ଏକ ଶକ୍ତିଶାଳୀ ସୁରକ୍ଷା କବଚ ଭଳି କାମ କରିଥାଏ। ଏହି ରତ୍ନ ମନକୁ ଶାନ୍ତ ଓ ଚିନ୍ତାକୁ କମ୍ କରିବାରେ ସାହାଯ୍ୟ କରେ। କୁହାଯାଏ, ନବରତ୍ନକୁ ଧାରଣ କରିବା ଦ୍ୱାରା କ୍ୟାରିୟର ତଥା ବ୍ୟବସାୟର ବାଧା ଦୂର ହୁଏ। ସେହିପରି ନବରତ୍ନର ପ୍ରଭାବ ଦ୍ୱାରା ସାମାଜିକ ଓ ପାରିବାରିକ ସମ୍ବନ୍ଧରେ ମଧୁରତା ଆସେ।



**ନିୟମ**

- ସବୁ ରାଶି ପାଇଁ ନବରତ୍ନ ଶୁଭ ଫଳ ପ୍ରଦାନ କରେ ନାହିଁ।
- ତେଣୁ ଏହାକୁ ଧାରଣ କରିବା ପୂର୍ବରୁ ଜ୍ୟୋତିର୍ବିଦଙ୍କ ପରାମର୍ଶ ନେବା ଜରୁରି।
- ରତ୍ନ ଧାରଣ ପୂର୍ବରୁ ଏହାକୁ ଶୁଦ୍ଧିକରଣ କରିବା ଦରକାର।
- ରତ୍ନର ପ୍ରଭାବକୁ ବଜାୟ ରଖିବା ଲାଗି ଏହାକୁ ଗଙ୍ଗାଜଳ ଏବଂ କଞ୍ଚା କ୍ଷୀରରେ ଶୁଦ୍ଧ କରନ୍ତୁ।
- ନବରତ୍ନ ଧାରଣ କରୁଥିଲେ ଏହାକୁ ଅନ୍ୟ କାହାକୁ ଦିଅନ୍ତୁ ନାହିଁ।
- ତେବେ ନବରତ୍ନ ଯେଭଳି ଭାଙ୍ଗି ନ ଥିବ ଧ୍ୟାନ ଦେବେ। କାରଣ ଖଣ୍ଡିତ ରତ୍ନ ଅଶୁଭ ଫଳ ପ୍ରଦାନ କରେ।

## ମିଚେଲ ଓ ଫିଲିପ୍ସଙ୍କ ଆଗରେ ଫିକା ପଡ଼ିଲା କୋହଲିଙ୍କ ୫୪ତମ ଦିନିକିଆ ଶତକ

# ନ୍ୟୁଜିଲାଣ୍ଡର ଐତିହାସିକ ସିରିଜ୍ ବିଜୟ



**ଇନ୍ଦୋର,୧୮।୧(ଏଜେନ୍ସି):** ଭାରତକୁ ୭ଥର ଟୁର୍‌ରେ ନ୍ୟୁଜିଲାଣ୍ଡ ଦଳ ଯାହା କରି ପାରି ନ ଥିଲା ମାଇକେଲ୍ ବ୍ରେସ୍‌ୱେଲଙ୍କ ନେତୃତ୍ୱରେ ଗଠିତ ବି' ଦଳ ୮ମ ଟୁର୍‌ରେ ତାହା କରି ଦେଖାଇଛି। ଏଠାରେ ଆଜି ଖେଳାଯାଇଥିବା ତୃତୀୟ ତଥା ଶେଷ ଦିନିକିଆ ମ୍ୟାଚ୍‌ରେ ଭ୍ରମଣକାରୀ ନ୍ୟୁଜିଲାଣ୍ଡ ୪୧ ରନ୍‌ରେ ଭାରତକୁ ପରାସ୍ତ କରିଛି। ଏହା ଫଳରେ ନ୍ୟୁଜିଲାଣ୍ଡ ୨-୧ ବ୍ୟବଧାନରେ ଐତିହାସିକ ସିରିଜ୍ ବିଜୟ ହାସଲ କରିଛି। ଏଠାରେ ଡାରିଲ ମିଚେଲ କ୍ରମାଗତ ଦ୍ୱିତୀୟ ଶତକ ସହ ୧୩୧ ବଲ୍‌ରେ ୧୩୭ ଓ ଗ୍ଲେନ୍ ଫିଲିପ୍ସ ୮୮ ବଲ୍‌ରେ ୧୦୬ ରନ୍ କରିଥିଲେ। ଏମାନେ ଚତୁର୍ଥ ୱିକେଟ ପାର୍ଟନରସିପ୍‌ରୁ ୨୧୯ ରନ୍ କରିବା ଫଳରେ ପ୍ରଥମେ ବ୍ୟାଟିଂ କରି ନ୍ୟୁଜିଲାଣ୍ଡ ନିର୍ଦ୍ଧାରିତ ୫୦ ଓଭରରେ ୮ ୱିକେଟ ହରାଇ ୩୩୭ ରନ୍ ସଂଗ୍ରହ କରିଥିଲା। ଜବାବରେ ଭାରତ ବିରାଟ କୋହଲି (୧୨୪ରନ୍, ୧୦୮ବଲ୍, ୧୦ ଚୌକା, ୩ଛକା)ଙ୍କ ୫୪ତମ ଦିନିକିଆ ଶତକ ସତ୍ତ୍ୱେ ଦଳ ୪୬ ଓଭରରେ ୨୯୬ ରନ୍ କରି ଅଲ୍‌ଆଉଟ ହୋଇଯାଇଥିଲା। ଦଳ ୭୧ ରନ୍‌ରେ ୪ ୱିକେଟ ହରାଇ ବିପଦରେ ପଡ଼ିଥିଲାବେଳେ ବିରାଟ କୋହଲି ଓ ନୀତୀଶ କୁମାର ରେଡ୍ଡୀ ୫ମ ୱିକେଟରେ ୮୮, କୋହଲି ଓ ହର୍ଷିତ ରାଣା ୭ମ ୱିକେଟରେ ୯୯ ରନ୍ ଉଠାଇ ଭାରତ ଲାଗି କିଛିଟା ଆଶା ସଞ୍ଚାର କରିଥିଲେ। ରେଡ୍ଡୀ ୫୭ବଲ୍‌ରେ ୫୩ ଓ ରାଣା ୪୩ ବଲ୍‌ରେ ୫୨ ରନ୍ କରି ପ୍ରଥମ ଅର୍ଦ୍ଧଶତକ ହାସଲ କରିଥିଲେ। କିନ୍ତୁ ୩ଜଣଯାକ ଖେଳାଳି ବଡ଼ ସଟ୍ ଖେଳିବାକୁ ଯାଇ ଆଉଟ ହୋଇଥିଲେ। ଯାହା ଫଳରେ ଘରୋଇ ମାଟିରେ ଭାରତକୁ ପ୍ରଥମଥର ନ୍ୟୁଜିଲାଣ୍ଡ ନିକଟରୁ ଦିନିକିଆ ସିରିଜ୍‌ରେ ପରାଜିତ ହେବାକୁ ପଡ଼ିଛି। ବିଜୟୀ ନ୍ୟୁଜିଲାଣ୍ଡ ପକ୍ଷରୁ କ୍ରିଷ୍ଟିଆନ୍ କ୍ଲାର୍କ ଓ ଜାକାରୀ ଫୋକ୍ସ ୩ଟି ଲେଖାଏଁ, ଜେଡେନ ଲେନ୍ନକ୍ସ ୨ଟି ୱିକେଟ ଅକ୍ତିଆର କରିଥିଲେ। ଏହା ପରେ ଜାନୁଆରୀ ୨୧ରୁ ଦୁଇ ଦେଶ ମଧ୍ୟରେ ୫ ମ୍ୟାଚ୍ ବିଶିଷ୍ଟ ଟି-୨୦ ସିରିଜ୍ ଖେଳାଯିବ।

### ମିଚେଲ-ଫିଲିପ୍ସଙ୍କ ଦ୍ୱିଶତକୀୟ ଭାଗୀଦାରି

ତୃତୀୟ ତଥା ନିର୍ଣ୍ଣାୟକ ମ୍ୟାଚ୍‌ରେ ଭାରତୀୟ ଅଧିନାୟକ ଶୁବମନ ଗିଲ ଗୁରୁତ୍ୱପୂର୍ଣ୍ଣ ଟସ୍ ଜିତିବା ପରେ ନ୍ୟୁଜିଲାଣ୍ଡକୁ ପ୍ରଥମେ ବ୍ୟାଟିଂ କରିବାକୁ ସୁଯୋଗ ଦେଇଥିଲେ। ଭ୍ରମଣକାରୀ ଦଳର ଓପନର ହେନେରୀ ନିକୋଲସ୍‌ଙ୍କୁ ପ୍ରଥମ ଓଭରରେ ଅର୍ଶଦୀପ ଓ ଡେଭନ କନୱେଙ୍କୁ ଦ୍ୱିତୀୟ ଓଭରରେ ହର୍ଷିତ ରାଣା ଆଉଟ କରି ଭାରତକୁ ଭଲ ଆରମ୍ଭ ଦେଇଥିଲେ। ଦଳୀୟ ସ୍କୋର ୫୮ ରନ୍‌ରେ ୱିଲ ୟଙ୍ଗ ତୃତୀୟ ଖେଳାଳି ଭାବେ ଆଉଟ ହୋଇଥିଲେ। ଏହା ପରେ ଡାରିଲ ମିଚେଲ ଓ ଗ୍ଲେନ୍ ଫିଲିପ୍ସଙ୍କ ମଧ୍ୟରେ ଆରମ୍ଭ ହୋଇଥିଲା ମାରାଥନ ଭାଗୀଦାରି। ଏମାନେ ଭାରତୀୟ ବୋଲରଙ୍କୁ କୌଣସି ସୁଯୋଗ ନ ଦେଇ ଚତୁର୍ଥ ୱିକେଟରେ ୧୮୬ ବଲ୍ ଖେଳି ୨୧୯ ରନ୍ ସଂଗ୍ରହ କରିଥିଲେ। ଏହି ଭାଗୀଦାରି ବଳରେ ମ୍ୟାଚ୍‌ରୁ ଭାରତର କବ୍‌ଜା ହାତଛଡ଼ା ହୋଇଯାଇଥିଲା। ଚଳିତ ସିରିଜ୍‌ରେ କ୍ରମାଗତ ଶତକ ହାସଲ କରିଥିବା ମିଚେଲ ୧୩୧ ବଲ୍ ଖେଳି ୧୫ ଚୌକା ଓ ୩ ଛକା ସହ ୧୩୭ ଓ ଫିଲିପ୍ସ ୮୮ ବଲ୍‌ରୁ ୯ ଚୌକା ଓ ୩ ଛକା ସହ ୧୦୬ ରନ୍ କରିଥିଲେ। ଏହି ସିରିଜ୍‌ରେ ମିଚେଲ ୩୫୨ ରନ୍ ଉଠାଇ ଜବରଦସ୍ତ ଫର୍ମରେ ରହିଛନ୍ତି। ଉଭୟ ଖେଳାଳି ୭ ରନ୍ ବ୍ୟବଧାନରେ ଆଉଟ ହୋଇଥିଲାବେଳେ ଅନ୍ୟ କେହି ଭଲ ସ୍କୋର କରି ନ ଥିଲେ। କେବଳ ଅଧିନାୟକ ମାଇକେଲ ବ୍ରେସ୍‌ୱେଲ ୧୮ ବଲ୍‌ରୁ ୧ ଚୌକା ଓ ୩ ଛକା ସହାୟତାରେ ଅପରାଜିତ ରହି ୨୮ ରନ୍ କରିଥିଲେ।

ଭାରତ ପକ୍ଷରୁ ସିରିଜ୍‌ର ପ୍ରଥମ ମ୍ୟାଚ୍ ଖେଳିଥିବା ଫାଷ୍ଟ ବୋଲର ଅର୍ଶଦୀପ ସିଂହ ଓ ହର୍ଷିତ ରାଣା ୩ଟି ଲେଖାଏଁ ୱିକେଟ ନେଇଥିଲେ। ୧୦ ଓଭରରେ ରାଣା ୮୪ ଓ ଅର୍ଶଦୀପ ୬୩ ରନ୍ ବ୍ୟୟ କରିଥିଲେ। କ୍ୟାରିୟରର ପ୍ରଥମ ୧୪ଟି ମ୍ୟାଚ୍‌ରୁ ରାଣା ୨୬ଟି ୱିକେଟ ଅକ୍ତିଆର କରିଛନ୍ତି ସତ, କିନ୍ତୁ ଏଥିଲାଗି ତାଙ୍କୁ ହାରାହାରି ୨୮ ରନ୍ ଓ ଓଭର ପ୍ରତି ୬ରୁ ଅଧିକ ରନ୍ ବ୍ୟୟ କରିଛନ୍ତି।

**ଟି-୨୦ ସିରିଜ୍ ସୂଚୀ**

| ତାରିଖ | ମ୍ୟାଚ୍ | ଭେନ୍ୟୁ |
|---|---|---|
| ୨୧।୧ | ପ୍ରଥମ ଟି- ୨୦ | ନାଗପୁର |
| ୨୩।୧ | ଦ୍ୱିତୀୟ ଟି-୨୦ | ରାୟପୁର |
| ୨୫।୧ | ତୃତୀୟ ଟି-୨୦ | ଗୁଆହାଟୀ |
| ୨୮।୧ | ଚତୁର୍ଥ ଟି-୨୦ | ବିଶାଖାପାଟଣା |
| ୩୧।୧ | ପଞ୍ଚମ ଟି-୨୦ | ତିରୁଅନନ୍ତପୁରମ |

**ସଂକ୍ଷିପ୍ତ ସ୍କୋର**

**ନ୍ୟୁଜିଲାଣ୍ଡ: ୩୩୭/୮,** ୫୦ ଓଭର (ଡାରିଲ ମିଚେଲ-୧୩୭, ଗ୍ଲେନ୍ ଫିଲିପ୍ସ-୧୦୬, ଅର୍ଶଦୀପ ସିଂହ-୩/୬୩, ହର୍ଷିତ ରାଣା-୩/୮୪)।

**ଭାରତ- ୨୯୬/୧୦,** ୪୬ ଓଭର (କୋହଲି- ୧୨୪, ନୀତୀଶ- ୫୩, ହର୍ଷିତ- ୫୨, ଗିଲ୍- ୨୩, ରୋହିତ- ୧୧, ଆୟାର- ୩, ରାହୁଲ- ୧, ଜାଡେଜା- ୧୨, କ୍ଲାର୍କ- ୩/୫୪, ଫୋକସ୍- ୩/୭୭)।

---

## ● ବିଜୟ ହଜାରେ ଟ୍ରଫିରେ ତାଇଡ଼େଙ୍କ ଶତକ

# ବିଦର୍ଭଙ୍କୁ ପ୍ରଥମ ଟାଇଟଲ୍

**ବେଙ୍ଗାଲୁରୁ, ୧୮।୧(ଏଜେନ୍ସି):** ସୌରାଷ୍ଟ୍ରକୁ ୩୮ ରନ୍‌ରେ ହରାଇ ବିଦର୍ଭ ଜାତୀୟ ଦିନିକିଆ କ୍ରିକେଟ ପ୍ରତିଯୋଗିତା ବିଜୟ ହଜାରେ ଟ୍ରଫିରେ ଚାମ୍ପିଅନ ଆଖ୍ୟା ଅର୍ଜନ କରିଛି। ଗତଥର କର୍ଣ୍ଣାଟକ ନିକଟରୁ ଫାଇନାଲରେ ପରାଜିତ ହୋଇ ରନର୍ସଅପ୍‌ରେ ସନ୍ତୁଷ୍ଟ ରହିଥିବା ବିଦର୍ଭ ପ୍ରଥମଥର ସୀମିତ ଓଭର ଫର୍ମାଟରେ ଟାଇଟଲ ଆଖ୍ୟା ଅର୍ଜନ କରିଛି। ଫାଇନାଲ ମ୍ୟାଚ୍‌ରେ ୧୧୮ଟି ବଲ୍‌ରୁ ୧୫ ଚୌକା ଓ ୩ଛକା ସହ ୧୨୮ ରନ୍ କରିଥିବା ବିଦର୍ଭ ଓପନର ଅଥର୍ବ ତାଇଡ଼େଙ୍କୁ ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଛି। ସେହିପରି ବିଦର୍ଭର ଅନ୍ୟତମ ଯୁବ ଓପନର ଅମନ ମୋଖାଡ଼େଙ୍କୁ ଟୁର୍ଣ୍ଣାମେଣ୍ଟର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଛି। ମୋଖାଡେ ୧୦ଟି ମ୍ୟାଚ୍‌ରୁ ୯୦.୪୪ ହାରରେ ୫ଟି ଶତକ ଓ ଗୋଟିଏ ଅର୍ଦ୍ଧଶତକ ସହ ସର୍ବାଧିକ ୮୧୪ ରନ୍ କରିଥିଲେ। ସୌରାଷ୍ଟ୍ରର ବାମହାତୀ ମିଡିୟମ୍ ପେସର ଅଙ୍କୁର ପାନୱାର ଟୁର୍ଣ୍ଣାମେଣ୍ଟରେ ସର୍ବାଧିକ ୨୫ଟି ୱିକେଟ ନେଇଛନ୍ତି। ଏଠାରେ ଆଜି ଖେଳାଯାଇଥିବା ଫାଇନାଲରେ ତାଇଡ଼େଙ୍କ ଶତକ, ଯଶ ରାଠୋରଙ୍କ ୫୪ ଓ ଅମନ ମୋଖାଡେଙ୍କ ୩୩ ରନ୍ ସହାୟତାରେ ପ୍ରଥମେ ବ୍ୟାଟିଂ କରି ବିଦର୍ଭ ୮ ୱିକେଟରେ ୩୧୭ ରନ୍ କରିଥିଲା। ପ୍ରତିପକ୍ଷ ଦଳର ଅଙ୍କୁର ପାନୱାରଙ୍କୁ ସର୍ବାଧିକ ୪ଟି, ଚେତନ ସାକାରିଆ ଓ ଚିରାଗ ଜାନିଙ୍କୁ ୨ଟି ଲେଖାଏଁ ୱିକେଟ ମିଳିଥିଲା। ଜବାବରେ ସୌରାଷ୍ଟ୍ର ୪୮.୫ ଓଭରରେ ୨୭୯ ରନ୍ କରି ଅଲ୍‌ଆଉଟ ହୋଇଯାଇଥିଲା। ଦଳ ପକ୍ଷରୁ ପ୍ରେରକ ମଙ୍କଡ ସର୍ବାଧିକ ୮୮ ଓ ଚିରାଗ ଜାନିଙ୍କ ୬୪ରନ୍ କିଛି କାମ ଦେଇ ନ ଥିଲା। ବିଜୟୀ ବିଦର୍ଭର ଯଶ ଠାକୁର ୪ଟି, ନଚିକେତ ଭୁତେ ୩ଟି ଓ ଦର୍ଶନ ନାଲକାଣ୍ଡେ ୨ଟି ୱିକେଟ ପାଇଥିଲେ।

## ■ ୧୯ ବର୍ଷରୁ କମ୍ ବିଶ୍ୱକପ୍

# ବିପର୍ଯ୍ୟୟ ଘଟାଇଲା ଆଫଗାନିସ୍ତାନ

**ୱିଣ୍ଡହୋକ,୧୮।୧(ଏଜେନ୍ସି):** ନାମିବ୍ୟାରେ ଚାଲିଥିବା ୧୯ ବର୍ଷରୁ କମ୍ ଦିନିକିଆ ବିଶ୍ୱକପ୍‌ରେ ଏସୀୟ ଦେଶ ଆଫଗାନିସ୍ତାନ ଆଉ ଏକ ବଡ଼ ବିପର୍ଯ୍ୟୟ ଘଟାଇଛି। ରବିବାର ଅନୁଷ୍ଠିତ ଗ୍ରୁପ୍-ଡି'ର ଏକ ମ୍ୟାଚରେ ଆଫଗାନିସ୍ତାନ ୧୩୮ ରନରେ ୨୦୧୬ ବିଜେତା ୱେଷ୍ଟଇଣ୍ଡିଜକୁ ହରାଇଦେଇଛି। ଓସମାନ ସାଦତ (୮୮ ରନ) ଓ ଅଧିନାୟକ ମହବୁବ ଖାନ (୮୬)ଙ୍କ ଅର୍ଦ୍ଧଶତକ ବଳରେ ଆଫଗାନିସ୍ତାନ ୫୦ ଓଭରରେ ୬ ୱିକେଟ ହରାଇ ୨୬୨ ରନ କରିଥିଲା। ଜବାବରେ ୱେଷ୍ଟଇଣ୍ଡିଜ ୩୩.୨ ଓଭରରେ ୧୨୪ ରନ କରି ଅଲ୍‌ଆଉଟ୍ ହୋଇଯାଇଥିଲା। ଆଫଗାନିସ୍ତାନ ଏଥିପୂର୍ବରୁ ପ୍ରଥମ ମ୍ୟାଚରେ ୨୮ ରନରେ ୨୦୧୪ ସଂସ୍କରଣ ବିଜେତା ଦକ୍ଷିଣ ଆଫ୍ରିକାକୁ ହରାଇ ବିପର୍ଯ୍ୟୟ ଘଟାଇଥିଲା। ଆଫଗାନିସ୍ତାନ ଏବେ ୨ ମ୍ୟାଚରୁ ୪ ପଏଣ୍ଟ ପାଇ ଗ୍ରୁପ୍-ଡି ଶୀର୍ଷରେ ରହିଛି। ଭାରତ ଯୁବ ଦଳ ମଧ୍ୟ ୨ଟି ମ୍ୟାଚରୁ ୪ ପଏଣ୍ଟ ପାଇ ଗ୍ରୁପ୍-ବି'ରେ ଏକ ନମ୍ବର ସ୍ଥାନ ହାସଲ କରିଛି।

# ଫାଓ ଏକାଡେମୀର ସହଜ ବିଜୟ

**କଟକ,୧୮।୧(ସମିସ):** ବୋକାରୋ ଷ୍ଟିଲ୍ ସିଟିରେ ରବିବାର ଠାରୁ ଏଆଇଏଫଏଫ ୟୁଥ୍ ଲିଗ୍ ଆରମ୍ଭ ହୋଇଛି। ପ୍ରଥମ ମ୍ୟାଚ୍‌ରେ ଫାଓ ଏକାଡେମୀ ୭-୦ ଗୋଲରେ ସେଲ୍ ଫୁଟବଲ ଏକାଡେମୀକୁ ପରାସ୍ତ କରିଛି। ପ୍ରଥମାର୍ଦ୍ଧରେ ଫାଓ ପକ୍ଷରୁ ଦୁଇଟି ଗୋଲ ହୋଇଥିଲା। ଫରୱାର୍ଡ ମିଥୁନ ସାନ୍ତା ୪ର୍ଥ ଏବଂ ୩୩ତମ ମିନିଟରେ ଗୋଟିଏ ଲେଖାଏ ଗୋଲ ସ୍କୋର କରି ଦଳକୁ ଅଗ୍ରଣୀ ପ୍ରଦାନ କରିଥିଲେ। ଦ୍ୱିତୀୟାର୍ଦ୍ଧରେ ଦଳ ୫ଟି ଗୋଲ ସ୍କୋର କରି ସହଜ ବିଜୟ ହାସଲ କରିଥିବା ବେଳେ ଆକାଶ ସାହୁ ୪ଟି ଓ ମୋହନ ଗୁଣ୍ଡ ଗୋଟିଏ ଗୋଲ ଦେଇଥିଲେ।

## ■ ଜାତୀୟ ଶକ୍ତିଉତ୍ତୋଳନ ଚାମ୍ପିଅନ୍‌ସିପ୍

# ପ୍ରଥମ ଦିନରେ ଓଡ଼ିଶାକୁ ୨ ପଦକ





**ଭୁବନେଶ୍ୱର,୧୮।୧ (ସମିସ):** ଉତ୍ତରାଖଣ୍ଡର ଆରମ୍ଭ ହୋଇଥିବା ଜାତୀୟ ଶକ୍ତିଉତ୍ତୋଳନ ଚାମ୍ପିଅନସିପ୍‌ର ପ୍ରଥମ ଦିନରେ ଓଡ଼ିଶାକୁ ୨ଟି ପଦକ ମିଳିଛି। ଜୁନିଅର ପୁରୁଷ ୫୯ କିଲୋଗ୍ରାମ୍ ଶ୍ରେଣୀରେ ଶ୍ୟାମ ମାରାଣ୍ଡି କାଂସ୍ୟ ପଦକ ବିଜୟ ହାସଲ କରିଛନ୍ତି। ସେହିପରି ସବ୍‌ଜୁନିଅର ୫୫ କିଲୋଗ୍ରାମ୍ ଶ୍ରେଣୀରେ ସରୋଜିନୀ ପରିଡ଼ା କାଂସ୍ୟ ପଦକ ହାସଲ କରିଛନ୍ତି। ପାରା ସ୍ପୋର୍ଟ୍ସ ଆସୋସିଏସନ ଉଭୟ ପ୍ରତିଯୋଗୀଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

---

## ରାଜ୍ୟ ଲନ୍‌ବଲ ଚାମ୍ପିଅନସିପ୍ ଉଦ୍‌ଯାପିତ

# ବଲାଙ୍ଗିରକୁ ହ୍ୟାଟ୍ରିକ୍ ଟାଇଟଲ

**ଭୁବନେଶ୍ୱର,୧୮।୧(ସମିସ):** ରାଜ୍ୟ ଲନ୍‌ବଲ ପ୍ରତିଯୋଗିତାର ତୃତୀୟ ସଂସ୍କରଣ ଆଜି ଉଦ୍‌ଯାପିତ ହୋଇଛି। ଆୟୋଜକ ବଲାଙ୍ଗିର ଜିଲ୍ଲା କ୍ରମାଗତ ତୃତୀୟଥର ସକାଶେ ଦଳଗତ ଚାମ୍ପିଅନ ହେବା ସହ ହ୍ୟାଟ୍ରିକ୍ ଟାଇଟଲ ଜିତିନେଇଛି। ଏହି ପ୍ରତିଯୋଗିତାର ବରିଷ୍ଠ ବିଭାଗରେ ୫ ସ୍ୱର୍ଣ୍ଣ, ୨ ରୌପ୍ୟ ଓ ୧ କାଂସ୍ୟ ପଦକ ହାସଲ କରିଥିଲା। ସେହିପରି ୨୫ ବର୍ଷରୁ କମ୍ ପୁରୁଷ ବିଭାଗରେ ସ୍ୱର୍ଣ୍ଣ ଓ ମହିଳା ବିଭାଗରେ କାଂସ୍ୟ ପଦକ ହାସଲ କରି ସର୍ବାଧିକ ପଏଣ୍ଟ ସହ ଦଳଗତ ଟାଇଟଲ କବ୍‌ଜା କରିଥିଲା। ବଲାଙ୍ଗିରକୁ କଡ଼ା ଚ୍ୟାଲେଞ୍ଜ ଦେଇଥିବା ସମ୍ବଲପୁର ଜିଲ୍ଲା ରନର୍ସଅପ୍ ହୋଇଛି। ସମ୍ବଲପୁର ବରିଷ୍ଠ ବିଭାଗରେ ଗୋଟିଏ ସ୍ୱର୍ଣ୍ଣ, ୩ଟି ରୌପ୍ୟ ଓ ଗୋଟିଏ କାଂସ୍ୟ ପଦକ ହାସଲ କରିଛି। ସେହିପରି ୨୫ ବର୍ଷରୁ କମ୍ ମହିଳା ବିଭାଗରେ ଗୋଟିଏ ସ୍ୱର୍ଣ୍ଣ ହାସଲ କରିବା ଫଳରେ ରନର୍ସଅପ୍‌ରେ ସନ୍ତୁଷ୍ଟ ହୋଇଛି। ଖେଳଶେଷରେ ଆୟୋଜିତ ଉଦ୍‌ଯାପନୀ ସମାରୋହରେ ବଲାଙ୍ଗିର



ଅତିରିକ୍ତ ଜିଲ୍ଲାପାଳ ଡ. ବିଜୟାନନ୍ଦ ସେଠୀ, ଉପଜିଲ୍ଲାପାଳ ଆଲୋକ କୁମାର ପଟେଲ ଓ ରାଜ୍ୟ ଲନ୍‌ବଲ ସଂଘ ସଭାପତି ଅନଙ୍ଗ ଉଦୟ ସିଂହଦେଓ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ସଂଘର ସାଧାରଣ ସମ୍ପାଦକ ସୁମିତ ରଞ୍ଜନ ପୁରୋହିତ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। କରିଶ୍ମା ରାଉତ, ଅନ୍ୱେଷା ରାଉତ, ରୋଶନ ସାହୁ, ନରେଶ ପ୍ରଧାନ, ବୁଦ୍ଧିରାଜ ବିଶ୍ୱାଳ, ପୁରନ୍ଦର ସେଡି, ବିଭୁତି ସ୍ୱାଇଁ ପ୍ରମୁଖ ଏହି ପ୍ରତିଯୋଗିତାକୁ ସଫଳତାର ସହ ପରିଚାଳନା କରିଥିଲେ।

---

# ପ୍ରୀତିସ୍ମିତା, କାଳୁଚରଣ ଓ ଏମ୍‌ଜିଏମ୍‌କୁ 'ଓସ୍‌ଜା' ପୁରସ୍କାର




**ଭୁବନେଶ୍ୱର, ୧୮।୧ (ସମିସ):** ଓଡ଼ିଶା କ୍ରୀଡ଼ା ସାମ୍ବାଦିକ ସଂଘ (ଓସ୍‌ଜା)ର ୯ମ ବାର୍ଷିକ ପୁରସ୍କାର ପ୍ରଦାନ ଉତ୍ସବ ରବିବାର ଅନୁଷ୍ଠିତ ହୋଇଯାଇଛି। କଳିଙ୍ଗ ଷ୍ଟାଡିୟମସ୍ଥିତ ଟେନିସ ସେଣ୍ଟର ଅଡିଟୋରିୟମଠାରେ ଆୟୋଜିତ ଏହି ଉତ୍ସବରେ କ୍ରୀଡ଼ା କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ଲାଗି ୩ଜଣଙ୍କୁ 'ଓସ୍‌ଜା' ପୁରସ୍କାରରେ ସମ୍ମାନିତ କରାଯାଇଥିଲା। ବର୍ଷ ୨୦୨୫ ଲାଗି ଯୁବ ଭାରୋତ୍ତୋଳିକା ପ୍ରୀତିସ୍ମିତା ଭୋଇ ଶ୍ରେଷ୍ଠ ଖେଳାଳି ପୁରସ୍କାର ହାସଲ କରିଥିଲେ। ସେହିଭଳି ପାଖାପାଖି ୪ ଦଶନ୍ଧି ଧରି ଡଜନେରୁ ଊର୍ଦ୍ଧ୍ୱ ଅନ୍ତର୍ଜାତୀୟ ଖେଳାଳି ଗଢ଼ିତୋଳିଥିବା ମହାନ ହକି ପ୍ରଶିକ୍ଷକ କାଳୁଚରଣ ଚୌଧୁରୀଙ୍କୁ ଜୀବନବ୍ୟାପୀ ସେବା ସମ୍ମାନ (ଲାଇଫ ଟାଇମ ଆଚିଭମେଣ୍ଟ)ରେ ପୁରସ୍କୃତ କରାଯାଇଥିଲା। ଉଭୟ ପ୍ରୀତିସ୍ମିତା ଓ କାଳୁଚରଣଙ୍କୁ ୨୫ ହଜାର ଲେଖାଏ ଟଙ୍କା ସହ ପ୍ରଶସ୍ତିପତ୍ର, ଉତ୍ତରୀୟ ଓ ବିଶେଷ ଟ୍ରଫି ଦିଆଯାଇଥିଲା। ଅପରପକ୍ଷରେ ଏଥର ଓସଜା ପକ୍ଷରୁ ଏକ ନୂଆ ବର୍ଗରେ ଅର୍ଥାତ କ୍ରୀଡ଼ାର ବିକାଶ ଦିଗରେ ପ୍ରମୁଖ ସହଯୋଗର ହାତ ବଢ଼ାଇଥିବା ସଂସ୍ଥାକୁ ସମ୍ମାନିତ କରାଯାଇଥିଲା। ପ୍ରଥମଥର ଦିଆଯାଇଥିବା ଏହି ପୁରସ୍କାର ଏମ୍‌ଜିଏମ୍ ଗ୍ରୁପର ଅଧ୍ୟକ୍ଷ ପଙ୍କଜ ମହାନ୍ତିଙ୍କ ତରଫରୁ ଏଜିଏମ୍ ଉତ୍ତମ ନାୟକ ଗ୍ରହଣ କରିଥିଲେ।

ପୁରସ୍କାରପ୍ରଦାନଉତ୍ସବରେକ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ମୁଖ୍ୟ ଅତିଥି ଓ ହକି ଇଣ୍ଡିଆର ସଭାପତି ଦିଲୀପ ତିର୍କୀ ସମ୍ମାନିତ ଅତିଥିଭାବେ ଉପସ୍ଥିତ ରହି ପୁରସ୍କାର ପ୍ରଦାନ କରିଥିଲେ। ଏହି ଅବସରରେ ଖୁବ ଶୀଘ୍ର କଳିଙ୍ଗ ଷ୍ଟାଡିୟମରେ ଏକ କ୍ରୀଡ଼ା ସଂଗ୍ରହାଳୟ ଓ ବ୍ୟାଡ୍‌ମିଣ୍ଟନ କୋର୍ଟ 'ସଟଲ୍' ପରିସରରେ ସର୍ବନିମ୍ନ ଆବଶ୍ୟକତା ସହିତ ଏକ ମିଡିଆ ସେଣ୍ଟର କରାଯିବ ବୋଲି କ୍ରୀଡ଼ାମନ୍ତ୍ରୀ ଘୋଷଣା କରିଥିଲେ। 'ଓସ୍‌ଜା'ର ସଭାପତି ସନ୍ଦୀପ ମିଶ୍ରଙ୍କ ପୌରହିତ୍ୟ କରିବା ସହ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ସମ୍ପାଦକ ସୁରେଶ ସ୍ୱାଇଁ କୃତଜ୍ଞତା ଜ୍ଞାପନ କରିଥିବାବେଳେ ବରିଷ୍ଠ ଉପସଭାପତି ସମୀକ୍ଷା ପଟ୍ଟନାୟକ କାର୍ଯ୍ୟକ୍ରମ ସଂଚାଳନ କରିଥିଲେ। ଓସ୍‌ଜାର ସମସ୍ତ କର୍ମକର୍ତ୍ତା, ସଦସ୍ୟ, ରାଜ୍ୟର ପ୍ରତିଷ୍ଠିତ ପ୍ରଶିକ୍ଷକ, ଖେଳାଳି, କର୍ମକର୍ତ୍ତା, ବିଭିନ୍ନ କ୍ରୀଡ଼ସଂଘର ସଦସ୍ୟ ଓ ଉଦୀୟମାନ ଖେଳାଳିମାନେ ଏହି ଅବସରରେ ଉପସ୍ଥିତ ରହିଥିଲେ।

---

# ଖେଲୋ ଇଣ୍ଡିଆ ଜନଜାତି କ୍ରୀଡ଼ାରେ ଓଡ଼ିଶାରୁ ଭାଗନେବେ ୨୧ ସନ୍ତରଣକାରୀ

**ଭୁବନେଶ୍ୱର, ୧୮।୧ (ସମିସ):** ଛତିଶଗଡ଼ରେ ହେବାକୁ ଯାଉଥିବା ପ୍ରଥମ ଖେଲୋ ଇଣ୍ଡିଆ ଜନଜାତି କ୍ରୀଡ଼ାରେ ଭାଗ ନେବାକୁ ଓଡ଼ିଶାର ୨୧ଜଣ ସନ୍ତରଣକାରୀ ଯୋଗ୍ୟତା ଅର୍ଜନ କରିଛନ୍ତି। ରାଜ୍ୟସନ୍ତରଣ ସଂଘ ପକ୍ଷରୁ ୫୫ଜଣ ଜନଜାତି ପ୍ରତିଯୋଗୀଙ୍କୁ ନେଇ କଳିଙ୍ଗ ଷ୍ଟାଡିୟମ୍‌ରେ ଥିବା ଜଳକ୍ରୀଡ଼ା କେନ୍ଦ୍ରରେ ଚୟନ ପ୍ରକ୍ରିୟା ଅନୁଷ୍ଠିତ ହୋଇଥିଲେ। ଏଥିରେ ୧୦ଜଣ ବାଳକ ଯଥା ରାଜେଶ ସୋରେନ, କାହ୍ନୁ ସୋରେନ, ସିତାରାମ ମୁର୍ମୁ, ଭିକି ଭୋଇ, ସର୍ବେଶ୍ୱର ବିରୁଆ, ଗୋପୀନାଥ ହେମ୍ବ୍ରମ, ଉକ୍ରଳମଣି ଗୋପବନ୍ଧୁ, ସୋହମ ମାଝି, ଆଲୋକ ଡୁଙ୍ଗଡୁଙ୍ଗ୍, ଫୁର୍ମାଲ ହେମ୍ବ୍ରମ ଏବଂ ବାଳିକା ବିଭାଗରେ ଅଞ୍ଜଳି ମୁଣ୍ଡା, ଶ୍ରୀୟା ପଡ଼ିଆମି, ଅଞ୍ଜଳି ମଲ୍ଲିକ, ରିଙ୍କି ମୁର୍ମୁ, ଅନିତା ମାଝି, କୃଷ୍ଣପ୍ରିୟା ନାୟକ, ସୁକମଣି କିସାନ, ରିତିକା ମିଞ୍ଜ୍, ରୂପାଲି ହେମ୍ବ୍ରମ୍, ପୂଜା ପ୍ରଧାନ ଓ ଶୁଭସ୍ମିତା ବାଇପାଇ। ପୁରୁଷ ବିଭାଗରେ ଉକ୍ରଳମଣି ଓ ମହିଳା ବିଭାଗରେ ରିତିକାକୁ ଛାଡ଼ିଦେଲେ ଅନ୍ୟ ସମସ୍ତ ପ୍ରତିଯୋଗୀ କିଟ୍‌ର ବୋଲି ଓଡ଼ିଶା ରାଜ୍ୟ ସନ୍ତରଣ ସଂଘ ସଭାପତି ପ୍ରଦୀପ ପାଢ଼ୀ ଜଣାଇଛନ୍ତି। ଫେବୃଆରୀ ଦ୍ୱିତୀୟ ସପ୍ତାହରେ ଏହି ପ୍ରତିଯୋଗିତା ଆୟୋଜିତ ହେବ।

---

**ହକି ଇଣ୍ଡିଆ ଲିଗ୍**

# କଳିଙ୍ଗ ଲାନ୍ସର୍ସର ବିଜୟ ଛକା

**ଭୁବନେଶ୍ୱର, ୧୮।୧ (ସମିସ):** ଚଳିତ ହକି ଇଣ୍ଡିଆ ଲିଗ୍ (ଏଚ୍‌ଆଇଏଲ୍)ରେ ଘରୋଇ ବେଦାନ୍ତ କଳିଙ୍ଗ ଲାନ୍ସର୍ସ କ୍ରମାଗତ ୬ଷ୍ଠ ବିଜୟ ହାସଲ କରିଛି। ରବିବାର ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମରେ ଅନୁଷ୍ଠିତ ମ୍ୟାଚରେ ଲାନ୍ସର୍ସ ଦଳ ସୁଟ୍ ଆଉଟ୍‌ରେ ୪-୧ ଗୋଲ୍‌ରେ ତାମିଲନାଡୁ ଡ୍ରାଗନ୍ସକୁ ହରାଇଥିଲା। ଏହି ମ୍ୟାଚର ନିର୍ଦ୍ଧାରିତ ୬୦ ମିନିଟ୍ ସୁଦ୍ଧା ଉଭୟ ଦଳ ଗୋଟିଏ ଲେଖାଏ ଗୋଲ୍ ଦେଇଥିଲେ। ଫଳରେ ମ୍ୟାଚ୍ ୧-୧ରେ ବରାବର୍ ରହିଥିଲା। ଏହାପରେ ସୁଟ୍‌ଆଉଟ୍‌ର ସହାୟତା ନିଆଯାଇଥିଲା। ଏଥିରେ କଳିଙ୍ଗ ଲାନ୍ସର୍ସର ଗୋଲ୍‌ରକ୍ଷକ ଜେଡ୍ ସ୍ନୋଡେନ ପ୍ରଭାବୀ ପ୍ରଦର୍ଶନ କରି ପ୍ରତିପକ୍ଷର ପ୍ରୟାସକୁ ବିଫଳ ହେବାକୁ ଦେଇଥିଲେ। ସୁଟ୍‌ଆଉଟ୍‌ରେ ଲାନ୍ସର୍ସ ୪ଟି ଓ ଡ୍ରାଗନ୍ସ ଗୋଟିଏ ଗୋଲ୍ ଦେବାରେ ସମର୍ଥ ହୋଇଥିଲା। ଆର୍ଥର ଭାନ ଡୋରେନଙ୍କ ନେତୃତ୍ୱାଧୀନ କଳିଙ୍ଗ ଲାନ୍ସର୍ସ ଏଥିସହ ୬ଷ୍ଠ ମ୍ୟାଚରୁ ୪ ବିଜୟ ଓ ୨ଟି ସୁଟ୍ ଆଉଟ୍ ବିଜୟ ସହ ମୋଟ୍ ୧୬ ପଏଣ୍ଟ ପାଇ ପ୍ଲେ-ଅଫ୍‌ରେ ସ୍ଥାନ ପକ୍କା କରିଛି। ଅପରପକ୍ଷରେ ଅମିତ ରୋହିଦାସଙ୍କ ତାମିଲନାଡୁ ଡ୍ରାଗନ୍ସ ୬ଷ୍ଠ ମ୍ୟାଚରୁ ୩ୟ ପରାଜୟବରଣ କରି ୮ ପଏଣ୍ଟ ସହ ୬ଷ୍ଠ ସ୍ଥାନରେ ରହିଛି। ଲାନ୍ସର୍ସ ଏହାର ପରବର୍ତ୍ତୀ ମ୍ୟାଚରେ ମଙ୍ଗଳବାର ସୁରମା ହକି କ୍ଲବକୁ ଭେଟିବ।



**ଆଜିର ମ୍ୟାଚ୍**
ଏଚ୍‌ଆଇଏଲ୍ ଜିସି-ରାଞ୍ଚି ରୟାଲ୍ସ
ଆରମ୍ଭ: ରାତି ୭ଟା ୩୦

ଅପରପକ୍ଷରେ ରବିବାର ସନ୍ଧ୍ୟାରେ ଅନୁଷ୍ଠିତ ଅନ୍ୟ ଏକ ମ୍ୟାଚରେ ଶାରଚି ବେଙ୍ଗଲ ଟାଇଗର୍ସ ୩-୨ ଗୋଲ୍‌ରେ ଏସ୍‌ଜି ପାଇପର୍ସକୁ ମାତ୍ ଦେଇଛି। ଦିଲ୍ଲୀଭିତ୍ତିକ ଦଳ ପାଇପର୍ସ ଏକଦା ୨-୦ରେ ଆଗୁଆ ରହିଥିଲା। କିନ୍ତୁ ବେଙ୍ଗଲ ଟାଇଗର୍ସ ଦମଦାର ପ୍ରତ୍ୟାବର୍ତ୍ତନ କରି ୩ ମିନିଟ୍ ବ୍ୟବଧାନରେ ୩ଟି ଗୋଲ୍ ଦେଇ ପାଇପର୍ସ ନିକଟରୁ ବିଜୟ ଛଡ଼ାଇ ଆଣିଥିଲା। ବେଙ୍ଗଲରର ୭ମ ମ୍ୟାଚରୁ ଏହା ୩ୟ ବିଜୟ ଥିଲା।

---

# ସାବାଲେଙ୍କା, ଆଲ୍‌କାରାଜଙ୍କ ବିଜୟ ଅଭିଯାନ



**ଆରମ୍ଭ ହେଲା ଅଷ୍ଟ୍ରେଲିଆନ୍ ଓପନ୍**

**ମେଲବୋର୍ଣ୍ଣ, ୧୮।୧ (ଏଜେନ୍ସି):** ସ୍ଥାନୀୟ ମେଲ୍‌ବୋର୍ଣ୍ଣ ପାର୍କରେ ରବିବାରଠାରୁ ବର୍ଷର ପ୍ରଥମ ଗ୍ରାଣ୍ଡସ୍ଲାମ ଟେନିସ ଟୁର୍ଣ୍ଣାମେଣ୍ଟ ଅଷ୍ଟ୍ରେଲିଆନ୍ ଓପନ୍‌ର ୧୧୪ତମ ସଂସ୍କରଣ ଆରମ୍ଭ ହୋଇଛି। ପ୍ରଥମ ଦିବସରେ ପୁରୁଷ ବିଭାଗରେ ଟପ୍ ସିଡ୍ ସ୍ପେନର କାର୍ଲୋସ ଆଲ୍‌କାରାଜ ସହଜ ବିଜୟ ସହ ଦ୍ୱିତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି। ଆଲ୍‌କାରାଜ ୬-୩, ୭-୬ (୨), ୬-୨ ସେଟ୍‌ରେ ଘରୋଇ ଖେଳାଳି ଆଦାମ ୱାଲଟନ୍‌ଙ୍କୁ ହରାଇଥିଲେ। ସେହିଭଳି ୩ୟ ସିଡ୍ ଜର୍ମାନୀର ଆଲେକ୍ସଜାଣ୍ଡର ଜ୍ୱେରେଭ ୬-୭, ୬-୧, ୬-୪, ୬-୨ ସେଟରେ କାନାଡାର ଗ୍ରାବିଏଲ୍ ଡିଆଲୋଙ୍କୁ ହରାଇ ଅଭିଯାନ ଆରମ୍ଭ କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ୧୦ମ ସିଡ୍ ରୁଷିଆର ଆଲେକ୍ସଜାଣ୍ଡର ବବ୍‌ଲିକ, ଆମେରିକାର ଫ୍ରାନସିସ୍ ଟିଆଫୋଏ ପ୍ରମୁଖ ଦ୍ୱିତୀୟ ରାଉଣ୍ଡରେ ପହଞ୍ଚିଛନ୍ତି। ତେବେ ବ୍ରିଟେନର କ୍ୱାଲିଫାୟର ଖେଳାଳି ଆର୍ଥର ଫେରୀ ୭-୬ (୭-୧), ୬-୪, ୬-୧ ସେଟ୍‌ରେ ବିଶ୍ୱମାନ୍ୟତାର ୨୦ତମ ସ୍ଥାନରେ ରହିଥିବା ଇଟାଲୀର ଫ୍ଲାଭିଓ କୋବୋଲିଙ୍କୁ ହରାଇ ଦିବସର ବଡ଼ ବିପର୍ଯ୍ୟୟ ଘଟାଇଛନ୍ତି। ବିଶ୍ୱ ମାନ୍ୟତାର ୧୮୬ତମ ସ୍ଥାନରେ ରହିଥିବା ଫେରୀଙ୍କ କ୍ୟାରିୟରର ଏହା ଶ୍ରେଷ୍ଠ ବିଜୟ ହୋଇଛି।

### ୪୫ ବର୍ଷୀୟା ଭେନସ୍ ବିଦା

ଅପରପକ୍ଷରେ ମହିଳା ବିଭାଗରେ ୭ଥରର ଗ୍ରାଣ୍ଡସ୍ଲାମ ଚାମ୍ପିଅନ ଭେନସ୍ ୱିଲିୟମ୍ସ ପ୍ରଥମ ରାଉଣ୍ଡରେ ହାରି ବିଦାୟ ନେଇଛନ୍ତି। ୧୬ ମାସର ମାତୃତ୍ୱ ଛୁଟି ପରେ ଫେରିଥିବା ୪୫ ବର୍ଷୀୟା ଭେନସ୍‌ଙ୍କୁ ଅଷ୍ଟ୍ରେଲିଆନ ଓପନ୍ ଲାଗି ୱାଇଲ୍ଡ କାର୍ଡ ମିଳିଥିଲା। ପ୍ରଥମ ରାଉଣ୍ଡରେ ସେ ୭-୬ (୭/୫), ୩-୬, ୪-୬ ସେଟରେ ଆମେରିକାର ଓଲଗା ଡାନିଲୋଭିକଙ୍କଠାରୁ ହାରିଯାଇଛନ୍ତି। ଅଷ୍ଟ୍ରେଲିଆନ୍ ଓପନ୍ ମୁଖ୍ୟ ରାଉଣ୍ଡ ଖେଳିବାରେ ସେ ବିଶ୍ୱର ବୟୋଜ୍ୟେଷ୍ଠ ଖେଳାଳି ହୋଇଛନ୍ତି। ମହିଳା ବିଭାଗରେ ଅନ୍ୟ ମ୍ୟାଚରେ ଏକ ନମ୍ବର ମାନ୍ୟତା ଖେଳାଳି ବେଲାରୁଷର ଆରିନା ସାବାଲେଙ୍କା ୬-୪, ୬-୧ ସେଟ୍‌ରେ ଫ୍ରାନ୍ସର ତିଆନଷ୍ଟୋଆ ରାଜାଓନାଙ୍କୁ ହରାଇ ଅଗ୍ରଗତି କରିଛନ୍ତି। ସେହିଭଳି ୨୮ତମ ସିଡ୍ ଇମା ରାଡୁକାନୁ, ୧୨ତମ ସିଡ୍ ଏଲିନା ସ୍ୱିତୋଲିନା, ୭ମ ସିଡ୍ ଜସ୍ମିନ ପାଓଲିନ ପ୍ରମୁଖ ପ୍ରଥମ ରାଉଣ୍ଡରେ ସହଜରେ ବିଜୟ ହୋଇଛନ୍ତି।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦ୍ର ଦାସ
EXECUTIVE EDITOR: SAMARENDU DAS